# ଧରିତ୍ରୀ DHARITRI

50 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୧/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, April 1/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 127 | ମୂଲ୍ୟ ₹୭/-



**ମୋହିତ ଶର୍ମା ପ୍ଲେୟର ଅଫ୍ ମ୍ୟାଚ**

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଗୁଜରାଟ ଟାଇଟନ୍ସର ମୋହିତ ଶର୍ମା ପ୍ଲେୟର ଅଫ୍ ମ୍ୟାଚ ହୋଇଛନ୍ତି। ୧୬

୦୭ **'ଦବଙ୍ଗ ୪'କୁ ନେଇ ମୁହଁ ଖୋଲିଲେ ସଲମାନ୍**

'ଦବଙ୍ଗ ୪'ରେ ଭାଇ ଅରବାଜ୍‌ଙ୍କ ସହ ଗୋଟିଏ ସ୍କ୍ରିପ୍ଟରେ ସହମତି ପ୍ରକାଶ କରିଛନ୍ତି ବଲିଉଡ୍ ଅଭିନେତା ସଲମାନ୍ ଖାନ୍ ।


# 'ଇଣ୍ଡିଆ'ର ଶକ୍ତି ପ୍ରଦର୍ଶନ

## କେଜ୍‌ରିୱାଲ, ସୋରେନଙ୍କ ସମର୍ଥନରେ ବିରୋଧୀ ଏକଜୁଟ୍

## ମ୍ୟାଚ୍ ଫିକ୍ସିଂ ବିନା ୪୦୦ ପାର୍ ଅସମ୍ଭବ: ରାହୁଲ



ନୂଆଦିଲ୍ଲୀର ରାମଲୀଲା ମଇଦାନରେ ରବିବାର 'ଇଣ୍ଡିଆ' ମେଣ୍ଟର ଲୋକତନ୍ତ୍ର ବଞ୍ଚାଅ ରାଲିରେ (ବାମରୁ) କଳ୍ପନା ସୋରେନ୍, ସୁନୀତା କେଜ୍‌ରିୱାଲ ଓ ସୋନିଆ ଗାନ୍ଧୀ ।

**ନୂଆଦିଲ୍ଲୀ,୩୧।୩**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଓ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ସମର୍ଥନରେ ଇଣ୍ଡିଆ ବ୍ଲକ୍ ନେତାମାନେ ରବିବାର ନୂଆଦିଲ୍ଲୀର ରାମଲୀଲା ମଇଦାନରେ ଏକାଠି ହୋଇ ଶକ୍ତି ପ୍ରଦର୍ଶନ କରିଛନ୍ତି। ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ଦ୍ୱାରା ଆୟୋଜିତ 'ଲୋକତନ୍ତ୍ର ବଚାଓ' ରାଲିରେ ଆଗାମୀ ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା)କୁ କ୍ଷମତାଚ୍ୟୁତ କରି ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ଭୋଟ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି। ରାଲିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଭାଜପା ଏବଂ ଏହାର ବୈଚାରିକ ମାର୍ଗଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବିଷ ସଦୃଶ। ଏହି ଯୋଡ଼ିର ବିଷ ଦେଶକୁ ନଷ୍ଟ କରିଦେଲାଣି। ତେଣୁ ଆଗାମୀ ଲୋକ ସଭା ନିର୍ବାଚନରେ ଶାସକ ଦଳକୁ ହରାଇବା ପାଇଁ ବିରୋଧୀ ଦଳଗୁଡ଼ିକ ଏକାଠି ହେବା ଜରୁରୀ। ଆମେ ଏକଜୁଟ୍ ହେଲେ ଭାଜପାକୁ ହରାଇପାରିବା। ନିଜ ନିଜ ମଧ୍ୟରେ ଲଢ଼େଇ ଝଗଡ଼ା ଲାଗିରହିଲେ ସଫଳ ହେବା ନାହିଁ। ଏହି ନିର୍ବାଚନ ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବା ପାଇଁ ଉଦ୍ଦିଷ୍ଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନୀ ମଇଦାନରେ ଏକ ଗାତ ଖୋଳିଦେଇ ବିରୋଧୀଙ୍କୁ ସେଠାରେ କ୍ରିକେଟ ଖେଳିବାକୁ କହୁଛନ୍ତି। ମୋଦି ଓ ତାଙ୍କ ବିଚାରଧାରାକୁ ଦୂର ନ କରିବା ଯାଏ ଦେଶ ସମୃଦ୍ଧ ହୋଇପାରିବ ନାହିଁ। ତେଣୁ ବିରୋଧୀ ଏକତା ଅପରିହାର୍ଯ୍ୟ ବୋଲି ଖାର୍ଗେ କହିଛନ୍ତି। ଅନ୍ୟପକ୍ଷେ ଭାଜପା ଏହାକୁ 'ପରିବାର ବଞ୍ଚାଅ' ଏବଂ 'ଦୁର୍ନୀତି ଲୁଚାଅ' ରାଲି ଭାବେ ଅଭିହିତ କରିଛି।

'ଲୋକତନ୍ତ୍ର ବଚାଓ' ରାଲିରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ଏନ୍‌ସିପିର ଶରଦ ପାୱାର, ଏନ୍‌ସି ନେତା ଫାରୁକ୍ ଅବ୍‌ଦୁଲ୍ଲା, ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକ୍‌ରେ, ବାମପନ୍ଥୀ ନେତା ସୀତାରାମ ୟେଚୁରୀ, ଡି. ରାଜା, ଦୀପଙ୍କର ଭଟ୍ଟାଚାର୍ଯ୍ୟ, ☞ପୃଷ୍ଠା-୪




# ସିୟୁଇଟି ୟୁଜି ଆବେଦନ ଅବଧି ୫କୁ ବୃଦ୍ଧି

**ଭୁବନେଶ୍ୱର, ୩୧।୩ (ଅସମାପିକା ସାହୁ)**

ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୟୁଜି ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିୟୁଇଟି ୟୁଜି)-୨୦୨୪ର ଆବେଦନ ଅବଧି ବୃଦ୍ଧି କରାଯାଇଛି। ଏ ନେଇ ରବିବାର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। ଏନ୍‌ଟିଏ ଦ୍ୱାରା ପରିଚାଳିତ ଏହି ପ୍ରବେଶିକା ପରୀକ୍ଷା ପାଇଁ ଏପ୍ରିଲ ୫ ତାରିଖ ରାତି ୯ଟା ୫୦ ଭିତରେ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ୫ ତାରିଖ ରାତି ୧୧ଟା ୫୦ ଭିତରେ ଫି' ଦାଖଲ କରିବାକୁ ପଡ଼ିବ। ଯଦି ଆବେଦନ ଫର୍ମରେ କୌଣସି ପରିବର୍ତ୍ତନ କରିବାର ଥିବ ତେବେ ଏପ୍ରିଲ ୬ରୁ ୭ ତାରିଖ ରାତି ୧୧ଟା ୫୦ ମଧ୍ୟରେ କରିବାକୁ ହେବ। ଆବେଦନ ପାଇଁ ଯେକୌଣସି ସରକାରୀ ପ୍ରମାଣପତ୍ର (ଆଧାର କାର୍ଡ, ପାସ୍‌ପୋର୍ଟ ଇତ୍ୟାଦି) ବା ସ୍କୁଲ ଆଇଡି କାର୍ଡ ମଧ୍ୟ ଦାଖଲ କରାଯାଇପାରିବ। ତଥାପି ଆବେଦନ ନେଇ କୌଣସି ସନ୍ଦେହ ଥିଲେ ଏନ୍‌ଟିଏ ହେଲ୍ପ ଡେସ୍କ ୦୧୧୪୦୭୫୯୦୦୦ ନମ୍ବରକୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ନଚେତ୍ cuet-ug@nta.ac.inକୁ ଲେଖି ବୁଝିପାରିବେ। ଏଥିସହିତ ଛାତ୍ରୀଛାତ୍ରମାନେ ପରୀକ୍ଷା ସମ୍ବନ୍ଧୀୟ ସୂଚନା ପାଇଁ ଏନ୍‌ଟିଏ ୱେବସାଇଟ www.nta.ac.in, https://exams.nta.ac.in/CUET-UGକୁ ☞ପୃଷ୍ଠା-୪

# ୨ରୁ ପ୍ରଚଣ୍ଡ ଖରା

**ଭୁବନେଶ୍ୱର, ୩୧।୩ (ଅସମାପିକା ସାହୁ)**

ଗତ ଦୁଇଦିନର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପରେ ରବିବାର ସକାଳୁ କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ଦେଖିବାକୁ ମିଳିଥିଲା। ଛତିଶଗଡ଼ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଏବଂ କାଳବୈଶାଖୀ ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ମେଘୁଆ ପାଗ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ରବିବାର ରାଜ୍ୟର କିଛି ଅଞ୍ଚଳରେ ଶନିବାର ତୁଳନାରେ ଦିନ ତାପମାତ୍ରା ସାମାନ୍ୟ କମ୍ ରହିଥିଲା। ମାଲକାନଗିରିରେ ସର୍ବାଧିକ ୩୯.୭ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ରାୟଗଡ଼ା ଓ ଝାରସୁଗୁଡ଼ାରେ ୩୮.୬, ବଲାଙ୍ଗୀର ଓ ପାରଳାଖେମୁଣ୍ଡିରେ ୩୮, ଭୁବନେଶ୍ୱରରେ ୩୫.୨ ଏବଂ କଟକରେ ୩୫.୬ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିଲା। ଆସନ୍ତା ଦୁଇଦିନ ପରେ ପୁଣି ତାପମାତ୍ରା ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ଆଗକୁ ଉଷ୍ମ ରାତି ଆସୁଛି। ଦିନ ସହ ଅସହ୍ୟ ରାତିର ତାତି କରିବ। ୨ରୁ ୬ତାରିଖ ପ୍ରବଳ ଖରା ହେବ। ୩ଦିନ ପାଇଁ ଆଭ୍ୟନ୍ତରୀଣ ଓଡ଼ିଶାର ୯ ଜିଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଆସନ୍ତା ୨, ୩ ଏବଂ ☞ପୃଷ୍ଠା-୪







# ଓଲଟିଲା ଗ୍ୟାସ୍ ଟ୍ୟାଙ୍କର

### ୬ ଘଣ୍ଟା ପରେ ବିପଦ ଟଳିଲା

**ଖଲ୍ଲିକୋଟ,୩୧।୩ (ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନାଠାରୁ ମାତ୍ର ଦୁଇ ଶହ ମିଟର ଦୂର ୧୬ ନଂ ଜାତୀୟ ରାଜପଥରେ ରବିବାର ଏକ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିଥିଲା। ସେଥିରୁ ଗ୍ୟାସ୍ ନିର୍ଗତ ହେଉଥିବାରୁ ଉକ୍ତ ଅଞ୍ଚଳକୁ ହାଇଆଲର୍ଟରେ ରଖାଯାଇଥିଲା। ଟ୍ୟାଙ୍କର ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରାୟ ୬ ଘଣ୍ଟା ପରେ ଗ୍ୟାସ୍ ଲିକେଜ୍ ବନ୍ଦ କରାଯିବା ପରେ ସନ୍ଧ୍ୟାରେ ଟ୍ୟାଙ୍କରକୁ କ୍ରେନ୍ ସାହାଯ୍ୟରେ ଉଠାଯାଇଛି।

ବ୍ରହ୍ମପୁରଠାରୁ ଭାରତ ଗ୍ୟାସ ଟ୍ୟାଙ୍କର (ନଂ.ଓଡି ୦୨ ବିୟୁ ୯୯୭୮) ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ଟ୍ୟାଙ୍କରଟି ଖଲ୍ଲିକୋଟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନଷ୍ଟ କମାଇବା

# ସ୍ୱପ୍ନ ଓ ସଂକଳ୍ପର ଅନୁରଣନ: ଉତ୍କଳ ପ୍ରଦେଶ

ଡ. ମନୋରଞ୍ଜନ ବିଷୋୟୀ



୧୮୦୩ ବେଳକୁ ବ୍ରିଟିଶ ସାମ୍ରାଜ୍ୟର ଆଧିପତ୍ୟ ଓଡ଼ିଶା ଉପରେ ବିସ୍ତାରଲାଭ କରେ। ଇଂରେଜମାନଙ୍କ ଦ୍ୱୈତ ଶାସନ ନୀତି, ଆର୍ଥନୀତିକ ଶୋଷଣ, ନୂତନ ଜମିଜମା ବନ୍ଦୋବସ୍ତ ସୃଷ୍ଟି କରିଥିଲା ଘୋର ଜନ ଅସନ୍ତୋଷ। ପରିଣତି ସ୍ୱରୂପ ଓଡ଼ିଶାର ଜାତୀୟ ଜୀବନରେ ସଂଗଠିତ ଭାବରେ ବିଦ୍ରୋହ କରିବା ମନୋବୃତ୍ତି କ୍ରମେ ଉଗ୍ରରୂପ ଧାରଣ କରିଥିଲା। 'ସିପାହି ବିଦ୍ରୋହ'ର ଚାଳିଶ ବର୍ଷ ପୂର୍ବରୁ 'ପାଇକ ବିଦ୍ରୋହ' ଆରମ୍ଭ ହୋଇଥିଲା। ଅବଶ୍ୟ ଇଂରେଜମାନଙ୍କ କୂଟନୀତି ଓ ହୀନଚକ୍ରାନ୍ତ ବିରୋଧରେ ୧୮୦୫ ମସିହାରେ ବିପ୍ଳବୀ ଜୟୀ ରାଜଗୁରୁ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଖୋର୍ଦ୍ଧା 'ପାଇକ ବିଦ୍ରୋହ' ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲେ। ଏହି ବିପ୍ଳବର ବହ୍ନି କ୍ରମେ ବାଣପୁରର ବ ି ପ୍ଲ ବ ୀ ନେତା କୃତିବାସ ପାଟଶାଣୀ, ଘୁମୁସରର ଚକରା ବିଷୋୟୀ ଓ ଦୋହରା ବିଷୋୟୀ ଏବଂ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ମାଧ୍ୟମରେ ପରିବ୍ୟାପ୍ତ ହୋଇଥିଲା, କିନ୍ତୁ ରଣକୌଶଳ ଓ ଅସ୍ତ୍ରଶସ୍ତ୍ରରେ ଇଂରେଜମାନେ ଥିଲେ ଅଧିକ ଶକ୍ତିଶାଳୀ। ଫଳତଃ ଅଚିରେ ଏ ବିଦ୍ରୋହ ପ୍ରଶମିତ ହୋଇଥିଲା।

ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଚ୍ୟ ଜଗତର ପ୍ରାଚୁର୍ଯ୍ୟ ଲୁଣ୍ଠନ ନିମନ୍ତେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଏ ଦିଗରେ ଆରମ୍ଭ କରିଥିଲା ଅଭିଯାନ। ୧୮୫୭ ବିଦ୍ରୋହ ପରେ ବ୍ରିଟିଶ ପାର୍ଲାମେଣ୍ଟ ଅଧୀନକୁ ଯିବା ସତ୍ତ୍ୱେ ଓଡ଼ିଶାର ବିକାଶ ଦିଗରେ ଯାହା ଯଥେଷ୍ଟ ହୁଏନାହିଁ। ଏହି ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ୫ ଭାଗରେ ବିଭକ୍ତ ହୋଇଥିବା ଦେଖିବାକୁ ମିଳେ। ଯଥା-୧. ବେଙ୍ଗଲ-ଓଡ଼ିଶା ଡିଭିଜନ୍, ୨. ଛୋଟନାଗପୁର ଡିଭିଜନ୍, ୩. ସେଣ୍ଟ୍ରାଲ୍ ପ୍ରୋଭିନ୍ସ, ୪. ମାଡ୍ରାସ୍ ପ୍ରେସିଡେନ୍ସି, ୫. ଗଡ଼ଜାତ ଅଞ୍ଚଳ। ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଉପକୂଳ ଓ ଗଡ଼ଜାତ ରାଜ୍ୟଗୁଡ଼ିକୁ ବଙ୍ଗ ପ୍ରଦେଶ, ଗଞ୍ଜାମ ଓ କୋରାପୁଟ ଅଞ୍ଚଳକୁ ମାଡ୍ରାଜ ଓ ସମ୍ବଲପୁର-ପାଟଣା ଅଞ୍ଚଳକୁ କେନ୍ଦ୍ର ବା ସେଣ୍ଟ୍ରାଲ୍ ପ୍ରୋଭିନ୍ସ ସହ ସଂଯୋଜିତ କରାଯାଇଥିଲା। ଏପରିକି ବଙ୍ଗଳା, ତେଲୁଗୁ ଓ ହିନ୍ଦୀ ଭାଷାଭାଷୀ ଲୋକଙ୍କ ଭିତରେ ଅସ୍ତିତ୍ୱ ହରାଇବାକୁ ଆରମ୍ଭ କରେ ଓଡ଼ିଆ ଜାତି। ଇତିହାସ କହେ ଓଡ଼ିଆ ଭାଷା ସଙ୍କଟ ୧୮୪୮-୪୯ରେ ସରକାରୀ ଦପ୍ତର ଓ ଅଦାଲତରେ ବଙ୍ଗଭାଷାର ବ୍ୟବହାର ଆଦେଶନାମାରୁ ମୁଣ୍ଡ ଟେକିଥିଲା। ରାଜେନ୍ଦ୍ରଲାଲ ମିତ୍ରଙ୍କ ଓଡ଼ିଆ ଓ ବଙ୍ଗଳ ଭାଷା ସମ୍ପର୍କିତ ମନ୍ତବ୍ୟ ଜାତୀୟ ଜୀବନରେ ସୃଷ୍ଟି କରିଥିଲା ଘୋର ପ୍ରତିକ୍ରିୟା। ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ନିମନ୍ତେ ବଙ୍ଗବାସୀଙ୍କ ପକ୍ଷରୁ ଉଦ୍ୟମ ତଥା କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ ଏ ଜାତିକୁ ଆତ୍ମଜାଗୃତି ଦିଗରେ ପ୍ରରୋଚିତ କରିଥିଲା। ଓଡ଼ିଆଙ୍କ ଏହି ସଙ୍କଟରୁ ମୁକ୍ତି ପାଇବା ନିମନ୍ତେ ଆରମ୍ଭ ହୋଇଥିଲା ସାମୂହିକ ଉଦ୍ୟମ। ଗୌରୀଶଙ୍କର ରାୟ, ବୈକୁଣ୍ଠନାଥ ଦେ, ପ୍ୟାରିମୋହନ ଆଚାର୍ଯ୍ୟ, ରାମଶଙ୍କର ରାୟ, ଫକୀରମୋହନ ସେନାପତି ଓ ରାଧାନାଥ ରାୟ ଆଦିଙ୍କ ଉଦ୍ୟମରେ ବିଧିବଦ୍ଧ ଭାବେ ଓଡ଼ିଆ ଜାତି ଓ ଭାଷାର ଅଭ୍ୟୁଦୟର ବାର୍ତ୍ତା ପ୍ରଚାରିତ ହୋଇଥିଲା। ଏପରିକି ସରକାରଙ୍କଠାରୁ ତିନିଶହ ଟଙ୍କାର ଅନୁଦାନ ରାଶି ପାଇ ପ୍ୟାରୀମୋହନ ରଚନା କରିଥିଲେ ଓଡ଼ିଆ ଭାଷାରେ ଇତିହାସ ପୁସ୍ତକ (୧୮୭୮)। 'ଉତ୍କଳ ଦୀପିକା' ମାଧ୍ୟମରେ ଓଡ଼ିଆଙ୍କ ସମସ୍ୟା ଜାତୀୟ ସ୍ତରରେ ଉପସ୍ଥାପିତ ହୋଇଥିଲା। ଏପରି କି ଫକୀରମୋହନଙ୍କ 'ସମ୍ବାଦ ବାହିକା', 'ଉତ୍କଳ ଦର୍ପଣ' ଆଦି ଓଡ଼ିଆ ଅସ୍ମିତାର କଥା କହିଥିଲା। ଏ କ୍ଷେତ୍ରରେ ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ଥିଲା ଅନ୍ୟ ଏକ ସ୍ମରଣୀୟ ଉଦ୍ୟମ। ପାରଳାଖେମୁଣ୍ଡିରୁ ଶ୍ୟାମସୁନ୍ଦର ରାଜଗୁରୁ ଓ ଆପନା ପରିଚ୍ଛାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା 'ଉତ୍କଳ ହିତୈଷିଣୀ ସମାଜ'। ଜନ୍ମ ହୋଇଥିଲା 'ଗଞ୍ଜାମ ନିଉଜ୍'। ସେହିପରି ଓଡ଼ିଆଙ୍କ ଅଭାବ ଅସୁବିଧାକୁ ନେଇ ପ୍ରକାଶ ପାଇଥିଲା ବ୍ରହ୍ମପୁରରୁ ୧୮୭୭ରେ 'ସ୍ୱଦେଶୀ'। ଠିକ୍ ସେହିପରି ୧୮୭୧ ବେଳକୁ ଭାଷା ସାହିତ୍ୟର ବିକାଶ ନିମନ୍ତେ ରମେଶ ଚନ୍ଦ୍ର ଦତ୍ତଙ୍କ ଆବାହକତ୍ୱରେ 'ଉତ୍କଳ ସଭା' ଗଢ଼ି ଉଠିଥିଲା। ୧୮୮୫ରେ ଏହାର ସମ୍ପାଦକ ଦାୟିତ୍ୱ ମଧୁସୂଦନ ଦାସ ଗ୍ରହଣ କରିବା ସହ ଏହି 'ଉତ୍କଳ ସଭା' ଓଡ଼ିଆଙ୍କ ସମସ୍ୟାର ପ୍ରତିନିଧି ହୋଇ ଉଠିଥିଲା। ଏପରିକି ସର୍ବଭାରତୀୟ ସ୍ତରରେ ଓଡ଼ିଆ ଜାତିର ସମସ୍ୟା ଉପସ୍ଥାପିତ କରିବା ନିମନ୍ତେ ଉଦ୍ୟମ ୧୯୦୨ରେ ହରିହର ମର୍ଦ୍ଦରାଜଙ୍କ ଦ୍ୱାରା ରମ୍ଭା ବଙ୍ଗଳାରେ ଆୟୋଜିତ ରାମଚନ୍ଦ୍ର ମର୍ଦ୍ଦରାଜ ଜନ୍ମୋତ୍ସବ ଅବସରରେ ମୁଣ୍ଡ ଟେକିଥିଲା। ଖଲ୍ଲିକୋଟ ଇଷ୍ଟେଟ୍ ପ୍ରେସ୍ ନାମରେ ରମ୍ଭାଠାରେ ଏକ ମୁଦ୍ରଣାଳୟ ସ୍ଥାପନ କରାଯାଇ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ୧୯୦୨ ଜୁନ୍ ମାସରେ 'ପ୍ରଜାବନ୍ଧୁ' ପ୍ରକାଶ ପାଇଥିଲା। ଏ ପରିପ୍ରେକ୍ଷୀରେ କହିରଖେ ଏକତ୍ରୀକରଣର ଅଭିପ୍ରାୟ ନେଇ ୧୯୦୩ ଏପ୍ରିଲ ୧୧-୧୨ରେ ଗଞ୍ଜାମ ସମ୍ମିଳନୀ ବ୍ରହ୍ମପୁରଠାରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିଲା। ମଧୁସୂଦନ ଦାସ, ରାଧାନାଥ ରାୟ, ବିଶ୍ୱନାଥ କର, ନନ୍ଦକିଶୋର ବଳ, ଗୋପାଳ ଚନ୍ଦ୍ର ପ୍ରହରାଜ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ ଆଦି ଏହି ସମ୍ମିଳନୀରେ ଯୋଗଦେଇ ଉତ୍କଳ ସମ୍ମିଳନୀର ନକ୍ସା ପ୍ରସ୍ତୁତ କରିଥିଲେ। ଏପରିକି ଗଞ୍ଜାମ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ପରେ ମଧୁବାବୁଙ୍କ ଉଦ୍ୟମରେ ୧୯୦୩ ଡିସେମ୍ବର ୩୦-୩୧ ଦୁଇଦିନ ଧରି କଟକ ଇଦ୍‌ଗା ପଡ଼ିଆରେ ମୟୂରଭଞ୍ଜ ରାଜା ରାମଚନ୍ଦ୍ର ଭଞ୍ଜଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ। ସେହିପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ବାସ୍ତବିକ ଅବିସ୍ମରଣୀୟ। ଏଭଳି ଯୋଗଜନ୍ମାମାନଙ୍କ ଉଦ୍ୟମର ଫଳସ୍ୱରୂପ ଆତ୍ମପ୍ରତ୍ୟୟ ହରାଇ ବସିଥିବା ଓଡ଼ିଆ ନବଜାଗୃତିର ସ୍ୱପ୍ନ ଦେଖିଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଆରମ୍ଭ ହୋଇଛି ବହୁ ଉଦ୍ୟମ। ଏହି ଉଦ୍ୟମ ସମୟରେ ଏ ଜାତିର କର୍ଣ୍ଣଧାର ସାଜିଛନ୍ତି ବହୁ ପୁଣ୍ୟାତ୍ମା ପୁରୁଷ। ତେଣୁ ମହାଭାରତୀୟ ମୁକ୍ତିଯୁଦ୍ଧ ଏବଂ ସେହି ଧାରାରେ ଉତ୍କଳୀୟତାର ପୁନଃ ସଂସ୍ଥାପନ ସହ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏଠାରେ ସୃଷ୍ଟି କରିଛି ନବ ଉତ୍କଳୀୟ ଅସ୍ମିତା।

- ଦାମୋଦରପୁର, ଗଞ୍ଜାମ
ମୋ: ୮୮୯୫୧୪୧୭୨୭




ଓଡ଼ିଶା ଦିବସ ଉପଲକ୍ଷେ ଅଭିନନ୍ଦନ ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ରବିବାର ପ୍ରସ୍ତୁତ ବାଲୁକା କଳା।

# ଭାଷାର ବ୍ୟବହାର କମ୍ ହେଲେ ମାନ କମିବ

**ଆଜିକାଲି ଆମ ଦିନ 'ଗୁଡ୍ ମର୍ନିଂ'ରୁ ଆରମ୍ଭ ହେଉଛି। 'ସୁପ୍ରଭାତ' ବା 'ଶୁଭ ସକାଳ'ର ବ୍ୟବହାର ବହୁତ କମ୍। ସକାଳଠୁ ନେଇ ରାତି ପର୍ଯ୍ୟନ୍ତ ଆମେ ଓଡ଼ିଆ ଭାଷା ଭିତରେ ହିନ୍ଦୀ, ଇଂଲିଶ ଭାଷାର ବ୍ୟବହାର ଅଧିକ କରୁଛେ। କାହା ସହ କଥାବାର୍ତ୍ତା ଆରମ୍ଭ କରିବା ବେଳେ 'ହାଓ ଆର୍ ୟୁ' ଶବ୍ଦ ଉଚ୍ଚାରିତ ହେଉଛି। କେମିତି ଅଛନ୍ତି ବୋଲି ପଚାରିବାକୁ ଆମକୁ ଖରାପ ଲାଗୁଛି। ସେହିପରି ରାସ୍ତାରେ ଯାଉଥିବା କିମ୍ବା ବସ୍ କି ଟ୍ରେନରେ ଯାତ୍ରା କରୁଥିବା ସମୟରେ ଅନେକ ଓଡ଼ିଆ ଯୁବତୀଯୁବକଙ୍କୁ ପରସ୍ପର ସହ ହିନ୍ଦୀରେ କଥା ହେଉଥିବାର ମଧ ଦେଖିବାକୁ ମିଳିଥାଏ। ବହୁ ସଂଘର୍ଷ ପରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ଯୁବପିଢ଼ି ଯଦି ଭାଷାର ବ୍ୟବହାର କମ୍ କରିବେ ତା'ହେଲେ ଭାଷାର ମାନ ଦିନକୁ ଦିନ ହ୍ରାସ ପାଇବ। ଏହା ସମ୍ପ୍ରତି ଏକ ଚିନ୍ତାର ବିଷୟ ପାଲଟିଲାଣି। ସୋମବାର ଓଡ଼ିଶା ଦିବସ। ଏହି ପରିପ୍ରେକ୍ଷୀରେ ଯୁବପିଢ଼ିଙ୍କୁ ନେଇ ଏକ ମତାମତଭିତ୍ତିକ ଉପସ୍ଥାପନା।**

*- ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର*

### ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ଉଚିତ



ମୁଁ ଏବେ ବାହାରେ ରହୁଛି। ଆମ ଅଫିସ୍‌ରେ ଓଡ଼ିଆ ପିଲା ମଧ ବହୁତ କମ୍। ଆମେ କେତେବେଳେ ଗ୍ରୁପ୍ ହୋଇ କଥା ହେବା ସମୟରେ କେହି ଅନ୍ୟ ଭାଷାର ସାଙ୍ଗ ଆସିଗଲେ, ଓଡ଼ିଆରେ କଥା ହେଉଥିଲେ ବନ୍ଦ କରିବାକୁ ପଡ଼େ। ଯେଉଁ ଭାଷାକୁ ସମସ୍ତେ ବୁଝିପାରିବେ ଯେମିତି କି ହିନ୍ଦୀ, ଇଂଲିଶ କହିବାକୁ ହୁଏ। କେବଳ ଓଡ଼ିଆ ନୁହେଁ ଅନ୍ୟ ଆଞ୍ଚଳିକ ଭାଷାର ପିଲାମାନେ ମଧ ଏଭଳି ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି। ଏହାର ଅର୍ଥ ନୁହେଁ ଯେ, ଓଡ଼ିଆରେ ଆମେ କଥା ହେଉନାହୁଁ। ତେବେ ଏହା ସତ ଆମ ଭଳି ପିଲାମାନଙ୍କ ପାଟିରୁ ଓଡ଼ିଆ ଭାଷା ଶୁଣିବାକୁ କମ୍ ମିଳୁଛି। ମାତ୍ର ସମସ୍ତେ ଦୈନନ୍ଦିନ ଜୀବନରେ ଅଧିକରୁ ଅଧିକ ଓଡ଼ିଆ ଭାଷା କହିବା ଉଚିତ।

- ସୁବାସ ଦଳେଇ, କର୍ମଜୀବୀ

### ଆବେଗ ଓ ବ୍ୟବହାରରେ ଭାଷା ବଞ୍ଚିରହେ



ଆବେଗ ଓ ବ୍ୟବହାରରେ ଭାଷା ବଞ୍ଚିରହେ। ଯଦି ଆବେଗ ଥିବ ତା'ହେଲେ ବ୍ୟବହାର ମଧ ହୋଇପାରିବ। ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଦେଢ଼ ଲକ୍ଷରୁ ଅଧିକ ଶବ୍ଦ ଅଛି। ଜଣେ ଚାହିଁଲେ ୩ରୁ ୪ଟି ଭାଷା ଶିଖିପାରିବେ। କିନ୍ତୁ ଅନ୍ୟକୁ ସୁହାଇଲା ଭଳି ଭାଷାରେ କଥା ନ ହୋଇ ନିଜ ଭାଷାର ବ୍ୟବହାର କରିବା ଆବଶ୍ୟକ। ତେବେ ଯାଇ ଭାଷାର ବ୍ୟବହାର ବଢ଼ିପାରିବ। ଏବେ ଓଡ଼ିଆ ଭାଷାରେ ଅନେକ ସୁଯୋଗ ସୃଷ୍ଟି ହେଲାଣି। ପରୀକ୍ଷା ଦେବାଠୁ ନେଇ ଚାକିରି କ୍ଷେତ୍ରରେ ମଧ ଓଡ଼ିଆ ଭାଷାର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। ତେଣୁ ଓଡ଼ିଶାର ଯୁବପିଢ଼ି ଏଥିପ୍ରତି ଯତ୍ନବାନ ହେବା ଉଚିତ। ବିଦ୍ୟାଳୟ ସ୍ତରରୁ ଏ ନେଇ ପ୍ରୟାସ ଆବଶ୍ୟକ। ଅଭିଭାବକମାନେ ମଧ ଇଂଲିଶ, ହିନ୍ଦୀ ମାନସିକତାରୁ ଦୂରେଇ ପିଲାଙ୍କୁ ଓଡ଼ିଆ ଭାଷାରେ ଅଧିକ ଜ୍ଞାନ ଆହରଣ ପାଇଁ ପ୍ରୋତ୍ସାହିତ କରିବା ଉଚିତ।

- ଚନ୍ଦନ ପଣ୍ଡା, ଯୁବ ଲେଖକ

### ଗୁଜରାଟରେ ରହିଥିବାରୁ ଏଠାକାର ଭାଷା ଶିଖିବାକୁ ପଡୁଛି



ଆଗରୁ ମୁଁ ଯେବେ ମୋ ଗାଁରେ ପାଠ ପଢ଼ୁଥିଲି, ଓଡ଼ିଆ ଭାଷାରେ କଥା ହେଉଥିଲି। ଏବେ ବାପାଙ୍କ ଚାକିରି ପାଇଁ ଆମେ ସବୁ ଆସି ଗୁଜରାଟରେ ରହିଲୁ। ମୋର ଏଠାରେ ଏକ ସ୍କୁଲରେ ନାମ ଲେଖାହେଲା। ତେଣୁ ମୁଁ ଓଡ଼ିଆ ଶିଖେ କି ନ ଶିଖେ ପ୍ରଥମେ ଗୁଜରାଟୀ ଭାଷା ଶିଖିବାରୁ ପଡ଼ିଲା। କାରଣ ପରୀକ୍ଷାରେ ଗୁଜରାଟୀରେ ଏକ ବିଷୟକୁ ନେଇ ଉତ୍ତର ଲେଖିବାକୁ ପଡୁଛି। ଆଗ ଅପେକ୍ଷା ଓଡ଼ିଆ କମ୍ ଆଉ ହିନ୍ଦୀ, ଗୁଜରାଟୀ ମୁଁ ଅଧିକ କହୁଛି ଓ ଶିଖିବାକୁ ପଡୁଛି। କାରଣ ଏଠାରେ ଗୁଜରାଟୀ ଭାଷାର ବ୍ୟବହାର ଅଧିକ ହେଉଛି।

- ଅର୍ପିତା ପଣ୍ଡା, ଛାତ୍ରୀ

### କେବଳ ଯୁବପିଢ଼ିଙ୍କୁ ଦୋଷ ଦେଲେ ହେବନାହିଁ



ଓଡ଼ିଶାରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନର ନାମ ଇଂଲିଶରେ ଲେଖାଯାଉଛି। ସେହିପରି ଅନେକ କାର୍ଯ୍ୟକ୍ରମର ନିମନ୍ତ୍ରଣ କାର୍ଡ ଇଂଲିଶରେ ଛପାଯାଉଛି। ବକ୍ତାମାନଙ୍କ ଭାଷଣରେ ଓଡ଼ିଆ କମ୍, ହିନ୍ଦୀ ଓ ଇଂଲିଶ ବେଶୀ ରହୁଛି। ତା'ହେଲେ ଯୁବପିଢ଼ିଙ୍କୁ କାହିଁକି ଦୋଷ ଦେବା ଯେ, ଆଜିକାଲିର ପିଲା ଓଡ଼ିଆ କହୁନାହାନ୍ତି। ଉତ୍ତରଦାୟିତ୍ୱ କେବଳ ଯୁବପିଢ଼ିଙ୍କ କାନ୍ଧରେ ନ ଥାଏ। ସମସ୍ତେ ଭାଷାର ବ୍ୟବହାର କରିବା ଉଚିତ। ଆମେ ଓଡ଼ିଶା ବାହାରେ ରହି କାମ କଲେ ମଧ ପ୍ରବାସୀଙ୍କ ସହ ଓଡ଼ିଆ ପର୍ବ ପାଳନ କରୁ, ଓଡ଼ିଆ ଖାଦ୍ୟ ଖାଉ, ଓଡ଼ିଆରେ ବିଭିନ୍ନ କାର୍ଯ୍ୟକ୍ରମ କରିଥାଉ। ତେଣୁ ଭାଷାର ବ୍ୟବହାର ସମସ୍ତେ ସବୁଠି କରିବା ଉଚିତ।

- ଶ୍ରୀଲିପ୍ସା ନନ୍ଦ, କର୍ମଜୀବୀ

# ବୋକା ବନାଇବା ପାଇଁ ଦିନଟିଏ...




ବୋକା ଦିବସ

**ଆଜି ହେଉଛି ଏପ୍ରିଲ ୧। ଆଜିଠାରୁ ନୂତନ ଆର୍ଥିକ ବର୍ଷ ଆରମ୍ଭ ହେଉଛି ଏବଂ ଅନେକ ଲୋକ ଏହି ଦିନକୁ ଏପ୍ରିଲ୍ ଫୁଲ୍ ବା ବୋକା ଦିବସ ଭାବରେ ପାଳନ କରିଥାନ୍ତି। ଏହି ଦିବସ ପାଳନ କରିବାର ଅର୍ଥ ଲୋକମାନେ ପରସ୍ପର ସହିତ ଥଟ୍ଟା କରିବା ସହ ପରସ୍ପରକୁ ବୋକା ବନାଇବାକୁ ଚେଷ୍ଟା କରନ୍ତି। ମାତ୍ର ଏହା ଏପ୍ରିଲର ପ୍ରଥମ ଦିନରେ କାହିଁକି ବୋକା ଦିବସ ପାଳନ କରାଯାଏ ତାହା ହୁଏତ ଅଧିକାଂଶ ଲୋକ ଜାଣି ନ ଥିବେ। ତେବେ ଜାଣନ୍ତୁ ଏ ସମ୍ପର୍କରେ...**

ଏହି ଦିନ କାହିଁକି ଓ କେବେ ପାଳନ କରାଯାଇଥିଲା ସେ ବିଷୟରେ ଯଦିଓ ସଠିକ୍ ସୂଚନା ନାହିଁ ତଥାପି ୧୫୮୨ରୁ ଏହି ବିଶେଷ ଦିନ ପାଳନ କରାଯାଇଆସୁଛି ବୋଲି କୁହାଯାଉଛି। ଯେତେବେଳେ ଫ୍ରାନ୍ସ ଜୁଲିଆନ କ୍ୟାଲେଣ୍ଡର ଛାଡ଼ି ଗ୍ରେଗୋରିଆନ କ୍ୟାଲେଣ୍ଡର ଗ୍ରହଣ କରିଥିଲେ ସେବେଠାରୁ ଏହା ପାଳନ କରାଯାଉଛି। ପୋପ୍ ଗ୍ରେଗୋରୀ XIII ଗ୍ରେଗୋରିଆନ କ୍ୟାଲେଣ୍ଡର ଆରମ୍ଭ କରିଥିଲେ। ଏହି କ୍ୟାଲେଣ୍ଡରରେ ବର୍ଷ ଜାନୁଆରୀରୁ ଆରମ୍ଭ ହୁଏ ଏବଂ ଏହା ହେଉଛି ସମାନ କ୍ୟାଲେଣ୍ଡର ଯାହା ଏବେ ଆମେ ବ୍ୟବହାର କରୁଛୁ। ଜୁଲିଆନ କ୍ୟାଲେଣ୍ଡରରେ, ନୂଆବର୍ଷ ଏପ୍ରିଲ ୧ରୁ ଆରମ୍ଭ ହେଉଥିଲା, କିନ୍ତୁ ଯେତେବେଳେ ପୋପ୍ ଚାର୍ଲ୍ସ ୯ ଗ୍ରେଗୋରିଆନ କ୍ୟାଲେଣ୍ଡର ଆରମ୍ଭ କରିଥିଲେ, ଲୋକମାନେ ସେହି ପରିବର୍ତ୍ତନ ବିଷୟରେ ଜାଣି ନ ଥିଲେ ଏବଂ ପ୍ରତିବର୍ଷ ଏପ୍ରିଲ ୧ରେ ନୂଆବର୍ଷ ପାଳନ ଆରମ୍ଭ କରିଥିଲେ। ଏଭଳି ପରିସ୍ଥିତିରେ ସେମାନଙ୍କୁ ବହୁତ ପରିହାସ କରାଯାଇଥିଲା ଏବଂ ସେମାନଙ୍କୁ ବୋକା ବୋଲି କୁହାଯାଉଥିଲା। ସେବେଠାରୁ ଏହି ଦିନ ଆରମ୍ଭ ହୋଇଥିବା ମଧ ବିଶ୍ୱାସ କରାଯାଏ।

ବୋକା ଦିବସ ବିଷୟରେ ଇଂଲଣ୍ଡର ରାଜା ରିଚାର୍ଡ (ଦ୍ୱିତୀୟ)ଙ୍କ ବିଷୟରେ ଏକ ମଜାଳିଆ କାହାଣୀ ଅଛି। କୁହାଯାଏ, ରିଚାର୍ଡ ଦ୍ୱିତୀୟ ଏବଂ ବୋହେମିଆର ରାଣୀ ଆନ୍ ୩୨ ମାର୍ଚ୍ଚ ୧୩୮୧ରେ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଘୋଷଣା କରିଥିଲେ। ଏହି ଖବର ଶୁଣି ଲୋକମାନେ ବହୁତ ଖୁସି ହେଲେ। ଉତ୍ସବ ପାଳନ ଏବଂ ଏହି ଦିନ ପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। କିନ୍ତୁ ଯେତେବେଳେ ମାର୍ଚ୍ଚ ୩୧ ଆସିଲା, ସେମାନେ ଅନୁଭବ କଲେ ଯେ ସେମାନେ ବୋକା ହୋଇଯାଇଛନ୍ତି, କାରଣ ମାର୍ଚ୍ଚ ୩୨ ନାହିଁ। ସେବେଠାରୁ ବୋକା ଦିବସ ୩୧ ମାର୍ଚ୍ଚର ପରଦିନ ଅର୍ଥାତ୍ ଏପ୍ରିଲ ୧ରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବ୍ରାହ୍ମଣ ଚାଷ
ହଳ ଚୁଙ୍ଗୁ ଚୁଙ୍ଗୁ ଉପରେ ଘାସ।**

ସାଧାରଣତଃ ବ୍ରାହ୍ମଣମାନେ ଜାତି ଧର୍ମ ଅନୁସାରେ ଲଙ୍ଗଳ ଧରି ଚାଷ କାମ କରନ୍ତି ନାହିଁ। ସେମାନେ କେବଳ ହୁଡାରେ ବସି ତଦାରଖ କରିଥାନ୍ତି। ବାହାର ଲୋକ ଖାମଖିଆଲ ହୋଇ ଚାଷ କଲେ ଜମିରେ ଘାସ ରହିବା ଏକ ସାଧାରଣ କଥା ହୋଇଥିବାବେଳେ କୌଣସି କାମରେ ମୁଣ୍ଡ ନ ପୂରାଇ ଖାଲି ଉପରେ ଉପରେ ଭାସି ଚାଲିଲେ ତା'ର ମୂଲ୍ୟ କିଛି ରହୁ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଗ ନାହିଁ କି ବାଇଶ ନାହିଁ
କଥା କହୁଛି ସାଇଁ ସାଇଁ।**

କଥାବାର୍ତ୍ତା କରିବାରେ ଶାଳୀନତା ରକ୍ଷା କରିବା ଉଚିତ ହୋଇଥାଏ। ଶାଳୀନତା ନ ଥିବା କଥା ଶ୍ରୁତିକଟୁ ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ଅନ୍ୟାନ୍ୟ ଖବର**

# ଗାଡ଼ି ଜାଳିଦେଲେ ମାଓବାଦୀ

ମାଲକାନଗିରି,୩୧।୩(ଦୁର୍ଯ୍ୟୋଧନ ପାତ୍ର)

ସାଧାରଣ ନିର୍ବାଚନ ପୂର୍ବରୁ ଛତିଶଗଡ଼ରେ ମାଓବାଦୀ ହିଂସା ଦେଖିବାକୁ ମିଳିଛି। ମାଲକାନଗିରି ଜିଲା ସୀମାନ୍ତ ନାରାୟଣପୁର ଜିଲାରେ ୪ ଲୁହାପଥର ବୋଝେଇ ଟ୍ରକକୁ ନିଆଁ ଲଗାଇ ଶନିବାର ମାଓବାଦୀମାନେ ପୋଡି ଦେଇଛନ୍ତି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଛୋଟେ ଡଙ୍ଗର ଥାନାଠାରୁ ମାତ୍ର ୫ ଶହ ମିଟର ଦୂର ମୁଖ୍ୟ ରାସ୍ତା ଉପରେ ଏହି ଚାରୋଟି ଟ୍ରକରେ ନିଆଁ ଲଗାଇ ଦେଇଥିଲେ। ଫଳରେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ଜଳି ପୋଡି ନଷ୍ଟ ହୋଇ ଯାଇଛି। ଲୁହା ପଥର ଖଣିକୁ ପୂର୍ବରୁ ମାଓବାଦୀମାନେ ବିରୋଧ କରି ଆସୁଥିବା ବେଳେ ଏହି ଖଣିଜ ସାମଗ୍ରୀକୁ ଜାଳି ନିଜର ସ୍ଥିତି ଜାହିର କରିଛନ୍ତି। ତେବେ ଏହି ହିଂସାକାଣ୍ଡ ପରେ ଡିଆରଜି ଓ ବିଏସ୍‌ଏଫ ବାହିନୀ ପକ୍ଷରୁ ଜୋରଦାର କୋମ୍ବିଂ ଆରମ୍ଭ ହୋଇଥିବା ନାରାୟଣପୁର ଏସ୍‌ପି ସୂଚନା ଦେଇଛନ୍ତି।



# ବେଆଇନ ବାଲିଚାଲାଣ ଅଭିଯୋଗର ତଦନ୍ତ କରିବ ଏନ୍‌ଜିଟି

ନନ୍ଦପୁର, ୩୧।୩ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ସୀମାନ୍ତରେ ପ୍ରବାହିତ ନଦୀ ଘାଟରୁ ବେଆଇନ ବାଲି ଚାଲାଣ ହେଉଛି। ସ୍ଥାନୀୟ ଅଞ୍ଚଳର ପରିବେଶ ସମେତ ଜୋଲାପୁଟ ରିଜର୍ଭର ନଷ୍ଟ ହେଉଥିବା ଆଦି ଅଭିଯୋଗର ତଦନ୍ତ କରିବାକୁ ଏପ୍ରିଲ ୪ ତାରିଖରେ ରାଷ୍ଟ୍ରୀୟ ହରିତ ପ୍ରାଧିକରଣ ( ଗ୍ରୀନ୍ ଟ୍ରିବୁନାଲ) ଟିମ୍‌ର ନନ୍ଦପୁର ବ୍ଲକ ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ଟିମ୍ ନନ୍ଦପୁର ବ୍ଲକ ଆନ୍ଧ୍ର ସୀମାନ୍ତ ପାଙ୍ଗଲୁଙ୍ଗ ପଞ୍ଚାୟତ ଦେଇ ପ୍ରବାହିତ ଶୋଭାପୁଟ ଓ ପାଡୁଆ ପାତାଳି ନଦୀର ବିଭିନ୍ନ ଘାଟ ପରିଦର୍ଶନ କରିବେ। ଏହି ଦୃଷ୍ଟିରୁ ଜିଲା ଓ ବ୍ଲକ ପ୍ରଶାସନ ଆଗୁଆ ପ୍ରସ୍ତୁତି କରୁଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ପରିବେଶ ନଷ୍ଟ କରି ବେଆଇନ ଭାବେ ଶୋଭାପୁଟ ନଦୀର ସୁଡୁବ, ସାରିଆପାଲି, ମାରିପୁଟ, ରାଡୁଲପୁଟ, ପ୍ରଧାନିପୁଟ, ଶୋଭାପୁଟ, ଜରାଇ ଘାଟ ପାତାଳୀ ନଦୀର ବିଭିନ୍ନ ଘାଟରୁ ଆନ୍ଧ୍ର ଅଞ୍ଚଳକୁ ବାଲି ଚାଲାଣ ହେଉଥିବା ପାଙ୍ଗଲୁଙ୍ଗ ପଞ୍ଚାୟତ ସରପଞ୍ଚ ପୂଜା ଖିଲ ଅଭିଯୋଗ କରିଥିଲେ। ଏପରିକି ବାଲି ଟ୍ରକକୁ ଅଟକାଇବାକୁ ଯାଇ ସରପଞ୍ଚ ଖିଲ ଓ ୱାର୍ଡ ସଭ୍ୟଙ୍କ ଉପରେ ଆନ୍ଧ୍ର ବାଲି ମାଫିଆ ଗାଡ଼ି ମଡାଇ ମାରିଦେବାକୁ ଉଦ୍ୟମ କରିଥିବା ପାଡୁଆ ଥାନାରେ ଅଭିଯୋଗ ହୋଇଥିଲା। ବ୍ଲକ ଓ ଜିଲା ପ୍ରଶାସନ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସରପଞ୍ଚ ଖିଲ ଜିଲାପାଳଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ନିକଟକୁ ପତ୍ରଲେଖି ତଦନ୍ତ କରିବାକୁ ଅନୁରୋଧ କରିଥିଲେ। ସମାନ ଅଭିଯୋଗ ଗ୍ରୀନ ଟ୍ରିବୁନାଲଙ୍କ ନିକଟରେ ମଧ୍ୟ ସେ ଉପସ୍ଥାପନ କରିଥିଲେ। ଫଳରେ ଟ୍ରିବୁନାଲ ପକ୍ଷରୁ ଓଏ ୨୦/ ୨୦୨୪/ ପିବି ପ୍ରକାରେ ମାମଲା ରୁଜୁ କରି ତଦନ୍ତ କରିବାକୁ ସନ୍ଦୀପ ରାୟ ଓ ଟିମ୍ କ୍ଷେତ୍ର ପରିଦର୍ଶନ କରି ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିବାକୁ ଏପ୍ରିଲ ୪ରେ ନନ୍ଦପୁର ଆସୁଛନ୍ତି। ଏଥିନିମନ୍ତେ ସରପଞ୍ଚ ଖିଲଙ୍କୁ ଏହି ଦିନ ଉପସ୍ଥିତ ରହି ଯାଞ୍ଚ ଟିମ୍‌କୁ ସହଯୋଗ କରିବାକୁ ଅବଗତ କରାଯାଇଛି। ଏଥିପାଇଁ ଫଟୋ ଭିଡ଼ିଓ ଓ ୱାର୍ଡସଭ୍ୟଙ୍କ ସହ ପ୍ରସ୍ତୁତ ଥିବା ସେ କହିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ନନ୍ଦପୁର ତହସିଲଦାର ଅନାଦି ଚରଣ ସାହୁ ମଧ ଇତି ମଧ୍ୟରେ ଶୋଭାପୁଟ ଓ ପାଡୁଆ ପଞ୍ଚାୟତର ପାତାଳୀ ନଦୀଘାଟ ପରିଦର୍ଶନ କରିଛନ୍ତି।

# ୧୦ ବର୍ଷରେ ୫୩୦ ଲକ୍ଷ ଲିଟର ମଦ ବିକ୍ରି ବଢ଼ିଛି

## ନିଶାନିବାରଣ ସଚେତନତା କାର୍ଯ୍ୟକ୍ରମ ମୂଲ୍ୟହୀନ

ଯାଜପୁର,୩୧।୩ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ଗତ ୧୦ ବର୍ଷରେ ୫୩୦ ଲକ୍ଷ ଲିଟର ପରିମାଣର ଦେଶୀ ଓ ବିଦେଶୀ ମଦ ବିକ୍ରି ବଢ଼ିଛି। ନିଶାନିବାରଣ ନିମନ୍ତେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ସତ୍ତ୍ୱେ ଏତେ ପରିମାଣର ମଦ ବିକ୍ରି ତଥା ମଦୁଆଙ୍କ ସଂଖ୍ୟା ବୃଦ୍ଧି ହେବା ଦୁର୍ଘଟଣା, ସାମାଜିକ ବିଶୃଙ୍ଖଳା, ଅନୈତିକ କାର୍ଯ୍ୟ, ଆଇନ ଅମାନ୍ୟ ପ୍ରଭୃତିର ପ୍ରମୁଖ କାରଣ ବୋଲି ମତପ୍ରକାଶ ପାଇଛି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ବିକାଶ ଯାହା ହେଉନା କାହିଁକି ମଦ ବ୍ୟବସାୟରେ କିନ୍ତୁ ରେକର୍ଡ ବୋଲି ସାଧାରଣରେ ଆଲୋଚନା ହେଉଛି।

ଅବକାରୀ ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୪-୧୫ରୁ ୨୦୨୩-୨୪ ଡିସେମ୍ବର ସୁଦ୍ଧା ୧୩,୮୩୨ ଲକ୍ଷ ଲିଟର ବିଭିନ୍ନ ପ୍ରକାରର ମଦ ଉତ୍ପାଦିତ ହୋଇଛି। ସେହିପରି ଉପରୋକ୍ତ ବର୍ଷ ମଧ୍ୟରେ ୧୯୫୦ ଲକ୍ଷ ଲିଟର ବିଦେଶୀ ମଦ ଓ ବିୟର ଆମଦାନୀ ହୋଇଛି। ଅବକାରୀ ନୀତି-୨୦୨୧ ଅନୁଯାୟୀ ବିଦେଶୀ ମଦ ଦୋକାନ ଓ ଦେଶୀ ମହୁଲି ଭାଟିଗୁଡ଼ିକୁ ଲାଇସେନ୍ସ ପ୍ରଦାନ କରାଯାଇ ଗ୍ରାମାଞ୍ଚଳ ସମେତ ବିଭିନ୍ନ ଛକ, ରାସ୍ତାକଡ଼, ଜନବହୁଳ ଅଞ୍ଚଳ ଇତ୍ୟାଦି ସ୍ଥାନରେ ଦୋକାନ ସଂଖ୍ୟା ବୃଦ୍ଧି କରାଯାଇଛି। କିନ୍ତୁ ବେଆଇନ ଭାବେ କେତେକ ସ୍ଥାନରେ ରାତି ୧୧ଟା ସୁଦ୍ଧା ମଦ ଦୋକାନ ଖୋଲା ରହୁଛି। ସେହିପରି ଜାତୀୟ ରାଜପଥଠାରୁ ୫୦୦ ମିଟର ଦୂରତାରେ ଥିବା ଠିପି ବନ୍ଦ ଓ ଠିପି ଖୋଲା ମଦଦୋକାନ ବନ୍ଦ କରାଯାଇଥିଲେ ହେଁ ମହାନଗର ନିଗମ, ପୌରାଞ୍ଚଳ, ଏନ୍ଏସି, ବ୍ଲକ ଓ ଗ୍ରାମାଞ୍ଚଳରେ ମଦ ଦୋକାନ ସହ କୁଟିଆ କାରବାର ନିୟନ୍ତ୍ରଣ ହୋଇପାରିନାହିଁ। ଅବକାରୀ ଆଇନ ୩୪ ଧାରାକୁ ଉଲ୍ଲଂଘନ କରାଯାଇ ଜାତୀୟ ରାଜପଥ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ, ସାଂସ୍କୃତିକ ଅନୁଷ୍ଠାନ, ବ୍ୟାଙ୍କ ଆଦି ନିକଟରେ ଶତାଧିକ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ରହିଛି। ସହରଠୁ ଆରମ୍ଭ କରି ଗଳିକନ୍ଦିରେ ଦେଶୀ କିମ୍ବା ବିଦେଶୀ ମଦ ଦୋକାନ ଦେଖିବାକୁ ମିଳୁଛି। ମଦ ଦୋକାନ ମାଲିକମାନେ ଅଧିକ ବିକ୍ରି ଆଶା ରଖି ଗ୍ରାମାଞ୍ଚଳ ତଥା ଆଭ୍ୟନ୍ତରୀଣ ଅଞ୍ଚଳକୁ ମଦ ଯୋଗାଣ କରୁଛନ୍ତି। ଏହାର ସୁଯୋଗରେ ଗ୍ରାମାଞ୍ଚଳରେ କାମଧନ୍ଦା ଅଭାବରୁ ଯୁବକମାନେ କୁଟିଆ ମଦ ଦୋକାନ ଖୋଲି ଅର୍ଥ ଉପାର୍ଜନ କରୁଛନ୍ତି। ସବୁଠି ସହଜରେ ଦେଶୀ ଓ ବିଦେଶୀ ମଦ ଉପଲବ୍ଧ ହେଉଥିବାରୁ ଯୁବକମାନେ ମଦ ନିଶାରେ ବଶବର୍ତ୍ତୀ ହେଉଛନ୍ତି। ଏହାକୁ ତାଳ ଦେଇ ପଶ୍ଚିମବଙ୍ଗ ସମେତ ପଡ଼ୋଶୀ ରାଜ୍ୟରୁ ଓଡ଼ିଶାକୁ ବ୍ରାଉନସୁଗାର, ଗଞ୍ଜେଇ ଭଳି ଅନ୍ୟାନ୍ୟ ମାଦକ ଦ୍ରବ୍ୟର ଚୋରା ଚାଲାଣ ବ୍ୟାପକ ହୋଇଥିବା ଅଭିଯୋଗ ହୋଇଆସୁଛି। ଆନ୍ତଃରାଜ୍ୟ ମାଫିଆମାନେ ଓଡ଼ିଶାର ସୀମାନ୍ତ ଅଞ୍ଚଳଠାରୁ ଆଭ୍ୟନ୍ତରୀଣ ଯାଏ ଅବକାରୀ, ପୋଲିସ ଅଧିକାରୀ ଓ ନେତାଙ୍କ ସହ ସୁସମ୍ପର୍କ ରଖି ନିଶା କାରବାର ଚଳାଇଥିବାରୁ ତାହା ନିୟନ୍ତ୍ରଣ କରିବା ସମ୍ଭବ ହେଉନାହିଁ।

ମିଳିଥିବା ରିପୋର୍ଟ ଅନୁସାରେ ୨୦୧୩-୧୪ ବର୍ଷରେ ୫୯୬ ଲକ୍ଷ ଲିଟର ବିଦେଶୀ, ୮୫୦ ଲକ୍ଷ ଲିଟର ବିୟର ଓ ୧୬୧ ଲକ୍ଷ ଲିଟର ଦେଶୀ ମଦକୁ ମିଶାଇ ମୋଟ ୧୬୦୭ ଲକ୍ଷ ଲିଟର ମଦ ବିକ୍ରି ହୋଇଥିଲା। ୨୦୨୨-୨୩ ବର୍ଷରେ ୭୮୫ ଲକ୍ଷ ଲିଟର ବିଦେଶୀ, ୧୨୧୦ ଲକ୍ଷ ଲିଟର ବିୟର ଓ ୧୪୨ ଲକ୍ଷ ଲିଟର ଦେଶୀ ମଦକୁ ମିଶାଇ ମୋଟ ବିକ୍ରି ୨୧୩୭ ଲକ୍ଷ ଲିଟରକୁ ବୃଦ୍ଧି ଘଟିଛି। ତେବେ ମଦର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଅବକାରୀ ବିଭାଗ ପକ୍ଷରୁ ଦର୍ଶାଯାଇଛି। ଏଥିପାଇଁ ଗତ ୧୦ ବର୍ଷ ମଧ୍ୟରେ ଗଣଦୌଡ଼, କୁଇଜ୍, ପ୍ରବନ୍ଧ ପ୍ରତିଯୋଗିତା ମାଧ୍ୟମରେ ନିଶାନିବାରଣ ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବାର ପ୍ରୟାସ ଜାରି ରହିଛି। ପ୍ରତିବର୍ଷ ଜୁନ ୨୬ରେ ନିଶାନିବାରଣ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ଗଣମାଧ୍ୟମରେ ପ୍ରସାର କରାଯାଉଛି। ଏଥିପାଇଁ ଗତ ୧୦ ବର୍ଷରେ ୪ କୋଟି ୬୯ ଲକ୍ଷ ୪୯ ହଜାର ୧୨୮ ଟଙ୍କା ଖର୍ଚ୍ଚ କରାଯାଇଛି। ତଥାପି ମଦ ବିକ୍ରି ପରିମାଣ ବୃଦ୍ଧି ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି।

# ଆଖିବୁଜିଲା ଅସୁସ୍ଥ ଦନ୍ତା

ଭଞ୍ଜନଗର,୩୧।୩ (ବାବୁଲା ପ୍ରଧାନ)


ମୃତ ଦନ୍ତା ହାତୀ

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଗାଳେରୀ ରେଞ୍ଜ ତିଳିସିଙ୍ଗି ସେକ୍ସନ ଚନ୍ଦ୍ରଗିରି ଜଙ୍ଗଲରେ ରବିବାର ଅପରାହ୍ଣରେ ଏକ ଅସୁସ୍ଥ ଦନ୍ତା ହାତୀର ମୃତ୍ୟୁ ଘଟିଛି। ମୃତ ହାତୀଟିର ବୟସ ପାଖାପାଖି ୩୦ ବର୍ଷ ହେବ। ଉକ୍ତ ହାତୀଟି ନୟାଗଡ଼ କିମ୍ବା କନ୍ଧମାଳ ଜଙ୍ଗଲରୁ ଦିନେ ଦୁଇଦିନ ମଧ୍ୟରେ ଆସିଥିବା ଅନୁମାନ କରାଯାଉଛି। ତେଣୁ ବିଭାଗୀୟ କର୍ମଚାରୀ ହଠାତ୍ ହାତୀଟିକୁ ଠାବ କରିପାରି ନ ଥିଲେ। ସୋମବାର ଭୁବନେଶ୍ୱରରୁ ଜେଟିଏଫ୍ ଟିମ୍ ଆସିବା ପରେ ହାତୀର ବ୍ୟବଚ୍ଛେଦ ହେବ।

ପ୍ରକାଶ ଯେ, ହାତୀଟି ରବିବାର ସକାଳେ ଜଙ୍ଗଲରୁ ବାହାରି ସମରବନ୍ଧ ଗ୍ରାମ ନିକଟ ଅଭିମୁଖେ ଚାଲିଆସିଥିଲା। ଅସୁସ୍ଥତା ଯୋଗୁ ହାତୀଟି ଆଉ ବଣକୁ ଯାଇ ନ ପାରି ଗୋଟିଏ ସ୍ଥାନରେ ଅଟକି ରହିଥିଲା। ଏହାପରେ ଖବରପାଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ଆଶାଲତା ଦିଗାଲ, ବନପାଳ ଶୁଭସ୍ମିତା ପାତ୍ରଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ଜଙ୍ଗଲକୁ ଘଉଡ଼ାଇବାରେ ସକ୍ଷମ ହୋଇଥିଲେ। ଏହାପରେ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ହାତୀର ଚିକିତ୍ସା ପାଇଁ ସେଠାରେ ପ୍ରସ୍ତୁତି ଚାଲିଥିଲା। ହଠାତ୍ ହାତୀଟି ଆଣ୍ଠୁ ମାଡ଼ି ପଡ଼ିବା ପରେ ଗୋଟିଏ ଦାନ୍ତ ଶୁଣ୍ଢରେ ଗିଳିଯାଇଥିଲା। ଅଳ୍ପ କିଛି ସମୟରେ ହାତୀଟି ଟଳିପଡ଼ିଥିଲା। ସେଠାରେ ଉପସ୍ଥିତ ପ୍ରାଣୀ ବିଶେଷଜ୍ଞ ହାତୀକୁ ମୃତ ଘୋଷଣା କରିଥିଲେ। ଦନ୍ତା ହାତୀଟି କେଉଁ କାରଣରୁ ଅସୁସ୍ଥ ହେଲା ତାହା ସୋମବାର ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ବନ ବିଭାଗ କର୍ମଚାରୀମାନେ କହିଛନ୍ତି।




# ଡେପୁଟି ମ୍ୟାନେଜରଙ୍କ ସମେତ ଦମ୍ପତି ଗିରଫ

## ଢେଙ୍କାନାଳ ଆଇସିଆଇସିଆଇ ବ୍ୟାଙ୍କରେ ୧.୦୪ କୋଟିରୁ ଊର୍ଦ୍ଧ୍ୱ ଠକେଇ ଘଟଣା

ଭୁବନେଶ୍ୱର,୩୧।୩ (ସତ୍ୟଜିତ୍ ରାଉତ)

- ବରିଷ୍ଠ ନାଗରିକଙ୍କ ସରଳତାର ଲାଭ ଉଠାଇ ଠକୁଥିଲେ
- ବ୍ରାଞ୍ଚ ମ୍ୟାନେଜରଙ୍କ ସମେତ ଆଉ କେତେଜଣ କର୍ମଚାରୀ ମଧ୍ୟ ସମ୍ପୃକ୍ତ

ଆଇସିଆଇସିଆଇ ବ୍ୟାଙ୍କ ଢେଙ୍କାନାଳ ବ୍ରାଞ୍ଚରେ ୧.୦୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାର କ୍ରାଇମବ୍ରାଞ୍ଚ ପର୍ଦ୍ଦାଫାଶ କରିଛି। ବ୍ରାଞ୍ଚର ଡେପୁଟି ମ୍ୟାନେଜର ପ୍ରଶାନ୍ତ କୁମାର ସାହୁଙ୍କ ସମେତ ଏକ ଦମ୍ପତିଙ୍କୁ କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍ ରବିବାର ଗିରଫ କରିଛି। ସମ୍ପୃକ୍ତ ଦମ୍ପତି ହେଲେ ଏହି ବ୍ରାଞ୍ଚର ପୂର୍ବତନ ରିଲେଶନଶିପ୍ ମ୍ୟାନେଜର ସ୍ୱାଗତିକା ସ୍ୱାଇଁ (୨୮) ଓ ସ୍ୱାମୀ ମନୋଜ କୁମାର ସ୍ୱାଇଁ (୨୯)। ଅଭିଯୁକ୍ତମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ବ୍ରାଞ୍ଚ ମ୍ୟାନେଜରଙ୍କ ସମେତ ଆଉ କେତେଜଣ କର୍ମଚାରୀ ମଧ୍ୟ ସମ୍ପୃକ୍ତ ଅଛନ୍ତି। ମାମଲାର ଅଧିକ ଖୋଳତାଡ଼ ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ କ୍ରାଇମବ୍ରାଞ୍ଚ ପ୍ରୟାସ ଚଳାଇଛି। ତେବେ ଜେଲ ଯାଇଥିବା ୩ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିବ ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ, ୨୦୨୧ ଫେବୃଆରୀ ୧ରୁ ୨୦୨୨ ଜୁନ୍ ୩୦ ମଧ୍ୟରେ ଠକେଇ ହୋଇଥିଲା। ସ୍ୱାଗତିକା ଗ୍ରାହକଙ୍କ ଘରକୁ ଯାଇ ବ୍ୟାଙ୍କସେବା ଯୋଗାଉଥିଲେ। ସେ ତାଙ୍କ ସ୍ୱାମୀ ଓ ଅନ୍ୟମାନଙ୍କ ସହ ମିଶି ଅନଲାଇନ୍ ବ୍ୟାଙ୍କିଙ୍ଗ୍ ଆଦିରେ ଅଜ୍ଞ ଥିବା ବରିଷ୍ଠ ନାଗରିକଙ୍କୁ ଟାର୍ଗେଟ୍ କରି ଫସାଉଥିଲେ। ଅଭିଯୁକ୍ତମାନେ ବୟସ୍କ ନାଗରିକଙ୍କ ସରଳତାର ଲାଭ ଉଠାଇ ତାଙ୍କ ବ୍ୟକ୍ତିଗତ ତଥ୍ୟ ଆଣି ଆକାଉଣ୍ଟ ପରିଚାଳନା କରୁଥିଲେ। ଏପରିକି ଅଜାଣତରେ ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବର ମଧ୍ୟ ବଦଳାଇ ଦେଉଥିଲେ। ଗ୍ରାହକଙ୍କ ଫିକ୍ସଡ୍ ଡିପୋଜିଟ୍‌କୁ ଓଭରଡ୍ରାଫ୍ଟ କରି ଟଙ୍କା ନେଇଆସୁଥିଲେ। ଏଭଳି ବିଭିନ୍ନ ଜରିଆରେ ଅଭିଯୁକ୍ତମାନେ ଟଙ୍କା ଠକେଇ କରିଥିଲେ। ବ୍ରାଞ୍ଚ ମ୍ୟାନେଜର ଓ ଡେପୁଟି ମ୍ୟାନେଜରଙ୍କ ଜାଣତରେ ଏସବୁ ହୋଇଥିଲା। ଗ୍ରାହକମାନେ ସେମାନଙ୍କ ଆକାଉଣ୍ଟରେ ଅନଧିକୃତ କାରବାର ନେଇ ଅଭିଯୋଗ କରିବା ପରେ ବ୍ୟାଙ୍କ ପକ୍ଷରୁ ଅନୁସନ୍ଧାନ କରାଯାଇଥିଲା। ଏଥିରେ ସ୍ୱାଗତିକାଙ୍କ ସମ୍ପୃକ୍ତି ଜଣାପଡିବା ପରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ଏହାପରେ ଆଇସିଆଇସିଆଇ ବ୍ୟାଙ୍କ ଫାଇନାନ୍ସିଆଲ୍ କ୍ରାଇମ ପ୍ରିଭେନଶନ୍ ଗ୍ରୁପ୍‌ର ଆଞ୍ଚଳିକ ମୁଖ୍ୟ କ୍ରାଇମବ୍ରାଞ୍ଚରେ ଏତଲା ଦେଇଥିଲେ। ୨୦୨୩ ଡିସେମ୍ବର ୫ରେ କ୍ରାଇମବ୍ରାଞ୍ଚର ସାଇବର ଥାନା ପକ୍ଷରୁ ଏକ ମାମଲା (ନଂ. ୩୩/୨୦୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ତେବେ ସ୍ୱାଗତିକା ଓ ତାଙ୍କ ସହଯୋଗୀଙ୍କ ନାମରେ ଢେଙ୍କାନାଳ ଟାଉନ ଥାନାରେ ୩ଟି ସମାନ ଧରଣର ମାମଲା ରୁଜୁ ହୋଇଛି। ବ୍ୟାଙ୍କ ପକ୍ଷରୁ ଠକେଇର ଶିକାର ହୋଇଥିବା ୧୧ ଜଣ ଗ୍ରାହକଙ୍କୁ ୮୭.୫୪ ଲକ୍ଷ ଟଙ୍କା ଫେରାଇ ଦିଆଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜି ୪ ଘଣ୍ଟା ମହାପ୍ରଭୁଙ୍କ ଦର୍ଶନ ବନ୍ଦ



## ଖସାପଡ଼ା ନୀତି ହେବ

ପୁରୀ,୩୧।୩(ଅଜିତ୍ ମହାନ୍ତି)

ଚୈତ୍ର ମାସ କୃଷ୍ଣପକ୍ଷ ସପ୍ତମୀ ତିଥି ସୋମବାର ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ଏଥିନିମନ୍ତେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଣ୍ଟା ପାଇଁ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପାଦନ କରିବେ। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରୁ ଏହି ନୀତି ଅନ୍ୟତମ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସମ୍ପନ୍ନ ହୋଇ ଦ୍ୱିତୀୟ ଭୋଗ ମଣ୍ଡପ ହେବା ପରେ ମଇଲମ ନୀତି ଅନୁଷ୍ଠିତ ହେବ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିବେ। ପରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିବେ। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ସାରି ଦଇତାପତିମାନେ ଶ୍ରୀମନ୍ଦିରରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି କରାଯିବ। ପରେ ମଇଲମ ବେଶ, ସନ୍ଧ୍ୟା ଆଳତି ବଢ଼ି ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଖସାପଡ଼ା ନୀତି ପାଇଁ ରବିବାର ଦେଉଳକରଣ ଧଳାକନା ଧୋଇ ଶୁଖାଇ ଗାରଦରେ ଜମା ଦେଇଛନ୍ତି। ଧଳାକନା ସହ ଖଳି ଓ କଇଁଥ ଅଠାକୁ ବ୍ୟବହାର କରି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତନୀତି ସମ୍ପନ୍ନ କରିଥାନ୍ତି।

# ରାଜଧାନୀରୁ ଧରାପଡ଼ିଲେ ୨ ନିଶାଦିଆ ଲୁଟେରା

## ଅଟୋ, ନିଶା ଔଷଧ, ୭ ହଜାର ଟଙ୍କା, ୪ ମୋବାଇଲ ଜବତ

ଭୁବନେଶ୍ୱର,୩୧।୩(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱରରୁ ଜଣେ ପରିବା ବ୍ୟବସାୟୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଲୁଟ୍ କରିବା ପରେ ଜଗତପୁରରେ ଛାଡ଼ି ଫେରାର ହେବା ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ରବିବାର ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଭୁବନେଶ୍ୱରରେ ରହୁଥିବା ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ବୁଦ୍ଧିରାମ ସ୍ୱାଇଁ ଏବଂ ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳର ଗୁଡୁ ନାୟକ। ଉଭୟଙ୍କଠାରୁ ଗୋଟିଏ ଅଟୋ, ନିଶା ଔଷଧ, ୭ ହଜାର ଟଙ୍କା, ୪ଟି ମୋବାଇଲ ଫୋନ ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ସାହାଯ୍ୟ କରିବା ଆଳରେ ଖାଦ୍ୟ କିମ୍ବା ଥଣ୍ଡା ପାନୀୟରେ ନିଶା ଦେଇ ବୟସ୍କ ଲୋକଙ୍କୁ ଟାର୍ଗେଟ କରି ଲୁଟିଥାନ୍ତି ବୋଲି ତଦନ୍ତରୁ ଜଣାପଡିଥିବା ରବିବାର ଜୋନ-୫ ଏସ୍‌ପି ଗୌତମ କିଶାନ କହିଛନ୍ତି। ଗିରଫ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ବୁଦ୍ଧିରାମଙ୍କ ବିରୋଧରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୨ଟି ଏବଂ ଗୁଡୁଙ୍କ ନାଁରେ ଗୋଟିଏ ମାମଲା ରହିଛି।

ପୋଲିସ ସୂଚନାନୁଯାୟୀ, ଗତ ୨୧ ତାରିଖରେ ୧ନମ୍ବର ହାଟରେ ପରିବା ବିକି ସାରି ମଧ୍ୟାହ୍ନରେ ନରେଶ ଘରକୁ ଫେରୁଥିଲେ। ଆଚାର୍ଯ୍ୟ ବିହାର ଛକରେ ସେ ଗାଡ଼ିକୁ ଅପେକ୍ଷା କରିଥିବା ସମୟରେ ବୁଦ୍ଧିରାମ ଓ ଗୁଡୁ ତାଙ୍କୁ ଅଟୋରେ ଯିବା ପାଇଁ ଡାକିଥିଲେ। କିଛି ବୁଝି ନ ପାରି ସେମାନଙ୍କ ଅଟୋରେ ବସିଥିଲେ ନରେଶ। ଅଟୋ ଚାଲିବାର କିଛି ସମୟ ପରେ ବୁଦ୍ଧିରାମ ଓ ଗୁଡୁ ଥଣ୍ଡା ପାନୀୟରେ ନିଶା ଔଷଧ ମିଶାଇ ନରେଶଙ୍କୁ ପିଇବାକୁ ଦେଇଥିଲେ। ଏହା ପିଇ ନରେଶ ଚେତାଶୂନ୍ୟ ହୋଇପଡ଼ିବାରୁ ଅଭିଯୁକ୍ତଦ୍ୱୟ ତାଙ୍କଠାରୁ ୪୨ ହଜାର ଟଙ୍କା ଲୁଟି ନେଇ ତାଙ୍କୁ କଟକର ଜଗତପୁର ବଜାରରେ ପକାଇ ଚମ୍ପଟ ମାରିବା ସହ ମୋବାଇଲ ଫୋନକୁ ମହାନଦୀରେ ଫିଙ୍ଗି ଦେଇଥିଲେ।

# ୬୨ ଟଙ୍କା ବଦଳରେ ଆସିଲା ୭.୬୬ କୋଟିର ବିଲ୍

ନୋଇଡା, ୩୧।୩






ଅନ୍‌ଲାଇନରେ କାର, ବାଇକ କିମ୍ବା ଅଟୋ ବୁକ୍ କରି ଉବର୍ ଆପ୍ ମାଧ୍ୟମରେ ଯାତ୍ରୀ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ଅତି ସହଜରେ ଯାଇପାରୁଥିବାରୁ ଭାରତରେ ଏହାକୁ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ତେବେ ଉତ୍ତରପ୍ରଦେଶର ନୋଇଡାରେ ଉବର୍ ରାଇଡ୍‌କୁ ନେଇ ଏକ ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି। ଉବର୍‌ର ଜଣେ ନିୟମିତ ଗ୍ରାହକ ଦୀପକ ତେନ୍‌ଗୁରିଆ ଏକ ଅଟୋ ରାଇଡ୍ ବୁକ୍ କରିଥିବା ବେଳେ ତାଙ୍କ ପାଖକୁ ୭.୬୬ କୋଟି ଟଙ୍କାର ବିଲ୍ ଆସିଛି। ସେ ଶୁକ୍ରବାର ଅଫିସ୍ ଯିବା ପାଇଁ ଉବର୍ ଅଟୋ ବୁକ୍ କରିଥିଲେ। ଗାଡ଼ି ବୁକ୍ କରିବା ସମୟରେ ତାଙ୍କୁ ବିଲ୍ ୬୨ ଟଙ୍କା ହୋଇଥିବା ଦେଖାଉଥିଲା, କିନ୍ତୁ ସେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ତାଙ୍କ ପାଖକୁ ଉବର୍ ପକ୍ଷରୁ ୭.୬୬ କୋଟିର ବିଲ୍ ଆସିଥିଲା। ଏହି ବିଲ୍ ଦେଖି ଦୀପକଙ୍କର ହୋସ୍ ଉଡ଼ିଯାଇଥିଲା। ବିଲ୍‌ରେ ଅଟୋ ଭଡ଼ା ବାବଦକୁ ୧.୬୭ କୋଟି ଟଙ୍କା ଚାର୍ଜ କରାଯାଇଥିବାବେଳେ ୱେଟିଂ ଚାର୍ଜ ବାବଦକୁ ୫.୯୯ କୋଟି ଟଙ୍କା ଚାର୍ଜ କରାଯାଇଛି। ତେବେ ପ୍ରମୋସନ୍ କଷ୍ଟ ବାବଦକୁ ଏହି ବିଲ୍‌ରେ ୭୫ ଟଙ୍କା ଛାଡ଼ କରାଯାଇଥିଲା। ସମ୍ପୂର୍ଣ୍ଣ ଘଟଣାକୁ ନେଇ ଦୀପକଙ୍କ ବନ୍ଧୁ ଆଶିଷ୍ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି। ଉକ୍ତ ଭିଡିଓରେ ୬୨ ଟଙ୍କାର ଅଟୋ ରାଇଡ୍ ବୁକ୍ କରିଥିବାରୁ ଉବର୍ ତାଙ୍କୁ କୋଟିପତି ଋଣୀ କରିଦେଇଥିବା ଦୀପକ କହିଛନ୍ତି। ତେବେ ଏହି ବିଲ୍‌ରେ କୌଣସି ଜିଏସ୍‌ଟି ଚାର୍ଜ ଲାଗି ନ ଥିବା ଦୀପକ ସୂଚନା ଦେଇଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ଉବର୍ ଇଣ୍ଡିଆ ପକ୍ଷରୁ ନିଜ ଆଧିକାରିକ 'ଏକ୍ସ' ହ୍ୟାଣ୍ଡେଲରେ ସମ୍ପୂର୍ଣ୍ଣ ଘଟଣା ପାଇଁ କ୍ଷମା ପ୍ରାର୍ଥନା ମଗାଯାଇଛି। ଏହି ତ୍ରୁଟି ନେଇ ଦୁଃଖ ପ୍ରକାଶ କରିବା ସହ ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମୂହ ବ୍ରତୋପନୟନ, ସ୍ଥାନ: ମନ୍ଦିର ପରିସର, ପୁରୁଣା ଭୁବନେଶ୍ୱର, ସମୟ: ସକାଳ ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରଫେସର ଡ. ପ୍ରାଣକୃଷ୍ଣ ପରିଜାଙ୍କ ୧୩୩ତମ ଜୟନ୍ତୀ, ସ୍ଥାନ: ଉତ୍କଳ ବିଶ୍ୱବିଦ୍ୟାଳୟ ପରିଜା ପାଠାଗାର ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ କାର୍ଯ୍ୟକ୍ରମ ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଜଭବନ ଛକ, ସମୟ: ସକାଳ ୮ଟା ୩୦। ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପାୱାର ହାଉସ ଛକ, ସମୟ: ସକାଳ ୯ଟା। ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଏଜି ଛକ, ସମୟ: ସକାଳ ୯ଟା ୩୦। ଉତ୍କଳ ଦିବସ ସମାରୋହ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଭିଏ-୯/୧, ଅଶୋକ ନଗର, ସମୟ: ସକାଳ ୧୦ଟା।
- ସିପିଆଇ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଓଡ଼ିଶା ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଭାଷା ପ୍ରତିଷ୍ଠାନର ୧୯ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ସବରରେ ଫଟୋଚିତ୍ର ପ୍ରଦର୍ଶନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଇ ସର୍ଭ ୟୁ ଅନୁଷ୍ଠାନ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ଆଇ ସର୍ଭ ୟୁ ସଭାଗୃହ, ୮ମ ମହଲା, ଏସ୍‌ଆର୍‌ବି ଟାୱାର, ସମୟ: ଅପରାହ୍ନ ୫ଟା।
- ସିଟିଜେନସ୍ ଫୋରମ୍ ପକ୍ଷରୁ ୮୯ତମ ଉତ୍କଳ ଦିବସ ଓ ଅନୁଷ୍ଠାନର ବାର୍ଷିକୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ଅପରାହ୍ନ ୫ଟା।
- ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକୋତ୍ସବ 'ବୈଶାଖୀ', ସ୍ଥାନ: ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ନିକଟ, ସମୟ: ଅପରାହ୍ନ ୫ଟା।

## ପୁରୀ

- ପୁରୀ ହରଚଣ୍ଡି ସାହି ଶିଶୁ ମନ୍ଦିର ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ପୁରୀ ବାର୍ ଆସୋସିଏଶନ୍ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ବାର୍ ଆସୋସିଏଶନ ପରିସର, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ପୁରୀ, ସମୟ: ସକାଳ ୮ଟା ୩୦।
- ଜିଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ପୁରୀ, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ ଉତ୍କଳ ଦିବସ ସମାରୋହ ଅବସରରେ ଆଲୋଚନାଚକ୍ର, ସ୍ଥାନ: ସଙ୍ଗୀତ ପରିଷଦ ପରିସର, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।

## କଟକ

- ନୁଆସାହି ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡସ୍ଥିତ ସ୍ୱାଗତିକା ବୃଦ୍ଧାଶ୍ରମ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଖୋର୍ଦ୍ଧା

- ୨୭ତମ ବାର୍ଷିକ ଷୋଡ଼ଶ ପ୍ରହର ଭାଗବତ ନାମଯଜ୍ଞ ଓ ସାଧୁମେଳାରେ ପୂର୍ଣ୍ଣାହୁତି ଏବଂ ନଗର କୀର୍ତ୍ତନ, ସ୍ଥାନ: ପାନନଗର, ରାଜସୁନାଖଳା ଶୂନ୍ୟଆଶ୍ରମ ଭାଗବତ ସେବାସଦନ ପରିସର(ବୋଲଗଡ଼), ସମୟ: ପ୍ରାତଃ ୫ଟା।

## ବ୍ରହ୍ମପୁର

- ପୂଜ୍ୟ ପୂଜା ସମିତି ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ଗାନ୍ଧୀନଗର,ସମୟ:ସକାଳ ୭ଟା ୨୫ ମିନିଟ।
- ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: ଏମକେସିଜି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପରିସର,ସମୟ: ସକାଳ ୭.୩୦ ମିନିଟ୍।

## ଗଞ୍ଜାମ

- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ବେଲଗୁଣ୍ଠା ବ୍ଲକ ତନରଡା ଆଇ ଆର୍ ବି କ୍ୟାମ୍ପ, ସମୟ: ସକାଳ ୭ ଟା।
- ଦଣ୍ଡ ନାଚ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବ୍ଲକ ଗାଲେରୀ, ସମୟ: ସକାଳ ୮ ଟା।
- ଉତ୍କଳ ଦିବସ ପାଳନ, ସ୍ଥାନ: ଭଞ୍ଜନଗର ଉପ ଜିଲ୍ଲାପାଳ କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।

## କନ୍ଧମାଳ

- ପୋଲିସ ଦିବସ,ସ୍ଥାନ:ପୋଲିସ ରିଜର୍ଭ ପଡିଆ ଫୁଲବାଣୀ, ସମୟ:ସକାଳ ୮ ଟା।

## ଗଜପତି

- ଓଡ଼ିଶା ଦିବସ, ସ୍ଥାନ:ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୭ଟା।
- ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ସମୟ: ସକାଳ ୮ଟା।

## ଢେଙ୍କାନାଳ

- ଜିଲା ପ୍ରଶାସନ ପକ୍ଷରୁ ଉତ୍କଳ ଦିବସ, ସ୍ଥାନ: ସଦ୍‌ଭାବନା ଗୃହ,
- ସମୟ: ସକାଳ ୮ଟା ୪୫।
- ୮୯ତମ ପୋଲିସ ପ୍ରତିଷ୍ଠା ଦିବସ, ସ୍ଥାନ: ରିଜର୍ଭ ପୋଲିସ ଲାଇନ ପଡିଆ ଢେଙ୍କାନାଳ, ସମୟ: ସକାଳ ୮ଟା।
- ଶ୍ରୀଶ୍ରୀ ରାଧାକୃଷ୍ଣଜୀଉଙ୍କ ସାତଦୋଳ ଉତ୍ସବ, ସ୍ଥାନ: ଯଦୁପତି ବିହାର ଜୁବୁଲି ଟାଉନ ଢେଙ୍କାନାଳ, ସମୟ: ଅପରାହ୍ନ ୩ଟା

## ଅନୁଗୋଳ

- ଆମ ପ୍ରତିଭା ଆମ ସମ୍ମାନ ଅନୁଷ୍ଠାନ ପକ୍ଷରୁ ମହାପୁରୁଷ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଅନୁଗୋଳ, ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର

- ମା'ମାହେଶ୍ୱରୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ହୋମଯଜ୍ଞ, ସ୍ଥାନ: ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ମହିରା ଗ୍ରାମ, ସମୟ: ସକାଳ ୯ଟା ୩୦।

## କେନ୍ଦ୍ରାପଡ଼ା

- ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍ଥାନ:ପଟ୍ଟାମୁଣ୍ଡାଇ ସହର ଅଡିଟୋରିଅମ, ସମୟ:ପୂର୍ବାହ୍ନ ୧୦ଟା।
- ମହାକାଳପଡ଼ା ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡି ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍ଥାନ:ବିଜେଡି କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ:ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍ଥାନ:ଜିଲା କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ୪୭ ତମ ରାଧାକୃଷ୍ଣ ଜୀଉ ମେଳଣ ଉତ୍ସବ, ସ୍ଥାନ: ବ୍ୟାସନଗରସ୍ଥିତ କୋପଣ୍ଡ ଗ୍ରାମ, ସମୟ: ପ୍ରାତଃ ୫ଟା।
- ଲାୟନ୍ସ କ୍ଲବ ଯାଜପୁରରୋଡ୍ ଷ୍ଟିଲସିଟି ପକ୍ଷରୁ ଓଡ଼ିଶା ଦିବସ ପାଳନ, ସ୍ଥାନ: ବ୍ୟାସନଗର ଉତ୍କଳ ସେଣ୍ଟର ପଏଣ୍ଟ, ସମୟ: ସକାଳ ୬ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳର ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।

## ସମ୍ବଲପୁର

- ଓଡ଼ିଶା ଦିବସ ଅବସରରେ ଜିଲା ପ୍ରଶାସନ ପକ୍ଷରୁ ଶହୀଦସ୍ତମ୍ଭରେ ମାଲ୍ୟାର୍ପଣ, ସ୍ଥାନ: କଚେରୀ ଛକ ସ୍ଥିତ ଶହୀଦ ସ୍ତମ୍ଭ, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ଓଡିଶା ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ ସଭାକକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦୁଇଦିନିଆ ଭାରତୀ ଉତ୍ସବ, ସ୍ଥାନ:ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଡଙ୍ଗରାପଡା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

## ବଲାଙ୍ଗୀର

- ୮୯ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ବଲାଙ୍ଗୀର ରିଜର୍ଭ ପୋଲିସ ପଡିଆ, ସମୟ:ସକାଳ ୮ଟା।
- ଓଡ଼ିଶା ଦିବସ ପାଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଟାବାଞ୍ଜି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୮ଟା ୩୦।
- ୨୪ପ୍ରହର ନାମଯଜ୍ଞର ନାମାରମ୍ଭ, ସ୍ଥାନ: ଦେଓଗାଁ ବ୍ଲକ ଉଡାର ପଞ୍ଚାୟତର ବାବିଜୋର, ସମୟ: ସକାଳ ୯ଟା।
- ଫିଜିଓ ଥେରାପି ଶିବିର, ସ୍ଥାନ: ପଞ୍ଚାୟତି ଧର୍ମଶାଳା ଟିଟିଲାଗଡ଼,ସମୟ: ସକାଳ ୯ଟା।
- ଅଲେଖ ମହିମା ବ୍ରାହ୍ମଯଜ୍ଞ, ସ୍ଥାନ: ମୁରିବାହାଲ ବ୍ଲକ ବଙ୍ଗେଲ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟନ, ସ୍ଥାନ: ଖପ୍ରାଖୋଲ, ସମୟ: ପୂର୍ବାହ୍ନ ୧୦ଟା।
- ମା' ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ ଟିଟିଲାଗଡ଼ ବନାମ ମୁରିବାହାଲ, ସ୍ଥାନ: ମୁରିବାହାଲ ବ୍ଲକ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା।

## ସୁବର୍ଣ୍ଣପୁର

- ୮୯ତମ ପୋଲିସ ପ୍ରତିଷ୍ଠା ଦିବସ ପାଳନ ଉତ୍ସବ,ସ୍ଥାନ: ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆ,ସମୟ: ସକାଳ ୮ଟା ।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଉତ୍କଳ ଦିବସ ପାଳନ ଓ ଶିଶୁ ସମ୍ପଦ କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୮ଟା।
- ବହଳପଦର ପ୍ରିମିଅର ଲିଗ କ୍ରିକେଟର ଚତୁର୍ଥ ଦିବସ, ସ୍ଥାନ: ବହଳପଦର ଖେଳପଡିଆ,ବୀରମହାରାଜପୁର, ସମୟ: ସକାଳ ୮ ଟା।
- ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ବଡ଼ବର୍ଡ଼ାକଟା ଗ୍ରାମ,ବୀରମହାରାଜପୁର, ସମୟ: ସକାଳ ୯ ଟା।
- ଜିଲାସ୍ତରୀୟ ଓଡିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ ସମାରୋହ,ସ୍ଥାନ: ସୋନପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଝାମୁଯାତ୍ରା, ସ୍ଥାନ: ଅଡାଲ ଗ୍ରାମ,ବୀରମହାରାଜପୁର, ସମୟ: ଅପରାହ୍ନ ୩ ଟା।
- ମହିଷାସୁର ଦରବାରର ଉଦ୍‌ଘାଟନ ସମାରୋହ, ସ୍ଥାନ: ବଡ଼ବର୍ଡ଼ାକଟା, ବୀରମହାରାଜପୁର,ସମୟ: ସନ୍ଧ୍ୟା ୭ ଟା।

## ରାଉରକେଲା

- ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍କଳ ଦିବସ ପାଳନ, ସ୍ଥାନ: ପାନପୋଷ,ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା।
- ଗୋପବନ୍ଧୁ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଉତ୍କଳ ଦିବସ ପାଳନ, ସ୍ଥାନ: ସୋନ ପରବତ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ମାର୍ଟ ଲେଡିଜ କ୍ଲବ ପକ୍ଷରୁ ୮୯ତମ ଉତ୍କଳ ଦିବସ ପାଳନ, ସ୍ଥାନ: ରାଉରକେଲା ପ୍ରେସ କ୍ଲବ, ସମୟ: ସନ୍ଧ୍ୟା ୬ଟା।
- ଆର୍‌ଏସ୍‌ପି ରିଟାୟାର୍ଡ ଆସୋସିଏଶନର ପ୍ରତିଷ୍ଠା ଦିବସ, ସ୍ଥାନ: କୋଏଲନଗର ଅବସର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଦିବସ ପାଳନ, ସ୍ଥାନ: ଉଦିତନଗର ପରେଡ଼ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜ୍ଞାନାଲୋକ ପକ୍ଷରୁ ଜଳଛତ୍ର, ସ୍ଥାନ: ସେକ୍ଟର-୧୯ ଆମ୍ବାଗାନ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଉରକେଲା ଉଜ୍ଜ୍ୱଳ ତାରକା ପ୍ରତିଯୋଗିତା, ସ୍ଥାନ: ସିଭିଲଟାଉନଶିପ୍, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼

- ଜିଲା ସ୍ତରୀୟ ଓଡ଼ିଆ ଦିବସ ପାଳନ,ସାଧାରଣ ସଭା,ସ୍ଥାନ: ସଂସ୍କୃତି ଭବନ,ସମୟ: ସନ୍ଧ୍ୟା ୫ଟା୩୦।
- ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଓଡ଼ିଶା ଦିବସ ପାଳନ ସମାରୋହ,ସ୍ଥାନ:ରେଭେନ୍ୟୁ କଲୋନୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟ,ସମୟ,ପୂର୍ବାହ୍ନ:୧୦ଟା।
- ଟେନ୍‌ସା ନୀଳଚକ୍ର ତରଫରୁ ଉତ୍କଳ ଦିବସ ପାଳନ,ସ୍ଥାନ: ଇସ୍ପାତ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼

- ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା ୩୦।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଖୁଣ୍ଟପାଲି, ଗାଇସିଲେଟ୍, ସମୟ: ସକାଳ ୭ଟା।
- ମାଁ କୈଳାସୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଚୂଳଧର, ଅତାବିରା, ସମୟ: ସକାଳ ୮ଟା।
- ମାରୱାଡି ଧର୍ମଶାଳା ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସରେ ପୂଜାପାଠ, ସ୍ଥାନ: ଗୋଡଭଗା, ସମୟ: ସକାଳ ୯ଟା।

## କଳାହାଣ୍ଡି

- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ, ଜିଲାସ୍ତରୀୟ ସମାରୋହ, ସ୍ଥାନ: ଭବାନୀପାଟଣା ରିଜର୍ଭ ପଡିଆ, ସମୟ: ସକାଳ ୮ଟା
- କର୍ଲାମୁଣ୍ଡା ବ୍ଲକ ଝାରମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଉତ୍କଳ ଦିବସ ପାଳନ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ରକ୍ତଦାନ ଶିବିର, ସ୍ଥାନ: ନୂଆପଡା ବ୍ଲକ ମୋହରାଡିହି କ୍ଲଷ୍ଟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗିଧିନିପାନି, ସମୟ: ସକାଳ ୮ଟାରୁ ଆରମ୍ଭ।
- ୮୯ତମ ଓଡ଼ିଶା ଦିବସ ପାଳିତ, ସ୍ଥାନ: ନୂଆପଡା ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୮ଟା୪୦।
- ୩୨ତମ ଜିଲା ପ୍ରତିଷ୍ଠା ଦିବସ ପାଳିତ, ସ୍ଥାନ: ନୂଆପଡା ସଦର ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- କୋମନା ବ୍ଲକ ତରବୋଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ପଞ୍ଚାୟତ ବିଶ୍ୱନାଥପୁର, ସମୟ: ସକାଳ ୭ଟା୩୦।

## ବୌଦ୍ଧ

- ମହିବାହଲ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ମହିବାହଲ, ହରଭଙ୍ଗା, ସମୟ : ସକାଳ ୬ ଟା ।
- ମନୁପାଲିଠାରେ ଷୋଡଶ ବରକନିଆଁ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ହନୁମାନ ମନ୍ଦିର, ବରକନିଆଁ ମନୁପାଲି,ବୌଦ୍ଧ, ସମୟ: ସନ୍ଧ୍ୟା ୭ ଟା।

## ଦେବଗଡ଼

- ଜିଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ବନ୍ଦେ ଉତ୍କଳ ଜନନୀ ଗାନ, ସ୍ଥାନ: ଦେବଗଡ଼ ସହର, ସମୟ:ଭୋର ୪ଟା୩୦।
- ଜିଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ସହରରେ ଥିବା ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଦେବଗଡ଼ ସହର, ସମୟ ସକାଳ ୮ଟା୩୦।
- ଜିଲା ସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ସାଧାରଣ ସଭା, ପୁରସ୍କାର ବିତରଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଓ ପ୍ୟାରେଟ, ସ୍ଥାନ:ରିଜର୍ଭ ପୋଲିସ ପଡ଼ିଆ,ସମୟ:ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାଶ୍ୟାଧିପ ଶନିଙ୍କ ସହ ଅବସ୍ଥାନ କରିଥିବାରୁ ନିଜର ତଥା ସନ୍ତାନଙ୍କ ସ୍ୱାସ୍ଥ୍ୟ ସକାଶେ ପ୍ରତିକୂଳ ପ୍ରଭାବ ପଡିପାରେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ ଏବଂ ରାଜନୀତି, ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ** ଚନ୍ଦ୍ର ଅଷ୍ଟମ ସ୍ଥାନସ୍ଥ ଯୋଗୁ ଭାଇ, ବନ୍ଧୁ, କୁଟୁମ୍ବ ତଥା ପଡୋଶୀଙ୍କ ସହ ମତପାର୍ଥକ୍ୟ ସୃଷ୍ଟି ହୋଇପାରେ। ଘର, ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବାକୁ ବାଧ ହେବେ। ମାଲିମକଦ୍ଦମା, ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି।

**ମିଥୁନ** ଏକାଦଶସ୍ଥ ବୁଧ ଲାଭାଧିପତିଙ୍କ ସଂଯୋଗରେ ଥିବାରୁ ଠିକ୍ ନିଷ୍ପତ୍ତି ନେଇ ପ୍ରଶଂସିତ ହେବେ। ରାଶ୍ୟାଧିପତି ଓ ସପ୍ତମାଧିପତି ଏକତ୍ର ଅବସ୍ଥାନ କରୁଥିବାରୁ ବିବାଦୀୟ ସ୍ଥିତିରେ ସମାଧାନର ଆଶା ରହିଛି। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଘରେ ବନ୍ଧୁଙ୍କ ଭିଡ଼ ଜମିବ। କର୍ମ କ୍ଷେତ୍ରର ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ସମ୍ଭାବନା ରହିଛି।

**କର୍କଟ** ଷଷ୍ଠସ୍ଥ ଚନ୍ଦ୍ର ଗୁରୁ ଦୃଷ୍ଟସ୍ଥ ଯୋଗୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ କଟିବ। ପରିବାରରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ନରମି ରହି ପାରିଲେ ହିଁ ସୁଫଳ ପାଇବେ। କର୍ମକ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କଲେ ଅଶାନ୍ତିକୁ ଆମନ୍ତ୍ରଣ କରିବେ। ଆଜି କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି।

**ସିଂହ** ଉଚ୍ଚାରୋହୀ ରବି ପାପଗ୍ରହ ରାହୁଙ୍କ ସହ କର୍ମକ୍ଷେତ୍ରକୁ ବିବାଦୀୟ କରିପାରନ୍ତି। କେତୁଙ୍କ କୁପ୍ରଭାବରୁ ଅର୍ଥସମ୍ପର୍କକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରି କୃତକାର୍ଯ୍ୟ ହେବେ। ବନ୍ଧୁଙ୍କ ସହ ଆଲୋଚନାକ୍ରମେ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି କରିବେ।

**କନ୍ୟା** ମୁଖଭାବକୁ ବୁଧଙ୍କ ଦୃଷ୍ଟିଥିବାରୁ ଆପଣଙ୍କ କଠୋର ଭାଷା ଓ ବ୍ୟବହାର, ପାରିବାରିକ କ୍ଷେତ୍ରକୁ ସମସ୍ୟା ବହୁଳ କରି ଦେଇପାରେ। ଶନିଙ୍କ ପ୍ରଭାବରେ ଆଇନର ସହାୟତା ପାଇବେ ଓ ମାଲିମକଦ୍ଦମାର ରାୟ ସପକ୍ଷରେ ଯାଇପାରେ। ବନ୍ଧୁଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବାର ସୂଚନା ରହିଛି।

**ତୁଳା** କର୍ମାଧିପ ଧନଭାବସ୍ଥ ଯୋଗୁ ବୈଷୟିକ ଅଭିବୃଦ୍ଧିଜନିତ ଖୁସି ଅନୁଭବ କରିବେ। ବନ୍ଧୁଙ୍କ ବ୍ୟବହାରକୁ ନେଇ ମନରେ କ୍ରୋଧ ଜାଗ୍ରତ ହେଲେ ମଧ ମୁହଁରେ କିଛି କହି ପାରିବେ ନାହିଁ। ଖଳଲୋକଙ୍କ ପ୍ରାୟୋଜିତ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ସମ୍ପର୍କୀୟଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ବିଛା** ପାରିବାରିକସ୍ଥିତି ଅଶାନ୍ତ ରହିଥିଲେ ମଧ ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ ମଧୁର ବ୍ୟବହାରରେ ପରିବର୍ତ୍ତନ ହେବନାହିଁ। ଆଜି ଆପଣଙ୍କ ପ୍ରତ୍ୟେକ ପରିସ୍ଥିତି ସୁଧୁରି ଯିବ, ଯାହାର ଝଲକ ଆଜିହିଁ ପାଇଯିବେ। ଲେଖାପଢାରୁ, କଳା, ସାହିତ୍ୟରେ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଗୃହସୀମାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ପ୍ରଭାବରେ ବିଭିନ୍ନ କାରଣକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। କୋଣଭାବସ୍ଥ ଗୁରୁଙ୍କ ଯୋଗୁ ଆପଣଙ୍କ କୃତି ଓ କୃତିତ୍ୱ ଲୋକ ପ୍ରିୟତାକୁ ବୃଦ୍ଧି କରିବ। କେତେକ ନୂତନ କାମର ପରିକଳ୍ପନା ସାଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରି ପାରନ୍ତି। ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ମକର** ଦ୍ୱିତୀୟସ୍ଥ ଶନି ସହ ମଙ୍ଗଳଙ୍କ ସ୍ଥିତି ହେତୁ ଆପଣଙ୍କ ରୋକ୍‌ଠୋକ୍ କଥା ପରିବାର ସଦସ୍ୟଙ୍କୁ ଆଘାତ ଦେବ। ଗୁରୁଙ୍କ କୃପାରୁ ବନ୍ଧୁଙ୍କ ସହ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ସମ୍ଭାବନା ରହିଛି। ଶୁକ୍ରଯୁକ୍ତ ରାହୁଙ୍କ ଯୋଗୁ କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଯାତ୍ରା, ବାଣିଜ୍ୟ କ୍ଷେତ୍ରରେ ବିଶେଷ ଉନ୍ନତି କରିବେ।

**କୁମ୍ଭ** ସ୍ୱରାଶିସ୍ଥ ଶନି ଚତୁର୍ଥାଧିପ ଯୁକ୍ତ ହେତୁ ଯାନବାହନ, ଜମିଜମା, ଗୃହନିର୍ମାଣ କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ ପାଇଁ ମନ ବଳାଇପାରନ୍ତି। ପିଲାମାନଙ୍କ ସମସ୍ୟା ମନକୁ ବିଚଳିତ କରିବ। ଶ୍ରବଣା ନକ୍ଷତ୍ରର କାମ ହାସଲ ନ ହେବା କାରଣରୁ ବନ୍ଧୁଙ୍କୁ ଦାୟୀ କରିପାରନ୍ତି। ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହୋଇପାରେ।

**ମୀନ** ରବି ଓ ରାହୁଙ୍କ ପ୍ରଭାବରେ ରାଜନୈତିକ ସ୍ତରରେ ଆପଣଙ୍କ ପ୍ରଭାବ ପ୍ରଣିଧାନଯୋଗ୍ୟ ହୋଇପାରେ। ଶନି ଦୃଷ୍ଟ ଗୁରୁଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କଲେ ମଧ କୌଣସି କାମ ଅଟକିବ ନାହିଁ। ଆଜି କଥା ଓ କାମରେ ସମସ୍ତଙ୍କୁ ଖୁସି କରାଇବାରେ ସମର୍ଥ ହେବେ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟିର ଆଶଙ୍କା ରହିଛି।

ଆଜି ଓଡ଼ିଶା ଦିବସ, ଏପ୍ରିଲ ୧ ତାରିଖ, ନୂତନ ଆର୍ଥିକ ବର୍ଷ ଆରମ୍ଭ, ଚୈତ୍ର କୃଷ୍ଣ ସପ୍ତମୀ ସୋମବାର, ରାଶିନକ୍ଷତ୍ର-ମୂଳା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୩ ଗତେ, ଘ.୦୭।୧୫ ମଧ୍ୟେ, ଘ.୧୦।୩୭ ଗତେ, ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭।୧୫ ଗତେ, ଘ.୦୮।୪୭ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...



କ୍ରେନ୍ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କରକୁ ଉଠାଯାଉଛି।

## ଓଲଟିଲା ଗ୍ୟାସ୍ ...

ବଡ଼ଘାଟି ରାସ୍ତାରେ ଯାଉଥିବା ବେଳେ ଚାଳକ ଭୁଲ୍‌ବଶତଃ ଖଲ୍ଲିକୋଟ ଗଡାଣିଆ ରାସ୍ତାକୁ ଗାଡି ବୁଲାଇ ଦେଇଥିଲେ। ଫଳରେ ଗାଡିଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଓଲଟି ପଡିଥିଲା। ଟ୍ୟାଙ୍କରରୁ ଗ୍ୟାସ ଲିକ୍ ହେଉଥିବା ଖବରପାଇ ଖଲ୍ଲିକୋଟ ଥାନାଧିକାରୀ ନରେଶ କୁମାର ସାହୁ, ଛତ୍ରପୁର ଏସ୍‌ଡିପିଓ ଗୌରହରି ସାହୁ ଓ ଖଲ୍ଲିକୋଟ, ରମ୍ଭା ଏବଂ ଛତ୍ରପୁରରୁ ଅଗ୍ନିଶମ ବାହିନୀ ସେଠାରେ ପହଞ୍ଚିଥିଲେ। ପ୍ରତି ୨୦ ମିନିଟରେ ଥରେ ଅଗ୍ନିଶମ ବାହିନୀ ଗ୍ୟାସ ଟ୍ୟାଙ୍କର ଉପରେ ନିକଟସ୍ଥ ପୋଖରୀରୁ ପାଣି ସ୍ପ୍ରେ କରୁଥିଲେ। ବିପଦ ଆଶଙ୍କା ଥିବାରୁ ନିକଟସ୍ଥ କାଠଗଡା ଗ୍ରାମକୁ ବିଦ୍ୟୁତ ସରବରାହ ବନ୍ଦ କରି ଦିଆଯାଇଥିଲା। ଗ୍ରାମବାସୀଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ଖଲ୍ଲିକୋଟ ଏବଂ କେଶପୁରଠାରୁ ଉକ୍ତ ରାସ୍ତା ଦେଇ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିଲା। ଖୋର୍ଦ୍ଧାରୁ ଭାରତ ଗ୍ୟାସ କମ୍ପାନୀ କର୍ମଚାରୀ ପହଞ୍ଚି ଗ୍ୟାସ ଲିକେଜ ବନ୍ଦ କରିଥିଲେ। ଖଲ୍ଲିକୋଟ ତହସିଲଦାର ଶ୍ରୀକୁମାର ରଥ, ଜିଲା ଆସିଷ୍ଟାଣ୍ଟ ଫାୟାର ଅଫିସର ଶିଶିର କାନ୍ତ ସିଂ ପ୍ରମୁଖ ମଧ୍ୟ ସେଠାରେ ପହଞ୍ଚିଥିଲେ। ୪ଟି କ୍ରେନ ଦ୍ୱାରା ୬ ଘଣ୍ଟାର ଉଦ୍ୟମ ପରେ ଗ୍ୟାସ ଟ୍ୟାଙ୍କରକୁ ସିଧା କରାଯାଇଥିଲା। ଏହାପରେ ଆଉ କୌଣସି ବିପଦ ନ ଥିବା କୁହାଯାଇଥିଲା। ପରେ ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଛି।

## ୨ରୁ ପ୍ରଚଣ୍ଡ ...

୪ ତାରିଖରେ ଆଭ୍ୟନ୍ତରୀଣ ଓଡ଼ିଶା ଜଳିବ। ଦିନର ତାପମାତ୍ରା ୪୦ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରେକର୍ଡ ହେବା ସହ ରାତ୍ରୀର ତାପମାତ୍ରା ବି ସ୍ୱାଭାବିକଠାରୁ ୫ରୁ ୬ ଡିଗ୍ରୀ ସେଲସିୟସ୍ ଉପରେ ରହିବ। ଫଳରେ ଅସମ୍ଭାଳ ସ୍ଥିତି ସୃଷ୍ଟି ହେବ। ଘୂର୍ଣ୍ଣବଳୟ ଏବଂ ନିମ୍ନ ଚାପରେଖା ପ୍ରଭାବରେ ଯଦିଓ ରାଜ୍ୟର ଅଧିକାଂଶ ସହରରେ ହାଲୁକା ବର୍ଷା ହୋଇଛି, କିନ୍ତୁ ତାତି ପୁଣି ବଢ଼ିବ। ବିଶେଷକରି ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ବରଗଡ଼, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ନୟାଗଡ଼, ଖୋର୍ଦ୍ଧା ଏବଂ ଗଜପତିରେ ତାତି ୪୦ ଡିଗ୍ରୀ ରହିପାରେ। ୬ ଏବଂ ୭ ତାରିଖ ବେଳକୁ ପୁଣି ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟର ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ହାଲୁକା ବର୍ଷା ସହ କିଛି ସ୍ଥାନରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

## ସିୟୁଇଟି ୟୁଜି ...

ରେଗୁଲାର ଚେକ୍ କରିବା ପାଇଁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଆଧାର ସମ୍ପର୍କିତ ସମସ୍ୟା ଦେଖାଯିବାରୁ ଆବେଦନ ସମୟରେ ଛାତ୍ରୀଛାତ୍ରମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେଣୁ ଏହାକୁ ଦୃଷ୍ଟିରେ ରଖି ଏନ୍‌ଟିଏ ଆବେଦନ ଅବଧି ବୃଦ୍ଧି କରିଥିବା ଜଣାପଡ଼ିଛି।

## 'ଇଣ୍ଡିଆ'ର ଶକ୍ତି ...

ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆର୍‌ଜେଡିର ତେଜସ୍ୱୀ ଯାଦବ ଏବଂ ଟିଏମ୍‌ସିର ଡେରେକ୍ ଓ'ବ୍ରାଏନ୍ ପ୍ରମୁଖ ଯୋଗଦେଇ ନିଜ ନିଜ ମତ ଉପସ୍ଥାପନ କରିଛନ୍ତି। ରାହୁଲ କହିଛନ୍ତି, ପ୍ରଧାନମନ୍ତ୍ରୀ ଲୋକ ସଭା ନିର୍ବାଚନରେ ମ୍ୟାଚ୍ ଫିକ୍ସିଂ କରିବାକୁ ଚାହୁଁଛନ୍ତି। ଏଥିରେ ସଫଳ ହେଲେ ଦେଶର ସମ୍ବିଧାନକୁ ସେ ବଦଳାଇ ଲୋକଙ୍କ ଅଧିକାରଗୁଡ଼ିକୁ ଛଡ଼ାଇନେବେ। ଯେତେବେଳେ ଅମ୍ପାୟର ଓ କ୍ୟାପ୍‌ଟେନଙ୍କ ଉପରେ ଚାପ ପଡ଼େ, ସେତେବେଳେ ଖେଳାଳିମାନଙ୍କୁ କିଣାଯାଇଥାଏ। ଏହାକୁ ମ୍ୟାଚ୍ ଫିକ୍ସିଂ କୁହାଯାଏ। ଭାଜପାର '୪୦୦ ପାର୍' ସ୍ଲୋଗାନ୍ ମ୍ୟାଚ୍ ଫିକ୍ସିଂ ବିନା ସମ୍ଭବ ନୁହେଁ। ଲୋକ ସଭା ନିର୍ବାଚନ ପୂର୍ବରୁ ଆମର ଦୁଇଜଣ ପ୍ଲେୟାରଙ୍କୁ ମୋଦି ଗିରଫ କରାଇ ମ୍ୟାଚ୍ ଫିକ୍ସିଂ ଉଦ୍ୟମ ଚଳାଇଛନ୍ତି ବୋଲି ରାହୁଲ ସମାଲୋଚନା କରିଛନ୍ତି। ପ୍ରିୟଙ୍କାଙ୍କ ମତରେ ଭାଜପା ଅଗଣତାନ୍ତ୍ରିକ ପ୍ରତିବନ୍ଧକ ସୃଷ୍ଟି କଲେ ମଧ ଇଣ୍ଡିଆ ବ୍ଲକ୍‌ର ବିଜୟ ହେବ। ନିର୍ବାଚନ କମିଶନ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଦୁରୁପଯୋଗକୁ ରୋକିବା ଉଚିତ ବୋଲି ପ୍ରିୟଙ୍କା କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍‌ଙ୍କ ସ୍ତ୍ରୀ କଳ୍ପନା ସୋରେନ୍ ମଧ ସଭାକୁ ସମ୍ବୋଧିତ କରି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। ସଭାକୁ ସମ୍ବୋଧିତ କରି କଳ୍ପନା ସୋରେନ୍ କହିଛନ୍ତି, ଦେଶର ୫୦% ଜନସଂଖ୍ୟା ମହିଳା ଏବଂ ୯% ହେଉଛନ୍ତି ଆଦିବାସୀ। ତେଣୁ ସେ ଏହି ରାଲିରେ ଉପସ୍ଥିତ ହୋଇଛନ୍ତି। ସଂଘର୍ଷ ଓ ତ୍ୟାଗକୁ ନେଇ ଆଦିବାସୀଙ୍କ ଏକ ଲମ୍ବା ଇତିହାସ ରହିଛି। ସ୍ୱେଚ୍ଛାଚାରୀ ଶକ୍ତିଗୁଡ଼ିକ ଗଣତନ୍ତ୍ରକୁ ଆକ୍ରମଣ ଉଦ୍ୟମ ଚଳାଇଛନ୍ତି। ଆଜିର ସମାବେଶ ଏହାର ପ୍ରମାଣ। ଏନ୍‌ଡିଏ ସରକାର ବାବାସାହେବଙ୍କ ସମ୍ବିଧାନରେ ପ୍ରଦତ୍ତ ଗ୍ୟାରେଣ୍ଟିଗୁଡ଼ିକୁ ନଷ୍ଟ କରିଦେଇଛି। ସେମାନେ ଗୋଟିଏ ପରେ ଗୋଟିଏ ସାମ୍ବିଧାନିକ ଅନୁଷ୍ଠାନକୁ ବିଧ୍ୱସ୍ତ କରିବାରେ ଲାଗିଛନ୍ତି। ତେଣୁ ନିର୍ବାଚନରେ ଲୋକେ ଭାବିଚିନ୍ତି ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରନ୍ତୁ ବୋଲି କଳ୍ପନା ଆହ୍ୱାନ ଦେଇଛନ୍ତି। ଇଡି ହାଜତରୁ କେଜ୍‌ରିୱାଲ ପଠାଇଥିବା ଏକ ଚିଠିକୁ ସୁନୀତା ପଢ଼ି ଶୁଣାଇଛନ୍ତି।

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିଛନ୍ତି, ମୋଦି ସରକାରଙ୍କ ଅଧୀନରେ ବର୍ତ୍ତମାନ ଦେଶରେ ଏକଛତ୍ରବାଦ ଚାଲିଛି। ଦେଶବାସୀ ଭାଜପାକୁ କ୍ଷମତାଚ୍ୟୁତ କରିବା ସମୟ ଆସିଯାଇଛି। ଆମେ ନିର୍ବାଚନ ପ୍ରଚାର କରିବା ପାଇଁ ନୁହେଁ, ବରଂ ଗଣତନ୍ତ୍ରକୁ ବଞ୍ଚାଇବାକୁ ଆସିଛୁ। ଏମାନେ ବିରୋଧୀଙ୍କ ନାମରେ ଅଭିଯୋଗ ଆଣି ଜେଲ ପଠାଉଛନ୍ତି। ଦେଶରେ କେଉଁ ପ୍ରକାର ସରକାର ଚାଲିଛି ବୋଲି ଉଦ୍ଧବ ପ୍ରଶ୍ନ କରିଛନ୍ତି। ଭାଜପା ଇଡି, ସିବିଆଇ ଏବଂ ଆଇଟି ବିଭାଗର ଦୁରୁପଯୋଗ କରୁଛି। ଏହି ୩ ଏଜେନ୍ସିକୁ ଶାସକ ଦଳ ମେଣ୍ଟ ସହଯୋଗୀ ଘୋଷଣା କରିବା ଉଚିତ ବୋଲି ଉଦ୍ଧବ ସମାଲୋଚନା କରିଛନ୍ତି। ଆପ୍‌ର ଦିଲ୍ଲୀ ଆବାହକ ଗୋପାଳ ରାଏ କହିଛନ୍ତି, ପୂର୍ବରୁ ରାମଲୀଲା ମଇଦାନରେ ଅନେକ ଥର ଦେଶର ଭାଗ୍ୟ ନିର୍ଦ୍ଧାରଣ ହୋଇଛି। ଦେଶ ଉପରେ ଯେତେବେଳେ ବି ସଙ୍କଟ ଦେଖାଦେଇଛି ଏହି ଐତିହାସିକ ସ୍ଥାନରୁ ହିଁ ସ୍ୱର ଉଠିଛି। ଭାଜପା ଲୋକ ସଭା ନିର୍ବାଚନ ଜିତିଗଲେ ଏହାର ଦୁଷ୍ପରିଣାମ ଦେଶକୁ ଭୋଗିବାକୁ ପଡ଼ିବ। ତେଣୁ ସମସ୍ତଙ୍କ ପାଇଁ 'କର ବା ମର' ସ୍ଥିତି ଉପୁଜିଥିବା ସେ କହିଛନ୍ତି।

ବିହାରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ କହିଛନ୍ତି, ମୋଦିଙ୍କ ଗ୍ୟାରେଣ୍ଟି ଚାଇନା ମାଲ ସଦୃଶ। ଏହି ଚାଇନା ସାମଗ୍ରୀଗୁଡ଼ିକ କେବଳ ନିର୍ବାଚନ ପାଇଁ ଉଦ୍ଦିଷ୍ଟ। ଭୋଟ ସରିଗଲେ ଏହା ମୂଲ୍ୟହୀନ ହୋଇଯିବ। ତେଣୁ ଭାଜପାର ମିଥ୍ୟା ପ୍ରଚାର ଅଭିଯାନକୁ ଲୋକେ ବିଶ୍ୱାସ କରନ୍ତୁ ନାହିଁ ବୋଲି ସେ କହିଛନ୍ତି। ଏଥିସହ ଦେଶରେ ଅଘୋଷିତ ଏମର୍ଜେନ୍ସି ଜାରି ହୋଇଥିବା କହି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କହିଛନ୍ତି, କେଜ୍‌ରିୱାଲଙ୍କ ଗିରଫଦାରିକୁ ନେଇ ଭାଜପାକୁ ସାରା ବିଶ୍ୱରେ ସମାଲୋଚନା କରାଯାଉଛି। ଭାଜପା କ୍ଷମତାଚ୍ୟୁତ ହେବା ଭୟରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ଲଗାଇ ବିରୋଧୀଙ୍କୁ ହଇରାଣ କରୁଛି।


ଭାରତ ନିର୍ବାଚନ ଆୟୋଗ
Election Commission of India
ନିର୍ବାଚନର ପର୍ବ
ଦେଶର ଗର୍ବ
ସାଧାରଣ ନିର୍ବାଚନ - ୨୦୨୪
ଗର୍ବର ସହ
ମତଦାନ କରନ୍ତୁ
ଗଣତନ୍ତ୍ରର ସବୁଠାରୁ ବଡ଼ ପର୍ବକୁ ପାଳନ କରନ୍ତୁ
~୯୭ କୋଟି ପଞ୍ଜିକୃତ ଭୋଟର୍
~୧୦.୫ ଲକ୍ଷ ମତଦାନ କେନ୍ଦ୍ର
~୧.୫ କୋଟି ପୋଲିଂ ଅଧିକାରୀ ଏବଂ ସୁରକ୍ଷା କର୍ମଚାରୀ
CBC52101/13/0020/2324
QR କୋଡ ସ୍କାନ କରନ୍ତୁ ଏବଂ ମତଦାତା ସଂକଳ୍ପ ନିଅନ୍ତୁ
QR କୋଡ ସ୍କାନ୍ କରି ନିଜ ସଂକଳ୍ପ କୁ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରରେ ସାମିଲ୍ କରନ୍ତୁ ଏବଂ ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ #IVoteforSure ବ୍ୟବହାର କରି ସେଆର କରନ୍ତୁ ।
ଭୋଟର୍ ହେଲ୍ପ ଲାଇନକୁ କଲ୍ କରନ୍ତୁ
୧୯୫୦
ଭୋଟର ତାଲିକାରେ ନିଜ ନାମ ଯାଞ୍ଚ୍ କରିବା ପାଇଁ ଏହି QR କୋଡ ସ୍କାନ୍ କରନ୍ତୁ ଏବଂ ଆପଣଙ୍କର ନିର୍ବାଚନମଣ୍ଡଳୀରେ ଭୋଟ୍ ଗ୍ରହଣର ତାରିଖ ଜାଣନ୍ତୁ ।
#IVoteForSure
#MeraVoteDeshKeLiye
fb.com/ECI
@ecisveep
youtube.com/eci
/company/election-commission-of-india-official
@ecisveep
Election Commission of India

"ସମସ୍ତଙ୍କ ସହିତ ଓ ସବୁ ସହିତ ତୁମେ ଯେତିକି ଯେତିକି ଏକାତ୍ମ ହେବ- ତୁମର ସେତିକି, ସେତିକି ଅଭ୍ୟୁଦୟ ହେବ। କାହାଠାରୁ କିଛି ନେବା ପରିବର୍ତ୍ତେ ତୁମେ ଅନ୍ୟକୁ ନିଜ ଆଡୁ ଦେଇଚାଲ। ତୁମେ ଯେତିକି ଦେଇ ଚାଲିବ – ସେତିକି ବିକଶିତ ହୋଇଉଠିବ। -ଶ୍ରୀମା



# ନଷ୍ଟ କମାଇବା

ପୃଥିବୀର ଜନସଂଖ୍ୟା ବଢ଼ି ଚାଲିଥିବାରୁ ପ୍ରତ୍ୟେକ ରାଷ୍ଟ୍ର ତା'ର ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ସକାଶେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ କରୁଛନ୍ତି। କୃଷି ଉତ୍ପାଦନ ବଢ଼ାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ହେଲେ ଯେଉଁଭଳି ଭାବେ ଖାଦ୍ୟ ନଷ୍ଟ ହେଉଛି, ତାହା ବିଶ୍ୱ ସମ୍ମୁଖରେ ଏକ ସମସ୍ୟା ହୋଇ ଠିଆହେଲାଣି। ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଓ ବ୍ରିଟେନସ୍ଥିତ ଅଣଲାଭଦାୟକ ସଂସ୍ଥା ୱେଷ୍ଟ ଆଣ୍ଡ୍ ରିସୋର୍ସେସ୍ ଆକ୍ସନ ପ୍ରୋଗ୍ରାମ୍ (ଡବ୍ଲ୍ୟୁଆର୍‌ଏପି) ଦ୍ୱାରା କରାଯାଇଥିବା ଫୁଡ୍ ୱେଷ୍ଟ ଇଣ୍ଡେକ୍ସ ରିପୋର୍ଟ ୨୦୨୪ ନିକଟରେ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି, ୨୦୨୨ରେ ପ୍ରତି ଘରକୁ ହିସାବକୁ ନିଆଗଲେ ପୃଥିବୀରେ ଦିନକୁ ୧୦୦ କୋଟି ମିଲ୍ ନଷ୍ଟ ହେଉଛି। ଏଥିରେ ଆହୁରି ଦର୍ଶାଯାଇଛି, ପ୍ରାୟ ୭୮ କୋଟି ୩୦ ଲକ୍ଷ ଲୋକ କ୍ଷୁଧା ପୀଡ଼ିତ ଥିବା ବେଳେ ମାନବଜାତିର ଏକ ତୃତୀୟାଂଶ ଖାଦ୍ୟ ଅନିଶ୍ଚିତତା ଦେଇ ଗତି କରୁଛନ୍ତି। ଏହି ରିପୋର୍ଟକୁ ତର୍ଜମା କରି କୁହାଯାଇପାରେ ଯେ, ବର୍ତ୍ତମାନ ସମୟର ଆହ୍ୱାନ ହେଉଛି ଅଧିକ ଖାଦ୍ୟ ସୃଷ୍ଟି କରିବା ଅପେକ୍ଷା କିଭଳି ଖାଦ୍ୟ ନଷ୍ଟକୁ କମାଇ ଦିଆଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବା ଉଚିତ।

ଉପରଲିଖିତ ଖାଦ୍ୟନଷ୍ଟଜନିତ ତଥ୍ୟ ନିଶ୍ଚିତ ଭାବେ ଚିନ୍ତା ଉଦ୍ରେକକାରୀ। ପୃଥିବୀରେ ଉତ୍ପାଦିତ ଶସ୍ୟ ଲୋକଙ୍କ କ୍ଷୁଧା ମେଣ୍ଟାଇ ପାରୁ ନ ଥିବା ବେଳେ ଦୈନିକ ୧୦୦ କୋଟି ମିଲ୍ ନଷ୍ଟ ହେବା ଏକ ଦୁଃଖଦ ବିଷୟ। କେବଳ ଧନୀ ରାଷ୍ଟ୍ର ନୁହେଁ, ଭାରତ ଭଳି ଦେଶରେ ଦୈନିକ ଖାଦ୍ୟ ନଷ୍ଟ ହେଉଥିବା ସମସ୍ତେ ଭଲ ଭାବେ ଅନୁଭବ କରୁଥିବେ। ଖାଦ୍ୟ ପରିଚାଳନାର ଏହା ଏକ ଖରାପ ଦିଗକୁ ଦର୍ଶାଉଛି। ପୁଣି ବିବାହ, ବ୍ରତଠାରୁ ଆରମ୍ଭ କରି ସାମାଜିକ କାର୍ଯ୍ୟକ୍ରମରେ ବଳକା ପଡୁଥିବା ଖାଦ୍ୟକୁ ବାହାରେ ଫୋପାଡ଼ି ଦିଆଯିବା ପରେ ତାହା ମଧ୍ୟ ପରିବେଶ ପ୍ରଦୂଷଣ କରୁଛି। ସମ୍ଭବତଃ ନଷ୍ଟ ଜିନିଷଗୁଡ଼ିକ ଏକାଠି ହୋଇ ଆମ ଗ୍ରହ ପ୍ରତି ବିପଦ ଆଣୁଥିବାରୁ ଜାତିସଂଘ ୩୦ ମାର୍ଚ୍ଚକୁ ଇଣ୍ଟରନ୍ୟାଶନାଲ ଡେ ଅଫ୍ ଜିରୋ ୱେଷ୍ଟ ବା ଅନ୍ତର୍ଜାତୀୟ ଶୂନ୍ୟ ନଷ୍ଟ ଦିବସ ପାଳନ କରୁଛି। ଏହି ଦିବସ ପାଳନ ପୂର୍ବରୁ ଫୁଡ୍ ୱେଷ୍ଟ ଇଣ୍ଡେକ୍ସ ରିପୋର୍ଟ ୨୦୨୪ ପ୍ରକାଶ ପାଇଥିବାରୁ ପୃଥିବୀବ୍ୟାପୀ ଲୋକେ ସଚେତନ ହେବା ଦରକାର। କୌଣସି ଖାଦ୍ୟପଦାର୍ଥ ବା ବସ୍ତୁ ସୃଷ୍ଟି ପାଇଁ ଯେତିକି ଅର୍ଥ ଓ ଶ୍ରମ ବ୍ୟୟ କରାଯାଉଛି, ତାହାର ନଷ୍ଟକୁ ଏଡ଼ାଇବା ପାଇଁ ଯଦି ମଣିଷଜାତିକୁ ଅର୍ଥ ଓ ଶ୍ରମର ବୋଝ ବୋହିବାକୁ ପଡ଼ିବ, ତେବେ ନିରନ୍ତର ବିକାଶ ବାଧା ପାଇବା ସୁନିଶ୍ଚିତ। ଖାଦ୍ୟ ନଷ୍ଟରୁ ଉତ୍ପନ୍ନ ବର୍ଜ୍ୟ ସହିତ ଅନ୍ୟାନ୍ୟ ଦିଗରୁ ସୃଷ୍ଟି ହେଉଥିବା ବର୍ଜ୍ୟର ସମାହାର ଆଗାମୀ ଦିନ ପାଇଁ ବଡ଼ ବିପତ୍ତି ଭାବେ ଉଭା ହେବାକୁ ଯାଉଛି। କାରଣ ବର୍ଜ୍ୟ ପରିଚାଳନା ଦିନକୁ ଦିନ ମଣିଷର ଆୟତ୍ତ ବାହାରକୁ ଚାଲିଯାଉଛି। ଓଡ଼ିଶାର ଖୋଦ୍ ରାଜଧାନୀରେ ବର୍ଜ୍ୟ କୁପରିଚାଳନାର ଯନ୍ତ୍ରଣା ଲୋକେ ସବୁ ଦିଗରୁ ଭୋଗି ଚାଲୁଛନ୍ତି। ଏମିତିରେ ଦେଖିଲେ ପର୍ଯ୍ୟାପ୍ତ ପ୍ଲାଷ୍ଟିକ୍ ଓ ପଲିଥିଲିନ୍ ଯୋଗୁ ପରିବେଶ ରୁନ୍ଧି ହୋଇଗଲାଣି। ଏଗୁଡ଼ିକ ସାଧାରଣରେ ମାଟି ବା ପାଣିରେ ଦ୍ରବୀଭୂତ ହେଉ ନ ଥିବାରୁ ଆଗାମୀ ଦିନରେ ଏସବୁର ଯେଉଁ ପାହାଡ଼ ସୃଷ୍ଟି ହେବାକୁ ଯାଉଛି, ତାହା ମଣିଷର ଜାଗାକୁ ସଙ୍କୁଚିତ କରିଦେବା ଥୟ।

> **କୌଣସି ଖାଦ୍ୟପଦାର୍ଥ ବା ବସ୍ତୁ ସୃଷ୍ଟି ପାଇଁ ଯେତିକି ଅର୍ଥ ଓ ଶ୍ରମ ବ୍ୟୟ କରାଯାଉଛି, ତାହାର ନଷ୍ଟକୁ ଏଡ଼ାଇବା ପାଇଁ ଯଦି ମଣିଷଜାତିକୁ ଅର୍ଥ ଓ ଶ୍ରମର ବୋଝ ବୋହିବାକୁ ପଡ଼ିବ, ତେବେ ନିରନ୍ତର ବିକାଶ ବାଧା ପାଇବା ସୁନିଶ୍ଚିତ। ଖାଦ୍ୟ ନଷ୍ଟରୁ ଉତ୍ପନ୍ନ ବର୍ଜ୍ୟ ସହିତ ଅନ୍ୟାନ୍ୟ ଦିଗରୁ ସୃଷ୍ଟି ହେଉଥିବା ବର୍ଜ୍ୟର ସମାହାର ଆଗାମୀ ଦିନ ପାଇଁ ବଡ଼ ବିପତ୍ତି ଭାବେ ଉଭା ହେବାକୁ ଯାଉଛି।**

ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ସହ ତୁଳନା କରିଦେଖିଲେ ଭାରତର ଜନସଂଖ୍ୟା ସର୍ବାଧିକ ଥିବାରୁ ଏହାର ବର୍ଜ୍ୟ ପରିମାଣ ମଧ୍ୟ ଅଧିକ ରହିବା ସ୍ୱାଭାବିକ। ତେଣୁ ଉତ୍ପାଦ ବଢ଼ାଇବା ପାଇଁ ଯେଭଳି ଯୋଜନା ଓ କାର୍ଯ୍ୟକ୍ରମ ଉପରେ ସରକାର ପ୍ରାଧାନ୍ୟ ଦେଉଛନ୍ତି, ସେହିଭଳି ଖାଦ୍ୟ ନଷ୍ଟ କମାଇବା ପାଇଁ ଜାତୀୟ ମିଶନ ଗଢ଼ାଯିବା ଉପରେ ଗୁରୁତ୍ୱ ଦିଆଯିବାର ସମୟ ଆସିଲାଣି। ଏହି କାର୍ଯ୍ୟରେ ସରକାରଙ୍କୁ ସହଯୋଗ କରିବା ଲାଗି ପ୍ରତ୍ୟେକ ନାଗରିକ ଆଗେଇ ଆସିବା ଦରକାର। ଏପରି କି ଖାଦ୍ୟ ନଷ୍ଟ କମାଇବା କିମ୍ବା ବର୍ଜ୍ୟ ପରିଚାଳନା ସଂକ୍ରାନ୍ତରେ ସଚେତନତା ସୃଷ୍ଟି ଦିଗରେ ପ୍ରତି ସ୍ତରରେ ପଦକ୍ଷେପ ନିଆଯିବା ନିତାନ୍ତ ଆବଶ୍ୟକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 2 | | | | | |
| 3 | | | 4 | 7 | 6 | | | |
| | 2 | 5 | | | 8 | | 1 | |
| 7 | | | | 4 | | | 6 | 8 |
| | | | | | | | | |
| | | 8 | 6 | | | 2 | | 7 |
| 1 | 7 | 4 | | 5 | | | | |
| | | | | | | | | 5 |
| | 9 | 6 | 8 | | 7 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | 6 | 2 | 3 | 7 | 8 | 4 |
| 4 | 2 | 7 | 1 | 8 | 9 | 3 | 5 | 6 |
| 3 | 6 | 8 | 7 | 4 | 5 | 1 | 2 | 9 |
| 7 | 3 | 6 | 5 | 9 | 2 | 8 | 4 | 1 |
| 2 | 4 | 5 | 8 | 1 | 7 | 9 | 6 | 3 |
| 8 | 1 | 9 | 4 | 3 | 6 | 5 | 7 | 2 |
| 9 | 5 | 3 | 2 | 6 | 8 | 4 | 1 | 7 |
| 6 | 7 | 4 | 3 | 5 | 1 | 2 | 9 | 8 |
| 1 | 8 | 2 | 9 | 7 | 4 | 6 | 3 | 5 |

ଗତକାଲିର ଉତ୍ତର

# ଇତିହାସର ଆଇନାରେ ଓଡ଼ିଶା



ଡ.ପ୍ରଫୁଲ୍ଲ କୁମାର ସାହୁ

ପୁଣ୍ୟତୋୟା ପୁଣ୍ୟଭୂମି ଉତ୍କଳ। ବୀର ଓ ବଳିଦାନର ମାଟି। ଇତିହାସ କହେ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ମୌର୍ଯ୍ୟ ସମ୍ରାଟ ଅଶୋକଙ୍କ ସହିତ ଯୁଦ୍ଧ କରି ଅସାଧାରଣ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଥିଲା ଏହି ଲଢୁଆ ଜାତି। ବ୍ରିଟିଶ ସହିତ ସେ ଶେଷ ପର୍ଯ୍ୟନ୍ତ ପ୍ରାଣମୂର୍ଚ୍ଛା ଲଢିଥିଲା ଏବଂ ପରାଧୀନ ହୋଇଥିଲା ସବା ଶେଷରେ। ସିପାହି ବିଦ୍ରୋହ(୧୮୫୭)ର ଅର୍ଦ୍ଧଶତାବ୍ଦୀ ପୂର୍ବରୁ(୧୮୧୭) ଏ ମାଟିର ବୀର ପାଇକ ବଜେଇ ସାରିଥିଲେ ବ୍ରିଟିଶ ବିରୋଧୀ ବିଗୁଲ।

ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସର ପ୍ରଥମ ଶହୀଦ ହେଉଛନ୍ତି ଓଡ଼ିଆ ଅସ୍ମିତା ଓ ବୀରତ୍ୱର କିମ୍ବଦନ୍ତୀ ପୁରୁଷ ଜୟୀ ରାଜଗୁରୁ, ଯେଉଁ ମହାନ୍ ଦେଶଭକ୍ତଙ୍କୁ ବାଘିତୋଟା ବରଗଛ ଡାଳରେ ବାନ୍ଧି ଇଂରେଜମାନେ ହତ୍ୟା କରିଥିଲେ(୧୮୦୬) ଅତି ବର୍ବରୋଚିତ ଭାବରେ। ଖୋର୍ଦ୍ଧା ମାଟିର ମହାନ୍ ଯୋଦ୍ଧା ସମ୍ବଲ କେଶରୀ ବୀର ସୁରେନ୍ଦ୍ର ସାଏ। ଇଂରେଜମାନଙ୍କ ବିରୋଧରେ ଲଢେଇ କରି କାରାବରଣ କରିଛନ୍ତି (ଦୀର୍ଘ ୩୬ ବର୍ଷ) ସର୍ବାଧିକ କାଳ। ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସର ସର୍ବକନିଷ୍ଠ ଶହୀଦ ଢେଙ୍କାନାଳର ବାଜି ରାଉତ। ମୁକ୍ତି ସଂଗ୍ରାମ ଇତିହାସର ଅନ୍ତିମ ପର୍ଯ୍ୟାୟ ଭାରତଛାଡ ଆନ୍ଦୋଳନ(୧୯୪୨)ରେ ଓଡ଼ିଶା ଯୋଡିଛି ବୀରତ୍ୱ ଓ ବଳିଦାନର ସ୍ୱତନ୍ତ୍ର ଅଧ୍ୟାୟ। ପଞ୍ଜାବର ଜାଲିଆନାୱାଲାବାଗ ପରେ ଓଡ଼ିଶାର ରକ୍ତତୀର୍ଥ ଇରମ ହେଉଛି ବଳିଦାନର ଦ୍ୱିତୀୟ ସ୍ଥାନ, ଯେଉଁଠି ଗୋଟିଏ ଦିନରେ ପୋଲିସ ଗୁଳିରେ ଆତ୍ମବଳି ଦେଇଛନ୍ତି ୨୯ ଜଣ ଶହୀଦ।

ଓଡ଼ିଆ ଜାତି ଯେମିତି ଲଢୁଆ ସେମିତି ସାହସୀ। ଏକ ବାଣିଜ୍ୟ ସମୃଦ୍ଧ ଜାତି ଭାବରେ ସେ ବିଶ୍ୱବିଦିତ। ଭାରତର ଅନେକ ରାଜ୍ୟ ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ ଥିଲେ ମଧ୍ୟ କେବଳ କଳିଙ୍ଗର ସାଧବପୁଅ ସାଗରକୁ ସାମ୍ରାଜ୍ୟରେ ପରିଣତ କରିଥିଲା ଏବଂ ସେହି କାରଣରୁ ସାଗରାଧିପତି ଭାବରେ ପରିଚିତ ଥିଲେ ଶ୍ରୀବିଜୟ ସାମ୍ରାଜ୍ୟର ଓଡ଼ିଆ ବଂଶୋଦ୍ଭବ ଶୈଳେନ୍ଦ୍ର ରାଜନ୍ୟବର୍ଗ। ପ୍ରାଚୀନ ବୌଦ୍ଧଶାସ୍ତ୍ର 'ଆର୍ଯ୍ୟ ମଞ୍ଜୁଶ୍ରୀ ମୂଳକଳ୍ପ'ରେ ବଙ୍ଗୋପସାଗରକୁ କଳିଙ୍ଗସାଗର ବୋଲି କୁହାଯାଉଛି ଏବଂ ରଘୁବଂଶ କାବ୍ୟରେ କଳିଙ୍ଗର ସାଧବପୁଅକୁ ମହୋଦଧିପତି ଭାବରେ ଅଭିହିତ କରିଛନ୍ତି ମହାକବି କାଳିଦାସ। ନାଟ୍ୟାଚାର୍ଯ୍ୟ ବିଶ୍ୱନାଥ କବିରାଜ ମଧ୍ୟ ଓଡ଼ିଆ ଜାତିର ସାହସ ଓ ବୀରତ୍ୱରେ ଅଭିଭୂତ ହୋଇ 'ସାହିତ୍ୟ ଦର୍ପଣ'ରେ ଲେଖିଛନ୍ତି କଳିଙ୍ଗା ସାହସିକାଃ। କେବଳ ବଙ୍ଗୋପସାଗର ନୁହେଁ,ଭାରତ ମହାସାଗର ଓ ଆରବ ସାଗର ମଧ୍ୟ ଭାରତ ପାଇଁ ଥିଲା ବିଶ୍ୱ ସମ୍ପର୍କ ଓ ସମନ୍ୱୟର ଏକ ଏକ ଦ୍ୱାର। ଐତିହାସିକ କାଭାଲମ ମାଧବ ପାନିକର ତାଙ୍କ 'ଇଣ୍ଡିଆ ଏଣ୍ଡ ଇଣ୍ଡିଆନ ଓସେନ' ପୁସ୍ତକରେ ଲେଖିଛନ୍ତି– ''ଅନ୍ୟମାନଙ୍କ ସକାଶେ ଭାରତ ମହାସାଗର କେବଳ ବିସ୍ତୃତ ଜଳରାଶି ହୋଇଥିବା ବେଳେ ଭାରତ ପାଇଁ ଏହା ଜୀବନରେଖା। ଏହାର ପ୍ରତିଟି ଜଳବିନ୍ଦୁରେ



ଭାରତୀୟ ସଂସ୍କୃତି ଓ ପରମ୍ପରା ବିଦ୍ୟମାନ। ସେଥିପାଇଁ ଏହାର ନାମ ଭାରତ ମହାସାଗର।'' ଜଳ ଉପରେ ଭାସମାନକ୍ଷମ କାଠ ଚିହ୍ନଟ ଓ ତା'ର ସ୍ଥାୟିତ୍ୱକୁ ନେଇ ଦୀର୍ଘ ଅଭିଜ୍ଞତା ରଖିଥିବା କଳିଙ୍ଗର ତତ୍କାଳୀନ ବର୍ଦ୍ଧକୀକୁ ଜଣାଥିଲା ବୋଇତ ନିର୍ମାଣର ସ୍ୱଦେଶୀ ଜ୍ଞାନକୌଶଳ। ସଂସ୍କୃତ ଭାଷାରେ ରଚିତ 'ଯୁକ୍ତିକଳ୍ପ' ନିୟମ ଆଧାରରେ ଏକାଧିକ ନୌକାକୁ ଯୋଡି ସେ ବିଶାଳକାୟ ଓ ସୁଦୃଶ୍ୟ ବୋଇତ ନିର୍ମାଣ କରିପାରୁଥିଲା,ଯାର ବିସ୍ତୃତ ବର୍ଣ୍ଣନା ରହିଛି ପଣ୍ଡିତ ନୃସିଂହ ରାୟଗୁରୁଙ୍କ 'ଅର୍ଣ୍ଣବ ବିହାର' ଓ କହ୍ନେଇବର ଚମ୍ପତି ରାୟ ଚୁଡାମଣିଙ୍କ ରଚିତ 'ପାଇକ ଖେଦାରେ'। ନୌବାଣିଜ୍ୟ ଦ୍ୱାରା ଓଡ଼ିଶା ଯେ କେବଳ ଆର୍ଥିକ ସମୃଦ୍ଧି ଲାଭ କରିଥିଲା ତା ନୁହେଁ, ଇଣ୍ଡୋନେସିଆ, ବ୍ରହ୍ମଦେଶ ଓ ମାଳୟ ଆଦି ପୂର୍ବାଞ୍ଚଳ ଦ୍ୱୀପପୁଞ୍ଜରେ ପ୍ରତିଷ୍ଠା ହୋଇ ପାରିଥିଲା ଭାରତୀୟ ଉପନିବେଶ। ଆନ୍ତର୍ଜାତିକ ସ୍ତରରେ ପ୍ରତିଷ୍ଠା ହୋଇ ପାରିଥିଲା ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା। ବିଶିଷ୍ଟ ଲେଖକ ମନୋଜ ଦାସ ତାଙ୍କର ଭ୍ରମଣ କାହାଣୀ 'ଇଣ୍ଡୋନେସିଆ ଅନୁଭୂତି'ରେ ଲେଖିଛନ୍ତି–''ଯେଉଁଠି ଦୁର୍ଦ୍ଧର୍ଷ ଶିଳାଗୁଳ୍ମ ଉପରେ ଅଦମନୀୟ ଲହରି ସବୁ ଭାଙ୍ଗି ପଡୁଛି, ସେଇଠି ଦିନେ ଲଙ୍ଗର ତୋଳୁଥିଲା କଳିଙ୍ଗର ସାହସୀ ସାଧବପୁଅର ପୋତ''। ପ୍ରଖ୍ୟାତ ଫରାସୀ ବିଦ୍ୱାନ ସାଲଭାଇନ ଲେଭି 'ଦି ଥିଏଟର୍ସ ଅଫ୍ ଇଣ୍ଡିଆ' ପୁସ୍ତକରେ ଲେଖିଛନ୍ତି–ପ୍ରାଚୀନ ଭାରତୀୟମାନେ ମାରଣାସ୍ତ୍ର ଧରି ଦରିଆପାରି ରାଷ୍ଟ୍ରରେ ପ୍ରବେଶ କରି ନ ଥିଲେ। ନିଜ କଳା, ସାହିତ୍ୟ, ଧର୍ମ, ସଂସ୍କୃତିର ମହତ୍ତ୍ୱ ଥିଲା ସେମାନଙ୍କ ମୂଳମନ୍ତ୍ର, ଯାହା ଶାନ୍ତି ଓ ଭ୍ରାତୃଭାବ ଉପରେ ପ୍ରତିଷ୍ଠିତ। ଇତିହାସର ଖ୍ୟାତନାମା ବିଦ୍ୱାନ ଜର୍ଜ ସେଜେସ 'ଇଣ୍ଡିଆନାଇଜଡ ଷ୍ଟେଟ୍ସ ଅଫ୍ ସାଉଥ ଏସିଆ' ପୁସ୍ତକରେ କହନ୍ତି– ବାଣିଜ୍ୟ କରିବାକୁ ଆସି ଭାରତୀୟମାନେ ବିନା ରକ୍ତପାତରେ ଯେପରି ସାମ୍ରାଜ୍ୟ ବିସ୍ତାର କଲେ ତାହା ବିଶ୍ୱ ଇତିହାସରେ ବିରଳ।

ସ୍ଥାପତ୍ୟ କଳା ପାଇଁ ଓଡ଼ିଆ ଜାତି ବିଶ୍ୱବିଖ୍ୟାତ। ଯାହାର ନିଦର୍ଶନ ହେଉଛି ଏକାମ୍ର କାନନର ଲିଙ୍ଗରାଜ ମନ୍ଦିର, ଶ୍ରୀକ୍ଷେତ୍ରର ଜଗନ୍ନାଥ ମନ୍ଦିର ଓ ଅର୍କକ୍ଷେତ୍ରର କୋଣାର୍କ ମନ୍ଦିର। କୋଣାର୍କ କେବଳ ଧର୍ମ, ଅର୍ଥ ଓ ପରମାର୍ଥର ତୀର୍ଥସ୍ଥଳୀ ନୁହେଁ,ଏହା ଅମ୍ଳାନ ସୌନ୍ଦର୍ଯ୍ୟର ଏକ ନନ୍ଦନବନ। ରମ୍ୟ କଳାର ଚାରୁ ଚିତ୍ରଶାଳା। କବି ଦୃଷ୍ଟିରେ ଏହା ପ୍ରସ୍ତର ଗାତ୍ରରେ ଲିଖିତ ଏକ ମହାକାବ୍ୟ। ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଭାଷାରେ ପଥର ଏଠି ମଣିଷଠାରୁ ଅଧିକ ମୁଖର। ତା'ର ଯୁଗୋତୀର୍ଣ୍ଣ କଳା ନୈପୁଣ୍ୟକୁ ନେଇ ଲେଖା ଯାଇଛି ଅନେକ କାବ୍ୟ କବିତା। 'ଧର୍ମପଦ' କାବ୍ୟରେ ପଣ୍ଡିତ ଗୋପବନ୍ଧୁ ଦାସ କିମ୍ବଦନ୍ତୀକୁ ଆଧାର କରି ତ୍ୟାଗର ଯେଉଁ ଆଦର୍ଶ ସୃଷ୍ଟି କରିଛନ୍ତି ତା' ଭିତରେ ଝଟକି ଉଠୁଛି ଓଡ଼ିଆ ଜାତିର ବିସ୍ମୟ ଭାବନା। କୋଣାର୍କକୁ ଯିଏ ଯେଉଁ ଦୃଷ୍ଟିରେ ଦେଖୁନା କାହିଁକି, କଳିଙ୍ଗର ସ୍ଥାପତ୍ୟ ଧାରାରେ ତା'ର ସ୍ଥାନ କେବଳ ଶୀର୍ଷରେ ନୁହେଁ, ବରଂ ବିଶ୍ୱର ବିସ୍ମୟ।

ଏକ ସ୍ୱାଭିମାନୀ ଜାତି ଭାବରେ ଓଡ଼ିଆର ଥିଲା ଏକ ବିଶେଷ ପରିଚୟ। ସ୍ୱାଭିମାନ ତା' ଭିତରେ ଭରିଥିଲା ମର୍ଯ୍ୟାଦାର ସହ ବଞ୍ଚିବାର ଆତ୍ମପ୍ରତ୍ୟୟ। ମର୍ଯ୍ୟାଦାଜନକ ବଞ୍ଚିବା କଥା ଉଠିଲେ ଆଖି ଆଗକୁ ଆସେ ନଅଙ୍କ ଦୁର୍ଭିକ୍ଷ(୧୮୬୬) ବେଳର କରୁଣ ଦୃଶ୍ୟ। ଭୋକ ଉପାସରେ ଛଟପଟ ହେଉଥିବା ରାଜ୍ୟବାସୀଙ୍କ ମୁହଁରେ ଆହାର ଦେବା ପାଇଁ ବର୍ମାରୁ ଚାଉଳ ଆଣି ଅନ୍ନଛତ୍ର ଖୋଲିଲେ ଇଂରେଜ ସରକାର। ମାତ୍ର ଅନାହାରରେ ଛଟପଟ ହୋଇ ମରିଗଲେ ପଛେ ଛତରରେ ପଶିଲେ ନାହିଁ ଅନେକ ସ୍ୱାଭିମାନୀ ଓଡ଼ିଆ। ଯେଉଁମାନେ ପେଟର ଦାଉ ସମ୍ଭାଳି ନ ପାରି ଛତରରେ ପଶିଲେ, ପରବର୍ତ୍ତୀ ସମୟରେ ଏ ଜାତି ତାଙ୍କୁ କହିଲା ଛତରଖିଆ। ନଅଙ୍କ ଦୁର୍ଭିକ୍ଷର କରାଳ ଛାୟା ସମଗ୍ର ଓଡ଼ିଶାକୁ ଶ୍ମଶାନରେ ପରିଣତ କରିଦେଇଥିଲା ସତ, କିନ୍ତୁ ତା'ର ପାଉଁଶ ତଳ ନିଆଁରୁ ପ୍ରଜ୍ୱଳିତ ହୋଇଥିଲା ଓଡ଼ିଆ ସ୍ୱାଭିମାନର ବହ୍ନି।

ପ୍ରାଚୀନ ନଥିପୋଥି ଦଲିଲ ଦସ୍ତାବିଜ ଆଧାରରେ ସାବ୍ୟସ୍ତ ହୋଇଥିଲା ଓଡ଼ିଆ ଭାଷାର ମୌଳିକତା। ଏହି ଭାଷା ସୁରକ୍ଷା ସଂଗ୍ରାମର ସଫଳତାକୁ ଆଧାର କରି ଦାନା ବାନ୍ଧିଥିଲା ଦେଶ ମିଶ୍ରଣ ଆନ୍ଦୋଳନ। ଜାତି ଐରାବତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଉଦ୍ୟମରେ ଗଢି ଉଠିଥିଲା ଜାତୀୟ ମହାମଞ୍ଚ (୧୯୦୩) ଉତ୍କଳ ସମ୍ମିଳନୀ। ଦୀର୍ଘ ତେତିଶ ବର୍ଷର ନିରବଚ୍ଛିନ୍ନ ସଂଗ୍ରାମ ପରେ ଗଠନ ହୋଇଥିଲା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ (୧।୪।୧୯୩୬) ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ତା' ପରଠାରୁ ଧୀରେ ଧୀରେ କର୍ପୂର ଶୂନ୍ୟ ହେବାକୁ ଲାଗିଲା କନା। ଲକ୍ଷ୍ୟଠାରୁ ଦୂରେଇ ଗଲେ ମଞ୍ଚର ମଙ୍ଗୁଆଳମାନେ। ଉତ୍କଳ ସମ୍ମିଳନୀ ମଣ୍ଡପରୁ ଉତ୍କଳମଣି ଗୋପବନ୍ଧୁ କହିଥିଲେ(୧୯୧୯)– ସନ୍ନ୍ୟାସୀର ତପସ୍ୟା ଓ ସାଧନା ବିନା କୌଣସି ଗୁରୁ କର୍ତ୍ତବ୍ୟ ସାଧନ ଅସମ୍ଭବ। ଗୋପବନ୍ଧୁ ଓ ମଧୁବାବୁଙ୍କ ପରେ ଯେଉଁମାନେ ମଞ୍ଚର ମଙ୍ଗ ଧରିଲେ ସେମାନେ କେହି ତପସ୍ୱୀ ନ ଥିଲେ କି ସେମାନଙ୍କ ପାଖରେ ନ ଥିଲା ଜାତୀୟ ସ୍ରୋତକୁ ପ୍ରଭାବିତ କଲାଭଳି ବ୍ୟକ୍ତିତ୍ୱ। ଜାତି ଧର୍ମ ଗୋଷ୍ଠୀ ନିର୍ବିଶେଷରେ ଓଡ଼ିଶାବାସୀଙ୍କୁ ଏକାଠି କରି ସେମାନେ ଫୁଙ୍କି ପାରିଲେନି ଜାତୀୟତାର ମନ୍ତ୍ର। ବରଂ ଆପଣା ସ୍ୱାର୍ଥ ସାଧନ ପାଇଁ ନିଜ ଭିତରେ ଆରମ୍ଭ କରିଦେଲେ ପତିଆରା ଲଢେଇ। ତା'ର ପରିଣାମ ବିଚ୍ଛିନ୍ନାଞ୍ଚଳ ଭାଇମାନଙ୍କ ଆଖିରୁ ଗୁଖିଲାନି ଲୁହ। ଯେଉଁ ଓଡ଼ିଆ ପୁଅ ଦିନେ ବୋଇତ ନେଇ ଦରିଆପାରି ଦେଶକୁ ଯାଉଥିଲା ବଣିଜ ପାଇଁ, ସମ୍ମିଳନୀର ନିଷ୍କ୍ରିୟତା ଓ ସରକାରଙ୍କ ଅଦୂରଦର୍ଶିତା କାରଣରୁ ସେ ଏବେ ପିଲାକବିଲା ନେଇ ଅନ୍ୟ ରାଜ୍ୟକୁ ଯାଉଛି ଦାଦନ ଖଟିବା ପାଇଁ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ନା ମଣିଷ



ଶୁଭନାରାୟଣ ଶତପଥୀ

ନା ର ଅର୍ଥ ନାହିଁ। କଥା ଆରମ୍ଭ ନାରୁ। ସମାଜରେ କିଛି ବ୍ୟକ୍ତି ଥାଆନ୍ତି ସେମାନେ ଅନ୍ୟମାନଙ୍କ କଥାକୁ ଖଣ୍ଡନ କରିବାକୁ ଭାରି ଭଲପାଆନ୍ତି। ଉଦ୍ଦେଶ୍ୟ ଯାହା ଥାଉ, ନା ଯେମିତି ତାଙ୍କର ପାଟିରେ ବସାବାନ୍ଧି ରହିଥାଏ। ସମସ୍ତଙ୍କୁ ନା କହିବାଟା ଅଭ୍ୟାସରେ ପରିଣତ ହୋଇଥିବାର ମନେହୁଏ। ସେମାନେ ଏପରି ଭାବରେ ଉତ୍ତର ରଖନ୍ତି ଯେମିତି ସେ ଉତ୍ତର ନା ହିଁ ହେବ। ଏହା ସେମାନଙ୍କର କଥା କହିବାର ତରିକା ବୋଲି କୁହନ୍ତି କିଛି ଲୋକ। ଏପରି ତରିକାକୁ ଆପଣେଇ କିଛି ଲୋକ ଅନ୍ୟମାନଙ୍କ ଦୃଷ୍ଟି ନିଜ ଆଡକୁ ଆକର୍ଷିତ କରିବାକୁ ଚାହାନ୍ତି। ଆଉ କେହି କେହି ଅନେକ ସମ୍ପର୍କ କିମ୍ବା ବ୍ୟକ୍ତିଙ୍କ ପ୍ରଭାବ ବା ଚାପକୁ କମ୍ କାରିବାକୁ ନାକୁ ଏକ ମାଧ୍ୟମ ରୂପେ ଗ୍ରହଣ କରିଥାନ୍ତି। ନା କହିବା ଏକ କଳା। କେହି କେହି ଏହି କଳାକୁ ଆପଣେଇ ଜୀବନ ନୌକାରେ ପାରି ହୁଅନ୍ତି। ନିଜର ଗୁରୁତ୍ୱ ବଢ଼ାନ୍ତି। ନା ସବୁବେଳେ ଯେ ନକାରାତ୍ମକ ତାହା ଭାବିବା ଭୁଲ୍। ନକାରାତ୍ମକ ଭାବନା ଯେ କେବଳ ମନଭିତରେ ନା ଶବ୍ଦର ଉଦ୍ରେକ କରାଏ ତାହା ସବୁବେଳେ ସତ୍ୟ ନୁହେଁ। କାରଣ ନା ଅନେକ ନକାରାତ୍ମକ କାର୍ଯ୍ୟକୁ ପ୍ରୋତ୍ସାହିତ କରେ ନାହିଁ। ତେବେ ସର୍ବଦା ନାକୁ ପ୍ରାଧାନ୍ୟ ଦେଇ ନିଜ ସ୍ଥିତି ସମାଜରେ ଜାହିର କରୁଥିବା ମଣିଷକୁ ଏଠାରେ ନା ମଣିଷ ବୋଲି ଆଖ୍ୟାୟିତ କରାଯାଇଛି। ନା ମଣିଷ ଏକ ନକାରାତ୍ମକ ଚରିତ୍ର।

ନରିବାବୁଙ୍କର କାମ କରିବାର ଏକ ନିଜସ୍ୱ ଷ୍ଟାଇଲ ଅଛି। ତାଙ୍କ ପାଖରେ କାହାରି କାମ ପଡ଼ିଲେ ବା ତାଙ୍କ ସହିତ କୌଣସି ଆଲୋଚନା କରିବାକୁ ଗଲେ ପ୍ରଥମରୁ ନା ହିଁ ଶୁଣିବାକୁ ମିଳେ। ନରିବାବୁଙ୍କୁ ପଚାରିବାରୁ ସେ କହିଲେ, ମୋ ପାଖକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନା କହିବାର କାରଣ ହେଉଛି ସେହି ବ୍ୟକ୍ତିଟି ଗ୍ରହଣ କରିନେଉ ଯେ ନା ଏହା ହେବ ନାହିଁ ବା ମୋ କଥାଟି ଠିକ୍ ନୁହେଁ। ପରବର୍ତ୍ତୀ ସମୟରେ ହେବ କି ନ ହେବ ତାହା ମୁଁ (ନରିବାବୁ) ବିଚାର କରିବି। ଇଏ ବି ଏକ ପ୍ରକାର ନା ମଣିଷ। ଯିଏ ତାଙ୍କ ପାଖକୁ ଆସୁଥିବା ପ୍ରାୟ ସମସ୍ତ ବ୍ୟକ୍ତିଙ୍କ ମାନସିକତା, ଆବେଗ, ସକାରାତ୍ମକ ମନୋଭାବକୁ ନ ବୁଝି ଆରମ୍ଭରୁ ନା କରିବା କେତେ ଯୁକ୍ତିଯୁକ୍ତ। ଏ ନାର ପ୍ରଭାବ ବେଳେବେଳେ ଭୟଙ୍କର ହୋଇପାରେ।

ଏଇ ନିକଟରେ ମୁଁ ଦିଲ୍ଲୀରୁ ଫେରୁଥାଏ। ଆମ ପାଖରେ ବସିଥିବା ଜଣେ ମହାଶୟ ବେଶ୍ ଗପୁଥାନ୍ତି। ଲମ୍ବା ଯାତ୍ରାରେ ଗୁଲିଖଟି ହେବା ସ୍ୱାଭାବିକ କଥା। ମୁଁ ମୋର ମତାମତ ଦେବା ବେଳେ ସେ ମହାଶୟ ଜଣକ କହିପକାଇଲେ ନା ଆପଣ ଭୁଲ୍ କହୁଛନ୍ତି। ହଠାତ ଏପରି ସିଧା ବାକ୍ୟଟି ଶୁଣି ମୁଁ ଗ୍ରହଣ କରିପାରୁ ନ ଥିଲି। କାରଣ ସେହି କଥାଟିକୁ ପରୋକ୍ଷରେ ମଧ୍ୟ କୁହାଯାଇପାରିଥାନ୍ତା। ଯାହା ମନରେ ରେଖାପାତ କରିନଥାନ୍ତା। ଯଦିଓ ଏପରି ନା କଥା କିଛି ମାତ୍ରାରେ ମୋତେ ପ୍ରଭାବିତ କରିଥିଲା ତଥାପି ମୁଁ ନୀରବରେ ସେମାନଙ୍କୁ ଲକ୍ଷ୍ୟ କରିବାକୁ ବାଧ୍ୟ ହେଲି। କିଛି ସମୟର ଅନୁଧ୍ୟାନ ପରେ ମୁଁ ଜଣିପାରିଲି ଯେ ସେହି ମହାଶୟ ଜଣକ ପ୍ରତ୍ୟେକ ଆଲୋଚନାରେ ତାଙ୍କ



ସହଯୋଗୀଙ୍କୁ ନା ଆପଣ ଭୁଲ୍ କହୁଛନ୍ତି ବୋଲି କହିଦେଇ ବସିଯାଉଥାନ୍ତି। ଭୁଲ୍ କେଉଁଠି ରହିଲା, ତାହା କିପରି ଭୁଲ୍ ହେଲା ଯେ ସେ ଉତ୍ତରରେ ନା କହିଲେ ତାହାର ବିଶ୍ଳେଷଣ, ତଥ୍ୟ, ପ୍ରମାଣ ତାଙ୍କ ପାଖରେ ନ ଥାଏ। ବୋଧହୁଏ ଏହା କେବଳ ନିଜର ପତିଆରା ଜାହିର କାରିବାର ଏକ କଳା କିମ୍ବା ଭିନ୍ନ ଏକ ମାନସିକତା। ଇଏ ବି ଜଣେ ନା ମଣିଷ।

ଘରେ ପରିବାରରେ ଅନେକ ମାତାପିତା ଅଛନ୍ତି ଯେଉଁମାନେ ପିଲାମାନଙ୍କର ଦାବି, ଆବଶ୍ୟକତାକୁ ନ ବୁଝି ହଠାତ ନା ବୋଲି କୁହନ୍ତି। ବିଚରା ପିଲାଙ୍କ ଅଳି ଅଝଟ କରିବା ପରେ ନା ଟା ନା ରୁହେ କିମ୍ବା ହଁ ହୁଏ ତାହା ସମ୍ପୃକ୍ତ ପରିସ୍ଥିତି ହିଁ କୁହେ। ତେବେ ଏକଥା ନିଶ୍ଚିତ ଯେ ଆରମ୍ଭରୁ ଶିଶୁଟିକୁ ସିଧାସଳଖ ନା କହିବାର ପରମ୍ପରା ବା ପ୍ରତିକ୍ରିୟା ଯେ ଶିଶୁର ମନକୁ ଛୁଉଁନାହିଁ ଏହା ଉପଲବ୍ଧି କରିବାର ଆବଶ୍ୟକତା ରହିଛି। ଶିଶୁଟି ପ୍ରତିକ୍ରିୟାଶୀଳ ହୋଇ ନକାରାତ୍ମକ କାର୍ଯ୍ୟ କରିପାରେ କିମ୍ବା ସ୍ଥଳ ବିଶେଷରେ ଶିଶୁଟି ବଡ଼ ହୋଇ ନା ମଣିଷରେ ରୂପାନ୍ତରିତ ହେବା କିଛି ବଡ଼ କଥା ନୁହେଁ। କାରଣ ଶିଶୁ ଅନୁକରଣପ୍ରିୟ। ଏହି ଅନୁକରଣ ଗୁଣ ଯୋଗୁ ସେମାନେ ନା କୁ ଧାରଣ କରନ୍ତି ବା ଅଭ୍ୟସ୍ତ ହୋଇ ମଜା ନେବାକୁ ବାରମ୍ବାର ନା ଶୁଣିବାକୁ ଇଚ୍ଛା କରନ୍ତି। ନା ଶୁଣିବା ପାଇଁ ସେମାନେ ନା ମଣିଷଙ୍କୁ ଏପରି କଥା କୁହନ୍ତି ଯେପରି ସେମାନେ ନା କହିବେ ଓ ଏହାକୁ ଶୁଣି ପିଲାଏ ଖୁସି ହେବେ ବା ମଜା ନେବେ। ଅନେକ ସ୍ଥାନରେ ନା କୁହାଇବା ପାଇଁ କୌଶଳର ସହିତ କଥାକୁ ଏପରି ଉପସ୍ଥାପନ କରନ୍ତି ଯେ ବ୍ୟକ୍ତି ନା ବୋଲି ବାରମ୍ବାର କହି ନା ମଣିଷରେ ପରିବର୍ତ୍ତନ ହୋଇଯାଇଥାଏ, ସେ ନିଜେ ଜାଣି ନ ଥାଏ।

ଆଜିକାଲି ସମୟ, ପରିସ୍ଥିତି, ପରିବେଶ ଖୁବ୍ ଦ୍ରୁତ ଗତିରେ ପ୍ରଗତି ଆଡକୁ ମାଡ଼ିଚାଲିଛି। ପ୍ରଗତି କେବଳ ହଁ ରେ ହେବ ତାହା ନୁହେଁ ବରଂ ନା କହିବା ପୂର୍ବରୁ ସାମ୍ନାରେ ଥିବା ଶିଶୁଠାରୁ ବୟସ୍କ ପର୍ଯ୍ୟନ୍ତ ବ୍ୟକ୍ତିମାନଙ୍କ ଆଗ୍ରହ, ମାନସିକତାକୁ ସମ୍ମାନ ଦେବା ଜରୁରୀ। ତାଙ୍କ ମାନସିକତାକୁ ପଢ଼ି ବା ଓ ଧୈର୍ଯ୍ୟର ସହିତ ଶୁଣିବା ଉଚିତ। ପରୋକ୍ଷରେ ହଁ ବା ନା କହିବା ଦ୍ୱାରା ତାଙ୍କ ଜୀବନରେ ଥିବା ବିପଦକୁ ଆପଣ ଦୂର କରିବାରେ ସହଯୋଗ କରିପାରନ୍ତି। ନକାରାତ୍ମକରୁ ସକାରାତ୍ମକ ଜୀବନର ରାହା ଦେଖାଇପାରନ୍ତି। ଆଉ ସବୁବେଳେ, ସବୁ ପରିସ୍ଥିତିରେ ନା କହିବା ଏକ ହୀନ ମାନସିକତା, ବିକୃତ ଚିନ୍ତାଧାରା। ଭୁଲ୍ କଥା କହୁଥିବା, ଭୁଲ୍ ରାସ୍ତାରେ ଯାଉଥିବା ବ୍ୟକ୍ତିଙ୍କୁ ସିଧାସଳଖ ନା କହିବା ଦ୍ୱାରା ଅଧିକ ଭୁଲକୁ ପ୍ରୋତ୍ସାହିତ କରିବାର ସମ୍ଭାବନା ମଧ୍ୟ ଥାଏ। ତେଣୁ ନା କହିବା ପୂର୍ବରୁ ଏହାର ଆବଶ୍ୟକତା, ଗ୍ରହଣୀୟତା, ମାନସିକତା ସବୁକୁ ବୁଝିବା ଜରୁରୀ। ସମାଜରେ ଘଟୁଥିବା ବା ଘଟିବାର ସମ୍ଭାବନା ଥିବା ଦୁର୍ଘଟଣା, କୁକାର୍ଯ୍ୟ ବ୍ୟବହାରକୁ ନା କହିବା ଠିକ୍, କିନ୍ତୁ ସେ କ୍ଷେତ୍ରରେ କାର୍ଯ୍ୟ କରିବାବେଳେ ପୀଡ଼ିତଙ୍କୁ ହଠାତ ନା କହିବା ପୂର୍ବରୁ ଚିନ୍ତା କରିବାକୁ ପଡ଼େ ହଠାତ କୁହାଯିବ ନା କିଛି ସମୟ ଦିଆଯିବ। ଠିକ୍ ସେହିପରି ନାର ନକାରାତ୍ମକ ଦିଗ ଓ ପ୍ରଭାବକୁ ଦୃଷ୍ଟିରେ ରଖି ତାହାର ଯଥାର୍ଥତା ପ୍ରତିପାଦନ ସହ ଉପସ୍ଥାପନା କଲେ ନିଶ୍ଚୟ ଗ୍ରହଣୀୟ ଓ ଫଳପ୍ରଦ ହେବ। ନାର କଟୁତା କଟିବ ଓ ପଟୁତା ବଢ଼ିବ। ଏପରି କ୍ଷେତ୍ରରେ ନା କହୁଥିବା ଲୋକଙ୍କର ନା ଟି ଗ୍ରହଣୀୟ ହେବ। ତାଙ୍କୁ କେହି ନା ମଣିଷ କହିବେ ନାହିଁ।

**ବିଜିପୁର, ବ୍ରହ୍ମଗିରି, ପୁରୀ**
**ମୋ:୯୪୩୮୪୩୨୦୨୩**

## ଏଇ ଭାରତରେ

କିଛି ପ୍ରାଣୀଙ୍କ ଚମଡ଼ାରୁ ଜୋତା ତିଆରି ହୁଏ ଏକଥା ସମସ୍ତେ ଜାଣନ୍ତି। ହେଲେ ମଣିଷ ଶରୀରର ଚମଡ଼ାରୁ ଜୋତା ତିଆରି କରିବା କଥା କେହି ଚିନ୍ତା କରି ନ ଥିବେ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଉଜ୍ଜୟିନୀରେ। ଏଠାରେ ରୌନକ ଗୁଜାର ନାମକ ବ୍ୟକ୍ତି ନିଜ ଦେହର ଚର୍ମରେ ଜୋତା ତିଆରି କରି ମାଆଙ୍କୁ ଉପହାର ଦେଇଛନ୍ତି। ରୌନକଙ୍କ ଏଭଳି ଚିନ୍ତାଧାରା ସୃଷ୍ଟି ହୋଇଥିଲା ଯେତେବେଳେ ସେ ଉଜ୍ଜୟିନୀର ସନ୍ଦିପନୀନଗରରେ ଅନୁଷ୍ଠିତ ୭ଦିନିଆ ଭାଗବତ କଥା ଶୁଣିଥିଲେ। ଏହାପରେ ସେ ରାମାୟଣର ଚରିତ୍ର ପ୍ରଭୁ ରାମଙ୍କ ବ୍ୟକ୍ତିତ୍ୱରେ ଏତେ ପ୍ରଭାବିତ ହୋଇଥିଲେ ଯେ ମା'ବାପାଙ୍କ ପାଇଁ ତାଙ୍କ ମନରେ ପ୍ରବଳ ଭକ୍ତିଭାବ ଜାଗ୍ରତ ହୋଇଥିଲା। ତେଣୁ ସେ ମା'ବାପାଙ୍କ ପାଇଁ ଯଥା ସମ୍ଭବ ସବୁକିଛି କରିବାକୁ ଚାହୁଁଥିଲେ। ଅନ୍ୟପକ୍ଷରେ ତାଙ୍କ ଗୋଡରେ ପୋଲିସ ଗୁଳି ବାଜିଥିବାରୁ ତାଙ୍କୁ ନିଜ ଜଙ୍ଘ ଅପରେଶନ କରିବାର ଥିଲା। ଏହି ସୁଯୋଗରେ ସେ ତାଙ୍କ ଜଙ୍ଘରୁ କିଛି ଚମଡା କାଢି ଜଣେ ମୋଚିକୁ ଦେଇ ଏକ ଜୋତା ତିଆରି କରିଥିଲେ। ସେହି ଜୋତାଟିକୁ ସେ ତାଙ୍କ ମା'ଙ୍କୁ ଦେଇ ଅତି ଆନନ୍ଦିତ ହୋଇ ପଡିଥିଲେ। ରୌନକଙ୍କ ମା' ମଧ୍ୟ ପୁଅଠାରୁ ଏଭଳି ଏକ ଉପହାର ପାଇ ଅତ୍ୟନ୍ତ ଭାବବିହ୍ୱଳ ହୋଇଯାଇଥିଲେ। ଏବେ ସୋସିଆଲ ମିଡିଆରେ ଏହି ଖବର ପ୍ରସାରିତ ହେବା ପରେ ଲୋକଙ୍କୁ ଖୁବ୍ ପ୍ରଭାବିତ କରିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧ ଏପ୍ରିଲ ୧୯୭୫

- ତାମିଲନାଡୁରେ 'ଘୋଡ଼ାଦୌଡ଼' ଉପରେ ସରକାରୀ ସ୍ତରରେ ନିଷେଧାଜ୍ଞା ଜାରୀ କରାଯାଇଛି।
- ଅବକାରୀ ବିଭାଗ ଅଫିସରମାନେ ଦକ୍ଷିଣ ବମ୍ବେର ମାଣ୍ଡବୀ ନିକଟରେ ୭୦୦୦ ଘଣ୍ଟା ଜବତ କରିଛନ୍ତି।
- କାଠମଣ୍ଡୁରେ ବିମାନ ଦୁର୍ଘଟଣାରେ ଡେମ୍ନମଣ୍ଡ ହିଲାରୀଙ୍କ କନ୍ୟା, ସ୍ତ୍ରୀଙ୍କ ସମେତ ୫ ମୃତ।

## ଚିରନ୍ତନୀ

ମରମେ ଲେଖଇ ବିରହ ଯାହାର ଦୁରୂହ ବ୍ୟଥା
ମିଳନ ଯାହାର ସଜଳ କରଇ କଜଳ ପତା
ସେହି ସେ ମନର ମାନସୀ ଆଶାରେ ଝରଇଁ ବସି
ତା' ଲାଗି ଚିଟାଉ ଲେଖିବାକୁ ମୁଁ ଗୋ ଖୋଜଇଁ କଥା।
-(ମାନସୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତ କୃଷିକ୍ଷେତ୍ର

ମହାଶୟ,

ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୈମାସିକ (ଅକ୍ଟୋବର ୨୪ରୁ ଡିସେମ୍ବର୨୪)ରେ ଭାରତର ଅଭିବୃଦ୍ଧି ୮.୪% ହେବା ସମସ୍ତଙ୍କ ପାଇଁ ଖୁସି ଖବର। ଏହି ତ୍ରୈମାସିକରେ ମାନୁଫାକ୍ଚରିଂ କ୍ଷେତ୍ରରେ ୧୧.୬%, ନିର୍ମାଣ କ୍ଷେତ୍ରରେ ୯.୫%, ବାଣିଜ୍ୟ, ହୋଟେଲ ଓ ପରିବହନ କ୍ଷେତ୍ରରେ ୬.୭% ଓ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ୭% ଅଭିବୃଦ୍ଧି ହୋଇଥିବା ବେଳେ କୃଷି କ୍ଷେତ୍ରରେ ୦.୮ % ହ୍ରାସ ପାଇଛି। ଏଥିରୁ ସ୍ପଷ୍ଟ ହୋଇଛି ଯେ ଏହି ତ୍ରୈମାସିକରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ କୃଷି ଓ କୃଷକଙ୍କ ବିକାଶ ପାଇଁ ମାଳ ମାଳ ଯୋଜନା କରିଥିବା ସତ୍ତ୍ୱେ ସେଗୁଡିକ କୃଷିର ବିକାଶ କ୍ଷେତ୍ରରେ ସହାୟକ ହେଉନାହିଁ। ଦେଶର ସର୍ବାଧିକ ଲୋକ ଅର୍ଥାତ୍ ୭୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭର କରୁଥିବା ଦୃଷ୍ଟିରୁ କୃଷିର ବିକାଶ ହେବା ଜରୁରୀ। ଏ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାର ସମୀକ୍ଷା କରିବା ଆବଶ୍ୟକ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବିସ୍ଫୋରଣରେ ୮ ମୃତ**

ତୁର୍କୀ ସୀମାନ୍ତ ଉତ୍ତର ସିରିଆର ଅଜାଜ୍ ସହରର ଏକ ମୁଖ୍ୟ ବଜାରରେ ବୋମା ବିସ୍ଫୋରଣ ଘଟି ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି। ରମ୍‌ଜାନ ମାସର ଉପବାସ ଶେଷ ହୋଇଥିବାରୁ ଶନିବାର ରାତିରେ ଉକ୍ତ ବଜାରରେ ପ୍ରବଳ ଭିଡ଼ ଯୋଗୁ କ୍ଷୟକ୍ଷତି ବେଶି ହୋଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି।

## ସଂକ୍ଷେପରେ

### ରାଜ୍ୟପାଳ ବିଲ୍ ଅଟକାଇ ନ ରଖି କର୍ତ୍ତବ୍ୟ କରନ୍ତୁ: ଜଷ୍ଟିସ ନାଗରତ୍ନା

**ହାଇଦ୍ରାବାଦ,୩୧।୩:** କେତେକ ରାଜ୍ୟର ରାଜ୍ୟପାଳ ସରକାର ପଠାଉଥିବା ବିଲ୍‌କୁ ମଞ୍ଜୁରୀ ପ୍ରଦାନ ନ କରି ସେଗୁଡ଼ିକୁ ଅଟକାଇ ରଖୁଥିବାରୁ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ବି.ଭି. ନାଗରତ୍ନା ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟପାଳମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ପାଳନ ପାଇଁ କୋର୍ଟ ନିର୍ଦ୍ଦେଶ ଦେବା ଲଜ୍ଜାଜନକ ବୋଲି ସେ କହିଛନ୍ତି। ହାଇଦ୍ରାବାଦର ନାଲସାର ୟୁନିଭର୍ସିଟିରେ 'କୋର୍ଟସ୍ ଆଣ୍ଡ କନ୍‌ଷ୍ଟିଟ୍ୟୁଶନ-୨୦୨୩ ଇନ୍ ରିଭ୍ୟୁ' ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଜଷ୍ଟିସ ନାଗରତ୍ନା ଉପରୋକ୍ତ ମତ ଦେଇଛନ୍ତି। ସେ କହିଛନ୍ତି, ଏବେ ଦେଶରେ ରାଜ୍ୟପାଳମାନଙ୍କର ଏକ ନୂଆ ପ୍ରବୃତ୍ତି ଦେଖିବାକୁ ମିଳିଛି। ରାଜ୍ୟପାଳ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀ। ସେମାନଙ୍କୁ କୋର୍ଟକୁ ଟାଣିବା ସମ୍ବିଧାନରେ ଏକ ସୁସ୍ଥ ପ୍ରବୃତ୍ତି ନୁହେଁ ବୋଲି ନାଗରତ୍ନା କହିଛନ୍ତି।

**ବ୍ରିଟେନ୍ ପ୍ରାକ୍ ନିର୍ବାଚନୀ ସର୍ଭେ**

### କଞ୍ଜରଭେଟିଭ୍ ପାର୍ଟି ହାରିବ

**ଲଣ୍ଡନ,୩୧।୩(ପି.ଟି.):** ଚଳିତ ବର୍ଷ ଶେଷ ଭାଗରେ ବ୍ରିଟେନ୍ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଶାସକ କଞ୍ଜରଭେଟିଭ୍ ପାର୍ଟି ବଡ଼ ପରାଜୟର ସମ୍ମୁଖୀନ ହେବା ନେଇ ତଥାକଥିତ ମେଗା ନିର୍ବାଚନୀ ସର୍ଭେ ରିପୋର୍ଟରେ ସୂଚନା ଦିଆଯାଇଛି। ଏପରିକି ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ନର୍ଥ ୟର୍କଶାୟାର ଆସନ ମଧ୍ୟ ସୂତାଖିଅରେ ଝୁଲୁଥିବା ଏଥିରେ କୁହାଯାଇଛି। ସିଭିଲ୍ ସୋସାଇଟି ପ୍ରଚାର ସଂଗଠନ ପକ୍ଷରୁ ଏହି ଜନମତ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ବେଷ୍ଟ ଅଫ୍ ବ୍ରିଟେନ ତରଫରୁ ସର୍ଭେଶନ ନାମକ ସଂସ୍ଥା ଏହି ସର୍ଭେ କରିଥିଲା। ରିପୋର୍ଟ ଅନୁଯାୟୀ ବିରୋଧୀ ଲେବର ପାର୍ଟି ୪୫ ପ୍ରତିଶତ ଭୋଟ ପାଇବାକୁ ଥିବାବେଳେ ଏହା କଞ୍ଜରଭେଟିଭ୍ ପାର୍ଟିଠାରୁ ୧୯ ପଏଣ୍ଟ ଆଗରେ ରହିବ, ଯାହାକି ପୂର୍ବ ନିର୍ବାଚନୀ ସର୍ଭେଠାରୁ ୩ ପଏଣ୍ଟ ଅଧିକ। ପ୍ରତି ଆସନକୁ ନେଇ ହୋଇଥିବା ଏହି ସର୍ଭେ ଅନୁଯାୟୀ କଞ୍ଜରଭେଟିଭ୍ ପାର୍ଟିର ସମ୍ଭାବନା ଯଥେଷ୍ଟ ହ୍ରାସ ପାଇବ। ସେମାନେ ୧୦୦ରୁ କମ୍ ଆସନ ଜିତିବାକୁ ଥିବାବେଳେ ଲେବର ପାର୍ଟି ୪୮୬ ଆସନ ଜିତିପାରେ ବୋଲି କୁହାଯାଇଛି।

# ଆଡଭାନୀଙ୍କୁ ଭାରତରତ୍ନ ପ୍ରଦାନ କଲେ ରାଷ୍ଟ୍ରପତି



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲାଲ୍‌କୃଷ୍ଣ ଆଡଭାନୀଙ୍କୁ ଭାରତରତ୍ନ ପ୍ରଦାନ କରୁଛନ୍ତି।

**ନୂଆଦିଲ୍ଲୀ,୩୧।୩(ପି.ଟି.)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରବିବାର ଭାଜପାର ତୁଙ୍ଗ ନେତା ତଥା ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲ୍‌କୃଷ୍ଣ ଆଡଭାନୀଙ୍କ ବାସଭବନକୁ ଯାଇ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଛନ୍ତି। ଏହି ପୁରସ୍କାର ପ୍ରଦାନ ସମୟରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ଆଡ଼ଭାନୀଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଭାରତୀୟ ରାଜନୀତିର ବର୍ଷୀୟାନ ନେତା ଆଡଭାନୀ ୭ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଅତୁଟ ସମର୍ପଣ ଓ ନିଷ୍ଠାର ସହ ଦେଶ ସେବା କରିଥିବା ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ଜଣେ ପାର୍ଲାମେଣ୍ଟାରିଆନ ଭାବେ ଆଲୋଚନା ସମୃଦ୍ଧ ସଂସଦୀୟ ପରମ୍ପରାକୁ ସେ ଗୁରୁତ୍ୱ ଦେଉଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଭାବେ ହେଉ ବା ଉପପ୍ରଧାନମନ୍ତ୍ରୀ ଭାବେ ସେ ରାଷ୍ଟ୍ର ସ୍ୱାର୍ଥକୁ ସର୍ବୋପରି ପ୍ରାଥମିକତା ଦେଉଥିଲେ, ଯାହା ତାଙ୍କୁ ଦଳମତ ନିର୍ବିଶେଷରେ ସମ୍ମାନ ଦେଇଥିଲା। ଭାରତର ସାଂସ୍କୃତିକ ଉତ୍ଥାନ ପାଇଁ ଆଡଭାନୀଙ୍କ ଦୀର୍ଘ ତଥା ଅକ୍ଳାନ୍ତ ସଂଘର୍ଷ ୨୦୨୪ରେ ଅଯୋଧ୍ୟାରେ ରାମମନ୍ଦିର ପୁନଃନିର୍ମାଣ ସହ ଶେଷ ହୋଇଥିବା ରାଷ୍ଟ୍ରପତି ଭବନ ପକ୍ଷରୁ କୁହାଯାଇଛି। ୯୬ ବର୍ଷୀୟ ଆଡଭାନୀ ୨୦୦୨ରୁ ୨୦୦୪ ଉପପ୍ରଧାନମନ୍ତ୍ରୀ ଏବଂ ୧୯୯୯ ଅକ୍ଟୋବରରୁ ୨୦୦୪ ମେ' ପର୍ଯ୍ୟନ୍ତ ସ୍ୱରାଷ୍ଟ୍ର ମନ୍ତ୍ରୀ ରହିଥିଲେ। ସେ ୧୯୮୬ରୁ ୧୯୯୦, ୧୯୯୩ରୁ ୧୯୯୮ ଏବଂ ୨୦୦୪ରୁ ୨୦୦୫ ଭାଜପା ଅଧ୍ୟକ୍ଷ ରହିଥିଲେ।

## ସ୍ୱାମୀଙ୍କୁ ହତ୍ୟା ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ଘୋଷଣା କଲେ ସ୍ତ୍ରୀ

**ଆଗ୍ରା,୩୧।୩**

ଉତ୍ତରପ୍ରଦେଶ ଆଗ୍ରା ଜିଲାର ବାହ ଥାନା ଅଞ୍ଚଳରେ ଏକ ଦମ୍ପତିଙ୍କ ମଧ୍ୟରେ ବିବାଦ ଏଭଳି ସ୍ତରକୁ ଖସିଯାଇଥିଲା କି ସ୍ତ୍ରୀ ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ୫୦,୦୦୦ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସେ ନିଜର ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ଏହି ପୁରସ୍କାର ଅଫର ଦେଇଥିଲେ। ସ୍ୱାମୀ ଜଣକ ସ୍ତ୍ରୀଙ୍କ ହ୍ୱାଟ୍ସଆପ୍ ଷ୍ଟାଟସ୍ ପଢ଼ିବା ପରେ ଘଟଣା ସାମନାକୁ ଆସିଛି। ସ୍ତ୍ରୀଙ୍କ ନାଁରେ ସ୍ୱାମୀ ଥାନାରେ ଏତଲା ଦେଇଛନ୍ତି। ସ୍ତ୍ରୀଙ୍କର ଜଣେ ବନ୍ଧୁ ପୂର୍ବରୁ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିବା ମଧ୍ୟ ସ୍ୱାମୀ ଏତଲାରେ ଦର୍ଶାଇଛନ୍ତି। ବାହ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ ସ୍ୱାମୀ ଜଣକ ୨୦୨୨ ଜୁଲାଇ ୯ରେ ମଧ୍ୟପ୍ରଦେଶର ଭିନ୍ଦ ଜିଲାରେ ବିବାହ କରିଥିଲେ। ୫ ମାସର ଅସୁଖୀ ବିବାହ ଜୀବନ ପରେ ଡିସେମ୍ବରରେ ସ୍ତ୍ରୀ ବାପଘରକୁ ପଳାଇଥିଲେ।

# କାଛାତିଭୁକୁ ନେଇ ନିର୍ବାଚନୀ ତାତି

**ମିରଟ,୩୧।୩**

୧୯୬୮ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଶ୍ରୀଲଙ୍କା ପ୍ରତିପକ୍ଷ ଡୁଡ୍‌ଲେ ସେନାନାୟକଙ୍କ ସହ କାଛାତିଭୁ ଦ୍ୱୀପ ଉପରେ ଆଲୋଚନା କରିଥିଲେ। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ଦ୍ୱୀପକୁ ଡୁଡ୍‌ଲେ ସରକାର ନିଜ ଭୂଖଣ୍ଡର ଅଂଶ ଦର୍ଶାଇଥିବାରୁ ଏହାକୁ ନେଇ ସେତେବେଳେ ବିରୋଧୀ ଦଳଗୁଡ଼ିକ ଇନ୍ଦିରାଙ୍କୁ ସମାଲୋଚନା କରିଥିଲେ। ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିବାରେ ଲାଗିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଏହି ପ୍ରସଙ୍ଗ ଉଠାଇ କଂଗ୍ରେସକୁ ପୁଣି ଘେରିଛନ୍ତି। କଂଗ୍ରେସ ସରକାରର ଭୁଲ୍ ନିଷ୍ପତ୍ତି ଯୋଗୁ କାଛାତିଭୁ ଦ୍ୱୀପ ଶ୍ରୀଲଙ୍କା ହାତକୁ ଖସିଯାଇଛି। ଫଳରେ ଭାରତକୁ ବର୍ତ୍ତମାନ ମଧ୍ୟ ବହୁମୂଲ୍ୟ ଦେବାକୁ ପଡୁଛି ବୋଲି ମୋଦି ଏକ୍ସ'ରେ କହିଛନ୍ତି। କାଛାତିଭୁ ଦ୍ୱୀପ ପ୍ରସଙ୍ଗ ଏବେ ତାମିଲନାଡୁ ରାଜନୀତିକୁ ସରଗରମ କରିଥିବାବେଳେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ପରେ ଏହା ଏକ ଲୋକ ସଭା ନିର୍ବାଚନ ପାଲଟିଯାଇଛି।

ଦିଲ୍ଲୀର ରାମଲୀଲା ମଇଦାନରେ ଶନିବାର ବିରୋଧୀ ବ୍ଲକ୍ 'ଇଣ୍ଡିଆ' ପକ୍ଷରୁ 'ଲୋକତନ୍ତ୍ର ବଚାଓ' ରାଲି ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶର ମିରଟରେ ଭାଜପାର ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ଏହି ଅବସରରେ ବିରୋଧୀଙ୍କୁ ଟାର୍ଗେଟ କରି ମୋଦି କହିଛନ୍ତି, ଲୋକ ସଭା ନିର୍ବାଚନ ଦୁର୍ନୀତିର ପୃଷ୍ଠପୋଷକ ଓ ଦୁର୍ନୀତିର ଶତ୍ରୁଙ୍କ ମଧ୍ୟରେ ହେବାକୁ ଯାଉଛି। ପ୍ରତ୍ୟେକ ଭ୍ରଷ୍ଟାଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମୁଖ୍ୟ ବିରୋଧୀ ଦଳକୁ ଟାର୍ଗେଟ କରି ମୋଦି ଆହୁରି କହିଛନ୍ତି, ୧୯୭୪ରେ କଂଗ୍ରେସ କାଛାତିଭୁ ଦ୍ୱୀପକୁ ଶ୍ରୀଲଙ୍କାକୁ ଟେକି ଦେଇଥିଲା।

**ଶ୍ରୀଲଙ୍କା ହାତରେ ଦ୍ୱୀପକୁ ଟେକିଦେଇଥିଲା କଂଗ୍ରେସ: ମୋଦି**




କଂଗ୍ରେସର ଭାରତ ବିରୋଧୀ ଆଚରଣ ଆଜି ଲୋକଲୋଚନକୁ ଆସିଛି। ଭାରତୀୟ ଉପକୂଳରୁ ୨୦ କି.ମି. ଦୂରରେ ଅବସ୍ଥିତ ୧.୯ ବର୍ଗ କି.ମି. ବିସ୍ତୃତ କାଛାତିଭୁ ଦ୍ୱୀପକୁ ଦଖଲ କରିବା ପାଇଁ ଶ୍ରୀଲଙ୍କା କିପରି ସଫଳ ହେଲା ତାହା ତାମିଲନାଡୁ ଭାଜପା ସଭାପତି କେ. ଆନ୍ନାମଲାଇ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ, ୨୦୦୫ ବଳରେ ହାସଲ କରିଥିବା ତଥ୍ୟରୁ ଜଣାପଡ଼ିଛି। ସ୍ୱାଧୀନତା ପରେ ଶ୍ରୀଲଙ୍କା ଏହି ଦ୍ୱୀପ ଉପରେ ନିଜ ଦାବି ଜାହିର କରିବା ସହ ଭାରତୀୟ ନୌସେନାକୁ ବିନା ଅନୁମତିରେ ସେଠାକୁ ଯିବାକୁ ଦେଉ ନ ଥିଲା। ୧୯୬୧ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁ ଏହାକୁ ଏକ ଛୋଟ ଦ୍ୱୀପ କହି ଗୁରୁତ୍ୱ ଦେଇ ନ ଥିଲେ। ଏପରି କି ଦ୍ୱୀପ ଉପରେ ଭାରତର ଦାବି ତ୍ୟାଗ କରିବାକୁ ସେ ପଛାଇବେ ନାହିଁ ବୋଲି କହିଥିଲେ। ରାମେଶ୍ୱରମ୍ ଓ ଶ୍ରୀଲଙ୍କା ମଧ୍ୟରେ ଅବସ୍ଥିତ ଏହି ଦ୍ୱୀପକୁ ଦୁଇଦେଶର ମତ୍ସ୍ୟଜୀବୀମାନେ ବ୍ୟବହାର କରୁଥିଲେ। ତେବେ ୧୯୭୪ରେ ଇନ୍ଦିରା ଗାନ୍ଧୀ ଦ୍ୱୀପକୁ ଶ୍ରୀଲଙ୍କାକୁ ଛାଡ଼ିଦେଇଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ଏହି ବିଷୟ ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାଜନୀତି ଜୋର୍ ଧରିଛି। ଅନ୍ୟପକ୍ଷେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହାର ଜବାବରେ କହିଛନ୍ତି, ମୋଦି ନିର୍ବାଚନ ବେଳେ କାଛାତିଭୁ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉଠାଇବା ତାଙ୍କ ନୈରାଶ୍ୟର ପ୍ରତିଫଳନ। ପ୍ରଧାନମନ୍ତ୍ରୀ ମୋଦି ୧୦ ବର୍ଷ କ୍ଷମତାରେ ରହିଲେଣି। ସେ କାହିଁକି ଏହି ଦ୍ୱୀପକୁ ଫେରାଇ ଆଣିପାରିନାହାନ୍ତି ବୋଲି ଖାର୍ଗେ ପ୍ରଶ୍ନ କରିଛନ୍ତି।

## କଂଗ୍ରେସକୁ ୧,୭୪୫ କୋଟିର ସାନି ଆୟକର ନୋଟିସ

**ନୂଆଦିଲ୍ଲୀ,୩୧।୩(ପି.ଟି.)**

ଆୟକର ବିଭାଗ କଂଗ୍ରେସକୁ ୧,୭୪୫ କୋଟି ଟଙ୍କାର ଆଉ ଏକ ନୋଟିସ୍ ପଠାଇଛି। ୨୦୨୪-୨୫ରୁ ୨୦୧୬-୧୭ ନିର୍ଦ୍ଧାରଣ ବର୍ଷ ନିମନ୍ତେ ଆୟକର ବିଭାଗ କଂଗ୍ରେସ ଦଳଠାରୁ ୧,୭୪୫ କୋଟି ଟଙ୍କା ଟିକସ ଦାବି କରିଛି। ଏହାକୁ ମିଶାଇ କଂଗ୍ରେସକୁ ମୋଟ ୩,୫୬୭ କୋଟି ଟଙ୍କାର ଟିକସ ପୈଠ କରିବାକୁ କୁହାଯାଇଛି। ସାନି ନୋଟିସରେ ୨୦୧୪-୧୫ ବର୍ଷ ଲାଗି ୬୬୩ କୋଟି, ୨୦୧୫-୧୬ ବର୍ଷ ପାଇଁ ୬୬୪ କୋଟି ଏବଂ ୨୦୧୬-୧୭ ବର୍ଷ ନିମନ୍ତେ ୪୧୭ କୋଟି ଟିକସ ଦାବି ହୋଇଛି। ରାଜନୈତିକ ଦଳଗୁଡ଼ିକୁ ଟିକସ ଛାଡ଼ ସୁବିଧାରୁ ବାଦ୍ ଦିଆଯାଇଛି। ତେଣୁ ଦଳଗୁଡ଼ିକୁ ମୋଟ ଚାନ୍ଦା ସଂଗ୍ରହ ଉପରେ ଟ୍ୟାକ୍ସ ଭରିବାକୁ ହେବ ବୋଲି ଆୟକର ବିଭାଗ କହିଛି। ଚଢ଼ାଉ ବେଳେ କେତେଜଣ କଂଗ୍ରେସ ନେତାଙ୍କଠାରୁ ଜବତ ହୋଇଥିବା ଡାଇରିରେ ଦଳକୁ ତୃତୀୟ ପକ୍ଷ ଏଣ୍ଟ୍ରି କରାଯାଇଥିବାରୁ ଏଥିପାଇଁ ଏହାକୁ ଟିକସ ଭରିବାକୁ ହେବ। ଗତ ଶୁକ୍ରବାର କଂଗ୍ରେସକୁ ୧,୮୨୩ କୋଟି ଟଙ୍କାର ଆୟକର ନୋଟିସ ମିଳିଥିବା ଦଳ ପକ୍ଷରୁ କୁହାଯାଇଥିଲା। ପୂର୍ବ ବର୍ଷଗୁଡ଼ିକର ଟିକସ ପାଇଁ ଆୟକର କର୍ତ୍ତୃପକ୍ଷ କଂଗ୍ରେସ ଆକାଉଣ୍ଟରୁ ୧୩୫ କୋଟି ଟଙ୍କା ଉଠାଇନେଇଥିବାରୁ ଏହା ବିରୋଧରେ ଦଳ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ସୋମବାର ଏହାର ଶୁଣାଣି ହୋଇପାରେ।

## ଭାଜପା ୨୦୦ ଆସନ ଟପିବାକୁ ମମତାଙ୍କ ଚ୍ୟାଲେଞ୍ଜ

**କୋଲକାତା,୩୧।୩**

ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପା ୪୦୦ ଆସନ ଅତିକ୍ରମ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀ ରବିବାର ଏହାକୁ ପରିହାସ କରିଛନ୍ତି। ଗୈରିକ ଦଳ ପ୍ରଥମେ ୨୦୦ ଆସନ ଜିତି ଦେଖାଇବାକୁ ମମତା ଚ୍ୟାଲେଞ୍ଜ କରିଛନ୍ତି। ୨୦୨୧ ବିଧାନସଭା ନିର୍ବାଚନରେ ସେମାନେ ୨୦୦ ଆସନ ଟପିବେ ବୋଲି ବାହାସ୍ଫୋଟ ମାରି ୭୭ରେ ଅଟକିଯାଇଥିଲେ ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି। ଘରେ ପଡ଼ିଯାଇ ଆହତ ହେବା ପରେ ମମତା ପ୍ରଥମ ଥର ପାଇଁ ରବିବାର ଏକ ରାଲିକୁ ସମ୍ବୋଧନ କରିଛନ୍ତି। ପଶ୍ଚିମବଙ୍ଗରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଲାଗୁକୁ ସେ ଜୋର୍‌ଦାର ବିରୋଧ କରିଛନ୍ତି। ସିଏଏ ପାଇଁ ଆବେଦନ କରୁଥିବା ଆବେଦନକାରୀଙ୍କୁ ବିଦେଶୀ ଭାବେ ଧରାଯିବ ବୋଲି ସେ ସତର୍କ କରାଇଦେଇଛନ୍ତି। ବୈଧ ନାଗରିକମାନଙ୍କୁ ବିଦେଶୀରେ ପରିବର୍ତ୍ତନ କରିବା ପାଇଁ ସିଏଏ ଏକ ଫାଶ। ପଶ୍ଚିମବଙ୍ଗରେ ଆମେ ନା ସିଏଏ ନା ଏନ୍‌ଆର୍‌ସିକୁ ଲାଗୁ କରାଇ ଦେବୁ ବୋଲି ମମତା କହିଛନ୍ତି।

# ନେତାନ୍ୟାହୁଙ୍କ ଇସ୍ତଫା ଦାବିରେ ଇସ୍ରାଏଲ୍‌ରେ ବିକ୍ଷୋଭ

**ଜେରୁଜେଲମ୍,୩୧।୩**

ଗାଜା ଯୁଦ୍ଧକୁ ନେଇ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଇସ୍ତଫା ଦାବିରେ ତେଲ ଆଭିଭ ଏବଂ ଜେରୁଜେଲମ୍‌ରେ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ହଜାର ହଜାର ଲୋକ ଯୋଗଦେଇଥିବାବେଳେ ତେଲ୍ ଆଭିଭ୍‌ରେ ୧୬ ଜଣ ବିକ୍ଷୋଭକାରୀ ଗିରଫ ହୋଇଛନ୍ତି। ଯୁଦ୍ଧବିରତି ଆଲୋଚନାରେ ନେତାନ୍ୟାହୁ ପ୍ରତିବନ୍ଧକ ସୃଷ୍ଟି କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଯୁଦ୍ଧବିରତି ଘୋଷଣା କରିବା ସହ ପଣବନ୍ଦୀମାନଙ୍କୁ ମୁକ୍ତ କରିଦେବା ଦାବିରେ ଇସ୍ରାଏଲ୍‌ର ଦୁଇ ସହରରେ ହଜାର ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଥିଲେ। ଯୁଦ୍ଧ ୬ ମାସରେ ପହଞ୍ଚିଥିବାବେଳେ ଏବେ ମଧ୍ୟ ୧୩୦ରୁ ଅଧିକ ଇସ୍ରାଏଲୀ ହମାସ୍ କବଳରେ ପଣବନ୍ଦୀ ରହିଛନ୍ତି। ବିବାଦ ପରିଚାଳନାରେ ବିଫଳ ହୋଇଥିବା ନେତାନ୍ୟାହୁ ତୁରନ୍ତ ଇସ୍ତଫା ଦେବାକୁ ବିକ୍ଷୋଭକାରୀମାନେ ଦାବି କରିଛନ୍ତି। ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଯୁଦ୍ଧବିରତି ପାଇଁ ରବିବାର କାଇରୋରେ ପୁଣିଥରେ ଆଲୋଚନା ଆରମ୍ଭ ହୋଇଛି।



# କାମ୍ବୋଡିଆରେ ଫସିଛନ୍ତି ୫,୦୦୦ ଭାରତୀୟ

**ସାଇବର ଦାସତ୍ୱର ଦୁଃଖ**

**୧୨ ଘଣ୍ଟା କାମ, ଟାର୍ଗେଟ ପୂରଣ ନ କଲେ ଦଣ୍ଡ**

**ନୂଆଦିଲ୍ଲୀ,୩୧।୩**

କାମ୍ବୋଡ଼ିଆରେ ଅନ୍ୟୁନ ୫,୦୦୦ ଭାରତୀୟ ସେମାନଙ୍କ ଇଚ୍ଛା ବିରୋଧରେ ଅଟକି ରହିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଅନ୍ୟ ଭାରତୀୟମାନଙ୍କୁ ଅନ୍‌ଲାଇନରେ ବ୍ଲାକ୍‌ମେଲ୍ କରି ଟଙ୍କା ଝଡ଼ାଇବା ପରେ ଘରକୁ ଫେରାଇଦେବା ପାଇଁ ବେଆଇନ କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରାଯାଇଛି। ଏଥିପାଇଁ ଜାଲ୍ ସୋସିଆଲ ମିଡିଆ ପ୍ରୋଫାଇଲ ଏବଂ ଫଟୋ ଜରିଆରେ ସେମାନେ ନିଜକୁ ମହିଳା ପରିଚୟ ଦେଇ ଅନ୍ୟମାନଙ୍କୁ ଫସାଇଥାନ୍ତି। ଏଥିପାଇଁ ସେମାନଙ୍କୁ ଦିଆଯାଉଥିବା ଟାର୍ଗେଟ ପୂରଣ ନ କଲେ ଦଣ୍ଡ ମିଳିଥାଏ। ୧୨ ଘଣ୍ଟା କାମ କରିବା ସତ୍ତ୍ୱେ ଟାର୍ଗେଟ ପୂରଣ ନ କଲେ ଖାଇବାକୁ କିମ୍ବା ବିଶ୍ରାମ ନେବାକୁ ଦିଆଯାଇ ନ ଥାଏ। ସେମାନଙ୍କୁ ନିୟୋଜିତ କରିଥିବା ର୍‍ୟାକେଟ ୬ ମାସର ଏହି ଅପରାଧିକ କାର୍ଯ୍ୟରୁ ୫୦୦ କୋଟି ଟଙ୍କା ରୋଜଗାର କଲାଣି। ଏହାକୁ ରୋକିବା ଲାଗି ଦୁଇଦେଶ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କାମ୍ବୋଡିଆରେ ଭାରତୀୟମାନେ ଅଟକି ରହିଥିବା ଏକ ଗଣମାଧ୍ୟମ ରିପୋର୍ଟରୁ ଜାଣିବା ପରେ ସେଠାରେ ଥିବା ଦୂତାବାସ ପକ୍ଷରୁ ସେମାନଙ୍କୁ ଫେରାଇ ଆଣିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ସେମାନଙ୍କୁ ନିଯୁକ୍ତି ସୁଯୋଗର ପ୍ରଲୋଭନ ଦେଖାଇ କାମ୍ବୋଡିଆ ନିଆଯିବା ପରେ ବେଆଇନ ସାଇବର କାର୍ଯ୍ୟ କରିବାକୁ ବାଧ୍ୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ସେମାନଙ୍କ ମଧ୍ୟରୁ ୨୫୦ ଭାରତୀୟଙ୍କୁ ଉଦ୍ଧାର କରାଯାଇ ସ୍ୱଦେଶ ଅଣାଗଲାଣି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

ରିପୋର୍ଟ ଅନୁଯାୟୀ କାମ୍ବୋଡ଼ିଆରେ ଫସିଥିବା ଭାରତୀୟମାନଙ୍କୁ ଅନ୍ୟମାନଙ୍କୁ ଫସାଇ ସେମାନଙ୍କୁ ଶୋଷଣ କରିବା ପରେ ଭାରତ ଫେରାଇଦେବା ଲାଗି କାମ ଦିଆଯାଇଛି। ଫସିଥିବା ଯୁବକମାନେ ଆଇନ ପ୍ରବର୍ତ୍ତନକାରୀ ଅଫିସର ବେଶରେ ଭାରତରୁ ନୂଆ ହୋଇ ଆସିଥିବା ଲୋକଙ୍କଠାରୁ ସନ୍ଦେହଜନକ ସାମଗ୍ରୀ ଜବତ ହୋଇଥିବା କହି ସେମାନଙ୍କୁ ବ୍ଲାକ୍‌ମେଲ କରିଥାନ୍ତି। ପୋଲିସ ମଧ୍ୟ ଏହି ଦୁର୍ନୀତି ସମ୍ପର୍କରେ ଅବଗତ। କେନ୍ଦ୍ର ସରକାରଙ୍କ ଜଣେ କର୍ମଚାରୀ ଗତବର୍ଷ ଏହି ଜାଲିଆତିର ଶିକାର ହୋଇ ୬୭ ଲକ୍ଷ ଟଙ୍କା ହରାଇବା ପରେ ପୋଲିସରେ ଅଭିଯୋଗ କରିଥିଲେ। ଡିସେମ୍ବର ୩୦ରେ ରାଉରକେଲା ପୋଲିସ ଉକ୍ତ ସାଇବର ଅପରାଧ ସିଣ୍ଡିକେଟ୍‌ର ପର୍ଦ୍ଦାଫାଶ୍ କରି ବେଆଇନ ଭାବେ ଲୋକଙ୍କୁ କାମ୍ବୋଡ଼ିଆ ପଠାଉଥିବା ୮ ଜଣଙ୍କୁ ଗିରଫ କରିଥିଲା। ୧୬ ଜଣଙ୍କ ନାଁରେ ଲୁକ୍‌ଆଉଟ୍ ସର୍କୁଲାର ଜାରି ହୋଇଥିଲା।



# ଟ୍ରାଫିକ ଜାମ୍‌ରେ ଡେଲିଭରି ବୟଙ୍କ ପାଠପଢ଼ା

**ନୂଆଦିଲ୍ଲୀ**

ଜଣେ ଜୋମାଟୋ ଡେଲିଭରି ବୟ ଟ୍ରାଫିକ ଜାମ୍‌ରେ ଅଟକି ରହିଥିବାବେଳେ ନିଜ ମୋବାଇଲରେ ଧ୍ୟାନର ସହ ଏକ ୟୁପିଏସ୍‌ସି ଲେକ୍ଚରକୁ ଦେଖୁଥିବା ନେଇ ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମ ଏକ୍ସ'ରେ ଭାଇରାଲ ହେବାରେ ଲାଗିଛି। ଆୟୁଷ ସାଂଘି ନାମକ ଜଣେ ୟୁପିଏସ୍‌ସି ଅଧ୍ୟାପକ ଏହି ଭିଡିଓ ଏକ୍ସ'ରେ ଶେୟାର କରିଛନ୍ତି। ଭାଇରାଲ ହୋଇଥିବା ଏହି ଭିଡିଓରେ ଡ୍ୟୁଟିରେ ଥିବା ଜଣେ ଡେଲିଭରି ବୟ ଆଖପାଖରେ ସମସ୍ତ ପ୍ରକାରର ବିଶୃଙ୍ଖଳା ସତ୍ତ୍ୱେ ବାଇକ ଉପରେ ସୁରକ୍ଷିତ ଭାବେ ଥିବା ନିଜ ମୋବାଇଲ ଫୋନରେ ମନଧ୍ୟାନ ଦେଇ ୟୁପିଏସ୍‌ସି ସମ୍ବନ୍ଧିତ ଲେକ୍ଚର ଶୁଣୁଥିବା ଦେଖାଯାଉଛି। କଠିନ ଅଧ୍ୟୟନ ପାଇଁ ଏହା ଏକ ପ୍ରେରଣା ଦାୟୀ ଭିଡିଓ ବୋଲି ଆୟୁଷ ନିଜ ପୋଷ୍ଟର କ୍ୟାପ୍‌ସନରେ ଲେଖିଛନ୍ତି। ଅନେକ ସଂଖ୍ୟାରେ ଏକ୍ସ' ୟୁଜର୍ସ ଏହି ଭିଡିଓରେ ଅନୁପ୍ରାଣିତ ଆୟୁଷଙ୍କ ପୋଷ୍ଟରେ କମେଣ୍ଟ କରିଛନ୍ତି। ଜଣେ ୟୁଜର୍ସ କମେଣ୍ଟ କରିଛନ୍ତି, ''ଏହି ଭିଡିଓ ମୋତେ ଅଧ୍ୟୟନରେ ପୂର୍ବ ଅପେକ୍ଷା ଅଧିକ ପରିଶ୍ରମ କରିବାକୁ ପ୍ରେରଣା ଦେଉଛି''। ସେହିପରି ନିଜର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ମଧ୍ୟରେ ଜୋମାଟୋ ଡେଲିଭରି ବୟ ଜଣକ ପଢ଼ିବା ପାଇଁ କଷ୍ଟମଷ୍ଟେ ସମୟ ବାହାର କରିଥିବାରୁ, ଏହା ଜୀବନରେ ଶିକ୍ଷାର ମହତ୍ତ୍ୱକୁ ଦର୍ଶାଉଥିବା ଅନ୍ୟ କିଛି ୟୁଜର୍ସ କହିଛନ୍ତି। ତେବେ କେତେ ଜଣ ୟୁଜର୍ସ ଏନେଇ ଭିନ୍ନ ମତ ରଖିଛନ୍ତି। ଟ୍ରାଫିକ ଜାମ୍ ଥିବା ଜନବହୁଳ ରାସ୍ତାରେ ମୋବାଇଲରେ ଭିଡିଓ ଦେଖିବା ବିପଜ୍ଜନକ ହୋଇପାରେ ବୋଲି ସେମାନେ କହିଛନ୍ତି। ଏହାଦ୍ୱାରା ଦୁର୍ଘଟଣା ଘଟିବାର ସମ୍ଭାବନା ରହିଥିବା ସେମାନେ କମେଣ୍ଟରେ ଲେଖିଛନ୍ତି।



**ଫୁର୍‌ସତ୍**

# 'ଦବଙ୍ଗ ୪'କୁ ନେଇ ମୁହଁ ଖୋଲିଲେ ସଲମାନ୍

**ମୁମ୍ବାଇ**

ବଲିଉଡ୍ ସୁପରଷ୍ଟାର ସଲମାନ୍ ଖାନ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଦବଙ୍ଗ ଖାନ୍ ଭାବେ ମଧ୍ୟ ବେଶ୍ ଜଣାଶୁଣା। ସଲମାନଙ୍କ ପ୍ରଶଂସକ ସର୍ବଦା ତାଙ୍କ ନୂତନ ଚଳଚ୍ଚିତ୍ରର ଅପେକ୍ଷାରେ ରହିଥାନ୍ତି। ତେବେ ସଲମାନଙ୍କ ସୁପରହିଟ୍ ଚଳଚ୍ଚିତ୍ର କୁହାଯାଉଥିବା 'ଦବଙ୍ଗ'ର ୩ଟି ପାର୍ଟ ମୁକ୍ତିଲାଭ କରିସାରିଛି। ଏବେ ସଲମାନ୍‌ଙ୍କ ପ୍ରଶଂସକ ଉତ୍ସାହର ସହ 'ଦବଙ୍ଗ ୪' ଅପେକ୍ଷାରେ ରହିଛନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ସଲମାନ୍ 'ଦବଙ୍ଗ ୪'କୁ ନେଇ ମୁହଁ ଖୋଲିଛନ୍ତି। ଭାଇ ଅରବାଜ୍ ଖାନଙ୍କ ଦ୍ୱାରା ନିର୍ମିତ ଷ୍ଟ୍ରିମିଙ୍ଗ ଫିଲ୍ମ 'ପାଟ୍‌ନା ଶୁକ୍ଲା'ର ପ୍ରିମିୟରରେ ଯୋଗଦେଇ ସଲମାନ୍ 'ଦବଙ୍ଗ ୪'କୁ ନେଇ ଖୁଲାସା କରିଛନ୍ତି। ଏହାର ସ୍କ୍ରିପ୍ଟ ଏବେସୁଦ୍ଧା ତିଆରି ହୋଇ ନ ଥିବା ସଲମାନ୍ କହିଛନ୍ତି। ଯେତେବେଳେ ସେ ଓ ତାଙ୍କ ଭାଇ ଅରବାଜ୍ ଗୋଟିଏ ସ୍କ୍ରିପ୍ଟରେ ସହମତି ପ୍ରକାଶ କରିବେ, ସେତେବେଳେ ଏହି ଫିଲ୍ମ ନିର୍ମାଣର ରାସ୍ତା ଖୋଲିଯିବ। 'ଦବଙ୍ଗ ୪'କୁ ନେଇ ଭାଇ ଅରବାଜ୍ କିଛି ଚାହୁଁଥିବାବେଳେ ସେ ଅନ୍ୟ କିଛି ଚାହୁଁଥିବା ସଲମାନ୍ କହିଛନ୍ତି। ତେଣୁ ପ୍ରଥମେ ଗୋଟିଏ ସ୍କ୍ରିପ୍ଟରେ ଉଭୟେ ସହମତି ପ୍ରକାଶ କରି ସ୍କ୍ରିପ୍ଟ ଚୂଡ଼ାନ୍ତ କରିବା ମାତ୍ରେ 'ଦବଙ୍ଗ ୪' ରିଲିଜ୍ ହେବ ବୋଲି ସଲମାନ୍ ସୂଚନା ଦେଇଛନ୍ତି। ଅରବାଜ୍‌ଙ୍କ ଦ୍ୱାରା ନିର୍ମିତ 'ପାଟ୍‌ନା ଶୁକ୍ଲା' ଷ୍ଟ୍ରିମିଙ୍ଗ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ରବିନା ଟଣ୍ଡନଙ୍କୁ ଏହି ଅବସରରେ ନିଜର ଉତ୍ତମ ବନ୍ଧୁ କହି ସଲମାନ୍ ପ୍ରଶଂସା କରିଛନ୍ତି। 'ପାଟ୍‌ନା ଶୁକ୍ଲା' ଚଳଚ୍ଚିତ୍ର 'ଡିଜ୍‌ନି ପ୍ଲସ୍ ହଟ୍‌ଷ୍ଟାର' ପ୍ଲାଟ୍‌ଫର୍ମରେ ଷ୍ଟ୍ରିମିଙ୍ଗ ହେଉଛି।



## ସଂକ୍ଷେପରେ

### ସୁନାବେଡ଼ା ଅଭୟାରଣ୍ୟରେ ପୁଣି ବାଘ ଆତଙ୍କ

■ ଚିନ୍ତାରେ ମହୁଲ ଫୁଲ ଗୋଟାଳି
■ ଚରିବାକୁ ଯାଇଥିବା ଗାଈକୁ ବାଘ ଖାଇଥିବା ଅଭିଯୋଗ

ନୂଆପଡା,୩୧।୩ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟରେ କିଛି ମାସ ବ୍ୟବଧାନରେ ଶନିବାର ପୁଣି କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି । ସୋସେଙ୍ଗ ପଞ୍ଚାୟତ ଧାକଲି ଗାଁର ବୁଟୁଲୁ ମାଝିଙ୍କ ଏକ ଗାଈକୁ ବାଘ ଖାଇଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ ଶନିବାର ସକାଳେ ଗାଁ ଲୋକେ ଗୋରୁକୁ ଚରିବା ପାଇଁ ଜଙ୍ଗଲକୁ ଛାଡିଥିଲେ । ବୁଟୁଲୁଙ୍କ ଏକ ଗାଈ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ରବିବାର ସକାଳେ ଗାଁ ଲୋକେ ମହୁଲ ଫୁଲ ଗୋଟାଇବା ପାଇଁ ଯାଇଥିବା ବେଳେ ପାଖ ଜଙ୍ଗଲରେ ଏକ ଗାଈର ମୃତଦେହ ପଡିଥିବା ଦେଖିଥିଲେ। ସେମାନଙ୍କଠାରୁ ଖବର ପାଇ ବୁଟୁଲୁଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଗାଈ ସେମାନଙ୍କର ବୋଲି ଚିହ୍ନଟ କରିଥିଲେ । ଗାଈର ମୃତଦେହ ପାଖରେ ବାଘର ପାଦଚିହ୍ନ ଦେଖାଯାଇଥିଲା। ଏଣୁ ଗାଈକୁ ବାଘ ଖାଇଛି ବୋଲି ସେ ସନ୍ଦେହ କରୁଛନ୍ତି । ଗାଈକୁ ବାଘ ଖାଇବା ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି । ସନ୍ଧ୍ୟା ହେଲେ ଜଙ୍ଗଲ ସମୀପ ଗାଁରେ ତାଟି କବାଟ ପଡି ଯାଉଛି। ବର୍ତ୍ତମାନ ମହୁଲ ଫୁଲ ଗୋଟାଇବା ସମୟ ହୋଇଥିଲେ ହେଁ ଭୟରେ ଲୋକେ ଜଙ୍ଗଲକୁ ଯାଉନାହାନ୍ତି । ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି ।

### ପଶ୍ଚିମ ଓଡ଼ିଶାର ଜଣାଶୁଣା କୀର୍ତ୍ତନ ବାୟକଙ୍କ ବିୟୋଗ

ରିଷିଡା,୩୧।୩ (ସୁଶାନ୍ତ ମଲ୍ଲିକ)



କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲା ସୀମାନ୍ତ ଦଉଲଗୁଡି ପଞ୍ଚାୟତ କୁରେଭନା। ଗ୍ରାମର ଜଣାଶୁଣା କୀର୍ତ୍ତନ ବାୟକ ଦୟା ପୁଟେଲଙ୍କ ଶନିବାର ଅକାଳ ବିୟୋଗ ଘଟିଛି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଗତ କିଛି ଦିନ ହେବ ସେ ଶଯ୍ୟାଶାୟୀ ଥିଲେ। ସେ ଜଣେ ମେଳାପୀ ଓ କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ଥିଲେ। ତାଙ୍କ ଜୀବନକାଳ ମଧ୍ୟରେ କଳାହାଣ୍ଡି, ବଲାଙ୍ଗୀର, ସୋନପୁର ଓ ବୌଦ୍ଧ ଅଞ୍ଚଳର ବହୁ ପ୍ରତିଷ୍ଠିତ ସଂକୀର୍ତ୍ତନ ବାୟକ ଗୁରୁ ଭାବେ ପରିଚୟ ସୃଷ୍ଟି କରିପାରି ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ କଳାହାଣ୍ଡି ଜିଲା ଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ଜିଲା ସଭାପତି ସୁଶାନ୍ତ ମଲ୍ଲିକଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଶତାଧିକ କୀର୍ତ୍ତନ ଦଳ ଗାୟକ, ବାୟକ, ଧର୍ମାନୁଷ୍ଠାନ ତଥା ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ସମେତ ୪ ଟି ଜିଲାର କୀର୍ତ୍ତନ ଦଳ ତାଙ୍କ ବାସଭବନରେ ପହଞ୍ଚି ପରିବାରକୁ ସାନ୍ତନା ପ୍ରଦାନ କରିଛନ୍ତି।

# ସୁନ୍ଦର ଭୀମା ଦେବତାଙ୍କ ବାଲିଯାତ୍ରା

କୋକସରା,୩୧।୩(ଦୁଷ୍ମନ୍ତ କୁମାର ପାଢୟୋଷୀ)



ଝରିଆଗୁଡା ଗ୍ରାମରେ ବାଲିଯାତ୍ରା।

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଝରିଆଗୁଡା ଗ୍ରାମରେ ପାଳିତ ହୋଇଯାଇଛି ସୁନ୍ଦର ଭିମା ଦେବତାଙ୍କ ବାଲିଯାତ୍ରା। ଗତବର୍ଷ ଅକ୍ଟୋବର ମାସ ବିଜୟା ଦଶମୀରୁ ଏହା ଆରମ୍ଭ ହୋଇ ରବିବାର ପୋଢ଼ ବଳି ସହ ଉଦ୍‌ଯାପିତ ହୋଇଯାଇଛି। ଏହା ଏକ କୃଷିଭିତ୍ତିକ ପର୍ବ ହୋଇଥିବାବେଳେ ଗାଁରେ ଭଲ ଫସଲ, ଗାଁର ସୁଖ ସମୃଦ୍ଧି, ରୋଗପୋକ ଦୂର ସହ ଗାଁର ଦେବାଦେବୀଙ୍କ ଶୁଭଦୃଷ୍ଟି ଓ ମଙ୍ଗଳ କାମନା କରି ଏହି ପର୍ବ ପାଳନ କରାଯାଏ। ଝରିଆଗୁଡା ଗ୍ରାମ୍ୟ ବାଲିଯାତ୍ରା ପୂଜା କମିଟି ଆୟୋଜନରେ ବାଲିଯାତ୍ରାର ମୁଖ୍ୟ ପୁରୋଧା ଗୁରୁମେଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦର ଭିମା ଦେବତାଙ୍କ ପାଇଁ ଗ୍ରାମର ପୂଜାସ୍ଥଳୀରେ ଏକ ଅସ୍ଥାୟୀ ଗୁଡି ସ୍ଥାପନା କରାଯାଇଥିଲା। ଗୁରୁମେ ଦୀର୍ଘ ମାସ ଧରି ପୁଝାରି ଡୁମା, ଧନବନ୍ତ ଭିମା, କନ୍ଧେନ ରାଣି, ପିଲା ଭିମା, ପାଟରାଣୀ, ଡୁମେର ରାଣୀ, ମଡିଆ ରାଣୀ, ବେଳମତି, ଫୁଲମତି, କାନ୍ଦରୀ, ଲାଡ଼ଲୀ, ଜଳକେଳି, ଗୋପବାଲି, ନିଆଳି ମଲ୍ଲି, ଭଣ୍ଡାର ମାଉଳି, ଭାଏସାଲ ମାଝୀ, ମାନ ପୁରେନ, ପର

**ପୋଢ଼ବଳି ସହ ଉଦ୍‌ଯାପିତ**

ଦେଶେନ, ବିର ମାଝୀ ମା, ଠାକୁରାଣୀ, ଲଙ୍କେଶ୍ୱରୀ, ଧାରଣୀ, ପାଟ ଧାରଣୀ, ଲଦାଲଦେନ, ବହଲେନ ମାଉଳି, ଠୁଟି ମାଉଳି ଗ୍ରାମ ଦେବାଦେବୀଙ୍କୁ ଆବାହନ ପୂର୍ବକ ପୂଜାର୍ଚ୍ଚନା କରିବା ପରେ ଭିମା ଦେବତାଙ୍କ ଜନ୍ମ ହୋଇଥିଲା। ସୁନ୍ଦରା ଭିମା ଯୁବା ବୟସରେ ଉପନୀତ ହେବାପରେ ଗତ ଶନିବାର ଭିମା ଦେବତାଙ୍କ ବିବାହ କନ୍ଧେନ ଦେବୀଙ୍କ ସହ ଅନୁଷ୍ଠିତ ହୋଇଥିଲା। ରବିବାର ଶେଷ ଦିନରେ ମାଟି ମା'ଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏକ ପୋଢ଼କୁ ଗ୍ରାମ ପୂଜକ ଓରାଚନ ପୂଝାରିଙ୍କ ଘରୁ ପୂଜାର୍ଚ୍ଚନା କରି ଅଣାଯାଇ ଗ୍ରାମରେ ପରିକ୍ରମା କରାଇ ଗାଁ ନିକଟସ୍ଥ ଏକ ପଡ଼ିଆକୁ ନେଇ ଗ୍ରାମ୍ୟ ପୂଜକଙ୍କ ପୂଜା ପରେ ପୋଢ଼କୁ ବଳି ଦେଇ ମାଟି ଦେବତାଙ୍କୁ ଅର୍ପଣ କରିଥିଲେ। ପରେ ମୃତ ପୋଢ଼ର ଅଂଶବିଶେଷକୁ ପୂର୍ବରୁ ଖୋଳା ଯାଇଥିବା ଗାତରେ ପୋତି ଦିଆ ଯାଇଥିଲା। ଉଦ୍‌ଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପାର କଳାହାଣ୍ଡି ଏମ୍‌ପି ପ୍ରାର୍ଥୀନି ମାଲବିକା କେଶରୀ ଦେଓ, ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ ଉପସ୍ଥିତ ଥିଲେ। ପୂଜା କମିଟି ସଭାପତି ଜୟଲାଲ ନାଏକ, ସମ୍ପାଦକ ରାଜକିଶୋର ସାହୁ, ଉପସଭାପତି କୁରୁକ୍ଷେତ୍ର ପାଣିଗ୍ରାହୀ, ମୁକୁନ୍ଦ ପଟ୍ଟନାୟକ, ଅଚ୍ୟୁତାନନ୍ଦ ମାଝି, ଜିତେନ୍ଦ୍ର ନାଏକ, ଅରବିନ୍ଦ ପଟ୍ଟନାୟକ, ସମିତି ସଭ୍ୟ ମୁକ୍ତେଶର ନାଏକ ସମେତ ସ୍ୱାମୀ ବିବେକାନନ୍ଦ ୟଙ୍ଗ କ୍ଲବ ସଦସ୍ୟ ଓ ଝରିଆଗୁଡା ଗ୍ରାମବାସୀ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ।

## ଚାଲାଣ ବେଳେ ୧୦ କୁଇଣ୍ଟାଲ ଖଇର କାଠ ଜବତ

କଣ୍ଟାବାଞ୍ଜି, ୩୧।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ତୁରେକେଲା ସଦର ସେକ୍ସନରେ ଶନିବାର ରାତ୍ରି ପାଟ୍ରୋଲିଂ ବେଳେ ବନ ବିଭାଗ ୧୦କୁଇଣ୍ଟାଲ ଖଇର କାଠ ଜବତ ଜବତ କରିଛି । ରେଞ୍ଜର ଏସ. ସାହୁଙ୍କ ନିର୍ଦ୍ଦେଶକ୍ରମେ ପାଟ୍ରୋଲିଂ ଟିମ୍ ତୁରେକେଲା ସଦର ଗ୍ରାମରୁ ଏକ ନକଲି ଛତିଶଗଡ ଗାଡି ନଂ.ସିଜି୦୫-୦୮୦୪ନ୍ୱରରେ ଖଇର କାଠ ଚାଲାଣ ବେଳେ ବନ ବିଭାଗ ଜବତ କରିଛି। ତୁରେକେଲା ସେକ୍ସନ ଫରେଷ୍ଟର ବାବୁଲାଲ ପଟେଲଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଏ ନେଇ କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜରେ ଏକ ମାମଲା(୨୯୯/୨୪) ରୁଜୁ ହୋଇଛି। ଜବତ ଗାଡି ସମ୍ପର୍କରେ ବଲାଙ୍ଗୀର ଏବଂ ଛତିଶଗଡ ଆରଟିଓକୁ ବନ ବିଭାଗ ଚିଠି ଲେଖିଛି। ଗାଡି ଡ୍ରାଇଭରଙ୍କୁ ଅଟକ ରଖି ଅଧିକ ତଦନ୍ତ ଚାଲିଥିବା ରେଞ୍ଜର ସାହୁଙ୍କଠାରୁ ପ୍ରକାଶ।

## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଲାଞ୍ଜିଗଡ଼,୩୧।୩(ରମେଶ ଚନ୍ଦ୍ର ନାୟକ)

**୪୨ ଘଣ୍ଟା ପରେ ହେଲା ସତ୍କାର**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ସରପଦରର ଯୁଗୀ ମାଝି(୩୦)ଙ୍କ ଝୁଲନ୍ତା ମୃତଦେହ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସଲପାଙ୍ଗ ଗାଁର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଖବର ପାଇ ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରେ ବିଳମ୍ବ ଯୋଗୁ ପ୍ରାୟ ୪୨ ଘଣ୍ଟା ପରେ ଯୁବକଙ୍କ ମୃତଦେହ ଜବତ ପରେ ସତ୍କାର କରାଯାଇଥିଲା। ଯୁଗୀ ୪ ବର୍ଷ ତଳେ ଭବାନୀପାଟଣା ସଦର ଥାନା ସଲପାଙ୍ଗ ଗାଁରେ ବିବାହ କରି ସେଠାରେ ରହୁଥିଲେ। ଗତ ବୁଧବାର ରାତିରେ ସେ କୌଣସି କାମରେ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ପରିବାର ଲୋକେ ଖୋଜାଖୋଜି କରିବା ପରେ ଗାଁଠାରୁ କିଛି ଦୂରରେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଗାଁ ଲୋକେ ଯୋଗୀଙ୍କ ପରିବାର ଲୋକଙ୍କୁ ଖବର ଦେବା ସହିତ ଗୁରୁବାର ସକାଳେ ଭବାନୀପାଟଣା ସଦର ଥାନାକୁ ଫୋନ ଯୋଗେ ଜଣାଇଥିଲେ। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପୋଲିସ ନ ପହଞ୍ଚିବାରୁ ମୃତକଙ୍କ ସମ୍ପର୍କୀୟ ମୃତଦେହ ଉଦ୍ଧାର କରି ସଲପାଙ୍ଗ ଗାଁକୁ ନେଇଥିଲେ। ପରେ ମୃତଦେହକୁ ଗାଁ ମଶାଣିକୁ ଦାହ କରିବା ପାଇଁ ନେଇଥିଲେ। ହେଲେ ସେଠାରେ ଦାହ ନ କରି ମୃତକଙ୍କ ପରିବାର ଲୋକେ ଚାଲି ଆସିଥିଲେ। ମଶାଣିରେ ମୃତଦେହ ସେମିତି ପଡ଼ିରହିଥିଲା। ଶୁକ୍ରବାର ମଧ୍ୟାହ୍ନରେ ଉଭୟ ପରିବାର ଲୋକେ ମିଶି ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ଶୁକ୍ରବାର ବିଜେପୁର ଥାନା ଅଧିକାରୀ ରଘୁନାଥ ମାଝି ଓ ଭବାନୀପାଟଣା ସଦର ଥାନା ଅଧିକାରୀ ନରେଶ ପ୍ରଧାନ ପୋଲିସ ଟିମ ଓ ଡାକ୍ତରଙ୍କ ସହିତ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ବ୍ୟବଚ୍ଛେଦ ପରେ ଶେଷକୃତ ସମ୍ପନ୍ନ ହୋଇଥିଲା। ଏହା ହତ୍ୟା ନାଁ ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ବିଜେପୁର ଥାନା ଅଧିକାରୀ ମାଝି କହିଛନ୍ତି। ଏନେଇ ଭବାନୀପାଟଣା ସଦର ଥାନାରେ ଏକ ମାମଲା (ନଂ.୫/୨୪) ରୁଜୁ ହୋଇଥିବା ସଦର ଥାନାଧିକାରୀ ନରେଶ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

# ନିର୍ବାଚନୀ ବଣ୍ଡକୁ ନେଇ ବିଜେଡି ଓ ଭାଜପା ଉପରେ ବର୍ଷିଲା କଂଗ୍ରେସ



କଂଗ୍ରେସର ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ଭବାନୀପାଟଣା,୩୧।୩(ଉତ୍ତମ କୁମାର ଦାଶ)

ନିର୍ବାଚନୀ ବଣ୍ଡକୁ ନେଇ ଉଭୟ ବିଜେଡି ଓ ଭାଜପା ଉପରେ ବର୍ଷିଛି କଳାହାଣ୍ଡି ଜିଲା କଂଗ୍ରେସ। ରବିବାର ଭବାନୀପାଟଣା ଦଳୀୟ କାର୍ଯ୍ୟାଳୟରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଉଭୟ ବିଜେଡି ଓ ଭାଜପା ଶାସନର ଗୁମର ଖୋଲିଛନ୍ତି ଜିଲା ସଭାପତି ଭାରତ ଭୂଷଣ ବେମାଲ।

ବିଜେଡ଼ି ସରକାର ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବର୍ଷ ବର୍ଷ ଧରି ଉପେକ୍ଷା କରି ପୁଞ୍ଜିପତିମାନଙ୍କୁ ରାଜ୍ୟର ସମ୍ପତ୍ତିକୁ ଟେକି ଦେଇ ହଜାର ହଜାର କୋଟି ଟଙ୍କା ରାଜନୈତିକ ପାଣ୍ଠି ଆଦାୟ କରୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ବିଜେଡି ଓ ଭାଜପା ଉଭୟେ ରାଜନୈତିକ

**କଳାହାଣ୍ଡି ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ**

ପାଣ୍ଠି ଆଦାୟ କରୁଥିବା ଏକ ହପ୍ତା ବସୁଲି ଦଳ। ଏଥିପାଇଁ ଇଡି, ସିବିଆଇ ଓ ଆଇଟିକୁ ବିଭିନ୍ନ ଶିଳ୍ପପତି ଓ ବ୍ୟବସାୟୀଙ୍କ ବିରୋଧରେ ବ୍ୟବହାର କରି ସେମାନଙ୍କୁ ଭୟଭୀତ କରି ଭାଜପା ୬ ବର୍ଷ ଭିତରେ ୮ ହଜାର ୨୫୨ କୋଟି ଟଙ୍କା ରାଜନୈତିକ ପାଣ୍ଠି ନିର୍ବାଚନୀ ବଣ୍ଡ ମାଧ୍ୟମରେ ପାଇଛି। ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ବିଜେଡ଼ି ଏକ ଆଞ୍ଚଳିକ ଦଳ ହୋଇ ମଧ୍ୟ ଭାରତ ବର୍ଷର ରାଜନୈତି ଚାନ୍ଦା ପାଇଥିବା ୫ମ ବୃହତ୍ତମ ଦଳ। ଉଭୟ ବିଜେଡ଼ି ଓ ଭାଜପା ଏକ ଚାନ୍ଦା ଅସୁଲି ରାଜନୈତିକ ଦଳ। ଭାଜପା ଡର ଓ ଧମକ ଦେଇ ରାଜନୈତିକ ଚାନ୍ଦା ଆଦାୟ କରୁଥିଲାବେଳେ ଭାରତୀୟ ଜାତୀୟ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଇନକମ ଟ୍ୟାକ୍ସ ମାଧ୍ୟମରେ ବନ୍ଦ କରିଦେଉଛନ୍ତି। କଂଗ୍ରେସକୁ ଭାଜପାର ଏତେ ଭୟ କାହିଁକି ବୋଲି ଜିଲା ସଭାପତି ବେମାଲ ପ୍ରଶ୍ନ କରିଛନ୍ତି। ସେହିପରି ଜିଲା କଂଗ୍ରେସ ମିଡ଼ିଆ ସେଲ ଅଧ୍ୟକ୍ଷ ମୁରଲୀଧର ନାଏକ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଲେ ଯେ, ଉଭୟ ଦଳକୁ ଖଣି କମ୍ପାନୀ ଏବଂ ଷ୍ଟିଲ କମ୍ପାନୀମାନେ ଶହ ଶହ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ଉପ ସଭାପତି ମହମ୍ମଦ ଅଲି, ଆରଜି ପିଆରଏସ ଜିଲା ସଂଯୋଜକ ସରୋଜ ବାଗ, ଜିଲା କଂଗ୍ରେସ ସମ୍ପାଦକ ପ୍ରିତମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବେହେରା,୩୧।୩(ଭୂପେଶ ତିୱାରୀ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ରବିବାର ଧର୍ମଗଡରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଡା. ବାବାଜୀ ଚରଣ ଦାଶ ଏହି ଶିବିରରେ ଯୋଗ ଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରକୁ ଆଧାତ୍ମିକ କଥାବ୍ୟାସ ଆଶୀର୍ବାଦ ଜୀ ମହାରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସାମ୍ବାଦିକ ବିଦ୍ୟାଧର ସାହୁ, ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା.ଚୈତନ୍ୟ ମେହେର, ସାମ୍ବାଦିକ ଇଙ୍ଗିତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେବା ସମିତି ପକ୍ଷରୁ ରୋଗୀଙ୍କୁ ଆବଶ୍ୟକୀୟ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଜଟିଳ ରୋଗରେ ପୀଡିତ ଥିବା ରୋଗୀଙ୍କ ଅସ୍ତ୍ରୋପଚାର ଖର୍ଚ୍ଚ ଜଗନ୍ନାଥ ସେବା ସମିତି ବହନ କରିବ ବୋଲି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସହକର୍ମୀଙ୍କ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି ।

ଲୋଇସିଂହା,୩୧।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ ରବିବାର ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ବିଦ୍ୟାଳୟ ତରଫରୁ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଶିକ୍ଷକ ଡୋଲାମଣୀ ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ତ୍ରିପାଠୀ ଓ ତାଙ୍କ ଧର୍ମପତ୍ନୀ ରଶ୍ମିତା ତ୍ରିପାଠି ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସା, ଅଲୁମିନି କମିଟି ସଭାପତି ରଙ୍କ ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ନେପାଳଚନ୍ଦ୍ର ବାଗ, କୃଷ୍ଣଚନ୍ଦ୍ର ନାଥ ମଞ୍ଚାସୀନ ଥିଲେ। ଛାତ୍ରୀ ସୁଚିସ୍ମିତା, ପ୍ରତିକ୍ଷା ହରପାଲ, ଐଶ୍ୱର୍ଯ୍ୟା ତ୍ରିପାଠୀ, ପ୍ରତିଭାମୟୀ ତ୍ରିପାଠୀ ପ୍ରଧାନଶିକ୍ଷକ ତ୍ରିପାଠୀଙ୍କୁ ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ବୋଲି କହିଥିଲେ। ସହକାରୀ ଶିକ୍ଷକ ନରେଶ ଦ୍ୱାରି, କୃଷ୍ଣଚନ୍ଦ୍ର ପୂଜାରୀ ମନରଞ୍ଜନ ବିଶ୍ୱାଳ ପ୍ରଧାନଶିକ୍ଷକ ତ୍ରିପାଠୀଙ୍କ ବହୁମୁଖୀ ପ୍ରତିଭାର ଅବତାରଣା କରିଥିଲେ । ଏହି ଅବସରରେ ତ୍ରିପାଠୀଙ୍କୁ ଛାତ୍ରୀଛାତ୍ର, ସହକର୍ମୀ, ପରିଚାଳନା କମିଟି, ଆଲୁମିନି କମିଟି, ପୁରାତନ ଛାତ୍ରୀଛାତ୍ର ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ତରରେ କଠିନ ପରିଶ୍ରମ ଓ ନିଷ୍ଠାପର ଅଧ୍ୟବସାୟ କରି ସଫଳତା ହାସଲ କରିବାକୁ ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ତ୍ରିପାଠୀ ପରାମର୍ଶ ଦେଇଥିଲେ ।ଶିକ୍ଷକ ସଚ୍ଚଦାନନ୍ଦ ଭୋଇ ସଭା କାର୍ଯ୍ୟ ସଂଯୋଜନା କରିଥିଲେ।

## ଭାଜପା ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୩୧।୩ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ରେଡ଼କ୍ରସ କଲ୍ୟାଣୀ ମଣ୍ଡପ ଠାରେ ରବିବାର ଭାଜପା ପକ୍ଷରୁ ସ୍ଥାନୀୟ ନଗର ମଣ୍ଡଳ ପାଇଁ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ମଣ୍ଡଳ ସଭାପତି ସନ୍ତୋଷ କୁମାର ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଳାହାଣ୍ଡି ଭାଜପା ଲୋକସଭା ପ୍ରାର୍ଥୀନୀ ମାଳବିକା କେଶରୀ ଦେଓ, ପୂର୍ବତନ ଏମ୍‌ପି ଅର୍କକେଶରୀ ଦେଓ,ମ ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ଭାରତ ଭୂଷଣ ଦେଓ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭାଜପା ଲୋକସଭା ପ୍ରାର୍ଥୀନୀ ମାଳବିକା କେଶରୀ ଦେଓଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଇ ସମ୍ବର୍ଦ୍ଧନା ଜଣାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ଭାଜପା ଲୋକସଭା ଓ ବିଧାନସଭା ପାର୍ଥିନୀ/ପ୍ରାର୍ଥୀମାନେ କିପରି ଅଧିକରୁ ଅଧିକ ଭୋଟରେ ବିଜୟୀ ହେବେ ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇଥିଲା। ଜିଲା ଯୁବ ମୂର୍ଚ୍ଛା ସାଧାରଣ ସମ୍ପାଦକ ନରହରି ପଟ୍ଟନାୟକ ସଭା ପରିଚାଳନା କରିଥିବା ବେଳେ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନକଲି ସାର୍ଟିଫିକେଟ ଦେଇ ଚାକିରି, ମାମଲା ରୁଜୁ

ପଦ୍ମପୁର, ୩୧।୩(ପ୍ରଦୀପ୍ତ ଦାଶ)

ନକଲି ସାର୍ଟିଫିକେଟରେ ଚାକିରି କରିଥିବା ନେଇ ବରଗଡ଼ ଜିଲା ପଦ୍ମପୁର ଥାନା ଅଧୀନ ଫଟାମୁଣ୍ଡା ଗାଁର ଭାଇଭଉଣୀ ସରୋଜ ନେଗୀ ଓ କଳ୍ପନା ନେଗୀଙ୍କ ନାଁରେ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଏତଲା ଦାୟର ହୋଇଛି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୧୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ମମତା ନାଏକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ୨୦୧୨ ମସିହାରୁ ଉଭୟଙ୍କ ନାଁରେ ଅଭିଯୋଗ ହୋଇଥିଲା। ଆରଡିସି କୋର୍ଟରେ ହୋଇଥିବା ଅଭିଯୋଗକୁ ରାଜ୍ୟ ତନଖି କମିଟିରେ ବିଚାର କରି ନକଲି ସାର୍ଟିଫିକେଟ ପ୍ରମାଣିତ ହେବା ପରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଉଭୟ ନକଲି ସାର୍ଟିଫିକେଟଧାରୀଙ୍କ ନାଁରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

## କଣ୍ଟାବାଞ୍ଜିରେ ବିକାଶ ଟେକନୋ ସ୍କୁଲ ଉଦ୍‌ଘାଟିତ

କଣ୍ଟାବାଞ୍ଜି, ୩୧।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରରେ ବିକାଶ ଗ୍ରୁପର ବିକାଶ ଟେକନୋ ସ୍କୁଲର ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ଏହି ବିଦ୍ୟାଳୟ ମୁସ୍କାନ ଇଣ୍ଟର ନ୍ୟାଶନାଲ ସ୍କୁଲ ନାମରେ ପରିଚିତ ଥିଲା। ମୁସ୍କାନ ଇଣ୍ଟର୍ ନ୍ୟାଶନାଲ ସ୍କୁଲ ପ୍ରତିଷ୍ଠାତା ବ୍ରିଜେଶ ଅଗ୍ରୱାଲଙ୍କ ପ୍ରଚେଷ୍ଟା ଏବଂ ବିକାଶ ଗ୍ରୁପର ଉଦ୍ୟମରେ ଏଣିକି କଣ୍ଟାବାଞ୍ଜିରେ ଉତ୍ତମମାନର ଶିକ୍ଷା ମିଳିପାରିବ ବୋଲି ଉଦ୍‌ଘାଟନ ଅବସରରେ ବକ୍ତାମାନେ କହିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଆଇଆର୍‌ଏସ ଶ୍ରୀକାନ୍ତ ଚାଟାର୍ଜୀ ମୁଖ୍ୟ ଅତିଥି, କଣ୍ଟାବାଞ୍ଜି ଏନଏସି ଅଧ୍ୟକ୍ଷ ବରିୟାମ ସିଂ ସାଲୁଜା, ବିକାଶ ଗ୍ରୁପ ଡାଇରେକ୍ଟର ଡି.ନାଗେଶର ରାଓ ଅତିଥିଭାବେ ଯୋଗ ଦେଇଥିଲେ।



ବିକାଶ ଟେକନୋ ସ୍କୁଲ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ନୋ ରେଲ ନୋ ଭୋଟ ପାଇଁ ବୈଠକ

ଦେଓଗାଁ,୩୧।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)



ଦେଓଗାଁ ମେନରୋଡ ଦୁର୍ଗାମଣ୍ଡପ ପରିସରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଜନସାଧାରଣ।

ବଲାଙ୍ଗୀର ଜିଲା ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ଦେଓଗାଁ ୟୁଥ ଏକ୍ସନ କମିଟି ଆହ୍ୱାନକ୍ରମେ ରବିବାର ସନ୍ଧ୍ୟାରେ ଦେଓଗାଁ ମେନରୋଡ ଦୁର୍ଗାମଣ୍ଡପ ପରିସରରେ ଦେଓଗାଁ ପଞ୍ଚାୟତ ତଥା ଆଖପାଖ ଗାଁର ଜନସାଧାରଣଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ୟୁଥ ଏକ୍ସନ କମିଟି ସଭାପତି ଶାବକ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଓଗାଁ ଓ କଛାରପାଲି ଗାଁର ସଚେତନ ନାଗରିକ, ସଂଗଠକ, ଗ୍ରାମ୍ୟ ଉନ୍ନୟନ କମିଟି, ବଣିକ ସଂଘ ତଥା ନେତୃବୃନ୍ଦ ଓ ଏସ୍‌ଏଚ୍‌ଜି ମହିଳାମାନେ ଯୋଗଦେଇଥିଲେ। ୨୦୦୨ ମସିହାରୁ ଏହି ପ୍ରମୁଖ ଦାବି ଉପରେ କୌଣସି ନେତୃତ୍ୱ ପଦକ୍ଷେପ ଗ୍ରହଣ ନକରିବା ପରିତାପର ବିଷୟ ବୋଲି ଉପସ୍ଥିତ ଜନସାଧାରଣ ମତପ୍ରକାଶ କରିଥିଲେ। ବର୍ତ୍ତମାନ ୟୁଥ ଏକ୍ସନ କମିଟି ଆହ୍ୱାନ ନୋ ରେଲ ନୋ ଭୋଟ ଉପରେ ସମସ୍ତେ ମତବ୍ୟକ୍ତ କରିବାସହ ଆଗକୁ ନିର୍ବାଚନ ସମୟରେ କୌଣସି ଦଳକୁ ସମର୍ଥନ ନ କରିବାପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଏହାସହ ଚଳିତ ନିର୍ବାଚନରେ ଗାଁ ତରଫରୁ ଭୋଟ ବର୍ଜନ କରିବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିର୍ବାଚନ ସମୟରେ ଗାଁର କୌଣସି ବ୍ୟକ୍ତି ଦଳୀୟ ପ୍ରାର୍ଥୀମାନଙ୍କୁ ସହଯୋଗ ନ କରିବାସହ ସମସ୍ତ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗକୁ ପ୍ରତି ପଞ୍ଚାୟତର ଜନପ୍ରତିନିଧିମାନଙ୍କୁ ନେଇ ବୈଠକ ତଥା ପ୍ରତ୍ୟେକ ଗାଁମାନଙ୍କରେ ବୈଠକ କରାଯାଇ ଏହି ଆନ୍ଦୋଳନକୁ ସମର୍ଥନ ଦେବାପାଇଁ ଅନୁରୋଧ କରାଯିବ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପାଣିଗ୍ରାହୀ ପରିଚାଳନା କରିଥିଲେ। ୟୁଥ ଏକ୍ସନ କମିଟି ସମ୍ପାଦକ ସନ୍ୟାସୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ନକଲି ସାର୍ଟିଫିକେଟ ଦେଇ ଚାକିରି, ମାମଲା ରୁଜୁ

ପଦ୍ମପୁର, ୩୧।୩(ପ୍ରଦୀପ୍ତ ଦାଶ)

ନକଲି ସାର୍ଟିଫିକେଟରେ ଚାକିରି କରିଥିବା ନେଇ ବରଗଡ଼ ଜିଲା ପଦ୍ମପୁର ଥାନା ଅଧୀନ ଫଟାମୁଣ୍ଡା ଗାଁର ଭାଇଭଉଣୀ ସରୋଜ ନେଗୀ ଓ କଳ୍ପନା ନେଗୀଙ୍କ ନାଁରେ ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଏତଲା ଦାୟର ହୋଇଛି। ଉକ୍ତ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧୧୯/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ମମତା ନାଏକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ୨୦୧୨ ମସିହାରୁ ଉଭୟଙ୍କ ନାଁରେ ଅଭିଯୋଗ ହୋଇଥିଲା। ଆରଡିସି କୋର୍ଟରେ ହୋଇଥିବା ଅଭିଯୋଗକୁ ରାଜ୍ୟ ତନଖି କମିଟିରେ ବିଚାର କରି ନକଲି ସାର୍ଟିଫିକେଟ ପ୍ରମାଣିତ ହେବା ପରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଉଭୟ ନକଲି ସାର୍ଟିଫିକେଟଧାରୀଙ୍କ ନାଁରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

### ସୁନାବେଡ଼ା ଅଭୟାରଣ୍ୟରେ ପୁଣି ବାଘ ଆତଙ୍କ

ନୂଆପଡା,୩୧।୩ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟରେ କିଛି ମାସ ବ୍ୟବଧାନରେ ଶନିବାର ପୁଣି କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି । ସୋସେଙ୍ଗ ପଞ୍ଚାୟତ ଧାକଲି ଗାଁର ବୁଟୁଲୁ ମାଝିଙ୍କ ଏକ ଗାଈକୁବାଘ ଖାଇଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ ଶନିବାର ସକାଳେ ଗାଁ ଲୋକେ ଗୋରୁକୁ ଚରିବା ପାଇଁ ଜଙ୍ଗଲକୁ ଛାଡିଥିଲେ । ବୁଟୁଲୁଙ୍କ ଏକ ଗାଈ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ରବିବାର ସକାଳେ ଗାଁ ଲୋକେ ମହୁଲ ଫୁଲ ଗୋଟାଇବା ପାଇଁ ଯାଇଥିବା ବେଳେ ପାଖ ଜଙ୍ଗଲରେ ଏକ ଗାଈର ମୃତଦେହ ପଡିଥିବା ଦେଖିଥିଲେ। ସେମାନଙ୍କଠାରୁ ଖବର ପାଇ ବୁଟୁଲୁଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଗାଈ ସେମାନଙ୍କର ବୋଲି ଚିହ୍ନଟ କରିଥିଲେ । ଗାଈର ମୃତଦେହ ପାଖରେ ବାଘର ପାଦଚିହ୍ନ ଦେଖାଯାଇଥିଲା। ଏଣୁ ଗାଈକୁ ବାଘ ଖାଇଛି ବୋଲି ସେ ସନ୍ଦେହ କରୁଛନ୍ତି । ଗାଈକୁ ବାଘ ଖାଇବା ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ସନ୍ଧ୍ୟା ହେଲେ ଜଙ୍ଗଲ ସମୀପ ଗାଁରେ ତାଟି କବାଟ ପଡି ଯାଉଛି। ବର୍ତ୍ତମାନ ମହୁଲ ଫୁଲ ଗୋଟାଇବା ସମୟ ହୋଇଥିଲେ ହେଁ ଭୟରେ ଲୋକେ ଜଙ୍ଗଲକୁ ଯାଉନାହାନ୍ତି । ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି ।

# ପ୍ରକଳ୍ପ ଅସମ୍ପୂର୍ଣ୍ଣ, ଭିତ୍ତିଭୂମି ଅସଜଡ଼ା

## ସୁବର୍ଣ୍ଣପୁର ଜିଲାକୁ ୩୧ ବର୍ଷ ପୂରିଲା

ସୋନପୁର,୩୧।୩(ମୃତ୍ୟୁଞ୍ଜୟ ଶତପଥୀ)


ଜିଲାପାଳଙ୍କ କାର୍ଯ୍ୟାଳୟ।

୧୯୯୩ ମସିହା ଏପ୍ରିଲ ୧ ତାରିଖ ଦିନ ସୁବର୍ଣ୍ଣପୁର ଜିଲା ଗଠନ ହୋଇଥିଲା। ଜିଲା ଗଠନ ପରେ ବିକାଶ ନେଇ ଲୋକେ ବହୁ ଆଶାବାଦୀ ଥିଲେ। ମାତ୍ର ୩୧ ବର୍ଷ ପୂରିଥିଲେ ହେଁ ଏ ପର୍ଯ୍ୟନ୍ତ ଆଖିଦୃଶିଆ ବିକାଶ ହୋଇ ନ ଥିବା ଅଭିଯୋଗ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ଜିଲା ବହୁ ପଛରେ ପଡିଛି। ଜିଲାର ବିକାଶ ନେଇ ଅନେକ ସମ୍ଭାବନା ଥିଲେ ହେଁ ଲୋକ ପ୍ରତିନିଧି ଓ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଅପରିଣାମଦର୍ଶିତା ଯୋଗୁ ତାହା ହୋଇ ପାରିନାହିଁ। ଜିଲାର ଶତ ପ୍ରତିଶତ ଚାଷ ଜମିକୁ ଜଳସେଚିତ କରିବା ପାଇଁ ପର୍ଯ୍ୟାପ୍ତ ଜଳଉତ୍ସ ଅଛି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ଅପାର ସମ୍ଭାବନା ରହିଛି। କିନ୍ତୁ ଜିଲାରେ ଜଳସେଚନ ପ୍ରକଳ୍ପ ଓ ପର୍ଯ୍ୟଟନର ଭିତ୍ତିଭୂମି ସବୁ ଅସମ୍ପୂର୍ଣ୍ଣ ଏବଂ ଅସଜଡା ରହିଛି। ପର୍ଯ୍ୟଟନସ୍ଥଳୀ ଗୁଡିକରେ ପର୍ଯ୍ୟଟକଙ୍କ ପାଇଁ ସର୍ବନିମ୍ନ ସୁବିଧା ନାହିଁ। ଫଳରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁନାହିଁ। ଜିଲା ଦେଇ ମହାନଦୀ, ତେଲନଦୀ, ଅଙ୍ଗନଦୀ, ସୁକତେଲ ନଦୀ ଓ ନିବୃତ୍ତି ଯୋର ପ୍ରବାହିତ ହେଉଛି। ଏଥିସହ ହରିହରଯୋର ଡ୍ୟାମ୍ ଭଳି ମଧ୍ୟମ ଜଳସେଚନ ପ୍ରକଳ୍ପ ବି ଅଛି। ମାତ୍ର ସେ ତୁଳନାରେ ଜିଲାର ସୋନପୁର, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଅଞ୍ଚଳରେ ଜଳସେଚନର ବିକାଶ ହୋଇପାରିନାହିଁ। ମହାନଦୀ ଓ ତେଲନଦୀ କୂଳରେ ମେଗା ଉଠାଜଳସେଚନ ପ୍ରକଳ୍ପ, ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ବହୁ ମନ୍ଥର ଗତିରେ ଚାଲିଛି। ସେହିପରି ସୁବର୍ଣ୍ଣପୁର ସହରକୁ ବନ୍ୟା ଦାଉରୁ ରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ରିଂ ରୋଡ ନିର୍ମାଣ ଆରମ୍ଭ ହୋଇଥିଲା। ୧୩ ବର୍ଷ ପରେ ବି ତାହା ସରିନାହିଁ। ସୋନପୁର ବ୍ଲକର ୯ଟି ପଞ୍ଚାୟତର ଚାଷ ଜମିକୁ ଜଳସେଚନ ପାଇଁ ଅଙ୍ଗ କେନାଲ ସମ୍ପ୍ରସାରଣ ଯୋଜନା ୨୦୦୬ରେ ଶୁଭାରମ୍ଭ ହୋଇଥିଲା। ତେବେ ୧୮ ବର୍ଷ ପରେ ବି କାମ ସମ୍ପୂର୍ଣ୍ଣ ହୋଇନାହିଁ। ଯଦିଓ ୧ ବର୍ଷ ପୂର୍ବରୁ ଏହାର କେନାଲରେ ବିଶିମୁଣ୍ଡା ପର୍ଯ୍ୟନ୍ତ ପାଣି ଆସିଛି। କିନ୍ତୁ ଜମି ଅଧିଗ୍ରହଣରେ ସମସ୍ୟା ପାଇଁ ପାଣି ଆଗକୁ ଆସି ପାରୁନାହିଁ। ସୋନପୁର ରାଜପ୍ରାସାଦ ସମେତ ପୁରାତନ ମଠ, ମନ୍ଦିରଗୁଡିକର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ପାତାଳି ଶ୍ରୀକ୍ଷେତ୍ରରେ ଭବ୍ୟ ମନ୍ଦିର ନିର୍ମାଣ ବାସ୍ତବ ରୂପ ନେଇପାରୁନି। ରୋପୱେ ନିର୍ମାଣ କେବଳ ଶିଳାନ୍ୟାସରେ ଅଟକି ରହିଛି। ମହାନଦୀର ଗୋଧନେଶ୍ୱର ଓ ଖଇରମାଳ ଠାରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ପାଇଁ ଗତ ଜାନୁୟାରୀ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଦ୍ୱୟର ଏଷ୍ଟିମେଟ୍ ପ୍ରସ୍ତୁତ ହୋଇପାରିନାହିଁ। ସୁବର୍ଣ୍ଣପୁର ସହରର ଅଷ୍ଟଚଣ୍ଡୀ ଓ ଅଷ୍ଟଶମ୍ଭୁଙ୍କ ମନ୍ଦିରର ସୁରକ୍ଷା ତଥା ଜିଲାର ପର୍ଯ୍ୟଟନ ସ୍ଥଳ କୋଶଳେଶ୍ୱର ଶୈବ ମନ୍ଦିର, ପୂଜା ଡୁଙ୍ଗୁରି, ଚରଦାର କପିଳେଶ୍ୱର ମନ୍ଦିର, ପାପକ୍ଷୟ ଘାଟ, ଖଲିଆପାଲିର ସନ୍ଥକବି ଭୀମଭୋଇଙ୍କ ସମାଧି ପୀଠ, ଦେଉଳଝରି, ବୁଢାଖାଇ ପୀଠର ବିକାଶ ହୋଇପାରି ନାହିଁ। ଜିଲାରେ ଭିଜିଲାନ୍ସ କୋର୍ଟ ଏ ପର୍ଯ୍ୟନ୍ତ ଖୋଲି ନଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅନେକ ଗୁଡିଏ ଡାକ୍ତର ଓ ଷ୍ଟାଫ୍ ନର୍ସ ପଦବୀ ଖାଲି ପଡିଛି। ଜିଲା ସଦର ମହକୁମାରେ ଏକ ଭଲ ବସଷ୍ଟାଣ୍ଡ ନିର୍ମାଣ ହୋଇପାରିନାହିଁ। ସୋନପୁର କଲେଜକୁ ସ୍ୱୟଂଶାସିତ କରିବା ଦୂରର କଥା ଏ ପର୍ଯ୍ୟନ୍ତ ପୂର୍ଣ୍ଣ ସରକାରୀ ମାନ୍ୟତା ମିଳିନାହିଁ। ତେବେ ନିକଟରେ ସୁବର୍ଣ୍ଣପୁର ରେଳ ମାନଚିତ୍ରରେ ସ୍ଥାନ ପାଇଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବଲାଙ୍ଗୀର ପଟୁ ସୋନପୁର ପର୍ଯ୍ୟନ୍ତ ରେଳପଥ ଓ ରେଳ ଷ୍ଟେଶନ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସୋନପୁରରୁ ମୋଟ ୪ଟି ଟ୍ରେନ୍ ବଲାଙ୍ଗୀର, ଭୁବନେଶ୍ୱର ଓ ପୁରୀକୁ ଯାତାୟତ କରୁଛି। ଦୀଘ ବର୍ଷ ପରେ ବି ଜିଲାର ବିକାଶ ସ୍ୱପ୍ନ ହୋଇ ରହିଛି ବୋଲି ଜିଲାବାସୀ ମତ ଦେଇଛନ୍ତି।

## ଶୀତଳ ଷଷ୍ଠୀ ଯାତ୍ରାର ସମୟ ନିର୍ଘଣ୍ଟ ସ୍ଥିର ହେଲା


ବୈଠକରେ ଶୀତଳ ଷଷ୍ଠୀ ସମୟ ନିର୍ଘଣ୍ଟ ସ୍ଥିର କରାଯାଉଛି।

ବରପାଲି,୩୧।୩(ଚିତ୍ତରଞ୍ଜନ ସାହୁ)

ବରପାଲିରେ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ସମୟ ନିର୍ଘଣ୍ଟ କରାଯାଇଛି। ରବିବାର ଅପରାହ୍ନରେ ନୃପରାଜ କ୍ଲବ ଗୃହରେ ବରପାଲିର ପଣ୍ଡିତଙ୍କ ଉପସ୍ଥିତିରେ ଯୋଗ ସ୍ଥିର କରାଯାଇଛି। ମେ ୧୦ତାରିଖ ଅକ୍ଷୟ ତୃତୀୟାରେ ଯାତ୍ରାର ଶୁଭାରମ୍ଭ ବା ଥାଳଉଠା କାର୍ଯକ୍ରମ ରହିଛି। ଜୁନ ୭ରୁ ଯାତ୍ରା ମଣ୍ଡପଠାରେ ନଟରାଜ ମୂର୍ତ୍ତି ସ୍ଥାପନ ସହ ଯାତ୍ରା ଶୁଭାରମ୍ଭ ହେବ। ସନ୍ଧ୍ୟାରେ କପିଳେଶ୍ୱର ବାବାଙ୍କୁ ମନ୍ଦିରରୁ ଯାତ୍ରା ମଣ୍ଡପକୁ ଆନୟନ, ଜୁନ ୮ରେ ରୁଦ୍ର ଯଜ୍ଞ ଓ ପାତ୍ରୀ ମନୋନୟନ କାର୍ଯ୍ୟକ୍ରମ, ଜୁନ ୯ରେ ଭୈରବ ପରିକ୍ରମା, ଜୁନ ୧୦ରେ ଗଣ୍ଡିଆଲ ଫିଟା, ରାତିରେ ବରାନୁଗମନ ଓ ୧୧ରେ ବିଶୁଦ୍ଧ କନ୍ୟା ଲଗ୍ନରେ ଦେବ ଦମ୍ପତିଙ୍କ ହସ୍ତ ଗଣ୍ଠି ଓ ବୈଠକୀ ଯାତ୍ରା, ୧୨ରେ ପାର୍ବତୀଙ୍କ ଶ୍ୱଶୁରାଳୟ ଆଗମନ, ରାତିରେ ଲମ୍ଫାନୀ ଶୋଭାଯାତ୍ରା, ଜୁନ ୧୩ରେ ଶିବ ପାର୍ବତୀଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ସହ ଯାତ୍ରା ଉଦ୍ଯାପିତ ହେବ। ଚଳିତ ବର୍ଷ କନ୍ୟାପକ୍ଷ ପରମେଶ୍ୱର ମେହେର ଓ ଭକ୍ତମାନେ ଦାୟିତ୍ୱ ବହନ କରିଛନ୍ତି। ବୈଠକରେ ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା, ପଣ୍ଡିତ ରବୀନ୍ଦ୍ର ଦାଶ, ସଦାନନ୍ଦ ଦାଶ, ଡ. ସରୋଜ କୁମାର ଦାଶ, ପିନାକୀ ଦାଶ, ଗୋପାଳ ମିଶ୍ରଙ୍କ ସମେତ ଯାତ୍ରା କମିଟିର ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ, ଅଶୋକ କୁମାର ପଣ୍ଡା, ବାଲ କିଶୋର ଖାଡ଼ଙ୍ଗା, ବିଭୂତି ସାହୁ, ଲିପନ ଦାଶ, ବିନୋଦ ସୁଆରି ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ରହିଥିଲେ।

## ଧର୍ମଶାଳା ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା


ଗୋଡ଼ଭଗାରେ ଧର୍ମଶାଳା ପାଇଁ ମାରୱାଡି ସମାଜ ପକ୍ଷରୁ କଳସ ଶୋଭାଯାତ୍ରା।

ସରଣ୍ଡା,୩୧।୩(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଗୋଡଭଗାରେ ନବନିର୍ମିତ ମାରୱାଡ଼ି ପଞ୍ଚାୟତି ଧର୍ମଶାଳା ପ୍ରତିଷ୍ଠା ପାଇଁ ରବିବାର ସକାଳ ୧୦ଟା ସମୟରେ କଳସ ଶୋଭାଯାତ୍ରା ଅନୁଷ୍ଠିତ କରାଯାଇଛି । ପୂଜା ପୀଠରୁ କଳସ ଆବାହନ କରି ନିକଟସ୍ଥ ଗଡତିଆପାଲି ଶିବ ମନ୍ଦିର ପୋଖରୀରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ପୂର୍ଣ୍ଣ କଳସ ଧରି କର୍ତ୍ତା ରାମାବତାର ଶର୍ମା ଓ ସ୍ତ୍ରୀ ସରୋଦ ଶର୍ମାଙ୍କ ସମେତ ଶତାଧିକ ମହିଳା ଶୋଭାଯାତ୍ରାରେ ମାରୱାଡ଼ି ପଞ୍ଚାୟତି ଧର୍ମଶାଳା ପୂଜାମଣ୍ଡପକୁ ଆସି କଳସ ସ୍ଥାପନ କରିଥିଲେ। ମୁଖ୍ୟ ପଣ୍ଡିତ କୀର୍ତ୍ତିଚନ୍ଦ୍ର ପଣ୍ଡା ଏବଂ ସାଥୀ ପୌରୋହିତ୍ୟ କରୁଛନ୍ତି। ଏହି ପ୍ରତିଷ୍ଠା ଉତ୍ସବ ପାଇଁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ପୂଜାପାଠ କରାଯିବ ବୋଲି ଗୋଡଭଗା ମାରୱାଡ଼ି ପଞ୍ଚାୟତ ସମିତି ସଚିବ ସାଲେଗ୍ରାମ ଅଗ୍ରୱାଲ ସୂଚନା ଦେଇଛନ୍ତି। ଆଜିର କଳସ ଶୋଭାଯାତ୍ରାରେ ଖଇରପାଲି ଗ୍ରାମର କୀର୍ତ୍ତନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବେହେରା,୩୧।୩(ଭୂପେଶ ତିୱାରୀ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ରବିବାର ଧର୍ମଗଡରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବରିଷ୍ଠ ଶଲ୍ୟ ବିଶେଷଜ୍ଞ ଡା. ବାବାଜୀ ଚରଣ ଦାଶ ଏହି ଶିବିରରେ ଯୋଗ ଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଜଗନ୍ନାଥ ସେବା ସମିତି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରକୁ ଆଧ୍ୟାତ୍ମିକ କଥାବ୍ୟାସ ଆଶୀର୍ବାଦ ଜୀ ମହାରାଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସାମୱାଦିକ ବିଦ୍ୟାଧର ସାହୁ, ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା.ଚୈତନ୍ୟ ମେହେର, ସାମୱାଦିକ ଇଙ୍ଗିତ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେବା ସମିତି ପକ୍ଷରୁ ରୋଗୀଙ୍କୁ ଆବଶ୍ୟକୀୟ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା। ଜଟିଳ ରୋଗରେ ପୀଡିତ ଥିବା ରୋଗୀଙ୍କ ଅସ୍ତ୍ରୋପଚାର ଖର୍ଚ୍ଚ ଜଗନ୍ନାଥ ସେବା ସମିତି ବହନ କରିବ ବୋଲି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଛନ୍ତି।

## ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲରେ ଅଭିଷେକୋତ୍ସବ


ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବରପାଲି,୩୧।୩(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲ ପରିସରରେ ଛାତ୍ର ସଂସଦ ପକ୍ଷରୁ ଛାତ୍ର ପରିଷଦର ଅଭିଷେକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଉପାଧ୍ୟକ୍ଷ ସୁଶୀଲ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଗଜାଲା ଅଞ୍ଜୁମଙ୍କ ସ୍ୱାଗତ ସମ୍ଭାଷଣ ଓ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ରକ, ସାମ ଯଜୁଃ ଓ ଅଥର୍ବ ଦଳକୁ ନେଇ ନବଗଠିତ ଛାତ୍ର ପରିଷଦର ସଭ୍ୟମାନଙ୍କ ପରିଚୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପ୍ରିଫେକ୍ଟ ପ୍ରିୟାଂଶୁ ରାଜ ମିଶ୍ର, କମାଣ୍ଡର ଜ୍ୟୋତି ସାହୁ, ସହ ରକ୍ ଦଳର ଅଧିନାୟକ ଶ୍ରଦ୍ଧା ମିତ୍ତଲ ଓ ଉପ ଅଧିନାୟକ ଆଦିଶ୍ରୀ ବେହେରା, ସାମ୍ ଦଳର ଅଧିନାୟକ ଆଦ୍ୟାଶା ପଣ୍ଡା ଓ ଉପ ଅଧିନାୟକ ଶ୍ରଦ୍ଧା ସୁମନ ଦୀପ, ଯଜୁଃ ଦଳର ଅଧିନାୟକ ଶୁଭ୍ରାଂଶୁ ସେଠ ଓ ଉପ ଅଧିନାୟକ ସୌମ୍ୟା ସ୍ୱରଣିକା ହୋତା, ଅଥର୍ବ ଦଳର ଅଧିନାୟକ ଝାନ୍‌ସିରାଣୀ ଦର୍ଜୀ ଓ ଉପ ଅଧିନାୟକ ସିମରନ ମିର୍ଦ୍ଧାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ନବଗଠିତ ସଭ୍ୟଙ୍କ ଶପଥ ପାଠ କରାଇବା ପରେ ଛାତ୍ରୀଛାତ୍ରମାନଙ୍କୁ ଆଳସ୍ୟ ବର୍ଜନ କରି ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷା ଛାତ୍ର ପରିଷଦକୁ ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରଶାସିକା ମିନତି ପ୍ରଧାନ କର୍ତ୍ତବ୍ୟ ପ୍ରତି ଅଙ୍ଗୀକାରବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରିଫେକ୍ଟ ପ୍ରିୟାଂଶୁରାଜ ମିଶ୍ରଙ୍କ ସ୍ୱୀକାରୋକ୍ତି ପରେ ଶିକ୍ଷୟିତ୍ରୀ ସାବିତ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସିଟିଓ ଆକିଶ ବିଶ୍ୱାଳ ଓ ମିଲ୍କୀ ବାରିକଙ୍କ ତତ୍ତ୍ୱାବଧାନରେ ଏନ୍‌ସିସି ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଲାଞ୍ଜିଗଡ଼,୩୧।୩(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ସରପଦରର ଯୁଗୀ ମାଝି(୩୦)ଙ୍କ ଝୁଲନ୍ତା ମୃତଦେହ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ସଲପାଙ୍ଗ ଗାଁର ଏକ ଗଛରେ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ମାଓବାଦୀ ପ୍ରବଣ ଅଞ୍ଚଳ ହୋଇଥିବାରୁ ଖବର ପାଇ ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରେ ବିଳମ୍ବ ଯୋଗୁ ପ୍ରାୟ ୪୨ ଘଣ୍ଟା ପରେ ଯୁବକଙ୍କ ମୃତଦେହ ଜବତ ପରେ ସତ୍କାର କରାଯାଇଥିଲା। ଯୁଗୀ ୪ ବର୍ଷ ତଳେ ଭବାନୀପାଟଣା ସଦର ଥାନା ସଲପାଙ୍ଗ ଗାଁରେ ବିବାହ କରି ସେଠାରେ ରହୁଥିଲେ। ଗତ ବୁଧବାର ରାତିରେ ସେ କୌଣସି କାମରେ ବାହାରକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ପରିବାର ଲୋକେ ଖୋଜାଖୋଜି କରିବା ପରେ ଗାଁଠାରୁ କିଛି ଦୂରରେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଗାଁ ଲୋକେ ଯୋଗୀଙ୍କ ପରିବାର ଲୋକଙ୍କୁ ଖବର ଦେବା ସହିତ ଗୁରୁବାର ସକାଳେ ଭବାନୀପାଟଣା ସଦର ଥାନାକୁ ଫୋନ ଯୋଗେ ଜଣାଇଥିଲେ। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପୋଲିସ ନ ପହଞ୍ଚିବାରୁ ମୃତକଙ୍କ ସମ୍ପର୍କୀୟ ମୃତଦେହ ଉଦ୍ଧାର କରି ସଲପାଙ୍ଗ ଗାଁକୁ ନେଇଥିଲେ। ପରେ ମୃତଦେହକୁ ଗାଁ ମଶାଣିକୁ ଦାହ କରିବା ପାଇଁ ନେଇଥିଲେ। ହେଲେ ସେଠାରେ ଦାହ ନ କରି ମୃତକଙ୍କ ପରିବାର ଲୋକେ ଚାଲି ଆସିଥିଲେ। ମଶାଣିରେ ମୃତଦେହ ସେମିତି ପଡ଼ିରହିଥିଲା। ଶୁକ୍ରବାର ମଧ୍ୟାହ୍ନରେ ଉଭୟ ପରିବାର ଲୋକେ ମିଶି ବିଜେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ଶୁକ୍ରବାର ବିଜେପୁର ଥାନା ଅଧିକାରୀ ରଘୁନାଥ ମାଝି ଓ ଭବାନୀପାଟଣା ସଦର ଥାନା ଅଧିକାରୀ ନରେଶ ପ୍ରଧାନ ପୋଲିସ ଟିମ ଓ ଡାକ୍ତରଙ୍କ ସହିତ ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ବ୍ୟବଚ୍ଛେଦ ପରେ ଶେଷକୃତ ସମ୍ପନ୍ନ ହୋଇଥିଲା। ଏହା ହତ୍ୟା ନାଁ ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ବିଜେପୁର ଥାନା ଅଧିକାରୀ ମାଝି କହିଛନ୍ତି।

## ଚାଲାଣ ବେଳେ ୧୦ କୁଇଣ୍ଟାଲ ଖଇର କାଠ ଜବତ

କଣ୍ଟାବାଞ୍ଜି, ୩୧।୩(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ତୁରେକେଲା ସଦର ସେକ୍ସନରେ ଶନିବାର ରାତ୍ରି ପାଟ୍ରୋଲିଂ ବେଳେ ବନ ବିଭାଗ ୧୦କୁଇଣ୍ଟାଲ ଖଇର କାଠ ଜବତ ଜବତ କରିଛି । ରେଞ୍ଜର ଏସ. ସାହୁଙ୍କ ନିର୍ଦ୍ଦେଶକ୍ରମେ ପାଟ୍ରୋଲିଂ ଟିମ୍ ତୁରେକେଲା ସଦର ଗ୍ରାମରୁ ଏକ ନକଲି ଛତିଶଗଡ ଗାଡି ନଂ.ସିଜି୦୫-୦୮୦୪ମ୍ବରରେ ଖଇର କାଠ ଚାଲାଣ ବେଳେ ବନ ବିଭାଗ ଜବତ କରିଛି। ତୁରେକେଲା ସେକ୍ସନ ଫରେଷ୍ଟର ବାବୁଲାଲ ପଟେଲଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା। ଏ ନେଇ କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜରେ ଏକ ମାମଲା(୨୯୯/୨୪) ରୁଜୁ ହୋଇଛି। ଜବତ ଗାଡି ସମ୍ପର୍କରେ ବଲାଙ୍ଗୀର ଏବଂ ଛତିଶଗଡ ଆରଟିଓକୁ ବନ ବିଭାଗ ଚିଠି ଲେଖିଛି। ଗାଡି ଡ୍ରାଇଭରଙ୍କୁ ଅଟକ ରଖି ଅଧିକ ତଦନ୍ତ ଚାଲିଥିବା ରେଞ୍ଜର ସାହୁଙ୍କଠାରୁ ପ୍ରକାଶ।

## ପରଶଖଣ୍ଡି ସ୍କୁଲର ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ

ପାଇକମାଳ,୩୧।୩(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ଛେତଗାଁ ଗ୍ରାମପଞ୍ଚାୟତର ପରଶଖଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ଖେଳ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏ ନେଇ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ତଥା ସମାଜସେବୀ ଡୋଲାମଣି ମାହାର ମୁଖ୍ୟଅତିଥି, ବ୍ରାହ୍ମଣଡିହି ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହାଦେବ ବେହେରା, ଛେତଗାଁ ସରପଞ୍ଚ ବନିତା ମହାନନ୍ଦ, ଗାଁ ମୁଖିଆ ଯଦୁମଣି ଡନସନା, ଗଙ୍ଗାଧର କଲାରୀ, ବେଣୁଧର ରେନ୍ଧିଆ, ଏସ୍‌ଏମ୍‌ସି ଚେୟାର୍‌ପର୍ସନ ଉତ୍ତମ ବାରିକ, ଚେନଲାଲ ରେନ୍ଧିଆ, ରମେଶ ଡନସନା, ସୁଧିର କଲାରୀ, ଗିରିଧାରୀ ଡନସନା, ଅଶୋକ ମହାନନ୍ଦ, ଅଲେଖ ଡନସନା, ମମାଜସେବୀ ରାଜୁ ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ସ୍ଥାନୀୟ ଶିକ୍ଷକ ସବିତ କୁମାର ମହାଲିଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ପୁରସ୍କୃତ କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

## ନୋ ରେଳ ନୋ ଭୋଟ ପାଇଁ ବୈଠକ

ଦେଓଗାଁ,୩୧।୩(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ରେଳଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ପାଇଁ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ଦେଓଗାଁ ୟୁଥ ଏକ୍ସନ କମିଟି ଆହ୍ୱାନକ୍ରମେ ରବିବାର ସନ୍ଧ୍ୟାରେ ଦେଓଗାଁ ମେନରୋଡ ଦୁର୍ଗାମଣ୍ଡପ ପରିସରରେ ଦେଓଗାଁ ପଞ୍ଚାୟତ ତଥା ଆଖପାଖ ଗାଁର ଜନସାଧାରଣଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ୟୁଥ ଏକ୍ସନ କମିଟି ସଭାପତି ଶାବକ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଓଗାଁ ଓ କଛାରପାଲି ଗାଁର ସଚେତନ ନାଗରିକ, ସଂଗଠକ, ଗ୍ରାମ୍ୟ ଉନ୍ନୟନ କମିଟି, ବଣିକ ସଂଘ ତଥା ନେତୃବୃନ୍ଦ ଓ ଏସ୍‌ଏଚ୍‌ଜି ମହିଳାମାନେ ଯୋଗଦେଇଥିଲେ। ୨୦୦୨ ମସିହାରୁ ଏହି ପ୍ରମୁଖ ଦାବି ଉପରେ କୌଣସି ନେତୃତ୍ୱ ପଦକ୍ଷେପ ଗ୍ରହଣ ନକରିବା ପରିତାପର ବିଷୟ ବୋଲି ଉପସ୍ଥିତ ଜନସାଧାରଣ ମତପ୍ରକାଶ କରିଥିଲେ। ବର୍ତ୍ତମାନ ୟୁଥ ଏକ୍ସନ କମିଟି ଆହ୍ୱାନ ନୋ ରେଲ ନୋ ଭୋଟ ଉପରେ ସମସ୍ତେ ମତବ୍ୟକ୍ତ କରିବାସହ ଆଗକୁ ନିର୍ବାଚନ ସମୟରେ କୌଣସି ଦଳକୁ ସମର୍ଥନ ନ କରିବାପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ଏହାସହ ଚଳିତ ନିର୍ବାଚନରେ ଗାଁ ତରଫରୁ ଭୋଟ ବର୍ଜନ କରିବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିର୍ବାଚନ ସମୟରେ ଗାଁର କୌଣସି ବ୍ୟକ୍ତି ଦଳୀୟ ପ୍ରାର୍ଥୀମାନଙ୍କୁ ସହଯୋଗ ନ କରିବାସହ ସମସ୍ତ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଆଗକୁ ପ୍ରତି ପଞ୍ଚାୟତର ଜନପ୍ରତିନିଧିମାନଙ୍କୁ ନେଇ ବୈଠକ ତଥା ପ୍ରତ୍ୟେକ ଗାଁମାନଙ୍କରେ ବୈଠକ କରାଯାଇ ଏହି ଆନ୍ଦୋଳନକୁ ସମର୍ଥନ ଦେବାପାଇଁ ଅନୁରୋଧ କରାଯିବ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣପାଣିଗ୍ରାହୀ ପରିଚାଳନା କରିଥିଲେ। ୟୁଥ ଏକ୍ସନ କମିଟି ସମ୍ପାଦକ ସନ୍ୟାସୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଦେଓଗାଁ ମେନରୋଡ ଦୁର୍ଗାମଣ୍ଡପ ପରିସରରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଜନସାଧାରଣ।

## ସଂକ୍ଷେପରେ

### ହସ୍ପିଟାଲର ଫାଇବର୍ ସିଲିଂ ଭାଙ୍ଗି ୩ ଆହତ

ବେଦବ୍ୟାସ/ରାଉରକେଲା, ୩୧।୩ (ଆଲୋକ ସ୍ୱାଇଁ/ ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଜେପି ହସ୍ପିଟାଲ ରେଷ୍ଟ ସେଡ୍ ଛାତରୁ ଫାଇବର ସିଲିଂ ଖସିପଡିବାରୁ ରବିବାର ଭୋର୍ ସମୟରେ ୩ଜଣ ଆହତ ହୋଇଥିବା ସୂଚନା ମିଳିଛି। ଝଡ଼ତୋଫାନ ସମୟରେ ରୋଗୀମାନଙ୍କ ସମ୍ପର୍କୀୟମାନେ ଉକ୍ତ ରେଷ୍ଟ ସେଡ୍‌ରେ ବିଶ୍ରାମ ନେଉଥିଲେ। ହଠାତ୍ ଛାତରୁ ଫାଇବର୍ ସିଲିଂ ଖସିପଡ଼ିଥିଲା। ଫଳରେ ତଳେ ଶୋଇଥିବା ୩ଜଣ ଆହତ ହୋଇଥିଲେ। ହସ୍ପିଟାଲ ପକ୍ଷରୁ ସେମାନଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଥିଲା।

### ଟାୱାରରୁ ଚୋରି ଉଦ୍ୟମ

ରାଉରକେଲା,୩୧।୩(ସଙ୍ଗୀତା ଜେନା)

ଝିରପାଣି ଥାନା ଅଧୀନ ସରଣା ଛକରୁ ରବିବାର ସକାଳେ ୨ଜଣ ଦୁର୍ବୃତ୍ତ ଏକ ଟାୱାର ଉପରେ ଚଢ଼ି କେବୁଲ ଚୋରି କରିବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଜଣଙ୍କୁ ଧରି ଥାନା ଜିମା ଦେଇଥିଲେ। ଅନ୍ୟ ଜଣେ ଫେରାର ହୋଇଯାଇଥିଲେ। ପୋଲିସ ଏ ନେଇ ଥାନାରେ ଏକ ମାମଲା (ନଂ.୫୯/୨୪) ରୁଜୁ କରି ନୋଟିସ ଦେଇ ଛାଡି ଦେଇଛି। ଅଭିଯୁକ୍ତ ଜଣଙ୍କ ସେକ୍ଟର-୨ ଅଞ୍ଚଳର ବୋଲି ଜଣାପଡ଼ିଛି।

# ଅଙ୍ଗନୱାଡ଼ି କେନ୍ଦ୍ରକୁ ମୌଳିକ ସୁବିଧା ଅପହଞ୍ଚ

ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ମୌଳିକ ସୁବିଧା ମିଳୁନାହିଁ। କେଉଁଠି ଶୌଚାଳୟ ନାହିଁ ତ ଆଉ କେଉଁଠି ପାନୀୟ ଓ ବିଦ୍ୟୁତ୍ ସୁବିଧା ଉପଲବ୍ଧ ହେଉନାହିଁ। ଫଳରେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ଆସୁଥିବା ଶିଶୁମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ସୂଚନା ଅନୁସାରେ, ରାଉରକେଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ମୋଟ୍ ୧୬୦ ଅଙ୍ଗନୱାଡି କେନ୍ଦ୍ର ରହିଛି। ଏହିସବୁ କେନ୍ଦ୍ରଗୁଡିକରେ ୧୦,୩୩୫ଜଣ ଶିଶୁଙ୍କ ବୌଦ୍ଧିକ ଜ୍ଞାନ ବୃଦ୍ଧି ସହ ଅପପୃଷ୍ଟି ହ୍ରାସ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ପ୍ରତିବର୍ଷ ଏ ନେଇ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ରାଉରକେଲା ସହରର ୮୦ପ୍ରତିଶତ ଅଙ୍ଗନୱାଡି କେନ୍ଦ୍ରରେ ମୌଳିକ ସୁବିଧା ଉପଲବ୍ଧ ହୋଇନାହିଁ। କେତେକ କେନ୍ଦ୍ରରେ ଶୌଚାଳୟ ନ ଥିବାବେଳେ ଆଉ କେତେକ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନାହିଁ। ଏହା ବ୍ୟତୀତ ୫୦ଭାଗ କେନ୍ଦ୍ରରେ ପାନୀୟ ଜଳ ସମସ୍ୟା ରହିଛି। ଫଳରେ ଏଠାରେ ଶିଶୁ ବିକାଶ ନାରା ପ୍ରହସନ ପାଲଟିଛି।



ରାଉରକେଲା ସହରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ।

ସେହିପରି ୧୬୦ ଅଙ୍ଗନୱାଡି କେନ୍ଦ୍ରରୁ ଉନ୍ନତମାନ କୋଠା ଭାବେ ଓଏମ୍‌ବିଏଡିସି ପକ୍ଷରୁ ୨୩ଟି, ବିଧାୟକ ପାଣ୍ଠିରୁ ୧୦ଟି, ତ୍ରୟୋଦଶ ଅର୍ଥ କମିଶନ ଅନୁଦାନ ପାଣ୍ଠିରୁ ୭ଟିରୁ ୬ଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆରଏମସି ପକ୍ଷରୁ ୩୨ଟି କେନ୍ଦ୍ର ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ମଞ୍ଜୁର ହୋଇସାରିଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ସରିବାର ନାଁ ଧରୁନାହିଁ। ସେହିପରି ଆଇଟିଡିଏକୁ ୧୪ଟି ଉନ୍ନତ କେନ୍ଦ୍ର କୋଠା ନିର୍ମାଣ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ଅନୁଦାନ ଆସିଥିଲେ ମଧ୍ୟ ବିଭାଗ ନିର୍ମାଣ କାର୍ଯ୍ୟ କରିବାରେ ଅସମର୍ଥ ହେବାରୁ ଅନୁଦାନ ରାଶି ଫେରିଯାଇଥିଲା। ଅନ୍ୟପଟେ କେତେକ କେନ୍ଦ୍ରର ସୌନ୍ଦର୍ଯ୍ୟକରଣ କରାଯାଇ ଶିଶୁଙ୍କୁ ନିଆରା ଢଙ୍ଗରେ ଶିକ୍ଷାପ୍ରଦାନ କରାଯାଉଛି। ମାତ୍ର ଅତି ଜରୁରୀ ଥିବା କେନ୍ଦ୍ରର ଭିତ୍ତିଭୂମି ସୁଦୃଢ଼ ପାଇଁ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏହିସବୁ ସମସ୍ୟା ଯୋଗୁ ରାଉରକେଲା ସହରରେ ଶିଶୁ ବିକାଶ ଯୋଜନା ଦିଗହରା ହୋଇ ପଡିଛି। ଅସଜଡା ଭିତ୍ତିଭୂମି ଯୋଗୁ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଟିକାକରଣ, ମମତା, ସ୍ୱାସ୍ଥ୍ୟ ପରୀକ୍ଷଣ ସହ ଅପପୃଷ୍ଟି ନିରାକରଣ ଆଦି ଯୋଜନାର ସଫଳ ରୂପାୟନରେ ବାଧା ଉପୁଜୁଛି।

**ରାଉରକେଲା ସହରାଞ୍ଚଳ**

ଏ ନେଇ ମାଲଗୋଦାମ-୪ର ଅଙ୍ଗନୱାଡି କର୍ମୀ ପ୍ରଗତି ନାୟକ କୁହନ୍ତି, ୨୦୨୧-୨୨ରେ ଓଏମ୍‌ବିଏଡିସି ଯୋଜନାରେ ଆରଏମ୍‌ସି ପକ୍ଷରୁ ୩ଟି ଉତ୍କୃଷ୍ଟମାନର କୋଠା ନିର୍ମାଣ କରାଯାଇଛି। ୫୨ଲକ୍ଷ ୫୪ହଜାର ବ୍ୟୟରେ ଖେଳ ସରଞ୍ଜାମ ଏବଂ ବିବିଧ ଆକର୍ଷଣୀୟ ସାଜସଜ୍ଜା କୋଠାରେ ଶିଶୁଙ୍କ ସର୍ବାଙ୍ଗୀନ ବିକାଶଧାରା ବଜାୟ ରହିଛି। ମାତ୍ର ଏଯାଏ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ଶିଶୁମାନେ ପ୍ରବଳ ଗରମରେ ଆଉଟୁପାଉଟୁ ହେଉଥିବା ନାୟକ କହିଥିଲେ। ସେହିପରି ରାଉରକେଲା ସହରାଞ୍ଚଳ ସିଡିପିଓ ଦର୍ଶନୀ ଏକ୍କା କୁହନ୍ତି, ଆରଏମସି ପକ୍ଷରୁ ୩୨ଟି ନୂତନ କେନ୍ଦ୍ରରୁ ୨୧ଟି ନିର୍ମାଣ ସରିଛି। ଆରଏମସିକୁ କେନ୍ଦ୍ରଗୁଡିକର ସମସ୍ୟା ବିଷୟରେ ରିପୋର୍ଟ କରାଯାଇଛି। ସମସ୍ତ ସମସ୍ୟାର ସମାଧାନ ହେବ ବୋଲି ଏକ୍କା କହିଥିଲେ।

# ସିଲେଇ ତାଲିମ ଶିବିର ଉଦ୍‌ଯାପିତ



ମହିଳା ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପି ସିଏସ୍‌ଆର ବିଭାଗ ପକ୍ଷରୁ ଗ୍ରାମୀଣ ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ପ୍ରୟାସ ଟେଲରିଂର ପ୍ରଥମ ପର୍ଯ୍ୟାୟ ତାଲିମ ଶିବିର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଆରଏସ୍‌ପି କାର୍ମିକ ଓ ପ୍ରଶାସନ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ତାଲିମପ୍ରାପ୍ତ କୁଆଁରମୁଣ୍ଡା ଅଞ୍ଚଳର ୧୫ଜଣ ମହିଳା ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗ ଜିଏମ୍ ସୁଶ୍ରୀ ମୁନମୁନ୍ ମିତ୍ର, ଓଡିଶା ଉଷା ସିଲାଇ ସ୍କୁଲର ମୁଖ୍ୟ ବିଜୟାନନ୍ଦ ଦାସ, ଆରଏସପିର ଅନ୍ୟ ଅଧିକାରୀ ତଥା ସମ୍ପୃକ୍ତ ଏଜେନ୍ସିର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ମିଶ୍ର ପାର୍ଶ୍ୱାଞ୍ଚଳ ଗ୍ରାମର ମହିଳାମାନଙ୍କ ଆର୍ଥିକ ସଶକ୍ତୀକରଣ ଦିଗରେ ନିଆଯାଇଥିବା ସିଏସ୍‌ଆର ପ୍ରୟାସକୁ ପ୍ରଶଂସା କରିଥିଲେ। ସର୍ବାଧିକ ଲାଭ ନେବା ପାଇଁ ସୁଯୋଗର ସର୍ବୋତ୍ତମ ଉପଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ସର୍ବୋତ୍ତମ ଉତ୍ପାଦ ଯେପରିକି ମହିଳାପୁରୁଷ ଓ ଶିଶୁଙ୍କ ପାଇଁ ପୋଷାକ, ରୋଷେଇ ଆପ୍ରନ, ଏମ୍ବ୍ରୋଡୋରୀ ଓ ଆପ୍ଲିକ କାର୍ଯ୍ୟ ପ୍ରଦର୍ଶିତ ହୋଇଥିଲା। ଟେଲରିଂ ଅଧିବେଶନ ଗୁଡିକ ଉଷା ସିଲେଇ ସ୍କୁଲର ମାଷ୍ଟର ଟ୍ରେନର ସୁଶ୍ରୀ ପ୍ରଭାତି ଖୁଣ୍ଟିଆଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ପ୍ରାରମ୍ଭରେ ସୁଶ୍ରୀ ମିତ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ସିଏସ୍‌ଆର ବିଭାଗର ସିଜିଏମ ଟି. ବି. ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସଆର ବିଭାଗର ଡେପୁଟି ମ୍ୟାନେଜର ସୁଶ୍ରୀ ରିଚା ସୁଧିରମ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଇସ୍ପାତ ସହରରେ ଇଷ୍ଟର ପାଳିତ

ରାଉରକେଲା, ୩୧।୩(ସଙ୍ଗୀତା ଜେନା)

ଇସ୍ପାତ ସହର ରାଉରକେଲାର ବିଭିନ୍ନ ଚର୍ଚ୍ଚରେ ରବିବାର ଇଷ୍ଟର ପର୍ବ ପାଳନ କରାଯାଇଛି। ଏହି କ୍ରମରେ ରାଉରକେଲାର ହମିରପୁର, ଝିରପାଣି, ଶକ୍ତିନଗର, ସିଭିଲଟାଉନଶିପ୍, ସେକ୍ଟର-୯ ମାରିଆ ପାହାଡ଼ ଓ ଆଖପାଖ ଅଞ୍ଚଳରେ ଥିବା ୩୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ଚର୍ଚ୍ଚରେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଝିରପାଣି ସ୍ଥିତ ଆର୍‌ସି ଚର୍ଚ୍ଚରେ ଫାଦର୍ ଆଲବର୍ଟ ଖେସ୍, ସୁଶୀଳ କେର୍କେଟା, ସୁଶୀଲ କିଣ୍ଡୋ, ଜୟକିମ ଲାକ୍ରା, ଲାଲମା ଲାକ୍ରା, ରବିନ ପୂର୍ତ୍ତି, ରୁବେନ ଏକ୍କାଙ୍କ ସମେତ ଚର୍ଚ୍ଚ କମିଟି ସଦସ୍ୟମାନେ ପ୍ରାର୍ଥନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଝିରପାଣିର ସିଏନ୍‌ଆଇ ଚର୍ଚ୍ଚ, ଏନ୍‌ଜିଡବ୍ଲ୍ୟୁଏଲ୍ ଚର୍ଚ୍ଚ, ଜିଏଲ୍ ଚର୍ଚ୍ଚ, ମାର୍ଥୋମା ଚର୍ଚ୍ଚ, ଫଲୋଶିପ୍ ଚର୍ଚ୍ଚ ସମେତ ୭ଟି ଚର୍ଚ୍ଚରେ ସକାଳ ଓ ସନ୍ଧ୍ୟାରେ ପ୍ରାର୍ଥନା ସଭା ହୋଇଥିଲା। ଅନୁରୂପ ଭାବେ ହମିରପୁର ସ୍ଥିତ ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚ, ସିଭିଲଟାଉନଶିପ୍ ଚର୍ଚ୍ଚ, ମାରିଆ ପାହାଡ଼ରେ ସ୍ୱତନ୍ତ୍ର ପ୍ରାର୍ଥନା ସଭା ଆୟୋଜନ ହୋଇଥିଲା।

# ଚାନ୍ଦା ଆଦାୟରେ ବିଜେଡି ୫ମ ବୃହତ୍ ଆଞ୍ଚଳିକ ଦଳ

ରାଉରକେଲା,୩୧।୩ (ସଙ୍ଗୀତା ଜେନା)

ବିଜେଡ଼ି ଭାରତ ବର୍ଷରେ ୫ମ ବୃହତ ଆଞ୍ଚଳିକ ଦଳ ଭାବେ ୧୦୧୯.୫ କୋଟି ଟଙ୍କା ରାଜନୈତିକ ଚାନ୍ଦା ନିର୍ବାଚନୀ ବଣ୍ଡ ମାଧ୍ୟମରେ ପାଇଛି ବୋଲି ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବର୍ଷ ବର୍ଷ ଧରି ଉପେକ୍ଷା କରି ପୁଞ୍ଜିପତିମାନଙ୍କୁ ରାଜ୍ୟର ସମ୍ପତ୍ତିକୁ ଟେକି ଦେଇ ହଜାର ହଜାର କୋଟି ଟଙ୍କା ରାଜନୈତିକ ପାଣ୍ଠି ଆଦାୟ କରାଯାଇଛି। ଏହାର ଜବାବ ରାଜ୍ୟବାସୀ ନିଶ୍ଚିତ ଭାବେ ଦେବେ ବୋଲି ରବିବାର ଅପରାହ୍ନରେ ସେକ୍ଟର-୨୧ କଂଗ୍ରେସ ଜିଲା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଥିଲା। ଡିସିସି ସଭାପତି ରବି ରାୟ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ବିରେନ ସେନାପତି, ସାବିର ହୁସେନ୍, ରାମପୁକାର ସିଂ, ଅଶୋକ କୁମାର, ଆଶିଷ ମହାନ୍ତି, ନିହାର ଦାସ, ଗୀତା ସିଂହ, ପ୍ରଫୁଲ ପ୍ରଧାନ, ଭୀମ ମହତୋ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିତ୍ୟ ଓ ଶୁଭମ ଚାମ୍ପିୟନ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## ଓପନ ଚେସ୍ ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା,୩୧।୩(ଦିନେଶ ମିଶ୍ର)

ସେକ୍ଟର-୧୯ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ୩ଦିନିଆ ପ୍ରଥମ ଷ୍ଟିଲସିଟି ଓପନ ଚେସ୍ ପ୍ରତିଯୋଗିତା ସଭାପତି ଇଞ୍ଜିନିୟର ବିନାୟକ ଜେନାଙ୍କ ଅଧ୍ୟକ୍ଷତାରେ ରବିବାର ଉଦ୍‌ଯାପିତ ହୋଇଛି। ଏହି ଟୁର୍ନାମେଣ୍ଟକୁ ଷ୍ଟିଲସିଟି ଚେସ୍ ଆସୋସିଏଶନ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ୧୪୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରୋଟାରୀ କ୍ଲବ ରାଉରକେଲା ଭାଇବ୍ରାଣ୍ଟ ଉପସଭାପତି ଇଞ୍ଜିନିୟର ପ୍ରଶାନ୍ତ ରଞ୍ଜନ ପାତ୍ର ମୁଖ୍ୟ ଅତିଥି, ବିଜେନ୍ଦ୍ର ସିଂ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଜଳଧର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ ଚେସ୍ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କାର ପ୍ରଦାନ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ବରିଷ୍ଠ ଓପନ ବାଳକ ବର୍ଗରେ ଆଦିତ୍ୟ ରଞ୍ଜନ ସାମଲ ଚାମ୍ପିୟନ ହୋଇଥିବାବେଳେ ସାର୍ଥକ ଦେବତା ଉପବିଜେତା ସାର୍ଟିଫିକେଟ୍ ସହ ଟ୍ରଫି ପାଇଥିଲେ। ସେହିପରି କନିଷ୍ଠ ବର୍ଗରେ ଶୁଭମ କୁମାର ମାଝୀ ଚାମ୍ପିୟନ ହୋଇଥିବାବେଳେ ବିଭୁଦତ୍ତ ଟପୋ ରନର୍ସ ଅପ୍ ପୁରସ୍କାର ପାଇଥିଲେ। ବାଳିକା ବର୍ଗରେ ସୁଷମା କେରକେଟ୍ଟା ଚାମ୍ପିୟନ ଏବଂ ସ୍ନେହପ୍ରଭା ମଲ୍ଲିକଙ୍କୁ ରନର୍ସ ଅପ ପୁରସ୍କାର ପ୍ରଦାନ କରାଯାଇଥିଲା। ଭେଟେରାନରରେ ସପନ କୁମାର ମହିନ୍ଦ ଚାମ୍ପିୟନ ହୋଇଥିବାବେଳେ କନିଷ୍ଠ ବାଳିକା ବର୍ଗରେ ବିଜୟା ଦାସଙ୍କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରକାଶ କୁମାର ସାହୁ, ଶ୍ୟାମୁ ହେମ୍ରମ୍, ସ୍ୱରୂପାମୟୀ ଦାସ, ପ୍ରଦୀପ କୁମାର ବିଶୋଇ ମୂଲ୍ୟାଙ୍କନ କରିଥିଲେ। ଷ୍ଟିଲସିଟି ଚେସ୍ ଆସୋସିଏଶନର ଉପସଭାପତି ଅର୍ଚ୍ଚନା ମହାନ୍ତି ମଞ୍ଚ ପରିଚାଳନା ଏବଂ ସମ୍ପାଦକ ଗୋବିନ୍ଦ କାବେଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ଆରମ୍ଭ


ଶୁଭାରମ୍ଭ ମ୍ୟାଚ୍‌ରେ ଅତିଥିମାନଙ୍କ ସହ ଖେଳାଳିଗଣ।

ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଚେତନା ୟୁଥ୍ କ୍ଲବ ପକ୍ଷରୁ ସେକ୍ଟର-୩ ଖେଳ ପଡିଆରେ ୧୨ଦିନିଆ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ଶନିବାର ଆରମ୍ଭ ହୋଇଛି। ବିକି ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଶିବ ବେବର୍ତ୍ତା ମୁଖ୍ୟ ସଂଯୋଜକ ରହିଛନ୍ତି। ପ୍ରତିଯୋଗିତା ଶୁଭାରମ୍ଭ ସମାରୋହରେ ମୁଖ୍ୟଅତିଥି ଭାବେ ସେକ୍ଟର-୩ ସ୍ଥିତ ବଳାଙ୍ଗୀର ବସ୍ତି ସଭାପତି ପ୍ରକାଶ ସୁନା ଓ ସମ୍ମାନୀତ ଅତିଥି ଭାବେ ମାଁ ମାଣିକେଶ୍ୱରୀ ସଂକୀର୍ତ୍ତନ ମଣ୍ଡଳୀ ସଭାପତି ବିପିନ ସୁନା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚ୍ ୟଙ୍ଗଷ୍ଟାର ସେଭେନ ବନାମ ସୁପର ସେଭେନ, ଦ୍ୱିତୀୟ ମ୍ୟାଚ ଷ୍ଟାର ୱାରିୟର ବନାମ ରୟାଲ ବିଡିଟି ଏବଂ ତୃତୀୟ ମ୍ୟାଚ୍ ଇଲେଭନ ଓ ରେମୋ ସେଭେନ ଷ୍ଟାର ମଧ୍ୟରେ ଖେଳାଯାଇଛି। ପ୍ରଥମ ଦିବସ ମ୍ୟାଚ ଆୟୋଜନରେ ମନୋଜ ମଲ୍ଲିକ, ଶଶୀ ସୁନା, ଗୋପୀ ସୁନାଙ୍କ ସମେତ ଚେତନା ୟୁଥ୍ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ୧୨ ଦିନ ବ୍ୟାପୀ ହେବାକୁ ରହିଥିବା ସମସ୍ତ ମ୍ୟାଚରେ ଅମ୍ପାୟାର ବୁଲୁ ଓ ବିପ୍ଳବ ଦାୟିତ୍ୱ ତୁଲାଇବେ ବୋଲି ସୂଚନା ପ୍ରଦାନ କରାଯାଇଛି।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଉରକେଲା,୩୧।୩(ସଙ୍ଗୀତା ଜେନା)

ଜଗଦା ସ୍ଥିତ ପ୍ରଗତି ବିଦ୍ୟାମନ୍ଦିର ସ୍କୁଲରେ ଅବସରଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଯଦୁନାଥ ଜେନାଙ୍କୁ ଶନିବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଞ୍ଜୀବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସଭାରେ ସ୍କୁଲ ପରିଚାଳନା କମିଟି ସମ୍ପାଦକ କାଲା ଖାଲଖୋ, ସଭ୍ୟ ଲକ୍ଷ୍ମୀଧର ନାୟକ, ଝିରପାଣି ସରପଞ୍ଚ ଅଜିତ ତିର୍କୀ, ପ୍ରଗତି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୃଷୀକେଶ ନାୟକ, ସାରନା ନବଯୁବକ ସଂଘ ସଭାପତି ସୁଶୀଲ ଲାକ୍ରା, ପ୍ରତାପ ନାୟକ, ପ୍ରାକ୍ତନ ଛାତ୍ର ତାପସ ଧଳ, ଶିକ୍ଷକ ପଦ୍ମଚରଣ ପରିଡ଼ା, ରମେଶ ଗୌଡ଼ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅବସରଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜେନା ନିଜର ଅଭିଜ୍ଞତା ଓ ସ୍କୁଲ ସହିତ ଜଡ଼ିତ ସ୍ମୃତି ବର୍ଣ୍ଣନା କରିଥିଲେ। ଶିକ୍ଷକ ପ୍ରଦୀପ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

# ରାଜସ୍ଥାନ କଳା, ସଂସ୍କୃତିକୁ ନେଇ କାର୍ଯ୍ୟକ୍ରମ

ରାଉରକେଲା,୩୧।୩( ଦିନେଶ ମିଶ୍ର)

ରାଉରକେଲା ଅମରଭବନ ପରିସରରେ ରାଜସ୍ଥାନ ପରିଷଦ ପକ୍ଷରୁ ସଭାପତି ସନ୍ତୋଷ ଅଗ୍ରୱାଲଙ୍କ ନେତୃତ୍ୱରେ ରାଜସ୍ଥାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଘନଶ୍ୟାମ ଅଗ୍ରୱାଲ, ବଦ୍ରିନାରାୟଣ ମାହେଶ୍ୱରୀ, ମହାବୀର ତୋଡି, ଅନୁପ ଟ୍ରେବିଆଲ, ବିନୋଦ ମୋଦି, ଯୁଗୋଲ ମାରୋଠିଆ, ବୁରଉ ସୋମାନୀ, ବିନୋଦ ନରେଡି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜସ୍ଥାନ କଳା, ସଂସ୍କୃତି ଓ ଖାଦ୍ୟପେୟ ଉପରେ ଉତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରିଷଦର ପୂର୍ବତନ ଅଧ୍ୟକ୍ଷମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କଲିକତା କଳାକାରମାନଙ୍କ ଦ୍ୱାରା ରାଜସ୍ଥାନର ଲୋକନୃତ୍ୟ ପରିବେଷଣ ହୋଇଥିଲା। ରସ୍ କି ବ୍ରେଜ ଓ ରାଜସ୍ଥାନୀ ଲୋକଗୀତ ଉପରେ ଆଧାରିତ ଫୁଲର ହୋଲି ଅଗ୍ନି ନିତ୍ୟା ଓ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରୁଣ ସୋମାନି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ହରିୟାଣା ନାଗରିକ ସଂଘ, ମହାରାଜା ଅଗ୍ରସେନ ସେବା ସଂଘ, ତେରାପନ୍ଥ, ଶ୍ୱେତାମ୍ବର ଜୈନ ସମାଜ, ସୁନ୍ଦରଗଡ ଜିଲା ମାହେଶ୍ୱରୀ ଭବନ, ବ୍ରାହ୍ମଣ କଲ୍ୟାଣ ସଭା ସହ ରାଜସ୍ଥାନ ସମାଜର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସହ ସଚିବ ମନୀଷ ତୋଡି, ବିନୟ ଶର୍ମା, ମୁକେଶ ରାଜକେଡିଆଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଉପାଧ୍ୟକ୍ଷ ଯୁଗାଲ ମାରୋଠିଆ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ରାଜସ୍ଥାନ ପରିଷଦର କର୍ମକର୍ତ୍ତା।

# କ୍ରୀଡ଼ା ମଣିଷକୁ ଜିତିବା ରଣନୀତି ଶିଖାଏ

## ଚନ୍ଦ୍ରଶେଖର କ୍ରୀଡ଼ା ସଙ୍ଗଠନର ସମ୍ବର୍ଦ୍ଧନା ସଭା

ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ମାକ୍ସମୁଲାର ଭବନରେ ରବିବାର ଚନ୍ଦ୍ରଶେଖର କ୍ରୀଡା ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ସଭା ଏବଂ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାକ୍ଷେତ୍ରରେ କୃତକାର୍ଯ୍ୟ ହୋଇଥିବା କ୍ରୀଡାବିତ୍ ଏବଂ ସହରର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଙ୍ଗଠନ ସଭାପତି ସୁବାଷ ଦାଶଙ୍କ ସଭାପତିତ୍ୱ କରିଥିଲେ। ସିଏସ୍‌ଓ ତଥା ସାଧାରଣ ସମ୍ପାଦକ ଦେବଦତ୍ତ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରାଉରକେଲା ଶିଳ୍ପାଞ୍ଚଳ ସହରସେବା ବିଭାଗର ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ପୂର୍ବତନ ଫୁଟବଲ ଖେଳାଳି ଭାରତୀକୃଷ୍ଣ ମିଶ୍ର, ବରିଷ୍ଠ ଜାତୀୟ ଆଥଲେଟିକ କୋଚ୍ ପଞ୍ଚାନନ ଗନ୍ତାୟତ, ପୂର୍ବତନ ଭଲିଭଲ ଖେଳାଳି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଭାରତୀ ମିଶ୍ର ନିଜ ବକ୍ତବ୍ୟରେ କହିଥିଲେ, ୧୯୬୪-୬୫ ମସିହାରେ ରାଉରକେଲାରେ ଏକମାତ୍ର ଷ୍ଟାଡିୟମ ଥିଲା। ତଥାପି ରାଉରକେଲା ସେ ସମୟରୁ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ଖେଳରେ ରାଜ୍ୟ ଓ ଦେଶ ପାଇଁ ଅନେକ ଗୌରବ ହାସଲ କରିଥିଲା। ମାତ୍ର ବର୍ତ୍ତମାନ ସହରରେ କ୍ରୀଡ଼ା ଭିତ୍ତିଭୂମି ସମ୍ପୂର୍ଣ୍ଣ ସୁଦୃଢ଼ ହୋଇଛି। ଏଣୁ ସହରର କ୍ରୀଡାବିତ୍ ନିଜ ଦକ୍ଷ କ୍ରୀଡା କୌଶଳ ମାଧ୍ୟମରେ ସହର ସମେତ ରାଜ୍ୟ ଓ ଦେଶର ଗୌରବ ବୃଦ୍ଧି କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେହିପରି ରାଉରକେଲା ଶିଳ୍ପାଞ୍ଚଳରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗ କ୍ରମେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ମାର୍ଗଦର୍ଶନରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ ରହିଛି। ମାତ୍ର ଖେଳିବା ପାଇଁ ଖେଳାଳି ଆବଶ୍ୟକ। ଏଣୁ ସହରର ଯୁବବର୍ଗ ଶିକ୍ଷା ସହ ଖେଳକୁଦରେ ମଧ୍ୟ ରୁଚି ରଖିବା ଆବଶ୍ୟକ। ଅଭିଭାବକମାନେ ନିଜ ପିଲାଙ୍କୁ ଖେଳିବା ପାଇଁ ପ୍ରୋତ୍ସାହିତ କରିବା ଦରକାର। କ୍ରୀଡ଼ା ଜିତିବାର ରଣନୀତି ଶିଖାଏ। ଏଣୁ କେବଳ ଯୁବବର୍ଗ ନୁହେଁ ସମସ୍ତ ବର୍ଗ କ୍ରୀଡ଼ାରେ ସାମିଲ ହେବା ନିହାତି ଆବଶ୍ୟକ ବୋଲି ଥିବା ମୁଖ୍ୟଅତିଥି ସ୍ୱାଇଁ କହିଥିଲେ। ଏହାପରେ ଗଣମାଧ୍ୟମ ପ୍ରତିନିଧି ବୈଦ୍ୟନାଥ ମିଶ୍ର, ସତୀଶ ବର୍ମା, ଦେବବ୍ରତ ପଟ୍ଟନାୟକ, ସତ୍ୟାନନ୍ଦ ବେହେରା, ସୁଜ୍ଞାନୀ ରାୟ, ବିପ୍ଳବ ଦାଶ, ଜଗନ୍ନାଥ ମହନ୍ତ, ଦେବବ୍ରତ ଗଡତିଆ, ପବନ ତିୱାରୀ, ଅବନୀ ମହାପାତ୍ର, ଶିବ ନାୟକ ଓ ଅନନ୍ତ ପଟ୍ଟନାୟକ, କ୍ରୀଡ଼ାବିତ୍ ସାଇକ୍ଲିଷ୍ଟ ନୃସିଂହ ଚରଣ ସାହୁ, ସସ୍ମିତା ଦାସ, ସୁବ୍ରଜା ବଡଜେନା, ଆଶା ମୁଣ୍ଡାରୀ ଏବଂ ଅଶୋକ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲା ସମେତ ସମ୍ବଲପୁର ଓ ବିଭିନ୍ନ ଅଞ୍ଚଳର କ୍ରୀଡାବିତ୍, ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିଖିଳ କଳାକାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହିତ ସମ୍ବର୍ଦ୍ଧିତ ପ୍ରତିଭା।

## ସଂକ୍ଷେପରେ

### ଛତୁ ଚାଷ ତାଲିମ ଶିବିର

ନାକଟିଦେଉଳ, ୩୧।୩(ବୈକୁଣ୍ଠନାଥ ସାହୁ) ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଶିମିଳିପାଳ ପଞ୍ଚାୟତ ଅନ୍ତର୍ଗତ ସରଧାପୁର ଗ୍ରାମରେ ରବିବାର ବାଏଫ ପକ୍ଷରୁ ଏକ ଛତୁ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ବିଭିନ୍ନ ଗ୍ରାମରୁ ପ୍ରାୟ ୪୦ଜଣ ଚାଷୀ ଯୋଗଦେଇ ଛତୁ ଚାଷ ପ୍ରଣାଳୀ ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। ହିଁତରାଇ ଗ୍ରାମର ସଫଳ ଛତୁ ଚାଷୀ ଜିତେନ୍ଦ୍ର ଗଡ଼ନାୟକ ମାଷ୍ଟର ଟ୍ରେନରଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ବାଏଫର ଜିଲା କାର୍ଯ୍ୟକ୍ରମ ଅଧିକାରୀ ବିଶ୍ୱରଞ୍ଜନ ଭୋଇ, କୃଷି ବିଶେଷଜ୍ଞ ବୁଦ୍ଧଦେବ ଜେନା ଏବଂ ବରିଷ୍ଠ ପ୍ରକଳ୍ପ ଯନ୍ତ୍ରୀ ପବନ ଦେଓ ଯୋଗଦେଇ ଏଚ୍‌ଡିଏଫସି ବ୍ୟାଙ୍କ ସହଯୋଗରେ ଗ୍ରାମୀଣ ଲୋକଙ୍କ ଆର୍ଥିକ ବିକାଶ ଦିଗରେ କାର୍ଯ୍ୟକାରୀ କରାଯାଉଥିବା ବାଏଫର ଯୋଜନାଗୁଡିକ ଉପରେ ଆଲୋଚନା କରିଥିଲେ। ଏଥି ସହିତ ଆଗାମୀ ଦିନରେ ଅଞ୍ଚଳର ଗ୍ରାମୀଣ ଲୋକେ ଛତୁ ଚାଷ କରି କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଏଫର ସିଆରପି ଚନ୍ଦ୍ରମଣୀ ସାହୁ, ପ୍ରତାପ ଚନ୍ଦ୍ର ସାହୁ, ବସନ୍ତ କୁମାର ସାହୁ, ସୁରେଶ ବେହେରା, ସନ୍ଧ୍ୟାରାଣୀ ସାହୁ, ରଞ୍ଜୁଲତା ସାହୁ ଯୋଗଦେଇ ବାଏଫର ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ।

# ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି ସମ୍ବଲପୁର ପୋଲିସ

### ଅପରାଧ ନିୟନ୍ତ୍ରଣ ପାଇଁ ଫ୍ଲାଇଓଭର ଉପରେ କେବିନ ବ୍ୟବସ୍ଥା

ସମ୍ବଲପୁର,୩୧।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଟାଉନଥାନା ଅନ୍ତର୍ଗତ ପିରବାବାଛକରେ ଫ୍ଲାଇଓଭର ଉପରୁ ବୋମା ଫିଙ୍ଗା ହେବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପୋଲିସ ତଦନ୍ତ କରି ସଂପୃକ୍ତ ଅପରାଧୀକୁ ଧରିବାରେ ସଫଳ ହୋଇଥିଲା। ହେଲେ ସମ୍ବଲପୁର ପୋଲିସ ଏହି ଘଟଣା ପରେ ଫ୍ଲାଇଓଭର ଉପରେ ରାସ୍ତାର ଗୋଟିଏ ପାଖକୁ ଅବରୋଧ କରି ଏକ ବିରାଟ କେବିନ ପକାଇ ଅପରାଧ ନିୟନ୍ତ୍ରଣ କରିବା ଲକ୍ଷ୍ୟ ରଖିଛି। ରାସ୍ତା ଅବରୋଧ ହଟାଇବା ପାଇଁ ଟ୍ରାଫିକ ପୋଲିସକୁ ନାକେଦମ ହେବା ଆମେ ସାଧାରଣରେ ଦେଖିବାକୁ ପାଇଥାଉ। ତେବେ ଖୋଦ ପୋଲିସ ରାସ୍ତାର ଗୋଟିଏ ପାଖକୁ ଅବରୋଧ କରିବା ଘଟଣାକୁ ନେଇ ସମ୍ବଲପୁରରେ ସାଧାରଣ ଲୋକଙ୍କ ଭିତରେ ନାନା ରକମର ଚର୍ଚ୍ଚା ଦେଖିବାକୁ ମିଳିଛି। ସାଧାରଣ ଲୋକ ପଚାରୁଛନ୍ତି ରାସ୍ତା ଉପରେ ଯାନବାହାନ ରଖିଲେ ଯଦି ପୋଲିସ ଫାଇନ କାଟୁଛି ତେବେ ପୋଲିସକୁ ରାସ୍ତା ଅବରୋଧ କଲେ ଦାୟିତ୍ୱ କାହାର ? ତେବେ ସବୁଠାରୁ ବଡ ବିଷୟ ହେଉଛି ପୀରବାବାଛକର ଠିକ ଉପରେ ଫ୍ଲାଇଓଭରରେ ପୋଲିସ ପକ୍ଷରୁ ରଖାଯାଇଥିବା କେବିନ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଅଧାରୁ ଅଧିକ ଅବରୋଧ କରିନେଇ ଥିବାରୁ ଏହି କେବିନହିଁ ଭବିଷ୍ୟତରେ ଦୁର୍ଘଟଣାର ବଡ କାରଣ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ସମ୍ବଲପୁର ପୋଲିସର ଏଭଳି ଉଦ୍ଭଟ ବ୍ୟବସ୍ଥା ନୂଆଁ ନୁହେଁ। ପୂର୍ବରୁ ମଧ୍ୟ ବି. ଗଙ୍ଗାଧର ଏସପି ଥିବା ସମୟରେ ଅଇଁଠାପାଲି ଛକ ମଝିରେ କଂକ୍ରିଟ କରାଯାଇ ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରାଯାଇଥିଲା। ଠିକ ସେହିପରି ଅଇଁଠାପାଲି ବସ ଟର୍ମିନାଲ ସାମନାରେ ମଧ୍ୟ କଂକ୍ରୀଟ କରାଯାଇ ଡିଭାଇଡର ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ପରେ ଲୋକଙ୍କ ଆକ୍ରୋଶ ପରେ ଅଇଁଠାପାଲି ଛକରୁ କଂକ୍ରିଟ ହଟାଯାଇ ପୁଣି ଯାତାୟତକୁ ସମାନ୍ୟ କରାଯାଇଥିଲା। ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିନପାରି ରାସ୍ତାକୁ ଅବରୋଧ କରିବା ପାଇଁ ଉଦ୍ଭଟ ଯୋଜନା କରିବା ପୋଲିସ ପ୍ରଶାସନର ଅପାରଗତାକୁ ହିଁ ପ୍ରଦର୍ଶନ କରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେବେ ବର୍ତ୍ତମାନ ପୋଲିସ କେବଳ ଫ୍ଲାଇଓଭର ଉପରେହିଁ କେବିନ ପକାଉ ରାସ୍ତା ଅବରୋଧ କରିନାହିଁ। ବରଂ ସିଟି ଷ୍ଟେସନ ସାମନାରେ ଜାତୀୟ ରାଜପଥ ମଝିରେ (ଡିଭାଇଡର ଉପରେ) ମଧ୍ୟ କେବିନ ପକାଇ ପୋଲିସଙ୍କୁ କେବିନରେ ବସିବା ବ୍ୟବସ୍ଥା କରାଯାଇଛି। ରାଜପଥର ଉଭୟ ପାର୍ଶ୍ୱକୁ କେବିନ ଅବରୋଧ କରୁଥିବାରୁ କେତେବେଳେ ଅଘଟଣ ହେଲେ ଉଭୟ ପୋଲିସ କର୍ମଚାରୀ ଏବଂ ଗାଡିଚାଳକର ଜୀବନ ଯିବା ନିଶ୍ଚିତ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ସମ୍ବଲପୁର ପୋଲିସ ସାଧାରଣ ଲୋକଙ୍କ ସହ ସମନ୍ୱୟ ରଖିବାରେ ବିଫଳ ହୋଇଥିବାର ସହରରେ ଅପରାଧ ବଢିଚାଲିଛି। ସହରରେ ପାର୍କିଂ ପାଇଁ ପ୍ରଶାସନ ଜାଗା ଚିହ୍ନଟ କରିବାରେ ବିଫଳ ହୋଇଛି। ସମ୍ବଲପୁରର କୌଣସି ଛକରେ ଟ୍ରାଫିକ ଲାଇଟର ବ୍ୟବସ୍ଥା ନାହିଁ। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କେମେରା ଗୁଡିକ ଠିକ ସମୟରେ ଚାଲୁନଥିବା ଦେଖିବାକୁ ମିଳିଥାଏ। ପୂର୍ବରୁ ଚାଲିଥିବା ବାଇକ ପେଟ୍ରୋଲିଂ ଏବଂ ସ୍କ୍ୱାଡ ବନ୍ଦ ହୋଇଯାଇଛି। ଯାହାଦ୍ୱାରା ଲୋକେ ନିଜ ଘର ଆଗରେ ପାଟ୍ରୋଲିଂ ହେଉଥିବା ଦେଖି ନିଜକୁ ସୁରକ୍ଷିତ ମଣୁଥିଲେ। ଏଭଳି ସକାରାତ୍ମକ ପଦକ୍ଷେପ ଗୁଡିକ ଉପରେ ପୋଲିସ ପ୍ରଶାସନ ଧ୍ୟାନ ନଦେଇ କିମ୍ବା ଜନସମ୍ପର୍କ ବୃଦ୍ଧି ପାଇଁ ଚେଷ୍ଟା ନ କରି ଅଯଥା ପଦକ୍ଷେପ ହାତକୁ ନେଉଥିବା ଦେଖିବାକୁ ମିଳୁଛି। ତେବେ ଅନ୍ୟପକ୍ଷରେ ସମ୍ବଲପୁର ଏସପି ଭୁକେଶ ଭାମୁ ଖବରଦାତା ସମ୍ମିଳନୀରେ ଫ୍ଲାଇଓଭର ଉପରେ ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସ କେବିନ କରାଯାଇଥିବା କହିବା ସହ ଫ୍ଲାଇଓଭରରେ ଯାତ୍ରୀଙ୍କ ଗତିବିଧି ଲକ୍ଷ୍ୟ କରାଯିବା ପାଇଁ ଏହାଦ୍ୱାରା ସୁବିଧା ହେବ ବୋଲି କହିଛନ୍ତି। ତେବେ ଏହାଦ୍ୱାରା ଅପରାଧ ନିୟନ୍ତ୍ରଣ ହେବ ନାଁ ଦୁର୍ଘଟଣା ବଢିବ ଆଗକୁ ଜଣାପଡିବ।



ଫ୍ଲାଇଓଭର ଉପରେ ପୋଲିସର କେବିନ।

# ଭାଜପା, ବିଜେଡିକୁ ପ୍ରତ୍ୟାଖ୍ୟାନ କର



କଂଗ୍ରେସର ଖବରଦାତା ସମ୍ମିଳନୀ।

ଦେବଗଡ଼,୩୧।୩ (ଶଶାଙ୍କ ଶେଖର ଝାଙ୍କର)

ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଉଭୟ ଭାଜପା ଓ ବିଜେଡି ଅନୈତିକ ଭାବେ ଚାନ୍ଦା ଆଦାୟ କରି ପୁଞ୍ଜିପତି,ଖଣି ମାଲିକ ଓ ମଦ ବ୍ୟବସାୟୀଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି। ଫଳରେ ଦେଶବାସୀଙ୍କ ସ୍ୱାର୍ଥ ବାଜିରେ ଲାଗିଛି ବୋଲି ଦେବଗଡ ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ଅଭିଯୋଗ କରିଛନ୍ତି। ସେହିପରି ଭାଜପା ବିଭିନ୍ନ ଧମକ ଜରିଆରେ ଭୟଭୀତ କରି ପୁଞ୍ଜିପତି,ଖଣି ମାଲିକ ଓ ମଦ ବ୍ୟବସାୟୀଙ୍କ ଠାରୁ ଚାନ୍ଦା ଆଦାୟ କରୁଥିବା ବେଳେ ଆୟକର ବିଭାଗକୁ ଆୟୁଧ କରି ନିର୍ବାଚନ ପୂର୍ବରୁ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରିବା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ ବୋଲି ହେମ୍ବ୍ରମ କହିଛନ୍ତି। ଭାଜପା ଇଡି, ସିବିଆଇ ଓ ଆଇଟି ବିଭାଗର ଅପବ୍ୟବହାର କରି ବିଗତ ୬ ବର୍ଷ ମଧ୍ୟରେ ୮ହଜାର ୨ଶହ ୫୨ କୋଟି ଟଙ୍କା ରାଜନୈତିକ ପାଣ୍ଠି ସଂଗ୍ରହ କରିଥିବା ବେଳେ ବିଜୁ ଜନତା ଏକ ଆଞ୍ଚଳିକ ଦଳ ହୋଇ ମଧ୍ୟ ରାଜନୈତିକ ଚାନ୍ଦା ଅସୁଲ କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ୫ମ ସ୍ଥାନରେ ରହିଛି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ଜନ ସାଧାରଣ ଉଭୟ ଭାଜପା ଓ ବିଜେଡି ଦଳକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସକୁ ଭୋଟ ଦେବା ଉଚିତ ବୋଲି ହେମ୍ବ୍ରମ ଏହି ଅବସରରେ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀ ପ୍ରାରମ୍ଭରେ ଜିଲା କଂଗ୍ରେସ ଯୋଗାଯୋଗ ଓ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା କଂଗ୍ରେସ ଉପସଭାପତି ମଞ୍ଜୁଳ କୁମାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ ଓ ଅଲେଖ ନାଏକ ମଞ୍ଚାସୀନ ଥିଲେ।

# ଏବିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ, ୩୧।୩(ବୈକୁଣ୍ଠନାଥ ସାହୁ) ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରବିବାର ଅବସର ଗ୍ରହଣ କରିଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ(ଏବିଇଓ) ସୁଧାକର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଓ କାର୍ଯ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଦୀନବନ୍ଧୁ ସାହୁଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅବସର ଗ୍ରହଣ କରିଥିବା ଏବିଇଓ ଡ଼. ସୁଧାକର ପ୍ରଧାନ ଏବଂ କାର୍ଯ୍ୟାଳୟରୁ ଅନ୍ୟତ୍ର ବଦଳି ହୋଇଥିବା ଦୀନବନ୍ଧୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟତମ ବ୍ଲକ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଦାସ, ସରାପାଲି ସିଆରସିସି ରଞ୍ଜିତ ସାହୁ, ସାହେବୀ ସିଆରସିସି ଅଜିତ କୁମାର ସାହୁ, ଗିରିଶ୍ଚନ୍ଦ୍ରପୁର ସିଆରସିସି ଲୋକନାଥ ସାମଲ, ସାଲେଭଟା ସିଆରସିସି ହୀନବନ୍ଧୁ ନାଏକ ଯୋଗଦେଇ ଅବସର ଗ୍ରହଣ କରୁଥିବା ଏବିଇଓ ପ୍ରଧାନଙ୍କ କାର୍ଯ୍ୟଶୈଳୀ, କର୍ତ୍ତବ୍ୟ ନିଷ୍ଠା, ସମୟାନୁବର୍ତ୍ତିତା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥିମାନେ ଅବସର ଗ୍ରହଣ କରିଥିବା ପ୍ରଧାନଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବାଟଗାଁ ସିଆରସିସି ହରିଶ୍ଚନ୍ଦ୍ର ଦେହୁରୀ ମାନପତ୍ର ପଠନ କରିଥିବା ବେଳେ ନାକଟିଦେଉଳ ସିଆରସିସି ମହେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯକ୍ଷ୍ମା ନିରାକରଣ ସାମାଜିକ ଆନ୍ଦୋଳନ

### ଲଇଡାଠାରେ ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

ସମ୍ବଲପୁର,୩୧।୩(ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ଓ ଲଇଡା ସିଏଚସିର ମିଳିତ ଆନୁକୂଲ୍ୟରେ ବିଶ୍ୱ ଯକ୍ଷ୍ମା ଦିବସ ଶନିବାର ପାଳିତ ହୋଇଯାଇଛି। ସାରା ବିଶ୍ୱରେ ଯକ୍ଷ୍ମାରୋଗର ବ୍ୟାପକତା ବୃଦ୍ଧି ପାଉଥିବାରୁ ଏହାର ନିରାକରଣ ତଥା ରେଙ୍ଗାଲି ବ୍ଲକକୁ ଯକ୍ଷ୍ମା ମୁକ୍ତ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା। ଏହି ଅବସରରେ ସଚେତନତା ସଭା ହୋଇଥିଲା। ଆଲୋକ ବେହେରା, ଯଦୁମଣି ଗଣିକ, ଶ୍ୱେତ ଉପାଧ୍ୟାୟ, ପାରିପାର୍ଶ୍ୱିକ ଉନ୍ନୟନ ଅଧିକାରୀ, ଆଦିତ୍ୟ ଆଲୁମିନିୟମ), ମନୋରଞ୍ଜନ ବେହେରା, ଉପ ପ୍ରବନ୍ଧକ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଆଦିତ୍ୟ ଆଲୁମିନିୟମ, ଉଦୟ ରାଉତ ଏଚଆର ବିଭାଗ, ଆଦିତ୍ୟ ଆଲୁମିନିୟମ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। ଯକ୍ଷ୍ମା ନିରାକରଣ ଏକ ସାମାଜିକ ଆନ୍ଦୋଳନ ଅଟେ। ଏହାର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ସାମୁହିକ ପ୍ରୟାସ ତଥା ଦୃଢ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଏନେଇ ସମସ୍ତେ କାର୍ଯ୍ୟ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥିସହ ଯକ୍ଷ୍ମା ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ସବିଶେଷ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶାମାନଙ୍କ ପାଇଁ ସଚେତନତା ଶିବିରର ଆୟୋଜିତ କରାଯାଇଥିଲା। ଆଦିତ୍ୟ ଆଲୁମିନିୟମ ନିକ୍ଷୟ ମିତ୍ର ସହଯୋଗୀ ଭାବେ ଆସିଥିବା ସମସ୍ତ କ୍ଷୟ୍ମା ରୋଗୀଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ବଣ୍ଟନ କରିଥିଲା। ଚଳିତ ୬ ମାସ ଧରି ଆଦିତ୍ୟ ଆଲୁମିନିୟମ ପ୍ରତି ମାସରେ ୬୦ଟି ପୋଷଣ ଯୁକ୍ତ ଖାଦ୍ୟ ସାମଗ୍ରୀ ବାଣ୍ଟି ଆସୁଛି। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ୱେତା ଉପାଧ୍ୟାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସର୍ବଶେଷରେ ସମସ୍ତ ଆଶାମାନଙ୍କୁ ପୁରସ୍କୃତ କରାଯାଇଥିଲା।





ଯକ୍ଷ୍ମା ଦିବସ ଅବସରରେ ଉପସ୍ଥିତ ଅତିଥି।

### ସାନ ଭାଇଙ୍କ ଟାଙ୍ଗିଆ ଆକ୍ରମଣ: ବାପା, ବଡଭାଇ ଗୁରୁତର

କୁଚିଣ୍ଡା,୩୧।୩(ବିରଞ୍ଚି ଦର୍ଦ୍ଦା)

ଗୋବିନ୍ଦପୁର ଥାନା ଟାଙ୍ଗରମୁଣ୍ଡା ଗ୍ରାମରେ ସାନ ଭାଇଙ୍କ ଟାଙ୍ଗିଆ ଚୋଟ ଆକ୍ରମଣରେ ବାପା ଓ ବଡ଼ଭାଇ ଗୁରୁତର ଆହତ ହୋଇଛନ୍ତି।ଗୁରୁତର ବାପା ଓ ବଡଭାଇଙ୍କୁ ପରିବାର ପକ୍ଷରୁ ପ୍ରଥମେ ବାମରା ଓ ପରେ ସୁନ୍ଦରଗଡ ଜିଲା ମେଡିକାଲ କଲେଜ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।ଏନେଇ ଗୋବିନ୍ଦପୁର ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ,ଟାଙ୍ଗରମୁଣ୍ଡା ଗ୍ରାମର ଗୋବିନ୍ଦ ବଲୁଆ ଓ ରଞ୍ଜିତଙ୍କ ମଧ୍ୟରେ କୌଣସି କଥାକୁ ନେଇ ଶନିବାର ସନ୍ଧ୍ୟାରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ଗୋବିନ୍ଦଙ୍କ ସାନପୁଅ ସଞ୍ଜିତ ଘରକୁ ଫେରି ଗଣ୍ଡଗୋଳର ସମାଧାନ ପାଇଁ ଉଦ୍ୟମ କରିଥିଲେ। ମାତ୍ର ଉଭୟେ ତାଙ୍କୁ ଗାଳି ଗୁଲଜ କରିବାରୁ ସଞ୍ଜିତ ଉତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ବାପ ଓ ବଡ଼ଭାଇଙ୍କୁ ଅତର୍କିତ ଆକ୍ରମଣ କରିଥିଲେ।

# ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବିଦାୟ ସମ୍ବର୍ଦ୍ଧନା ଅବସରରେ ଅଭିଭାବକ ଓ ଶିକ୍ଷକ।

ଦେବଗଡ଼,୩୧।୩ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ସଇଡା ପଞ୍ଚାୟତ ସଦର ମହକୁମାସ୍ଥିତ ସଇଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରସାନନ୍ଦ ବେହେରା ରବିବାର କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଜିଲା ମଙ୍ଗଳ ବିଭାଗ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ କଳାମାଟି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ମଙ୍ଗଳ ଅଧିକାରୀ ବିଭୂରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ବାରକୋଟ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଓ ତିଲେଇବଣି ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ରାମଚନ୍ଦ୍ର ସୋରେନ ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେହେରାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଇଡା ଆଶ୍ରମ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସାହୁ, ଡିମିରିପୋଶି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ଦେହୁରୀ, ଗୟଳମରା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଜୟ କିଷାନ,ପାରପୋଷି ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବସନ୍ତ କାଉ,ଖୁଲୁଣ୍ଡିକୁଦର ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ବେହେରା, କାଳିଆପାଳ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବେହେରା, ଝରବାହାଳ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୁଲୁ କୁମାର ମାଝି, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରାବାସ ଅଧିକ୍ଷକ ସୁଧୀର କୁମାର ପ୍ରଧାନ ଓ ଅନେଓଷାର ଛାତ୍ରାବାସ ଅଧିକ୍ଷକ ଲକ୍ଷ୍ମୀକାନ୍ତ ସୁନାଙ୍କ ସମେତ ଜିଲା ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଜୟ କିଷାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବାରାତ୍ର କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ଦେବଗଡ଼,୩୧।୩ (ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଟାଇଁସର ପଞ୍ଚାୟତ ଭୁକାବେଡା ଗ୍ରାମରେ ମହାବୀର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ରବିବାର ଏକ ଦିବସୀୟ ଦିବାରାତ୍ର କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ସଂଧ୍ୟାରେ କ୍ଲବ ସଭାପତି ହଳଦୁ ଝାଙ୍କରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଯୋଗଦେଇ ଫିତାକାଟି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଦଳ ମଧ୍ୟରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତା ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତା ଆୟୋଜନରେ କ୍ଲବ ସଦସ୍ୟ ମହେଶ୍ୱର ବେହେରା, ରାମ ବେହେରା, ଚିକୁନ ପ୍ରଧାନ, ଚିନୁ ପ୍ରଧାନ, ପିଣ୍ଟୁ ପ୍ରଧାନ ଓ ମାନସ ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।





ଅତିଥିଙ୍କ ଗହଣରେ ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

# ଆଦିତ୍ୟ ଆଲୁମିନିୟମ ଢୋରରୋପାଣିରେ ମହିଳା ଦିବସ

ସମ୍ବଲପୁର,୩୧।୩(ବି.ଶଙ୍କର)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଢୋରରୋପାଣି ଠାରେ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ଏହି ଦିବସଟି ପାଳନ କରାଯାଉଛି। ମହିଳାଙ୍କ ଉପରେ ନିବେଶ ଓ ପ୍ରଗତିର ତ୍ୱରାନ୍ୱିତ ଉପରେ ଆଧାରିତ କାର୍ଯ୍ୟକ୍ରମରେ ହୀରାକୁଦ କ୍ଲଷ୍ଟର ହେଡ଼ ଶିବ ମହାପାତ୍ର, ପ୍ରବନ୍ଧକ ଆନନ୍ଦ ଚକ୍ରବର୍ତ୍ତୀ, ମାନବ ସମ୍ବଳ ପ୍ରବନ୍ଧକ ଭବାନୀ ମହାପାତ୍ର ଯୋଗଦାନ କରିଥିଲେ। ବର୍ତ୍ତମାନ ପରିପେକ୍ଷୀରେ ମହିଳା ସଶକ୍ତିକରଣ ଦିଗରେ ଉଲେଖନୀୟ କାର୍ଯ୍ୟ କରାଯାଉଛି। ତେଣୁ ଦୃଢ ମନୋବଳ ନେଇ ରୋଜଗାର, ଶିକ୍ଷା ଓ ନେତୃତ୍ୱ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ଅତିଥିମାନେ ଦିଗଦର୍ଶନ ଦେଇଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ ଶ୍ୱେତା ଉପାଧ୍ୟାୟ ସୁସ୍ଥ ସମାଜ ଗଠନରେ ମହିଳାମାନଙ୍କ ଧୈର୍ଯ୍ୟ, ନିଷ୍ଠା ଓ ନିରନ୍ତର ପ୍ରୟାସ ନିମନ୍ତେ ମତବ୍ୟକ୍ତ କରିଥିଲେ। ସମ୍ବଲପୁରର ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ସ୍ନେହା ନାଗ, ନୃତ୍ୟ ପରିବେଷଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଦ୍ୱାରା ଉଚ୍ଚକୋଟିର ପାରମ୍ପରିକ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମର ଆକର୍ଷଣ ଥିଲା। ଚଳିତ ବର୍ଷର ଉଲ୍ଲେଖନୀୟ ଅବଦାନ ପାଇଁ ଗୋଷ୍ଠୀ ସଦସ୍ୟାଙ୍କୁ ପୁରସ୍କୃତ କରାଯାଇଥିଲା। ଡେପୁଟି ମ୍ୟାନେଜର ମନୋରଞ୍ଜନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନତାରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ନେହା ନାଏକ, ଅଜିତ କୁମାର ସାହୁ କାର୍ଯ୍ୟକ୍ରମରେ ଯୋଗଦାନ କରି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।





ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଢୋରରୋପାଣିଠାରେ ମହିଳା ଦିବସ ସମାରୋହ।

# ଜିଲାସ୍ତରୀୟ ଆଥ୍‌ଲେଟିକ ମିଟ୍ ଉଦଯାପିତ

ସମ୍ବଲପୁର, ୩୧।୩(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡା ସଂସଦ ପକ୍ଷରୁ ୫୯ତମ ଜିଲାସ୍ତରୀୟ ଆଥେଲେଟିକ ମିଟ -୨୦୨୪ ରବିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଉଦଯାପିତ ହୋଇଯାଇଛି। ମହିଳା ବର୍ଗରେ ସମ୍ବଲପୁର ଆଥେଲେଟିକ କ୍ଲବ (୨୭ ପଏଣ୍ଟ) ଓ ପୁରୁଷ ବର୍ଗରେ କୁଲୁଣ୍ଡିର ଜିସିପିଇ (୪୪ ପଏଣ୍ଟ) ଚଳିତ ବର୍ଷର ଚାମ୍ପିୟାନ ହୋଇଛି। ସେହିପରି ୧୬ ଓ ୧୮ ବର୍ଷ ବୟସ ବାଳକ ବର୍ଗରେ ଦୟାନନ୍ଦ ପବ୍ଲିକ ସ୍କୁଲ, ୨୦ ଓ ୨୩ ବର୍ଷ ବାଳକ ବର୍ଗରେ ଡିସଟାନ୍ସ ରନର୍ସ କ୍ଲବ, ୧୪ ବର୍ଷ ବାଳକ ବର୍ଗରେ ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲ, ୧୪, ୧୬ ଓ ୧୮ ବର୍ଷ ବାଳିକା ବର୍ଗରେ ଏସଏ କୁଚିଣ୍ଡା, ୨୦ବର୍ଷ ବାଳିକା ବର୍ଗରେ ସରକାରୀ ମହିଳା ମହାବିଦ୍ୟାଳୟ, ୨୩ ବର୍ଷ ବାଳିକା ବର୍ଗରେ ହୀରାକୁଦ କ୍ରୀଡା ସଂଘ ଦଳଗତ ଚାମ୍ପିୟାନ ହୋଇଛି। ସମ୍ବଲପୁର ଜିଲାର ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟାନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଉଦଘୋଟନୀ ଉତ୍ସବ ହୋଇଥିଲା। ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଥେଲେଟିକ ସମ୍ପାଦକ ବିକାଶ କେଶର ମିଶ୍ର ସୂଚନା ପ୍ରଦାନ କରିଥିଲେ। କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଗେମ୍ସ ସମ୍ପାଦକ ରାଜେଶ ସେଟ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କାଉନସିଲ ସଭ୍ୟ ସୁବୋଧ କୁମାର ସାହୁ, ଗୋପାଳ ନନ୍ଦ, ମନୋଜ ଭୋଇ, ରତିକାନ୍ତ ମହାନ୍ତି, ମହମ୍ମଦ ଇସାକ, ପଦ୍ମନାଭ ନାଏକ, ଲକ୍ଷ୍ମୀଧର ମହାକୁର, ଆନ୍ତଃଜାତିୟ କ୍ରିକେଟ ଅମ୍ପାୟାର ସୁବ୍ରତ ଦାସ, ବିଶ୍ୱଜିତ ପଣ୍ଡା, ପ୍ରସନ୍ନ ବିଶ୍ୱାଳ, ଅଜିତ କୁମାର ହୋତା କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ଜଗବନ୍ଧୁ ବେହେରା ଓ ହର୍ଷବର୍ଦ୍ଧନ ସାହୁ ଏବଂ ସାହେବ ଖମାରୀ, ରମଣୀରଞ୍ଜନ ସାହୁ ଖେଳ ପରିଚାଳନା କରିଥିଲେ। ଦୌଡ, ଉଚ୍ଚଡିଆଁ , ଲମ୍ବ ଡିଆଁ , ଟ୍ରିପଲ ଜମ୍ପ, ସଟପୁଟ, ଡିସକସ ଓ ଜ୍ୟାଭେଲିନ ଥ୍ରୋ ପ୍ରଭୃତି ବିଭିନ୍ନ ବର୍ଗରେ ପ୍ରତିଯୋଗୀତା ହୋଇଥିଲା। ଏହି ପ୍ରତିଯୋଗୀତାରେ ମୋଟ ୮ଶହ ଜଣ କ୍ରୀଡାବିତ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୩୭୪ ମହିଳା ଓ ୪୨୬ ପୁରୁଷ ଖେଳାଳୀମାନେ ସାମିଲ ଥିଲେ। ସେହିପରି ମୋଟ ୫୮ ଜଣ ଶାରିରିକ ଶିକ୍ଷା ଶିକ୍ଷକ ଓ ଛାତ୍ରମାନେ ଇଭେଣ୍ଟ ପରିଚାଳନା କରିଥିଲେ।



ଆଥେଲେଟିକ ମିଟରେ ଅତିଥିଙ୍କଠାରୁ କ୍ରିଡାବିତମାନେ ଟ୍ରଫି ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଜୟନ୍ତୀ ପାଳିତ

**ପାଟଣାଗଡ଼,୩୧।୩(ସଚ୍ଚିଦାନନ୍ଦ ମହାକୁର)**

ପୂର୍ବତନ ପାଟଣା ମହାରାଜା ତଥା ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୨ ତମ ଜୟନ୍ତୀ ପାଟଣାଗଡ ଏନଏସିସ୍ଥିତ ରାମଜୀଛକରେ ରବିବାର ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜେନ୍ଦ୍ର ନାରାୟଣଙ୍କ ସିଂଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ପାଟଣାଗଡ ଭାଜପା ନଗର ସଭାପତି ସୁଶାନ୍ତ କୁମାର ମହାନ୍ତି, ନନ୍ଦନ ଠାକୁର, ରାନା ଚିନଦା, ଅଶୋକ କୱାନ, ଦିନ ଠାକୁର, ଅଜିତ ଭାଟି ପ୍ରମୁଖ ଉପସ୍ଥିତ ଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଖପ୍ରାଖୋଲ, ୩୧।୩(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର୍ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ତିନିଦିନ ଧରି ହୋଇଥିବା ଏହି କାର୍ଯ୍ୟକ୍ରମରେ ୫ଟି ସଙ୍କୀର୍ତ୍ତନ ଦଳ ଭାଗ ନେଇ ଥିଲେ। ନାମଯଜ୍ଞରେ ପୂଜା କର୍ତ୍ତାଭାବେ ଗ୍ରାମର ଗୌନ୍ତିଆ ଅକ୍ରୁର ମାଝି ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମ ସଙ୍କୀର୍ତ୍ତନ ପୂଜା କମିଟିର ପୂର୍ଣ୍ଣଚନ୍ଦ୍ର ବୁଡେକ, ବିକାଶ ଦାଶ, ଚିନ୍ତାମଣି ବାରିକ, ପରମସାଏ ମାଝି, ବବଲୁ ଦାଶ, ମାୟାଧର ସାହୁ, ଚକ୍ରଧର ସାହୁ, ଦେବରାଜ ପଧାନ, ଦ୍ୱିତୀୟା ତରିଆଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସିନାପାଲି, ୩୧।୩(ମନଫୁଲ ମେହେର)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଚଟିଆଗୁଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ପୁରୁଷୋତ୍ତମ ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ଶିକ୍ଷା ଜିଲା ନିରୀକ୍ଷକ ଉଦୟ ସିଂ ମାଝି, ସମ୍ମାନୀତ ଅତିଥି ଜିଲା ଶିକ୍ଷା ସଭାପତି ସୁଶୀଲ କୁମାର ପତି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁନୀଲ କୁମାର ସାମଲ, ଜିଲା ଶିକ୍ଷକ ସଂଘ ଉପ ସଭାପତି ଝରାମଣୀ ଦେଇ, ଗୋର୍ଲା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଙ୍ଗାରାମ ବାଗ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲୋକନାଥ ମାଝି, ସାମାଜିକ କର୍ମୀ ଚିକନୁ ମାଝି, ଶୋଭାରାମ ବାଗ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ପ୍ରକାଶ ମିଶ୍ର ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଆଗକୁ ଯିବାକୁ ପ୍ରେରଣା ଦେଇଥିଲେ। ପ୍ରଧାନଶିକ୍ଷକ ନାଏକ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାରୀ ନିର୍ଯାତନା ଓ ବାଲ୍ୟ ବିବାହକୁ ନେଇ ଏକ ନାଟକ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟ ସେବକ ଡୋଲେଶ୍ୱର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସେବିକା ଅମିତା ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନୀତିରେ ଜନସେବା ରାଜେନ୍ଦ୍ରଙ୍କ ବଡ଼ ଉପଲବ୍ଧି

**ବଲାଙ୍ଗୀର,୩୧।୩(ବୀରେନ୍ଦ୍ର କୁମାର ଝାଙ୍କର)**


ଶିଳ୍ପୋଦ୍ୟୋଗୀ ଶୋଭନା ଗିରିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୨ତମ ଜୟନ୍ତୀ ସମାରୋହ**
- କୃତୀ ପ୍ରତିଭାଧର, କଳାକାର, କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା
- ରାଜେନ୍ଦ୍ର ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ଅତିଥି କଲେ ପୁଷ୍ପମାଲ୍ୟ ଅର୍ପଣ

ପୂର୍ବତନ ପାଟଣା ଷ୍ଟେଟ୍‌ର ଶେଷ ମହାରାଜା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ ଥିଲେ ଏକାଧାରରେ ଜଣେ ପ୍ରଜାନୁରାଗୀ ଶାସକ, କଳା-ସଂସ୍କୃତିର ଉପାସକ, ଏବଂ ଆଧୁନିକ ଓଡ଼ିଶାର ଜଣେ ନବନିର୍ମାତା। ତାଙ୍କ ଶାସନ କାଳରେ ବଲାଙ୍ଗୀର ସମେତ ଓଡିଶାର ବିକାଶ ଦ୍ରୁତତର ହୋଇଥିଲା। ବଂଶ ପରମ୍ପରାରେ ନୁହେଁ, ବରଂ ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ବଳରେ ସେ ହୋଇଥିଲେ କୋଟି ହୃଦୟର ପ୍ରିୟ ମହାରାଜା ଏବଂ ଜଣେ ଉଚ୍ଚାଙ୍ଗ ରାଜନୈତିକ ପୁରୁଷ। ସେ ଥିଲେ ଅଜାତଶତ୍ରୁ। ରାଜନୀତିରେ ଜନସେବା ତାଙ୍କର ବଡ ଉପଲବ୍ଧି ଥିଲା ବୋଲି ରବିବାର ବଲାଙ୍ଗୀର ରାଜେନ୍ଦ୍ର ପାର୍କଠାରେ ଆୟୋଜିତ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୧୧୨ତମ ଜନ୍ମ ଜୟନ୍ତୀ ସମାରୋହର ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଜୟନ୍ତୀ ସମାରୋହରେ ଅତିଥିଭାବେ ସ୍ୱର୍ଗତ ମହାରାଜାଙ୍କ ସୁପୁତ୍ର ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ନାତି ପୂର୍ବତନ ଲୋକ ସଭା ସଦସ୍ୟ କଳିକେଶ ନାରାୟଣ ସିଂଦେଓ, ନାତୁଣୀବୋହୂ ମେଘନା ରାଣା ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ର ଏବଂ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦାନ କରିଥିଲେ। ସ୍ମୃତି କମିଟି ଅଧ୍ୟକ୍ଷ ଶରତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ସମ୍ପାଦକ ରାଜେନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। କବି ସନ୍ଦୀପ କୁମାର କୁଅଁର ମଞ୍ଚ ସଂଯୋଜନା କରିଥିଲେ। ଅତିଥିମାନେ ପାର୍କ ପରିସରରେ ଥିବା ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ କହିଥିଲେ ଯେ, ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ତାଙ୍କୁ ଜନସେବା ପାଇଁ ରାଜନୀତିକୁ ଆଣିଥିଲେ। ସାଧାରଣ ଲୋକଙ୍କ ସେବା ପାଇଁ ରାଜନୀତି ଏକ ବଳିଷ୍ଠ ମାଧ୍ୟମ। ଲୋକଙ୍କ ସେବା ଏବଂ ବଲାଙ୍ଗୀରର ବିକାଶ ଏକମାତ୍ର ସଂକଳ୍ପ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହାସ୍ୟବ୍ୟଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ, ରାଜ୍ୟସ୍ତରର ସଫଳ ଶିଳ୍ପଦ୍ୟୋଗୀ ଶୋଭନା ଗିରି, ବାଲୁକା ଶିଳ୍ପୀ ଓମପ୍ରକାଶ ସାହୁ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଚୈତନ୍ୟ ମଟାରୀ, ଡାକ୍ତର ମନୋଜ ଅଗ୍ରୱାଲ, ଜାତୀୟ ସନ୍ତରଣ ପଦକ ବିଜେତା ଦ୍ୱାରି କଠାର, ଗଣମାଧ୍ୟମ ପ୍ରତିନିଧି ଅଞ୍ଜନ କୁମାର ପ୍ରଧାନ, ତରୁଣ କୁମାର ସାହୁ, ସସ୍ମିତା ସାହୁ, ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଥନାପତି, କଣ୍ଠଶିଳ୍ପୀ ସ୍ୱରୂପା ସିଂ, ଇଣ୍ଡିଏନ ଆଇଡଲ ଫେମ ଅଜୟ ଅମର ସିଂଦେଓ, କବିୟିତ୍ରୀ ରଶ୍ମି ପାତ୍ର, ଢୋଲ ମୁହୁରି କଳା କଳା ପରିଷଦ ମୁଖ୍ୟ ନୀଳାଞ୍ଚଳ ନନ୍ଦ, ଓଡିଶୀ ନୃତ୍ୟଗୁରୁ ଜ୍ୟୋତିରେଖା ତ୍ରିପାଠୀ, ଫୁଟବଲ କୋଚ୍ ପରଶର ବାଗ, ତକ୍ଷକ ସମ୍ପାଦକ ବିଶ୍ୱମୟ ପୂଜାରୀ ଓ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କୁ ପାଟଣା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସନ୍ଧ୍ୟାର ଶୈଳଶ୍ରୀ ପ୍ୟାଲେସଠାରେ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ସ୍ମୃତିରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୁନାଗଡ଼,୩୧।୩ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷୀକେଶ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜୁନାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାମନ୍ତ, ସମ୍ମାନୀତ ଅତିଥି କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା, ଧାମନପୁର ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସମୀର ରଞ୍ଜନ ଠେଲା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏନସିସି ଅଫିସର୍ ସନ୍ତୋଷ କୁମାର ମେହେର ସଭା ପରିଚାଳନା କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡା ଶିକ୍ଷକ ବିଜୟ କୁମାର ନାଏକ ଏବଂ ସହକାରୀ ଶିକ୍ଷକ ଜନ୍ମେଜୟ ନାଏକଙ୍କ ପରିଚାଳନାରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଶୀଲ କୁମାର ନାଗ, ଗୋପାଳକୃଷ୍ଣ ମିଶ୍ର, ରୁପ୍‌କେଶ୍ୱରୀ ମୁଣ୍ଡ, ବିଶ୍ୱନାଥ ସାହୁ, ସିଦ୍ଧାର୍ଥ ଭୋଇ,ରୀନା କୁମାରୀ ବେହେରା, ଗିରିଜା ନାଏକ, ମଞ୍ଜୁଲତା ବାରିକ, ସୁନିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଜୟନ୍ତ କୁମାର ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ଖପ୍ରାଖୋଲ, ୩୧।୩(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ କୁଲୁତା ସମାଜ ତରଫରୁ ନିର୍ମିତ ରଣେଶ୍ୱର ରାମଚଣ୍ଡି ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାପ ନାଶିନି ଝରଣାରେ ଗଙ୍ଗା ଆବାହନ କରାଯାଇଥିଲା। ଝରଣାରୁ ଘଣ୍ଟା ଘଣ୍ଟ, ସଙ୍କୀର୍ତ୍ତନ ସହ ଏକ କଳସ ଶୋଭାଯାତ୍ରା ନିର୍ମାଣଧୀନ ମନ୍ଦିର ପରିସରରେରେ ପହଞ୍ଚିଥିଲା। ଛଅ ଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପୂଜା କର୍ତ୍ତାଭାବେ କୁଲୁତା ସମାଜ ଜିଲା ସଭାପତି ବେଲାରସେନ ଭୋଇ, ଧ୍ରୁବଚରଣ ବିଶ୍ୱାଳ ସପତ୍ନିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଷୋହଳ ପ୍ରହର ନାମଯଜ୍ଞରେ କର୍ତ୍ତାଭାବେ ଖଗେଶ୍ୱର ସାହୁ ଦାୟିତ୍ୱ ନିର୍ବାହ କରିବେ। ଏହି ଅବସରରେ ପୂଜକ ବୈଦ୍ୟନାଥ ମିଶ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିବା ବେଳେ ମନ୍ଦିର ଟ୍ରଷ୍ଟ ସଭାପତି ଭିକାରୀ ଚରଣ ବିଶ୍ୱାଳ, ସମ୍ପାଦକ କଳାକାହ୍ନୁ ସାହୁ, ବଡଗୁର୍ଜିଭଟା ଆଞ୍ଚଳିକ କେନ୍ଦ୍ର ସଭାପତି ବାସୁଦେବ ଗଡତ୍ୟା, ସମ୍ପାଦକ ମାଧବ ସାହୁ, ଧଣ୍ଡାମୁଣ୍ଡା ଆଞ୍ଚଳିକ କେନ୍ଦ୍ର ସଭାପତି ହଳଧର ଭୋଇ, ସମ୍ପାଦକ ମଧୁସୂଦନ ସାହୁ, ଅମୂଲ୍ୟ ଭୋଇ, ଜୟ କୃଷ୍ଣ ସାହୁ, କ୍ଷମାନିଧି ଭୋଇ, ପଞ୍ଚାନନ ସାହୁ, କାଳିଆ ସାହୁ, ସୁଶାନ୍ତ ପ୍ରଧାନ, ଚତୁର୍ଭୁଜ ସାହୁ, ସରୋଜ ବିଶ୍ୱାଳ, ଅଚ୍ୟୁତ ସାହୁ, ଉମାକାନ୍ତ ପ୍ରଧାନ, ନରେନ୍ଦ୍ର ଭୋଇଙ୍କ ସମେତ ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।


ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

# ଟ୍ରାଫିକ୍ ନିୟନ୍ତ୍ରଣ ଦାବି କଲା ସିଟିଜେନ ଫୋରମ୍


ଜୁନାଗଡ ସିଟିଜେନ ଫୋରମ ପକ୍ଷରୁ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଜୁନାଗଡ଼,୩୧।୩ (ସୁନୀଲ କୁମାର ସିଂହ )**

**ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ମଦ୍ୟପ ଗାଡି ଚାଳକ ଓ ଦ୍ରୁତବେଗରେ ବାଇକ ଚଳାଉଥିବା ଚାଳକଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ରବିବାର ସିଟିଜେନ ଫୋରମ ଜୁନାଗଡ଼ ତରଫରୁ ଏକ ଦାବିପତ୍ର ଜୁନାଗଡ଼ ଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ଜରିଆରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଛି। ଜୁନାଗଡ଼ ନୂଆ ବସ୍‌ଷ୍ଟାଣ୍ଡ, କଳମପୁର ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ଓରିଆନ ଛକରେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୨ଟା ଓ ଅପରାହ୍ନ ୫ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଏକ ପୋଲିସ ଦ୍ୱାରା ଟ୍ରାଫିକ ନିୟନ୍ତ୍ରଣ, ପ୍ରତ୍ୟେକ ରବିବାର ଓରିଆନ ହୋଟେଲ ଛକଠାରୁ ତହସିଲ ଛକ ପର୍ଯ୍ୟନ୍ତ ଭାରିଯାନ ଚଳାଚଳକୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବନ୍ଦ କରାଯିବା ଓ ମଦ୍ୟପାନ କରି ଟାଉନରେ ବାଇକ ଚାଳନା କରୁଥିବା ବ୍ୟକ୍ତିଙ୍କୁ ଧରପଗଡ଼ ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସିଟିଜେନ ଫୋରମ ସଭାପତି ଅଶୋକ ପାତ୍ର, ଉପସଭାପତି ସନ୍ତୋଷ କୁମାର ସିଂହଦେଓ, ସମ୍ପାଦକ ବିଜୟ ବେହେରା, କୋଷାଧ୍ୟକ୍ଷ କୁଲେଶ୍ୱର ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଦସ୍ୟ ଈଶ୍ୱର ପୂଝାରୀ, ଯୁଗଳ କିଶୋର ନାୟକ, ଭୁବନେଶ୍ୱର ସାହୁ, ନବକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ସମସ୍ୟା ନେଇ ଅନେକ ଥର ସିଟିଜେନ ଫୋରମ ତରଫରୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଣୁ ଆଗାମୀ ଦିନରେ ଟ୍ରାଫିକ ସମସ୍ୟାର ସମାଧାନ ନ ହେଲେ ଜୋରଦାର ଆନ୍ଦୋଳନ ହେବ ବୋଲି ସଭାପତି ପାତ୍ର ପ୍ରକାଶ କରିଛନ୍ତି।

# ଚକ୍ଷୁ ପରୀକ୍ଷା ଶିବିର

**ଖଡ଼ିଆଳ,୩୧।୩(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ମୁକ୍ତାପୁର କ୍ଷତ୍ରିୟ ସମାଜ ଭବନରେ ରବିବାର ଜୁହାର୍ ପାଉଣ୍ଡେଶନ ମୁମ୍ବାଇ ଏବଂ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ କୁଳପତି ଶମ୍ଭୁକିଶୋର ଦଣ୍ଡସେନା, ବିଶିଷ୍ଟ ଅତିଥିଭାବେ ପ୍ରାକ୍ତନ ଆୟକର କମିସନର ଶ୍ରୀକାନ୍ତ ଚାଟର୍ଜୀ, ସମ୍ମାନୀତ ଅତିଥି ଭାବେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ପରାମର୍ଶଦାତା ଜ୍ଞାନ ପ୍ରକାଶ ସିଂ ଓ ପ୍ରମୋଦ କୁମାର ଦଣ୍ଡସେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଡାକ୍ତର ପ୍ରକାଶ କୁମାର ଏବଂ ତାଙ୍କର ସହକର୍ମୀ ମାନଙ୍କ ଦ୍ୱାରା କମ୍ପ୍ୟୁଟର ମାଧ୍ୟମରେ ପ୍ରାୟ ୩୦୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୫୦ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଭବାନୀପାଟଣା ଶ୍ରୀଜଗନ୍ନାଥ ନେତ୍ରାଳୟକୁ ପଠାଯାଇଥିଲା। ଶିବିରକୁ ସଫଳ କରିବା ପାଇଁ ସ୍ୱେଚ୍ଛାସେବୀ ଗୌରବ ସିଂ ବାରିକ, ସୌମ୍ୟରଞ୍ଜନ ସିଂ, ରଶ୍ମିରଞ୍ଜନ ଚଲାନ, ସମ୍ପଦ ପାଢ଼ୀ, ରୋଶନ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟ: ସେମିରେ ବଙ୍ଗୋମୁଣ୍ଡା

**ମୁରିବାହାଲ,୩୧।୩(ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆରେ ଆଦିବାସୀ ଯୁବକ ସଂଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ମା’ ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ଜିଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ପ୍ରଦୀପ ପୁଟେଲ, ବିଶିଷ୍ଟ କ୍ରୀଡ଼ାବିତ ରାମରଞ୍ଜନ ପାତ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବଙ୍ଗୋମୁଣ୍ଡା ଓ ପତ୍ରାପାଲି(ଖ) ମଧ୍ୟରେ ହୋଇଥିଲା। ଏଥିରେ ବଙ୍ଗୋମୁଣ୍ଡା ଦଳ ୧-୦ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି।

ଟୁର୍ନାମେଣ୍ଟ କମିଟି ଆୟୋଜନରେ ସଭାପତି ଅଭିଳାଷ ବଘାର, ଉପସଭାପତି ଯୁବରାଜ ଭୋଇ, ସମ୍ପାଦକ ମନୋଜ ଭୋଇ, ସହ ସମ୍ପାଦକ ଦୁର୍ବାଦଳ ଭୋଇ, କୋଷାଧ୍ୟକ୍ଷ ଖଗେଶ୍ୱର ଭୋଇ, ଉପଦେଷ୍ଟା ଶ୍ରୀବତ୍ସ ବେହେରା, ଶ୍ରୀପତି ଷାଣ୍ଡେ, ଆଦିବାସୀ ଯୁବକ ସଂଘ ସଦସ୍ୟ ଅନୀଲ ଭୋଇ, ଓଁକାର ଭୋଇ, ଚୂଡ଼ାମଣି ଭୋଇ ସହଯୋଗ କରିଥିଲେ। ଖେଳ ପରିଚାଳନା କରିଥିଲେ ଶ୍ରୀବତ୍ସ ବେହେରା। ଗଣେଶ ଭୋଇ, ଯୁବରାଜ ଭୋଇ, କବିରାଜ ବାଗ ଏଥିରେ ସହଯୋଗ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଲିଲୁ ମୋହନ ପଧାନ।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ନିର୍ବାଚନକୁ ଅବାଧ, ସ୍ୱଚ୍ଛ କରିବାକୁ ଗୁରୁତ୍ୱ

**ଭବାନୀପାଟଣା,୩୧।୩ (ଉତ୍ତମ କୁମାର ଦାଶ)**


ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**କଳାହାଣ୍ଡି ଜିଲାରେ ସାଧାରଣ ନିର୍ବାଚନ ସମୀକ୍ଷା**
- ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ଓ ବିଭାଗୀୟ ସ୍କ୍ୱାଡ ଟିମ ଉପରେ ସମୀକ୍ଷା
- ବେଆଇନ ମଦ ବିକ୍ରି କରୁଥିବା ଦୋକାନ ସିଲ୍ ନିର୍ଦ୍ଦେଶ

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ତଥା ବିଭାଗୀୟ ସ୍କ୍ୱାଡ ଟିମ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପି.ଅନ୍ୱେଷା ରେଡ୍ଡୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ଅଭିଲାଷ ଜୀ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଓ ତ୍ରିଲୋଚନ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ ଉପଜିଲାପାଳ ଧିମନ ଚକମା, ଭବାନୀପାଟଣା ଉପଜିଲାପାଳ ବିଶ୍ୱଜିତ ଦାସ, ଏସ୍‌ଡିପିଓ, ସମସ୍ତ ତହସିଲଦାର, ଥାନା ଅଧିକାରୀ, ଅବକାରୀ କ୍ଷେତ୍ର ଅଧିକାରୀ, ଜିଏସ୍‌ଟି, ଆୟକର, ଜଙ୍ଗଲ ବିଭାଗ ଅଧିକାରୀ, ସରକାରୀ ଓକିଲ, ଆର୍‌ଟିଓ, ଡିଆଇପିଆର୍‌ଓ, ନିର୍ବାଚନ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ରେଡ୍ଡି ଜିଲାରେ ନିର୍ବାଚନ ପୂର୍ବରୁ ସିଆର୍‌ପିସି ୧୦୭ ଓ ୧୧୦ ଧାରା ଅନୁଯାୟୀ ଶାନ୍ତିଶୃଙ୍ଖଳା ପାଇଁ ବିଶୃଙ୍ଖଳାକାରୀଙ୍କ ବିରୋଧରେ ନୋଟିସ ସହ ଅସାମାଜିକ ବ୍ୟକ୍ତିଙ୍କୁ ଚିହ୍ନଟ କରି ପଦକ୍ଷେପ ନେବାକୁ ଉଭୟ ପୋଲିସ ଆଇଆଇସି ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବେଦନଶୀଳ ବୁଥମାନଙ୍କରେ ୱେବକାଷ୍ଟିଂ ଓ ସୁରକ୍ଷା ଫୋର୍ସ ମୃତୟନ ଉପରେ ଆଲୋଚନା ହୋଇଥିଲା। ଜିଲାରେ ଅବାଧ ମଦ, ନିଶାଦ୍ରବ୍ୟ, ଗଞ୍ଜେଇ କାରବାରକୁ ରୋକିବାକୁ ପଦକ୍ଷେପ, ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଜାରିମାନା ଆଦାୟକୁ ଅଧିକ ତ୍ୱରାନିତ କରିବାକୁ ଅବକାରୀ ଅଧୀକ୍ଷକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନକୁ ଅବାଧ ଓ ସ୍ୱଚ୍ଛ ରଖିବା ପାଇଁ ସମସ୍ତ ତହସିଲଦାର ପୋଲିସ ସହ ସମନ୍ୱୟ ରଖି ବେଆଇନ ମଦ ବିକ୍ରି କରୁଥିବା ପାନ, କିରାନା ଦୋକାନୀ, ଢ଼ାବା ମାଲିକଙ୍କୁ ଗିରଫ ଓ ଦୋକାନ ସିଲ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲମେଟ ଚେକିଂ, ମଦ ପିଇ ଗାଡ଼ି ଚଳାଇବା, ଅଧିକ ଗତିକୁ ରୋକିବା ଓ ଜାରିମାନା ଆଦାୟ ପାଇଁ ଆର୍‌ଟିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ସମସ୍ତ ଥାନାମାନଙ୍କୁ ନିଜ ଟିମ ସହ ଦିନ ରାତି ସଜାଗ ରହି ଚେକ ପୋଷ୍ଟ ଓ ଅନ୍ୟ ସ୍ଥାନମାନଙ୍କରେ ଅବୈଧ କାରବାରକୁ ରୋକିବା ଓ ଦୋଷୀଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଧରପଗଡ ଟିମ ସଜାଗ ହେଲେ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ କାର୍ଯ୍ୟ ସମାପନ ହେବ ବୋଲି ଜିଲାପାଳ କହିଥିଲେ।

## ସଂକ୍ଷେପରେ

### ପୋଲିସକୁ ଖଣ୍ଡାରେ ଆକ୍ରମଣ ଉଦ୍ୟମ କରି ଯୁବକ ଗିରଫ

ବୌଦ୍ଧ,୩୧।୩(ଅଜିତ କୁମାର ବାରିକ)

ପୋଲିସକୁ ଆକ୍ରମଣ ଉଦ୍ୟମ କରି ଜଣେ ଯୁବକ ଗିରଫ ହୋଇଥିବା ଜଣାଯାଇଛି। ପ୍ରକାଶ ଯେ, ରବିବାର ଦିନ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ସହରର ବାପୁଜୀନଗରଠାରେ ରୋହିତ କୁମାର(୩୬) ନାମକ ଜଣେ ଯୁବକ ହଠାତ ଖଣ୍ଡା ଧରି ସେମାନଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। କିନ୍ତୁ ପୋଲିସ କର୍ମଚାରୀମାନେ ତାଙ୍କୁ କାବୁ କରିନେଇ ଖଣ୍ଡାକୁ ଜବତ କରିଥିଲେ। ଏନେଇ ବୌଦ୍ଧ ଥାନାରେ ନଂ ୧୪୭/୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଥାଉ କି, ସଂପୃକ୍ତ ଯୁବକ ଜଣକ ଗତ ଦୁଇ ଦିନ ତଳେ ନୂଆସାହି କୋର୍ଟ ଛକ ନିକଟରେ ଜଣେ ମହିଳାଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ମହିଳା ଜଣକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାଯାଇଛି।

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ଗୁରୁତର

ଘଣ୍ଟାପଡା,୩୧।୩(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମନମୁଣ୍ଡା-ସିନ୍ଧୁଗୋରା ୪୧ନଂ ରାଜ୍ୟ ରାଜପଥର କାଳିମୁହାଣ ସେତୁ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଘଣ୍ଟାପଡ଼ା ଥାନା ଅଧୀନ ଆମ୍ବଗାଁ ଗ୍ରାମର ନିରଞ୍ଜନ ରଣା ବାଇକ୍ ଯୋଗେ କୌଣସି କାମରେ କଣ୍ଟାମାଳ ଯାଇ ସେଠାରୁ ଫେରୁଥିଲେ। ସେହିପରି ଘଣ୍ଟାପଡା ପଞ୍ଚାୟତ ଅନ୍ତର୍ଗତ ମାଳପଡା ଗ୍ରାମର ତିନି ଜଣ ବ୍ୟକ୍ତି ଗୋଟିଏ ବାଇକ୍‌ରେ କଣ୍ଟାମାଳ ଦିଗକୁ ଯାଉଥିଲେ। କାଳିମୁହାଣ ପୋଲ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ନିରଞ୍ଜନ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡ ଓ ଆଖିପତାରେ ଆଘାତ ଲାଗିଛି। ତାଙ୍କୁ କଣ୍ଟାମାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ବାଇକ୍‌ରେ ଥିବା ତିନିଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

### ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖପ୍ରାଖୋଲ, ୩୧।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର୍ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ତିନିଦିନ ଧରି ହୋଇଥିବା ଏହି କାର୍ଯ୍ୟକ୍ରମରେ ୫ଟି ସଙ୍କୀର୍ତ୍ତନ ଦଳ ଭାଗ ନେଇ ଥିଲେ। ନାମଯଜ୍ଞରେ ପୂଜା କର୍ତ୍ତାଭାବେ ଗ୍ରାମର ଗୌନ୍ତିଆ ଅକ୍ରୁର ମାଝି ଦାୟିତ୍ୱ ନର୍ବାହ କରିଥିଲେ। ଗ୍ରାମ ସଙ୍କୀର୍ତ୍ତନ ପୂଜା କମିଟିର ପୂର୍ଣ୍ଣଚନ୍ଦ୍ର ବୁଡେକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ରାଜନୀତିରେ ଜନସେବା ରାଜେନ୍ଦ୍ରଙ୍କ ବଡ଼ ଉପଲବ୍ଧି

ବଲାଙ୍ଗୀର,୩୧।୩(ବୀରେନ୍ଦ୍ର କୁମାର ଝାଙ୍କର)


ଶିଳ୍ପୋଦ୍ୟୋଗୀ ଶୋଭନା ଗିରିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୨ତମ ଜୟନ୍ତୀ ସମାରୋହ**

- କୃତୀ ପ୍ରତିଭାଧର, କଳାକାର, କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା
- ରାଜେନ୍ଦ୍ର ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ଅତିଥି କଲେ ପୁଷ୍ପମାଲ୍ୟ ଅର୍ପଣ

ପୂର୍ବତନ ପାଟଣା ଷ୍ଟେଟ୍‌ର ଶେଷ ମହାରାଜା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ ଥିଲେ ଏକାଧାରରେ ଜଣେ ପ୍ରଜାନୁରାଗୀ ଶାସକ, କଳା-ସଂସ୍କୃତିର ଉପାସକ, ଏବଂ ଆଧୁନିକ ଓଡ଼ିଶାର ଜଣେ ନବନିର୍ମାତା। ତାଙ୍କ ଶାସନ କାଳରେ ବଲାଙ୍ଗୀର ସମେତ ଓଡିଶାର ବିକାଶ ଦ୍ରୁତତର ହୋଇଥିଲା। ବଂଶ ପରମ୍ପରାରେ ନୁହେଁ, ବରଂ ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ବଳରେ ସେ ହୋଇଥିଲେ କୋଟି ହୃଦୟର ପ୍ରିୟ ମହାରାଜା ଏବଂ ଜଣେ ଉଚ୍ଚାଙ୍ଗ ରାଜନୈତିକ ପୁରୁଷ। ସେ ଥିଲେ ଅଜାତଶତ୍ରୁ। ରାଜନୀତିରେ ଜନସେବା ତାଙ୍କର ବଡ ଉପଲବ୍ଧି ଥିଲା ବୋଲି ରବିବାର ବଲାଙ୍ଗୀର ରାଜେନ୍ଦ୍ର ପାର୍କଠାରେ ଆୟୋଜିତ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୧୧୨ତମ ଜନ୍ମ ଜୟନ୍ତୀ ସମାରୋହର ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଜୟନ୍ତୀ ସମାରୋହରେ ଅତିଥିଭାବେ ସ୍ୱର୍ଗତ ମହାରାଜାଙ୍କ ସୁପୁତ୍ର ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ନାତି ପୂର୍ବତନ ଲୋକ ସଭା ସଦସ୍ୟ କଳିକେଶ ନାରାୟଣ ସିଂଦେଓ, ନାତୁଣୀବୋହୂ ମେଘନା ରାଣା ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ର ଏବଂ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦାନ କରିଥିଲେ। ସ୍ମୃତି କମିଟି ଅଧ୍ୟକ୍ଷ ଶରତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ସମ୍ପାଦକ ରାଜେନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। କବି ସନ୍ଦୀପ କୁମାର କୁଅଁର ମଞ୍ଚ ସଂଯୋଜନା କରିଥିଲେ। ଅତିଥିମାନେ ପାର୍କ ପରିସରରେ ଥିବା ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ କହିଥିଲେ ଯେ, ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ତାଙ୍କୁ ଜନସେବା ପାଇଁ ରାଜନୀତିକୁ ଆଣିଥିଲେ। ସାଧାରଣ ଲୋକଙ୍କ ସେବା ପାଇଁ ରାଜନୀତି ଏକ ବଳିଷ୍ଠ ମାଧ୍ୟମ। ଲୋକଙ୍କ ସେବା ଏବଂ ବଲାଙ୍ଗୀରର ବିକାଶ ଏକମାତ୍ର ସଂକଳ୍ପ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହାସ୍ୟବ୍ୟଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ, ରାଜ୍ୟସ୍ତରର ସଫଳ ଶିଳ୍ପୋଦ୍ୟୋଗୀ ଶୋଭନା ଗିରି, ବାଲୁକା ଶିଳ୍ପୀ ଓମପ୍ରକାଶ ସାହୁ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଚୈତନ୍ୟ ମଟାରୀ, ଡାକ୍ତର ମନୋଜ ଅଗ୍ରୱାଲ, ଜାତୀୟ ସନ୍ତରଣ ପଦକ ବିଜେତା ଦ୍ୱାରି କଠାର, ଗଣମାଧ୍ୟମ ପ୍ରତିନିଧି ଅଞ୍ଜନ କୁମାର ପ୍ରଧାନ, ତରୁଣ କୁମାର ସାହୁ, ସସ୍ମିତା ସାହୁ, ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଥନାପତି, କଣ୍ଠଶିଳ୍ପୀ ସ୍ୱରୂପା ସିଂ, ଇଣ୍ଡିଏନ ଆଇଡଲ ଫେମ ଅଜୟ ଅମର ସିଂଦେଓ, କବିୟିତ୍ରୀ ରଶ୍ମି ପାତ୍ର, ଢୋଲ ମୁହୁରି କଳା କଳା ପରିଷଦ ମୁଖ୍ୟ ନୀଳାଞ୍ଚଳ ନନ୍ଦ, ଓଡିଶୀ ନୃତ୍ୟଗୁରୁ ଜ୍ୟୋତିରେଖା ତ୍ରିପାଠୀ, ଫୁଟବଲ କୋଚ୍ ପରଶର ବାଗ, ତକ୍ଷକ ସମ୍ପାଦକ ବିଶ୍ୱମୟ ପୂଜାରୀ ଓ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କୁ ପାଟଣା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସନ୍ଧ୍ୟାର ଶୈଳଶ୍ରୀ ପ୍ୟାଲେସଠାରେ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ସ୍ମୃତିରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଚାନ୍ଦା ଆଦାୟ ନେଇ ଅଭିଯୋଗ

ବୌଦ୍ଧ,୩୧।୩(ଅଜିତ କୁମାର ବାରିକ)

**କଂଗ୍ରେସର ଖବରଦାତା ସମ୍ମିଳନୀ**

ସୁପ୍ରିମକୋର୍ଟଙ୍କ କଡା ନିର୍ଦ୍ଦେଶ ପରେ ବିଭିନ୍ନ ରାଜନୈତିକ ଦଳର ଇଲେକ୍ଟୋରାଲ ବଣ୍ଡକୁ ସାର୍ବଜନୀନ କରାଯାଇଛି। ପ୍ରକାଶିତ ତାଲିକାରେ ରାଜ୍ୟର ଏକମାତ୍ର ଦଳ ଭାବରେ ବିଜେଡି ଇଲେକ୍ଟୋରାଲ ବଣ୍ଡ ପାଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ବିଜେଡି ଏହି ଚାନ୍ଦା ବିଭିନ୍ନ ଖଣି କମ୍ପାନୀ ଓ ଷ୍ଟିଲ କମ୍ପାନୀମାନଙ୍କ ଠାରୁ ପାଇଛି। ସେହିପରି ଭାଜପା ରାଜନୈତିକ ଚାନ୍ଦା ଆଦାୟ କରୁଥିବା ବେଳେ ଜାତୀୟ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଇନକମ୍ ଟ୍ୟାକ୍ସ ମାଧ୍ୟମରେ ବନ୍ଦ କରିଦେଇଛି। ସାଧାରଣତନ୍ତ୍ର ରାଷ୍ଟ୍ରରେ କ୍ଷମତାରେ ରହିଥିବା ଦଳ ବିରୋଧୀ ଦଳଗୁଡିକ ପ୍ରତି ଏହିପରି ଆଭିମୁଖ୍ୟ ପୋଷଣ କରିବା ଗଣତନ୍ତ୍ର ପ୍ରତି ବିପଦ ବୋଲି କଂଗ୍ରେସ ପ୍ରକାଶ କରିଛି। ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟଠାରେ ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ତଥା ପୂର୍ବତନ ଏମ୍‌ପି ନକୁଳ ନାଏକ ଯୋଗଦେଇ ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଭାଜପା ଓ ବିଜେଡି ସରକାର ଦେଶକୁ ଲୁଟ କରିଥିବା ଅଭିଯୋଗ କରିଛନ୍ତି। ଏନେଇ ରାଜ୍ୟବାସୀଙ୍କୁ ସଚେତନ କରିବା ଆଭିମୁଖ୍ୟ ନେଇ ଜିଲାସ୍ତରରେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ବୋଲି ଏହି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସର ମୁଖ୍ୟ ପ୍ରବକ୍ତା ଶାନ୍ତନୁ ମହାପାତ୍ର, ଜିଲା ଉପସଭାପତି ସମରେଶ ମିଶ୍ର,ସାମାଜିକ ଗଣମାଧ୍ୟମ ସେଲ ସଭାପତି ପ୍ରତାପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସର ଖବରଦାତା ସମ୍ମିଳନୀ।

# ଟ୍ରାଫିକ୍ ନିୟନ୍ତ୍ରଣ ଦାବି କଲା ସିଟିଜେନ ଫୋରମ୍


ଜୁନାଗଡ ସିଟିଜେନ ଫୋରମ ପକ୍ଷରୁ ଥାନାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଜୁନାଗଡ଼,୩୧।୩ (ସୁନୀଲ କୁମାର ସିଂହ )

**ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେବାରେ ଲାଗିଛି। ମଦ୍ୟପ ଗାଡି ଚାଳକ ଓ ଦ୍ରୁତବେଗରେ ବାଇକ ଚଳାଉଥିବା ଚାଳକଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ରବିବାର ସିଟିଜେନ ଫୋରମ ଜୁନାଗଡ଼ ତରଫରୁ ଏକ ଦାବିପତ୍ର ଜୁନାଗଡ଼ ଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ଜରିଆରେ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ପ୍ରଦାନ କରାଯାଇଛି। ଜୁନାଗଡ଼ ନୂଆ ବସ୍‌ଷ୍ଟାଣ୍ଡ, କଳମପୁର ଛକ, ପୁରୁଣା ବସ୍‌ଷ୍ଟାଣ୍ଡ, ଓରିଆନ ଛକରେ ପୂର୍ବାହ୍ନ ୧୦ରୁ ଅପରାହ୍ନ ୨ଟା ଓ ଅପରାହ୍ନ ୫ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଏକ ପୋଲିସ ଦ୍ୱାରା ଟ୍ରାଫିକ ନିୟନ୍ତ୍ରଣ, ପ୍ରତ୍ୟେକ ରବିବାର ଓରିଆନ ହୋଟେଲ ଛକଠାରୁ ତହସିଲ ଛକ ପର୍ଯ୍ୟନ୍ତ ଭାରିଯାନ ଚଳାଚଳକୁ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବନ୍ଦ କରାଯିବା ଓ ମଦ୍ୟପାନ କରି ଟାଉନରେ ବାଇକ ଚାଳନା କରୁଥିବା ବ୍ୟକ୍ତିଙ୍କୁ ଧରପଗଡ଼ ଆଦି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସିଟିଜେନ ଫୋରମ ସଭାପତି ଅଶୋକ ପାତ୍ର, ଉପସଭାପତି ସନ୍ତୋଷ କୁମାର ସିଂହଦେଓ, ସମ୍ପାଦକ ବିଜୟ ବେହେରା, କୋଷାଧ୍ୟକ୍ଷ କୁଳେଶ୍ୱର ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଦସ୍ୟ ଈଶ୍ୱର ପୂଝାରୀ, ଯୁଗଳ କିଶୋର ନାୟକ, ଭୁବନେଶ୍ୱର ସାହୁ, ନବକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ପୂର୍ବରୁ ଏହି ସମସ୍ୟା ନେଇ ଅନେକ ଥର ସିଟିଜେନ ଫୋରମ ତରଫରୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଣୁ ଆଗାମୀ ଦିନରେ ଟ୍ରାଫିକ ସମସ୍ୟାର ସମାଧାନ ନ ହେଲେ ଜୋରଦାର ଆନ୍ଦୋଳନ ହେବ ବୋଲି ସଭାପତି ପାତ୍ର ପ୍ରକାଶ କରିଛନ୍ତି।

## ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ

ବିନିକା,୩୧।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପୌରାଞ୍ଚଳ ଅଧୀନ ପୂଣ୍ୟତୋୟା ପାପକ୍ଷୟ (ରହିଲା) ହନୁମାନ ମନ୍ଦିରଠାରେ ପୁରୀ ରାମଜୀ ମଠର ମହନ୍ତ ବଂଶୀଧର ଦାଶଜୀ ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସପ୍ତାହ ବ୍ୟାପୀ ଶ୍ରୀମଦ ଭାଗବତ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସ ଭାବେ ବିନିକା ବ୍ଲକ କୈନ୍ତରା ପଞ୍ଚାୟତ ବାଞ୍ଜିପାଲି ଗ୍ରାମର ମାଧବ ନାୟକ ଶ୍ରୀମଦ ଭାଗବତ ପାରାୟଣ ପଠନ କରିଥିଲେ। ପାରାୟଣ ପଠନର ପଞ୍ଚମ ଦିବସରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଅବସରରେ ରବିବାର ପାପକ୍ଷୟ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ତରଫରୁ ସାମୁହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଉଦ୍ୟମରେ ଚଳିତବର୍ଷ ପ୍ରଥମ କରି ବିନିକା ଅଞ୍ଚଳର ୨୦ ଜଣ ଗରିବ ବ୍ରାହ୍ମଣ ପିଲାଙ୍କୁ ବ୍ରତୋପନୟନ କରାଯାଇଥିଲା। ଅଞ୍ଚଳର ୨୦ଜଣ ପୁରୋହିତ ଏହି କାର୍ଯ୍ୟ କରିଥିଲେ। ରାମଜୀ ମଠର ମହନ୍ତ ବଂଶୀଧର ଦାଶଜୀ ମହାରାଜ ପଇତା ପ୍ରଦାନ କରିଥିଲେ । ଏହି ବ୍ରତୋପନୟନ କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି କମିଟି ତରଫରୁ ସୂଚନା ଦିଆଯାଇଛି।

## ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

ଖପ୍ରାଖୋଲ, ୩୧।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ କୁଲୁତା ସମାଜ ତରଫରୁ ନିର୍ମିତ ରଣେଶ୍ୱର ରାମଚଣ୍ଡି ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାପ ନାଶିନି ଝରଣାରେ ଗଙ୍ଗା ଆବାହନ କରାଯାଇଥିଲା। ଝରଣାରୁ ଘଣ୍ଟା ଘଣ୍ଟ, ସଙ୍କୀର୍ତ୍ତନ ସହ ଏକ କଳସ ଶୋଭାଯାତ୍ରା ନିର୍ମାଣଧୀନ ମନ୍ଦିର ପରିସରରେରେ ପହଞ୍ଚିଥିଲା। ଛଅ ଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପୂଜା କର୍ତ୍ତାଭାବେ କୁଲୁତା ସମାଜ ଜିଲା ସଭାପତି ବେଲାରସେନ ଭୋଇ, ଧ୍ରୁବଚରଣ ବିଶ୍ୱାଳ ସପତ୍ନିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଷୋହଳ ପ୍ରହର ନାମଯଜ୍ଞରେ କର୍ତ୍ତାଭାବେ ଖଗେଶ୍ୱର ସାହୁ ଦାୟିତ୍ୱ ନିର୍ବାହ କରିବେ। ଏହି ଅବସରରେ ପୂଜକ ବୈଦ୍ୟନାଥ ମିଶ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିବା ବେଳେ ମନ୍ଦିର ଟ୍ରଷ୍ଟ ସଭାପତି ଭିକାରୀ ଚରଣ ବିଶ୍ୱାଳ, ସମ୍ପାଦକ କଳାକାହ୍ନୁ ସାହୁ, ବଡଗୁର୍ଜିଭଟା ଆଞ୍ଚଳିକ କେନ୍ଦ୍ର ସଭାପତି ବାସୁଦେବ ଗଡତ୍ୟା, ସମ୍ପାଦକ ମାଧବ ସାହୁ, ଧଣ୍ଡାମୁଣ୍ଡା ଆଞ୍ଚଳିକ କେନ୍ଦ୍ର ସଭାପତି ହଳଧର ଭୋଇ, ସମ୍ପାଦକ ମଧୁସୂଦନ ସାହୁ, ଅମୂଲ୍ୟ ଭୋଇ, ଜୟ କୃଷ୍ଣ ସାହୁ, କ୍ଷମାନିଧି ଭୋଇ, ପଞ୍ଚାନନ ସାହୁ, କାଳିଆ ସାହୁ, ସୁଶାନ୍ତ ପ୍ରଧାନ, ଚତୁର୍ଭୁଜ ସାହୁ, ସରୋଜ ବିଶ୍ୱାଳ, ଅଚ୍ୟୁତ ସାହୁ, ଉମାକାନ୍ତ ପ୍ରଧାନ, ନରେନ୍ଦ୍ର ଭୋଇଙ୍କ ସମେତ ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।


ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

## ବମ୍ରେନ ଫୁଟବଲ ଟୁର୍ନାମେଣ୍ଟ: ସେମିରେ ବଙ୍ଗୋମୁଣ୍ଡା

ମୁରିବାହାଲ,୩୧।୩(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ପଞ୍ଚାୟତି ହାଇସ୍କୁଲ ଖେଳପଡ଼ିଆରେ ଆଦିବାସୀ ଯୁବକ ସଂଘ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ମା' ବମ୍ରେନ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦଘାଟିତ ହୋଇଯାଇଛି। ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବଲାଙ୍ଗୀର ଜିଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ପ୍ରଦୀପ ପୁଟେଲ, ବିଶିଷ୍ଟ କ୍ରୀଡ଼ାବିତ ରାମରଞ୍ଜନ ପାତ୍ର ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବଙ୍ଗୋମୁଣ୍ଡା ଓ ପତ୍ରାପାଲି(ଖ) ମଧ୍ୟରେ ହୋଇଥିଲା। ଏଥିରେ ବଙ୍ଗୋମୁଣ୍ଡା ଦଳ ୧-୦ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି।

ଟୁର୍ନାମେଣ୍ଟ କମିଟି ଆୟୋଜନରେ ସଭାପତି ଅଭିଲାଷ ବଘାର, ଉପସଭାପତି ଯୁବରାଜ ଭୋଇ, ସମ୍ପାଦକ ମନୋଜ ଭୋଇ, ସହ ସମ୍ପାଦକ ଦୁର୍ବାଦଳ ଭୋଇ, କୋଷାଧ୍ୟକ୍ଷ ଖଗେଶ୍ୱର ଭୋଇ, ଉପଦେଷ୍ଟା ଶ୍ରୀବତ୍ସ ବେହେରା, ଶ୍ରୀପତି ଷାଣ୍ଢ, ଆଦିବାସୀ ଯୁବକ ସଂଘ ସଦସ୍ୟ ଅନୀଲ ଭୋଇ, ଓଁକାର ଭୋଇ, ଚୂଡ଼ାମଣି ଭୋଇ ସହଯୋଗ କରିଥିଲେ। ଖେଳ ପରିଚାଳନା କରିଥିଲେ ଶ୍ରୀବତ୍ସ ବେହେରା। ଗଣେଶ ଭୋଇ, ଯୁବରାଜ ଭୋଇ, କବିରାଜ ବାଗ ଏଥିରେ ସହଯୋଗ କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଲିଲୁ ମୋହନ ପଧାନ।


ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ନିର୍ବାଚନକୁ ଅବାଧ, ସ୍ୱଚ୍ଛ କରିବାକୁ ଗୁରୁତ୍ୱ

ଭବାନୀପାଟଣା,୩୧।୩ (ଉତ୍ତମ କୁମାର ଦାଶ)


ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**କଳାହାଣ୍ଡି ଜିଲାରେ ସାଧାରଣ ନିର୍ବାଚନ ସମୀକ୍ଷା**

- ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ଓ ବିଭାଗୀୟ ସ୍କ୍ୱାଡ ଟିମ ଉପରେ ସମୀକ୍ଷା
- ବେଆଇନ ମଦ ବିକ୍ରି କରୁଥିବା ଦୋକାନ ସିଲ୍ ନିର୍ଦ୍ଦେଶ

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରବିବାର ପୋଲିସ ମାଜିଷ୍ଟ୍ରେଟ ସମନ୍ୱୟ ତଥା ବିଭାଗୀୟ ସ୍କ୍ୱାଡ ଟିମ ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପି.ଅନ୍ୱେଷା ରେଡ୍ଡୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏସ୍‌ପି ଅଭିଲାଷ ଜୀ, ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଓ ତ୍ରିଲୋଚନ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ ଉପଜିଲାପାଳ ଧିମନ ଚକମା, ଭବାନୀପାଟଣା ଉପଜିଲାପାଳ ବିଶ୍ୱଜିତ ଦାସ, ଏସ୍‌ଡିପିଓ, ସମସ୍ତ ତହସିଲଦାର, ଥାନା ଅଧିକାରୀ, ଅବକାରୀ କ୍ଷେତ୍ର ଅଧିକାରୀ, ଜିଏସ୍‌ଟି, ଆୟକର, ଜଙ୍ଗଲ ବିଭାଗ ଅଧିକାରୀ, ସରକାରୀ ଓକିଲ, ଆର୍‌ଟିଓ, ଡିଆଇପିଆର୍‌ଓ, ନିର୍ବାଚନ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ରେଡ୍ଡି ଜିଲାରେ ନିର୍ବାଚନ ପୂର୍ବରୁ ସିଆର୍‌ପିସି ୧୦୭ ଓ ୧୧୦ ଧାରା ଅନୁଯାୟୀ ଶାନ୍ତିଶୃଙ୍ଖଳା ପାଇଁ ବିଶୃଙ୍ଖଳାକାରୀଙ୍କ ବିରୋଧରେ ନୋଟିସ ସହ ଅସାମାଜିକ ବ୍ୟକ୍ତିଙ୍କୁ ଚିହ୍ନଟ କରି ପଦକ୍ଷେପ ନେବାକୁ ଉଭୟ ପୋଲିସ ଆଇଆଇସି ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବେଦନଶୀଳ ବୁଥମାନଙ୍କରେ ୱେବକାଷ୍ଟିଂ ଓ ସୁରକ୍ଷା ଫୋର୍ସ ମୃତୟନ ଉପରେ ଆଲୋଚନା ହୋଇଥିଲା। ଜିଲାରେ ଅବାଧ ମଦ, ନିଶାଦ୍ରବ୍ୟ, ଗଞ୍ଜେଇ କାରବାରକୁ ରୋକିବାକୁ ପଦକ୍ଷେପ, ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ଜରିମାନା ଆଦାୟକୁ ଅଧିକ ତ୍ୱରାନିତ କରିବାକୁ ଅବକାରୀ ଅଧୀକ୍ଷକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନକୁ ଅବାଧ ଓ ସ୍ୱଚ୍ଛ ରଖିବା ପାଇଁ ସମସ୍ତ ତହସିଲଦାର ପୋଲିସ ସହ ସମନ୍ୱୟ ରଖି ବେଆଇନ ମଦ ବିକ୍ରି କରୁଥିବା ପାନ, କିରାନା ଦୋକାନୀ, ଢ଼ାବା ମାଲିକଙ୍କୁ ଗିରଫ ଓ ଦୋକାନ ସିଲ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲମେଟ ଚେକିଂ, ମଦ ପିଇ ଗାଡ଼ି ଚଳାଇବା, ଅଧିକ ଗତିକୁ ରୋକିବା ଓ ଜାରିମାନା ଆଦାୟ ପାଇଁ ଆର୍‌ଟିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ସମସ୍ତ ଥାନାମାନଙ୍କୁ ନିଜ ଟିମ ସହ ଦିନ ରାତି ସଜାଗ ରହି ଚେକ ପୋଷ୍ଟ ଓ ଅନ୍ୟ ସ୍ଥାନମାନଙ୍କରେ ଅବୈଧ କାରବାରକୁ ରୋକିବା ଓ ଦୋଷୀଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଧରପଗଡ ଟିମ ସଜାଗ ହେଲେ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ କାର୍ଯ୍ୟ ସମାପନ ହେବ ବୋଲି ଜିଲାପାଳ କହିଥିଲେ।

## ସଂକ୍ଷେପରେ

### ସୁରଡ଼ାରେ କଂଗ୍ରେସ କର୍ମୀ ସମ୍ମିଳନୀ

ସୁନ୍ଦରଗଡ,୩୧।୩
(ଜୟ ନାରାୟଣ ମେଣ୍ଢୁଲି)

ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ସୁରଡାଠାରେ ରବିବାର କଂଗ୍ରେସର ଏକ କର୍ମୀ ସମ୍ମିଳନୀ ସୁଖଦେବ ବଢେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ଉପସଭାପତି କାଳୀପଦ ସାମଲ, କଂଗ୍ରେସର ସୁନ୍ଦରଗଡ ବିଧାନସଭା ଆସନର ସମ୍ଭାବ୍ୟ ପ୍ରାର୍ଥି ସୁଧାରାଣୀ ରାଉଡିଆ, ସନତ ପଧାନ, ସନ୍ତୋଷ ପଧାନ, ବିଶ୍ୱାମିତ୍ର ପ୍ରଧାନ, ସୂର୍ଯ୍ୟ ନାରାୟଣ ସାହୁ ତଥା ଶତାଧିକ କର୍ମୀ ଯୋଗଦେଇଥିଲେ। ଆସନ୍ତା ନିର୍ବାଚନରେ ଦୁର୍ନିତି ଗ୍ରସ୍ତ, ଭ୍ରଷ୍ଟାଚାର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଦଳୀୟ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ସଭାରେ ଚୈତନ୍ୟ କାଳିଆ, ରେବତୀ ମହାନନ୍ଦ, ଗୁପ୍ତ ମହାନନ୍ଦ ଓ କମଳସା ନିଜ ଗାଁରେ ପ୍ରଚାର ଦାୟିତ୍ୱ ନେଇ କାମକରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଶେଷରେ ସନତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସନ୍ଧ୍ୟାରେ ଜମୁଛି ଅସାମାଜିକଙ୍କ ଆଡ୍ଡା

## ଅବ୍ୟବସ୍ଥା ଘେରରେ ଆର୍‌ଏମ୍‌ସି ଶିଶୁ ପାର୍କ


ପାର୍କ ଭିତରେ ଥିବା ବେଞ୍ଚ୍ ଭାଙ୍ଗି ଯାଇଛି।


ପାର୍କର ଲୁହା ପାଚେରି ଭାଙ୍ଗି ଯାଇଛି।

ରାଉରକେଲା,୩୧।୩( ଦିନେଶ ମିଶ୍ର)

ରାଉରକେଲା ସହରରେ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ବହୁ ପାର୍କ ଅବ୍ୟବସ୍ଥା ଘେରରେ ରହିଛି। ଏଭଳି ଦୃଶ୍ୟ ବାସନ୍ତୀ କଲୋନୀ ଏଫ୍‌ଏଲ୍ ବ୍ଲକରେ ଥିବା ଶିଶୁ ପାର୍କ ଭିତରେ ଦେଖିବାକୁ ମିଳିଛି। ଏହି ଶିଶୁ ପାର୍କଟି ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ୨୦୦୩ରେ ଲକ୍ଷାଧିକ ଟଙ୍କା ବ୍ୟୟରେ ତିଆରି ହୋଇଥିଲା। ପାର୍କ ଭିତରେ କଲୋନୀର କୋମଳମତି ଶିଶୁମାନେ ଖେଳିବା ପାଇଁ ପଚ୍ଚା ଦୋଳି, ସ୍ୱିଙ୍ଗ ଦୋଳି, ପିଙ୍ଗପଙ୍ଗ ଭଳି ବିଭିନ୍ନ ଖେଳ ସାମଗ୍ରୀ ଲଗାଯାଇଥିଲା। ସେହିପରି ପାର୍କ ଚାରିପଟେ ଲୁହାରଡ୍ ନିର୍ମିତ ପାଚେରି ଦିଆଯାଇଥିବାବେଳେ ପାଦଚଲା ଫୁଟପାଥ୍ ସାଙ୍ଗକୁ ବିଭିନ୍ନ ବ୍ୟାୟାମ ଉପକରଣ ଲଗାଯାଇଥିଲା। ପାର୍କରେ ପ୍ରଥମେ ସ୍ଥାନୀୟ ଲୋକେ ନିଜର ଶିଶୁମାନଙ୍କୁ ଧରି ପାର୍କରେ ଭ୍ରମଣ କରିବାକୁ ଆସୁଥିଲେ। ପାର୍କ ପରିସରରେ ବ୍ୟାୟାମ ସାଙ୍ଗକୁ ରଙ୍ଗବେରଙ୍ଗ ଫୁଲବଗିଚାର ମଜା ନେଉଥିଲେ। ତେବେ ଆରଏମ୍‌ସି ପକ୍ଷରୁ ଏହି ପାର୍କର ରକ୍ଷଣାବେକ୍ଷଣ କରାଯାଇ ନ ପାରିବାରୁ ଏହା ଅବସ୍ଥାରେ ପଡିରହିଛି। ପାର୍କ ଚାରିପଟେ ଲୁହାଗେଟ ଓ ଗ୍ରୀଲ୍ ପାଚେରି ଭାଙ୍ଗି ଯାଇଛି। ଦୋଳି ଛିଡି ଯାଇଥିବାବେଳେ କାଠ ବେଞ୍ଚ ଉପୁଡି ପଡିଛି। ପାର୍କର ଲୁହା ନିର୍ମିତ ଗ୍ରୀଲ ଭାଙ୍ଗିଯିବାରୁ ସ୍ଥାନୀୟ ବୁଲାପ୍ରାଣୀ ପାର୍କ ଭିତରକୁ ପ୍ରବେଶ କରି ଫୁଲ ବଗିଚାକୁ ନଷ୍ଟ କରି ଦେଉଛନ୍ତି। ଏକାଧିକ ଜିମ୍ ଉପକରଣ କଳଙ୍କି ଖାଇଗଲାଣି। ଅନ୍ୟପକ୍ଷେ ସନ୍ଧ୍ୟାହେଲେ ପାର୍କ ଭିତରେ ସ୍ଥାନୀୟ ଅସାମାଜିକ ଯୁବକମାନେ ବସି ଆଡ୍ଡା ଜମାଉଛନ୍ତି। ପାର୍କ ଚାରିପଟେ କଲୋନୀର ଘର ଥିବାରୁ ଉକ୍ତ ପ୍ରବେଶ ପଥ ଗେଟ୍ ସମ୍ମୁଖରେ ଘର ନିର୍ମାଣ ସାମଗ୍ରୀ ଗଦା ହୋଇ ରହୁଛି। ଉକ୍ତ ପାର୍କର ପୁନଃ ଉଦ୍ଧାର କରି ବ୍ୟବହାର ଉପଯୋଗୀ କରିବାକୁ ସ୍ଥାନୀୟ କଲୋନୀବାସୀ ଦାବି କରିଛନ୍ତି। ଏ ନେଇ ଆରଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ବାସନ୍ତୀ କଲୋନୀ ଏଫ୍‌ଏଲ ବ୍ଲକରେ ଥିବା ପାର୍କରେ ଅବ୍ୟବସ୍ଥାକୁ ନେଇ ଆମ ପାଖରେ ଆଜିଯାଏ କୌଣସି ଅଭିଯୋଗ ହୋଇନାହିଁ। ଏହି ପାର୍କ ଭିତରେ ଲାଗିଥିବା ଶିଶୁ ଖେଳନା ସାମଗ୍ରୀ ଓ ବିଭିନ୍ନ ବ୍ୟାୟାମ ଉପକରଣ ଗୁଡିକ ଅବସ୍ଥା କିଭଳି ରହିଛି ତାକୁ ଅନୁଧ୍ୟାନ କଲା ପରେ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ନାୟକ କହିଥିଲେ।

## ବିଜେଡିର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ହେମଗିର,୩୧।୩(ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ସ୍ଥିତ ରାଜବାଟିଠାରେ ବିଜେଡି ଦଳର ବ୍ଲକ ସଭାପତି ଶୁକାନ୍ତ ପତିଙ୍କ ନେତୃତ୍ୱରେ "ଖ" ଜୋନ ସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ବିଜେଡିର ସାଂସଦ ପ୍ରାର୍ଥୀ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, କୃଷକ ନେତା ଗୋପାଳ ଚନ୍ଦ୍ର ପ୍ରଧାନ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କାଶିନାଥ ରାଉତ, ଜିଲା ପରିଷଦ ସଭ୍ୟା ମହିମା ସେଠ, ଜିଲା ପରିଷଦ ଅଧ୍ୟକ୍ଷ କୁନ୍ତି ପ୍ରଧାନ, ଦେବାଶିଷ ମଲ୍ଲିକ, ଡ.ହିମାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ତଥା ଅଞ୍ଚଳର ବିକାଶକୁ ନେଇ ଭୋଟରଙ୍କୁ ସଚେତନ କରିବା ସହିତ ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇ ଲକ୍ଷ୍ୟ ରଖାଯାଇଛି ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୁକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶାନ୍ତ ଧୂଆ, ପ୍ରମୋଦ ପତି, ରମେଶ ପାଣ୍ଡେ, ବିଜୟ ନାଏକ ବେହେରା, ବଜେନ୍ଦ୍ର ପ୍ରଧାନ, ଉପେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

### ହାଉସିଂ ବୋର୍ଡ ଅଫିସ ପୁନଃ କାର୍ଯ୍ୟକ୍ଷମ ପାଇଁ ଓଏସ୍‌ଏଚ୍‌ବି ସଚିବଙ୍କୁ ପତ୍ର

ରାଉରକେଲା,୩୧।୩
(ସଙ୍ଗୀତା ଜେନା)

ରାଉରକେଲାରେ ହାଉସିଂ ବୋର୍ଡ ପ୍ରଦତ୍ତ ଘର ମୂଲ୍ୟ ପଇଠ କରିବା ପାଇଁ ଲୋକଙ୍କୁ ବାରମ୍ବାର ଭୁବନେଶ୍ୱର ଯିବାକୁ ପଡୁଛି। ଛେଣ୍ଡ କଳିଙ୍ଗ ବିହାର ଫେଜ୍- ୩ ରେ ପାଇଥିବା ଘରଗୁଡ଼ିକ ପାଇଁ ମଧ୍ୟ ସମାନ ଅସୁବିଧା ଲୋକେ ଭୋଗ କରୁଛନ୍ତି। ଏଥିପାଇଁ ଛେଣ୍ଡ କଲୋନୀ ନାଗରିକ ମଞ୍ଚ ପକ୍ଷରୁ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ (ଓଏସ୍‌ଏଚ୍‌ବି) ସଚିବଙ୍କୁ ପତ୍ର ଲେଖାଯାଇଛି। ବାରମ୍ବାର ଭୁବନେଶ୍ୱରକୁ ଲୋକେ ଯାଉଥିବା ବେଳେ ଆର୍ଥିକ ଓ ମାନସିକ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ପୂର୍ବପରି ରାଉରକେଲାରେ ହାଉସିଂ ବୋର୍ଡ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ କରି ଏଠାରେ ଘରଗୁଡ଼ିକର ଏନ୍‌ଓସି ପ୍ରଦାନ କରିବାକୁ ମଞ୍ଚର ଆବାହକ ଜୟନ୍ତ ମିଶ୍ର, ସଂଯୋଜକ ବିଜୟ ତରାଇ, ଉପେନ୍ଦ୍ର ପଢ଼ିଆରୀ, କଲ୍ୟାଣୀ ତ୍ରିପାଠୀ, ଅମର ସିଂହ, ରଙ୍ଗବଲ୍ଲଭ କୁଜୁର, କ୍ଷୀରୋଦ ପ୍ରଧାନ, ଶକ୍ତି ପ୍ରସାଦ ସାମନ୍ତରାୟ, ଭାଗୀରଥି ପୃଷ୍ଟି, ବି.ଏନ୍ ରାଉତ, ରଞ୍ଜନ କର, କ୍ରିଷ୍ଣା ମହାପାତ୍ର, ମହେନ୍ଦ୍ର ବାଗ, ଲକ୍ଷ୍ମୀ କିଣ୍ଡୋ ପ୍ରମୁଖ ଦାବି କରିଛନ୍ତି।

## ରାମନବମୀ ପାଇଁ ଝଣ୍ଡାପୂଜା ସମ୍ପନ୍ନ


ଡିଲକ୍ସ ଗଳିର ବାବା ମହାକାଳ ଆଖଡ଼ା ପକ୍ଷରୁ ଝଣ୍ଡାପୂଜନ କରାଯାଉଛି।

ରାଉରକେଲା, ୩୧।୩(ସଙ୍ଗୀତା ଜେନା)

ରାମନବମୀ ପାଇଁ ଶନିବାର ବିଳମ୍ବିତ ରାତିରେ ଆଖଡ଼ାଗୁଡ଼ିକ ପକ୍ଷରୁ ଝଣ୍ଡାପୂଜନ ସମ୍ପନ୍ନ ହୋଇଛି। ଆଖଡାର ସଦସ୍ୟମାନେ ଝଣ୍ଡାପୂଜନ କରିଥିଲେ। ସହରର ୧୪ଟି ଆଖଡ଼ା ପକ୍ଷରୁ ରାମନବମୀ, ଅନ୍ୟ କିଛି ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବେ। ଉଦିତନଗର ଓରାମପଡ଼ାରେ ବାବା ରୁଦ୍ର ଆଖଡ଼ା, ଦ୍ୱାରକାପୁରୀରେ ବାବା ଶମ୍ଭୁନାଥ, ମାଲଗୋଦାମ ଅଞ୍ଚଳରେ ରାଣାପ୍ରତାପ, ବିଶ୍ରା ଡାହାରରେ ଶ୍ରୀ ମନୋରଥ ସିଦ୍ଧ, ଲାଲ ବିଲ୍‌ଡିଂ ଅଞ୍ଚଳର ଶିବାଜୀ, ଡେଲିମାର୍କେଟ ଜନତା ନିୱାସ ଗଳିର ନବ ଯୁବକ ସଂଘ, ଟ୍ୟାକ୍ସି ଷ୍ଟାଣ୍ଡ ଅଞ୍ଚଳର ବାବା ଭୁତନାଥ, ମା ଦୁର୍ଗା, ଡିଲକ୍ସ ଗଳିର ବାବା ମହାକାଳ, ଶିବଶକ୍ତି, ଜିଟିଲେନ୍‌ର ପଞ୍ଚମନ୍ଦିର, ମଧୁସୂଦନ ଛକର ବାବା ମହାକାଳେଶ୍ୱର, ବିଶ୍ରା ଛକରେ ମହାବୀର, ବସ୍‌ଷ୍ଟାଣ୍ଡରେ ତ୍ରିଶକ୍ତି ଆଖଡ଼ା ପକ୍ଷରୁ ଆସନ୍ତା ରାମନବମୀ ପାଇଁ ଶୋଭାଯାତ୍ରା ହେବାକୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଉକ୍ତ ଶୋଭଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଲାଲ ବିଲ୍‌ଡିଂ ଶିବାଜୀ ଆଖଡ଼ା ସଭାପତି ସୁବାସ ବର୍ମା ଏବଂ ବିଶ୍ରା ଛକ ସ୍ଥିତ ମହାବୀର ଆଖଡ଼ା ବିରେନ ପତି ରାଉରକେଲା ପୋଲିସ ସହଯୋଗରେ ସମସ୍ତ ଆୟୋଜନ ସୂଚାରୁ ରୂପେ କରାଯାଉଛି ବୋଲି କହିଛନ୍ତି।

## ଲକ୍ଷେ ଘର ସମାଜର ବୈଠକ, ନଗର ମଣ୍ଡଳ ଗଠନ

ସୁନ୍ଦରଗଡ,୩୧।୩
(ଜୟ ନାରାୟଣ ମେଣ୍ଢୁଲି)


କାର୍ଯ୍ୟକ୍ରମରେ ଲକ୍ଷେ ଘର ସମାଜର କର୍ମକର୍ତ୍ତା ଓ ଅନ୍ୟମାନେ।

ସୁନ୍ଦରଗଡ଼ ଲକ୍ଷେ ଘର ସମାଜର ଏକ ବୈଠକ ସ୍ଥାନୀୟ ଆର୍‌ଆର୍‌ଆଇଟି କଲୋନୀଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଲକ୍ଷେ ଘର ସମାଜ ସଭାପତି ପ୍ରଫୁଲ୍ଲ ସୁନ୍ୟାନୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁନ୍ଦରଗଡ଼ ନଗର ମଣ୍ଡଳ କମିଟି ଗଠନ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ମହିଳାଙ୍କ ଶକ୍ତି ଓ ମହତ୍ତ୍ୱକୁ ଆଗରେ ରଖି ସୁନ୍ଦରଗଡ ମହିଳା ମୋର୍ଚ୍ଚା ଟିମ୍ ଗଠନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ଶତାଧିକ ସାମାଜିକ କାର୍ଯ୍ୟକର୍ତ୍ତା ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଲକ୍ଷେ ଘର ସମାଜକୁ ଏକଜୁଟ କରିବା ସହିତ ଲୋକଙ୍କ ସମସ୍ୟା ଦୂର କରିବା ଦିଗରେ କାମ କରାଯିବ ବୋଲି ଜିଲା ଲକ୍ଷେ ଘର ସମାଜ ସଭାପତି ପ୍ରଫୁଲ୍ଲ ସୁନ୍ୟାନି ତାଙ୍କ ଅଭିଭାଷଣରେ କହିଥିଲେ। ଏଥିସହ ନୂତନ ପଦାଧିକାରୀଙ୍କୁ ସ୍ୱାଗତ ଜଣାଇଥିଲେ। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କାର୍ଯ୍ୟକର୍ତ୍ତା ସୁନ୍ଦରଗଡ଼ ନଗର ସଭାପତି ସୁନୀଲ ମହାନନ୍ଦିଆ ଆଗାମୀ ଦିନରେ ସମାଜର ଶିକ୍ଷିତ ଯୁବକଙ୍କୁ କିପରି ଆଗକୁ ବଢିବା ପାଇଁ ସାହାଯ୍ୟ କରାଯାଇ ପାରିବ, ଉଚ୍ଚଶିକ୍ଷାର ଉପଲବ୍ଧ କରାଯାଇପାରିବ ଓ ବେକାରୀ ଯୁବକଙ୍କ ପାଇଁ ରୋଜଗାର ବ୍ୟବସ୍ଥା କରିବା ଦିଗରେ ଧ୍ୟାନ ଦେଇଥିଲେ। ଜିଲା ଉପଦେଷ୍ଟା ବିଶ୍ୱଜିତ ତନ୍ତୀ ସମାଜର ବିକାଶ ଓ ସମାଜର ଏକତାକୁ ନେଇ ବକ୍ତବ୍ୟ ରଖିଥିଲେ। ଜିଲା କୋଷାଧ୍ୟକ୍ଷ ଡିଲେଶ୍ୱର ଜୟପୁରିଆ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଜିଲା ଉପସଭାପତି ରାଜା କାକ ଧନ୍ୟବାଦ ଦେଇଥିଲେ। ନୂତନ କର୍ମକର୍ତ୍ତାମାନେ ହେଲେ ସୁନ୍ଦରଗଡ଼ ଲକ୍ଷେ ସମାଜ ସଭାପତି ସୁନିଲ ମହାନନ୍ଦିଆ, କାଲୋ ସିଂ କାର୍ଯ୍ୟକାରୀ ସଭାପତି, ମୋନୁ ତନ୍ତୀ ଓ ସୁରେନ୍ଦ୍ର ତାଣ୍ଡିଆ ଉପସଭାପତି, ମହେଶ ତନ୍ତୀ ସାଧାରଣ ସମ୍ପାଦକ, ଛବିରାଜ ଜୟପୁରିଆ, ସୋନୁ ସନ୍ୟାନି, ସଚିନ ତାଜନ, ଖିତେନ୍ଦ୍ର ବାଦି, ଅମର ଶୁନ୍ୟାନି ସହସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ୱାର୍ଡ ପ୍ରମୁଖ ଆଜାଦ ବାଗ, ଅମିତ ପାଣ୍ଡବ, ରବି ମହାନନ୍ଦିଆଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଚନ୍ଦ୍ରଭାନୁ କାକ, ଡା. ମନୋଜ ବାଦି, ଅଶିନୀ ତନ୍ତୀ, ସଞ୍ଜୀବ ସୁନ୍ୟାନୀ, ଭଗବାନ ତନ୍ତୀ, ଶ୍ରୀକୃଷ୍ଣ ଯୟପୁରିଆ, ଟଙ୍କଧର ବାଗ, ସସେନ୍ଦ୍ର କଂଶାରିଙ୍କ ସହିତ ପ୍ରମୁଖ କାର୍ଯ୍ୟକର୍ତ୍ତା ରଞ୍ଜିତ ବୁଡା, ଦେବା ବୁଢ଼ା, ସନୋଜ ମହାନନ୍ଦ, ରାଜ ସିଂ, ବିଶ୍ୱଜିତ ବାଦି, ବିକ୍ରମ ବାଦି, ପ୍ରତାପ ଜୟପୁରିଆଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ଲକ୍ଷେ ଘର ମହିଳା ମୋର୍ଚ୍ଚା ମଣ୍ଡଳ ଟିମ୍‌ରେ ସୁନ୍ଦରଗଡ଼ ନଗର ମଣ୍ଡଳ ସଭାପତିଭାବେ ଉର୍ମିଳା ଗନ୍ଧା, ସାଧାରଣ ସମ୍ପାଦକ ଭାବେ ତପେଇ ବାଗ, ଉପସଭାନେତ୍ରୀ ମଞ୍ଜୁ ବାଦି, ଚିତ୍ରା ଶୁନ୍ୟାନି ଓ ସୁମିତା ତନ୍ତୀଙ୍କୁ ରଖାଯାଇଛି। ମିନତି ପାତ୍ର, ପଦ୍ମିନୀ ସୁନ୍ୟାନି, କସ୍ତୁରୀ କାକ, ତ୍ରିଲୋଚନ ମହାନନ୍ଦ, ମମତା ଗଡିଆ, କୁନି ଛତ୍ରାନ ସମ୍ପାଦିକା, ବବିତା ମହାନନ୍ଦ କୋଷାଧ୍ୟକ୍ଷ, ପ୍ରମୁଖ କାର୍ଯ୍ୟ କର୍ତ୍ତା ଭାବେ ପ୍ରଭାସିନୀ ସିଂ, ରଜନୀ ଲାଗିଆ, ସୁମିତା ରାନି ତନ୍ତୀ, ସୁରେଖା ତନ୍ତୀ, ସୋନି କାକ, ଜୟନ୍ତୀ ସୁନ୍ୟାନିଙ୍କୁ ଦାୟିତ୍ୱ ଦିଆଯାଇଛି।

## ୫୫୦ କୁଣହାଁ ସମାଜର ଆଞ୍ଚଳିକ ଗୁଡ଼ି ଗଠନ

ବାଲିଶଙ୍କରା, ୩୧।୩ (ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ତୁମୁଲିଆ ପଞ୍ଚାୟତ ସାପଡଗର ଗ୍ରାମରେ ସାପଡଗର ଗଙ୍ଗାଗୁଡି, କୁରୁମକେଲ ଗଙ୍ଗାଗୁଡି, ଛତାସର୍ଗି ଗଙ୍ଗାଗୁଡି, କରମଡ଼ିହି ଗଙ୍ଗାଗୁଡି, ବିରକାଲଡ଼ିହି ଗଙ୍ଗାଗୁଡି, ରାମପୁର ଗଙ୍ଗାଗୁଡି, ଜୁନାଡିହି ଗଙ୍ଗାଗୁଡି, ବସାଟାର ଗଙ୍ଗାଗୁଡି,ବରଡ଼ିହି ଗଙ୍ଗାଗୁଡି ଓ ଯାମଟୋଲୀ ଗଙ୍ଗାଗୁଡିର ସଭାପତି, ସମ୍ପାଦକ, ମହିଳା ସଙ୍ଗଠନର ସଭାପତି, ସମ୍ପାଦକ ଓ ସଭ୍ୟଙ୍କୁ ନେଇ ଏକ ଆଞ୍ଚଳିକ ଗୁଡ଼ି ଗଠନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କିସାନ ସମାଜର ଜିଲା ସଭାପତି ଜଗନ୍ନାଥ ଲାକଡା ଯୋଗଦେଇ ସମାଜର ରୀତିନୀତି, ଚାଲିଚଳନ, ସଂସ୍କୃତି ଉପରେ ମତ ରଖିଥିଲେ। ମିତ୍ର କିଷାନ ସଭା ସଞ୍ଚାଳନ କରିଥିଲେ।

## ଯୁବ ବିଜେଡି ପଞ୍ଚାୟତ ସଭାପତିଙ୍କ ନାମ ଘୋଷଣା

ସବ୍‌ଡେଗା, ୩୧।୩(ଅନନ୍ତ ପଟେଲ)

ସୁନ୍ଦରଗଡ ତଳସରା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳକୁ ଅଧିକ ସୁସଙ୍ଗଠିତ ଓ କ୍ରିୟାଶୀଳ କରିବା ପାଇଁ ଜିଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି ଲେଫ୍ରିପଡ଼ା ବ୍ଲକର ୧୭ଟି ପଞ୍ଚାୟତର ସଭାପତିଙ୍କ ନାମକୁ ଅନୁମୋଦନ କରିଛନ୍ତି। ବ୍ଲକ ସଭାପତି ବୈଷ୍ଣବ ମାଝି ଉକ୍ତ ପଞ୍ଚାୟତ ସଭାପତିଙ୍କ ନାମକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ବିଭିନ୍ନ ପଞ୍ଚାୟତ ପାଇଁ ଘୋଷିତ ସଭାପତିଙ୍କ ନାମ ହେଲା– ରାଜବାହାଲର ରମେଶ ଭୋଇ, ଡୁମାବାହାଲ ଜସ୍ମିତ ସାହୁ, ସରଫଗଡ଼ ଚନ୍ଦନ ବାରିକ, ମଶାବିରା ଫ୍ରାନ୍ସିସ ବାଡ଼ା,ଗୁଣ୍ଡିଆଡିହି ପ୍ରଦୀପ ତିର୍କୀ, ହୁର୍ମେଇ ସୁଶିଲ ଲାକ୍ରା, ଗିରୀଙ୍ଗକେଲା ସୃଷ୍ଟି ସଙ୍କରିଆ, ଆଲାପକା ତୁଳା କିସପଟ୍ଟା, ଲେଫ୍ରିପଡ଼ା ବିଜୟନନ୍ଦ ସା, କୁଲାବିରା ସମୀର ଭୋଇ, ରାଏଡିହି ପ୍ରତାପ ମାଝି, ରାଏବଗା ଗୋପାଳ ଭୋଇଁସାଲ,ଦର୍ଲି ଭେଷଜ ତାଣ୍ଡିଆ, ବଡବଙ୍ଗା ଚୈତନ୍ୟ ସାହୁ, ଛଟେନପାଲି ରିତିକ ପଶାୟତ, ସର୍ଗୀପାଲି ଗୌରବ ସିଂହ, ଝୁରିମାଲର ଜୟନ୍ତ ମାଝି। ଏହି ଅନୁମୋଦନ ତାଲିକାର ନକଲ କପି ଜିଲା ବିଜେଡି ପର୍ଯ୍ୟବେକ୍ଷକ ଇଂ ପ୍ରୀତିରଞ୍ଜନ ଘଡ଼େଇ,ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଡ. ବ୍ୟୋମକେଶ ରାୟ,ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ ଏବଂ ଜିଲା ବିଜେଡି ସଭାପତି ବିନୟ ଟପ୍ପୋଙ୍କ ପାଖକୁ ପଠାଇ ଦିଆଯାଇଛି।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା


ଶିକ୍ଷକ ଶିବ ପ୍ରସାଦ ମହାପାତ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

କୁଆଁରମୁଣ୍ଡା,୩୧।୩
(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ କଚାରୁ ହାଇସ୍କୁଲର ଶିକ୍ଷକ ଶିବ ପ୍ରସାଦ ମହାପାତ୍ର ରବିବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ,ଅବସରପ୍ରାପ୍ତ ବିଇଓ ଗୁରୁଚରଣ ସାହୁ, ସିଆରସିସି ସୁରେଶ କଂସାରୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଠୁରକା ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଦମତୋଳା ଚୌଧୁରୀ, କଚାରୁ ସରପଞ୍ଚ ଝୁବା ଟପ୍ପୋ, ସମିତି ସଭ୍ୟ ଅଶ୍ୱିନୀ କେରକେଟା, ସୁନ୍ଦୁରୁ ଲୋହାର, ସ୍କୁଲ ପରିଚାଳନା ସମିତି ସଭାନେତ୍ରୀ କାମିନୀ ସିଂଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଛାତ୍ରବତ୍ସଳ ଶିକ୍ଷକଙ୍କ ସମୟାନୁବର୍ତ୍ତିତା, ସ୍କୁଲ ପ୍ରତି ଥିବା ଉତ୍ସର୍ଗୀକୃତ ମନୋଭାବକୁ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରଶଂସା କରିଛନ୍ତି। ଉପସ୍ଥିତ ଛାତ୍ରୀଛାତ୍ର,ପୁରାତନ ଛାତ୍ରୀଛାତ୍ର ଶିବ ସାରଙ୍କ ଶିକ୍ଷାଦାନ ଓ ଉପଦେଶକୁ ସେମାନେ କଦାପି ଭୁଲି ପାରିବେ ନାହିଁ ବୋଲି କହିଥିଲେ। କଚାରୁ ହାଇସ୍କୁଲରେ ଶୈକ୍ଷିକ ବିକାଶ ଠାରୁ ଆରମ୍ଭ କରି ଭିତ୍ତିଭୂମି ନିର୍ମାଣରେ ଶିବ ସାର ଗୁରୁଦାୟିତ୍ୱ ନିର୍ବାହ କରିଥିବାରୁ ଅଞ୍ଚଳବାସୀ ତାଙ୍କ ନିକଟରେ ଋଣି ହୋଇ ରହିବେ ବୋଲି ସରପଞ୍ଚ କହିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପାଣି ସଂଯୋଜନା କରିଥିବା ବେଳେ ଅନ୍ୟ ସହଯୋଗୀ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

# ସିପକ ଟାକ୍ରୋ: ଓଡ଼ିଶା ଦଳର ଚମତ୍କାର ଖେଳ ପ୍ରଦର୍ଶନ

ସୁନ୍ଦରଗଡ,୩୧।୩
(ଜୟ ନାରାୟଣ ମେଣ୍ଢୁଲି)

ଓଡ଼ିଶା ସିପକ ଟାକ୍ରୋ ଦଳ ରବିବାର ଟ୍ରେନ ଯୋଗେ କର୍ଣ୍ଣାଟକ ରାଜ୍ୟରୁ ଓଡ଼ିଶା ଫେରୁଛନ୍ତି । ଗତ ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ସ୍ତରୀୟ ସିପକ ଟାକ୍ରୋ ପ୍ରତିଯୋଗିତାରେ ଓଡ଼ିଶା ଜୁନିୟର ବାଳିକା ଦଳ ଫାଇନାଲ ମ୍ୟାଚ ଟିମ ବିଭାଗରେ ହରିଆଣା ଦଳକୁ ପରାଜୟ କରି ଜାତୀୟ ସ୍ତରରେ ଚାମ୍ପିୟନ ହୋଇଛି। କର୍ଣ୍ଣାଟକ ରାଜ୍ୟର ଦବନଗିରି ଜିଲାର କୋଣ୍ଡାଜି ସ୍କାଉଟ ଗାଇଡ କ୍ୟାମ୍ପସ ପରିସରରେ ଜାତୀୟ ସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ଦଳରେ ସୁନ୍ଦରଗଡ ଜିଲାର ମଧୁସ୍ମିତା ଭିତ୍ରିଆ ଏବଂ ପ୍ରିତି ଟପ୍ପୋ ଚମତ୍କାର ଖେଳ ପ୍ରଦର୍ଶନ କରି ଓଡ଼ିଶା ରାଜ୍ୟକୁ ଚାମ୍ପିୟନ କରିଛନ୍ତି । ଉକ୍ତ ଦଳରେ ରୂପାଲି ସାହୁ, ଗାୟତ୍ରୀ ସାହୁ, ସଙ୍ଗୀତା ଗିରୀ, ସିମ୍ରନ ଏକ୍କା, ରାଇମଣି ଟୁଡୁ, ରଶ୍ମିତା ମୁଣ୍ଡା, ସ୍ମରଣିକା ଦାସ,ଲକ୍ଷ୍ମୀପ୍ରିୟା ନାଏକ, ଶାନ୍ତି ଭୋଇ ଓ କଳ୍ପନା ମଲ୍ଲିକ ଭାଗ ନେଇ ଦଳକୁ ବିଜୟୀ କରିଛନ୍ତି। ଓଡ଼ିଶା ଜୁନିୟର ବାଳକ ଟିମ୍ ବିଭାଗରେ ସେମି ଫାଇନାଲ ବିହାର ରାଜ୍ୟ ସହିତ ମୁକାବିଲା ହୋଇ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଉକ୍ତ ଦଳରେ ସୁନ୍ଦରଗଡ ଜିଲାର ଦୀପକ କିଷାନ ଭଲ ଖେଳ ପ୍ରଦର୍ଶନ କରି ଓଡ଼ିଶା ରାଜ୍ୟ ପାଇଁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ଦଳରୁ ପ୍ରଦ୍ୟୁମ୍ନ ଷଡଙ୍ଗୀ, ଆକାଶ କୁମାର ରେଡ୍ଡୀ, ବିକାଶ କୁମାର ରେଡ୍ଡୀ, ଦୀପକ ହିଆଲ, ଗୁରା ମାଝି, ଛୋଟରାୟ ହେମ୍ବ୍ରମ, ଚନ୍ଦ୍ରାୟ ମୁର୍ମୁ, ମୂରଲୀଧର ବେହେରା, ସତ୍ୟଜିତ ମହାପାତ୍ର, ଓମ ପ୍ରକାଶ ସେଠୀ ଓ ଏସକେ ଅର୍ମାନ ଅଂଶ ଗ୍ରହଣ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସବ ଜୁନିଅର ବାଳକ ଟିମ୍ ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଉକ୍ତ ଦଳରେ ସୁନ୍ଦରଗଡ ଜିଲାର କବିର କିଷାନ, ଲିପନ ସେଟ,ପ୍ରତୀକ ପଟେଲ, ପୁରୀ ଜିଲାର ଶିବା କୁମରା, ନିଖିଲ କିଷାନ, ସୁଦାମ ମାଝି, ଜିତେନ୍ଦ୍ର ମୁର୍ମୁ, ରିହାସ କୁମାର ପ୍ରଧାନ, ସରୋଜ କୁମାର ସିଂ, ଆଶିଷ ଦାସ, ମନୋରଞ୍ଜନ ଦାସ ଏବଂ ଶ୍ରୀକାନ୍ତ ବେହେରା ଭାଗ ନେଇ ଓଡ଼ିଶା ରାଜ୍ୟ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । କୋଚ ମ୍ୟାନେଜର ଭାବେ ମନୀଷା ତରାସିଆ, ରିତାରାଣି ବେହେରା, ଅର୍ପିତା ନାୟକ, ଭବାନୀ ପାତ୍ର, ଅବିନାଶ ନନ୍ଦ, ଦିପସନ ଖୋରା ଓ ଆଶିଷ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ସୁନ୍ଦରଗଡ଼ ଜିଲାରୁ ସୁଶାନ୍ତ କୁମାର ଷଡଙ୍ଗୀ ଓଡ଼ିଶା ଦଳର ମୁଖ୍ୟ ମ୍ୟାନେଜର ଭାବେ ଦାୟିତ୍ୱ ତୁଲାଇ ଜୁନିୟର ବାଳିକା ଦଳକୁ ଚମ୍ପିୟାନ କରି ଓଡ଼ିଶା ରାଜ୍ୟ ପାଇଁ ଜାତୀୟ ସ୍ତରରେ ଐତିହାସିକ ପଦକ୍ଷେପ ସୃଷ୍ଟି କରିଛନ୍ତି। ଉକ୍ତ ଖେଳାଳିଙ୍କୁ ଓଡ଼ିଶା ରାଜ୍ୟ ସିପକ ଟାକ୍ରୋ ସଂଘର ସାଧାରଣ ସମ୍ପାଦକ ପୃଥୀରାଜ ସାହୁ, ଆନ୍ତର୍ଜାତୀୟ ରେଫରୀ ମହମ୍ମଦ ଗୁଲ୍ଲମ ଓ ବ୍ରଜମୋହନ ସାହୁ, ସୁନ୍ଦରଗଡ ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ ନାଏକ, ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଡ. ଦିଲ୍ଲୀପ ତିର୍କୀ, ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲା ସଂଯୋଜକ ଯୋଗେଶ କୁମାର ସିଂ, ସଦର ବିଧାୟିକା କୁସୁମ ଟେଟେ, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ, ଜିଲା ସିପକ ଟାକ୍ରୋ ସଂଘ, ସୁନ୍ଦରଗଡ ଜିଲା ଆମେଚର ବକ୍ସିଂ ସଂଘ, ଜନ ସେବା ସମିତି ଯୋଗୀମାଲ ଅନୁଷ୍ଠାନର ସମସ୍ତ ସଦସ୍ୟ ସହିତ ଭବାନୀ ଭବନ ଷ୍ଟାଡିୟମର ସିପକ ଟାକ୍ରୋ ଟ୍ରେନର ଲିପ୍ସା ଷଡଙ୍ଗୀ ଶୁଭେଚ୍ଛା ଜଣାଇ ଉତ୍ତୋରତ୍ତର କାମନା କରିଛନ୍ତି।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

## ସଂକ୍ଷେପରେ

### ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ଜୟନ୍ତୀ ପାଳିତ

**ପାଟଣାଗଡ଼,୩୧।୩(ସଚ୍ଚିଦାନନ୍ଦ ମହାକୁର)**

ପୂର୍ବତନ ପାଟଣା ମହାରାଜା ତଥା ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୨ ତମ ଜୟନ୍ତୀ ପାଟଣାଗଡ ଏନଏସିସ୍ଥିତ ରାମଜୀଛକରେ ରବିବାର ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜେନ୍ଦ୍ର ନାରାୟଣଙ୍କ ସିଂଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ପାଟଣାଗଡ ଭାଜପା ନଗର ସଭାପତି ସୁଶାନ୍ତ କୁମାର ମହାନ୍ତି, ନନ୍ଦନ ଠାକୁର, ରାନା ଚିନଦା, ଅଶୋକ କୱାନ, ଦିନ ଠାକୁର, ଅଜିତ ଭାଟି ପ୍ରମୁଖ ଉପସ୍ଥିତ ଥିଲେ।

### ଦେଶୀ ବନ୍ଧୁକ, ମାରଣାସ୍ତ୍ର ଜବତ: ୨ ଗିରଫ

**ଜମନକିରା,୩୧।୩(ରବୀନ୍ଦ୍ର ପ୍ରସାଦ ଦାନୀ)**

ଶନିବାର ସନ୍ଧ୍ୟାରେ ଜମନକିରା ପୋଲିସ ଏବଂ ଗୌଡ଼ପାଲି ପୋଲିସ ପାଟ୍ରୋଲିଂ ସମୟରେ ଜମନକିରା ଥାନା ଗୌଡପାଲି ଫାଣ୍ଡି ବଡବାହାଲ ଅଞ୍ଚଳରୁ ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଧରିଥିଲେ। ଯାଞ୍ଚ ପରେ ସେମାନଙ୍କ ପାଖରୁ ଦୁଇଟି ଧାରୁଆ ଅସ୍ତ୍ର ଏବଂ ଦୁଇଟି ଦେଶୀ ବନ୍ଧୁକ ଜବତ କରିଥିଲେ। ଜମନକିରା ଥାନା ଅଧିକାରୀ ପଦ୍ମାଳୟା ସାହୁ ଦୁଇ ଯୁବକଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଛନ୍ତି। ରବିବାର ଏନେଇ ଖବରଦାତା ସମ୍ମିଳନୀରେ କୁଚିଣ୍ଡା ଏସଡିପିଓ ଅମିତାଭ ପଣ୍ଡା ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି କିଛି ଦିନ ପୂର୍ବରୁ ନିର୍ବାଚନ ପାଇଁ କୋଡ ଅଫ କଣ୍ଡକ୍ଟ ଲାଗିବା ଆଗରୁ ପୋଲିସ ତରଫରୁ ବନ୍ଧୁକ ରଖିଥିବା ପ୍ରତ୍ୟେକ ନାଗରିକଙ୍କୁ ନିଜ ନିଜର ବନ୍ଧୁକ ଥାନାରେ ଜମା ଦେବା ପାଇଁ ସୂଚନା ଦେଇଥିଲେ। କିନ୍ତୁ ବଡବାହାଲ ଅଞ୍ଚଳରୁ ଦେଶୀ ଚୋରା ବନ୍ଧୁକ ଜବତ ହେବା ପରେ ଅଞ୍ଚଳରେ ଯାଞ୍ଚ ପ୍ରକ୍ରିୟା କଡ଼ାକଡି କରାଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି। ଅଟକ ଥିବା ଦୁଇଜଣ ଯୁବକ ହେଲେ ବଡବାହାଲ ଗ୍ରାମର ଫକୀର ଛତ୍ରିଆ (୨୭)ଓ କିଶୋର କିସାନ (୨୨)ବୋଲି ଜଣାପଡିଛି।

### ଷୋହଳ ପ୍ରହର ନାମଯଜ୍ଞ ଉଦଯାପିତ

**ଖପ୍ରାଖୋଲ, ୩୧।୩(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର୍ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ତିନିଦିନ ଧରି ହୋଇଥିବା ଏହି କାର୍ଯ୍ୟକ୍ରମରେ ୫ଟି ସଙ୍କୀର୍ତ୍ତନ ଦଳ ଭାଗ ନେଇ ଥିଲେ। ନାମଯଜ୍ଞରେ ପୂଜା କର୍ତ୍ତାଭାବେ ଗ୍ରାମର ଗୌନ୍ତିଆ ଅକ୍ରୁର ମାଝି ଦାୟିତ୍ୱ ନର୍ବାହ କରିଥିଲେ। ଗ୍ରାମ ସଙ୍କୀର୍ତ୍ତନ ପୂଜା କମିଟିରେ ପୂର୍ଣ୍ଣଚନ୍ଦ୍ର ବୁଡେକ, ବିକାଶ ଦାଶ, ଚିନ୍ତାମଣି ବାରିକ, ପରମସାଏ ମାଝି, ବବଲୁ ଦାଶ, ମାୟାଧର ସାହୁ, ଚକ୍ରଧର ସାହୁ, ଦେବରାଜ ପଧାନ, ଦ୍ୱିତୀୟା ତରିଆଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ରାଜନୀତିରେ ଜନସେବା ରାଜେନ୍ଦ୍ରଙ୍କ ବଡ଼ ଉପଲବ୍ଧି

**ବଲାଙ୍ଗୀର,୩୧।୩(ବୀରେନ୍ଦ୍ର କୁମାର ଝାଙ୍କର)**

ପୂର୍ବତନ ପାଟଣା ଷ୍ଟେଟ୍‌ର ଶେଷ ମହାରାଜା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓ ଥିଲେ ଏକାଧାରରେ ଜଣେ ପ୍ରଜାନୁରାଗୀ ଶାସକ, କଳା-ସଂସ୍କୃତିର ଉପାସକ, ଏବଂ ଆଧୁନିକ ଓଡ଼ିଶାର ଜଣେ ନବନିର୍ମାତା। ତାଙ୍କ ଶାସନ କାଳରେ ବଲାଙ୍ଗୀର ସମେତ ଓଡିଶାର ବିକାଶ ଦ୍ରୁତତର ହୋଇଥିଲା। ବଂଶ ପରମ୍ପରାରେ ନୁହେଁ, ବରଂ ନିଜର ବଳିଷ୍ଠ ବ୍ୟକ୍ତିତ୍ୱ ବଳରେ ସେ ହୋଇଥିଲେ କୋଟି ହୃଦୟର ପ୍ରିୟ ମହାରାଜା ଏବଂ ଜଣେ ଉଚ୍ଚାଙ୍ଗ ରାଜନୈତିକ ପୁରୁଷ। ସେ ଥିଲେ ଅଜାତଶତ୍ରୁ। ରାଜନୀତିରେ ଜନସେବା ତାଙ୍କର ବଡ ଉପଲବ୍ଧି ଥିଲା ବୋଲି ରବିବାର ବଲାଙ୍ଗୀର ରାଜେନ୍ଦ୍ର ପାର୍କଠାରେ ଆୟୋଜିତ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୧୧୨ତମ ଜନ୍ମ ଜୟନ୍ତୀ ସମାରୋହର ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଜୟନ୍ତୀ ସମାରୋହରେ ଅତିଥିଭାବେ ସ୍ୱର୍ଗତ ମହାରାଜାଙ୍କ ସୁପୁତ୍ର ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ନାତି ପୂର୍ବତନ ଲୋକ ସଭା ସଦସ୍ୟ କଳିକେଶ ନାରାୟଣ ସିଂଦେଓ, ନାତୁଣୀବୋହୂ ମେଘନା ରାଣା ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ଗୁରୁଶ୍ରୀ ଡକ୍ଟର ଘାସିରାମ ମିଶ୍ର ଏବଂ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦାନ କରିଥିଲେ। ସ୍ମୃତି କମିଟି ଅଧ୍ୟକ୍ଷ ଶରତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ସମ୍ପାଦକ ରାଜେନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। କବି ସନ୍ଦୀପ କୁମାର କୁଅଁର ମଞ୍ଚ ସଂଯୋଜନା କରିଥିଲେ। ଅତିଥିମାନେ ପାର୍କ ପରିସରରେ ଥିବା ମହାରାଜାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ କହିଥିଲେ ଯେ, ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ତାଙ୍କୁ ଜନସେବା ପାଇଁ ରାଜନୀତିକୁ ଆଣିଥିଲେ। ସାଧାରଣ ଲୋକଙ୍କ ସେବା ପାଇଁ ରାଜନୀତି ଏକ ବଳିଷ୍ଠ ମାଧ୍ୟମ। ଲୋକଙ୍କ ସେବା ଏବଂ ବଲାଙ୍ଗୀରର ବିକାଶ ଏକମାତ୍ର ସଂକଳ୍ପ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ହାସ୍ୟବ୍ୟଙ୍ଗ କବି ରସରାଜ ଅଚ୍ୟୁତ ପୁରୋହିତ, ରାଜ୍ୟସ୍ତରର ସଫଳ ଶିଳ୍ପଦ୍ୟୋଗୀ ଶୋଭନା ଗିରି, ବାଲୁକା ଶିଳ୍ପୀ ଓମପ୍ରକାଶ ସାହୁ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା ଚୈତନ୍ୟ ମଟାରୀ, ଡାକ୍ତର ମନୋଜ ଅଗ୍ରୱାଲ, ଜାତୀୟ ସନ୍ତରଣ ପଦକ ବିଜେତା ଦ୍ୱାରି କଠାର, ଗଣମାଧ୍ୟମ ପ୍ରତିନିଧି ଅଞ୍ଜନ କୁମାର ପ୍ରଧାନ, ତରୁଣ କୁମାର ସାହୁ, ସସ୍ମିତା ସାହୁ, ନାଟ୍ୟକାର ଓ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ଥନାପତି, କଣ୍ଠଶିଳ୍ପୀ ସ୍ୱରୂପା ସିଂ, ଇଣ୍ଡିଏନ ଆଇଡଲ ଫେମ ଅଜୟ ଅମର ସିଂଦେଓ, କବିୟିତ୍ରୀ ରଶ୍ମି ପାତ୍ର, ଢୋଲ ମୁହୁରି କଳା କଳା ପରିଷଦ ମୁଖ୍ୟ ନୀଳାଞ୍ଚଳ ନନ୍ଦ, ଓଡିଶୀ ନୃତ୍ୟଗୁରୁ ଜ୍ୟୋତିରେଖା ତ୍ରିପାଠୀ, ଫୁଟବଲ କୋଚ୍ ପରଶର ବାଗ, ତକ୍ଷକ ସମ୍ପାଦକ ବିଶ୍ୱମୟ ପୂଜାରୀ ଓ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କୁ ପାଟଣା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସନ୍ଧ୍ୟାର ଶୈଳଶ୍ରୀ ପ୍ୟାଲେସଠାରେ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ସ୍ମୃତିରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ଶିଳ୍ପୋଦ୍ୟୋଗୀ ଶୋଭନା ଗିରିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୧୨ତମ ଜୟନ୍ତୀ ସମାରୋହ**

- କୃତୀ ପ୍ରତିଭାଧର, କଳାକାର, କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା
- ରାଜେନ୍ଦ୍ର ପାର୍କସ୍ଥିତ ପ୍ରତିମୂର୍ତ୍ତିରେ ଅତିଥି କଲେ ପୁଷ୍ପମାଲ୍ୟ ଅର୍ପଣ

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୁନାଗଡ଼,୩୧।୩ (ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହୃଷୀକେଶ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜୁନାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ସାମନ୍ତ, ସମ୍ମାନୀତ ଅତିଥି କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା, ଧାମନପୁର ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସମୀର ରଞ୍ଜନ ଠେଲା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏନସିସି ଅଫିସର୍ ସନ୍ତୋଷ କୁମାର ମେହେର ସଭା ପରିଚାଳନା କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡା ଶିକ୍ଷକ ବିଜୟ କୁମାର ନାଏକ ଏବଂ ସହକାରୀ ଶିକ୍ଷକ ଜନ୍ମେଜୟ ନାଏକଙ୍କ ପରିଚାଳନାରେ ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ସୁଶୀଲ କୁମାର ନାଗ, ଗୋପାଳକୃଷ୍ଣ ମିଶ୍ର, ରୁପ୍‌କେଶ୍ୱରୀ ମୁଣ୍ଡ, ବିଶ୍ୱନାଥ ସାହୁ, ସିଦ୍ଧାର୍ଥ ଭୋଇ,ରୀନା କୁମାରୀ ବେହେରା, ଗିରିଜା ନାଏକ, ମଞ୍ଜୁଲତା ବାରିକ, ସୁନିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ଜୟନ୍ତ କୁମାର ସୁନା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ଖପ୍ରାଖୋଲ, ୩୧।୩(ଅଭୟ ତ୍ରିପାଠୀ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ କୁଲୁତା ସମାଜ ତରଫରୁ ନିର୍ମିତ ରଣେଶ୍ୱର ରାମଚଣ୍ଡି ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାପ ନାଶିନି ଝରଣାରେ ଗଙ୍ଗା ଆବାହନ କରାଯାଇଥିଲା। ଝରଣାରୁ ଘଣ୍ଟା ଘଣ୍ଟ, ସଙ୍କୀର୍ତ୍ତନ ସହ ଏକ କଳସ ଶୋଭାଯାତ୍ରା ନିର୍ମାଣଧୀନ ମନ୍ଦିର ପରିସରରେରେ ପହଞ୍ଚିଥିଲା। ଛଅ ଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ପୂଜା କର୍ତ୍ତାଭାବେ କୁଲୁତା ସମାଜ ଜିଲା ସଭାପତି ବେଲାରସେନ ଭୋଇ, ଧ୍ରୁବଚରଣ ବିଶ୍ୱାଳ ସପତ୍ନିକ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଷୋହଳ ପ୍ରହର ନାମଯଜ୍ଞରେ କର୍ତ୍ତାଭାବେ ଖଗେଶ୍ୱର ସାହୁ ଦାୟିତ୍ୱ ନିର୍ବାହ କରିବେ। ଏହି ଅବସରରେ ପୂଜକ ବୈଦ୍ୟନାଥ ମିଶ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିବା ବେଳେ ମନ୍ଦିର ଟ୍ରଷ୍ଟ ସଭାପତି ଭିକାରୀ ଚରଣ ବିଶ୍ୱାଳ, ସମ୍ପାଦକ କଳାକାହ୍ନୁ ସାହୁ, ବଡଗୁର୍ଜିଭଟା ଆଞ୍ଚଳିକ କେନ୍ଦ୍ର ସଭାପତି ବାସୁଦେବ ଗଡତ୍ୟା, ସମ୍ପାଦକ ମାଧବ ସାହୁ, ଧଣ୍ଡାମୁଣ୍ଡା ଆଞ୍ଚଳିକ କେନ୍ଦ୍ର ସଭାପତି ହଳଧର ଭୋଇ, ସମ୍ପାଦକ ମଧୁସୂଦନ ସାହୁ, ଅମୂଲ୍ୟ ଭୋଇ, ଜୟ କୃଷ୍ଣ ସାହୁ, କ୍ଷମାନିଧି ଭୋଇ, ପଞ୍ଚାନନ ସାହୁ, କାଳିଆ ସାହୁ, ସୁଶାନ୍ତ ପ୍ରଧାନ, ଚତୁର୍ଭୁଜ ସାହୁ, ସରୋଜ ବିଶ୍ୱାଳ, ଅଚ୍ୟୁତ ସାହୁ, ଉମାକାନ୍ତ ପ୍ରଧାନ, ନରେନ୍ଦ୍ର ଭୋଇଙ୍କ ସମେତ ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।



ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

# ‘ସେୟାର ଲାଇଫ୍ ଅର୍ଗାନାଇଜେସନ୍’ ପକ୍ଷରୁ ରକ୍ତଦାନ ଶିବିର




ବୁର୍ଲା ରକ୍ତ ଭଣ୍ଡାରରେ ‘ସେୟାର ଲାଇଫ୍ ଅର୍ଗାନାଇଜେସନ’ ପକ୍ଷରୁ ରକ୍ତଦାନ ଶିବିର।

**ସମ୍ବଲପୁର,୩୧।୩ (ପ୍ରମୋଦ ବହିଦାର)**

ସମ୍ପ୍ରତି ରକ୍ତର ଅଭାବ ଜନିତ ସମସ୍ୟାର ସମାଧାନ ପାଇଁ ଏକ ପଦକ୍ଷେପ ସ୍ୱରୂପ ବୁର୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସେୟାର ଲାଇଫ ଅର୍ଗାନାଇଜେସନ’ ପକ୍ଷରୁ ‘ଡେ ଏନ୍ ନାଇଟ୍’ ଶୀର୍ଷକ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଭିମ୍‌ସାର ରକ୍ତଭଣ୍ଡାରରେ ଆୟେଜିତ ଏହି ରକ୍ତଦାନ ଶିବିରରେ ମୋଟ ୧୫୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଶେଷକରି ଭୀମ୍‌ସାରକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କ ସୁବିଧା ପାଇଁ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ରକ୍ତଦାନ ସହିତ ବିଭିନ୍ନ ସମୟରେ ଏଠାରେ ରୋଗୀ ଓ ସେମାନଙ୍କ ପରିଜନଙ୍କୁ ‘ସେୟାର ଲାଇଫ୍ ଅର୍ଗାନାଇଜେସନ’ ପକ୍ଷରୁ ସ୍ୱାସ୍ଥ୍ୟସେବା ସମ୍ପର୍କିତ ବିଭିନ୍ନ ସହାୟତା ଯୋଗାଇ ଦେଇଆସିଛି। ଅନୁଷ୍ଠାନର ସଭାପତି ରୋହିତ ପ୍ରଧାନ, ଉପସଭାପତି ନାରାୟଣ ପ୍ରଧାନ, ସାଧାରଣ ସମ୍ପାଦକ ରାହୁଲ ଶର୍ମା, ସମ୍ପାଦକ ପର୍ଶୁରାମ ଜେନା, ବବ୍‌ଲୁ ବିଭାର, ଛବି ହରିପାଲ, କୈଳାସ ଲୁହା, ଆଶିଷ ମେହେର, ମୋହନ ମେହେର, ଅନୀଲ ମେହେର ପ୍ରମୁଖଙ୍କ ସହିତ ଅନେକ ସାମାଜିକ କର୍ମୀ ଏଥିରେ ଯୋଗଦେଇ ରକ୍ତଦାନ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ଚକ୍ଷୁ ପରୀକ୍ଷା ଶିବିର

**ଖଡ଼ିଆଳ,୩୧।୩(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ମୁକ୍ତାପୁର କ୍ଷତ୍ରିୟ ସମାଜ ଭବନରେ ରବିବାର ଜୁହାର୍ ପାଉଣ୍ଡେଶନ ମୁମ୍ବାଇ ଏବଂ ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁର ମିଳିତ ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ କୁଳପତି ଶମ୍ଭୁକିଶୋର ଦଣ୍ଡସେନା, ବିଶିଷ୍ଟ ଅତିଥିଭାବେ ପ୍ରାକ୍ତନ ଆୟକର କମିସନର ଶ୍ରୀକାନ୍ତ ଚାଟର୍ଜୀ, ସମ୍ମାନୀତ ଅତିଥି ଭାବେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ପରାମର୍ଶଦାତା ଜ୍ଞାନ ପ୍ରକାଶ ସିଂ ଓ ପ୍ରମୋଦ କୁମାର ଦଣ୍ଡସେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଡାକ୍ତର ପ୍ରକାଶ କୁମାର ଏବଂ ତାଙ୍କର ସହକର୍ମୀ ମାନଙ୍କ ଦ୍ୱାରା କମ୍ପ୍ୟୁଟର ମାଧ୍ୟମରେ ପ୍ରାୟ ୩୦୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୫୦ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ଭବାନୀପାଟଣା ଶ୍ରୀଜଗନ୍ନାଥ ନେତ୍ରାଳୟକୁ ପଠାଯାଇଥିଲା। ଶିବିରକୁ ସଫଳ କରିବା ପାଇଁ ସ୍ୱେଚ୍ଛାସେବୀ ଗୌରବ ସିଂ ବାରିକ, ସୌମ୍ୟରଞ୍ଜନ ସିଂ, ରଶ୍ମିରଞ୍ଜନ ଚଲାନ, ସମ୍ପଦ ପାଢ଼ୀ, ରୋଶନ ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମହିଳା ଆଥ୍‌ଲେଟିକ କୋଚ ଝିଲି ବାରିକଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର,୩୧।୩(ବି.ଶଙ୍କର)**

ସମ୍ବଲପୁର ଆଥ୍‌ଲେଟିକ କ୍ଲବ ପକ୍ଷରୁ ପଶ୍ଚିମ ଓଡିଶାର ପ୍ରଥମ ଆଥ୍‌ଲେଟିକ କୋଚ ଝିଲି ବାରିକଙ୍କୁ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ସମ୍ବର୍ଦ୍ଧିତ କରାଯାଇଛି। ଆନ୍ତଃଜାତୀୟ ମାଷ୍ଟର ଆଥେଲେଟ ତଥା କ୍ରୀଡାନୁଷ୍ଠାନର ସଭାପତି ସୁନ୍ଦରମଣୀ ବାରିକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ସମେତ କ୍ରୀଡାବିତ ସୀମାଞ୍ଚଳ ସେଠୀ, କମଳ ନନ୍ଦ, ପ୍ରୀତି ପୋଢ଼, ଚାନ୍ଦନୀ ଓରାମ, ମୋହନ ଭୋଇ, ଡୋଳାମଣି ପ୍ରଧାନ, ସୁଦୀପ ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ରହି ଝିଲିଙ୍କୁ ପୁଷ୍ପଗୁଚ୍ଛ, ମେଡାଲ ଏବଂ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏନେଇ ଝିଲି କହିଥିଲେ ଯେ, ଝାରସୁଗୁଡା ଜନ୍ମମାଟି ହୋଇଥିଲେ ସୁଦ୍ଧା ସମ୍ବଲପୁର କ୍ରୀଡ଼ା କ୍ଲବର ସଦସ୍ୟା ଭାବେ ସେ ନିଜକୁ ଗର୍ବିତ କରିଥାନ୍ତି। ଅନୁଷ୍ଠାନର ସଭାପତି ସୁନ୍ଦରମଣୀଙ୍କ ପ୍ରେରଣାରେ ସେ କ୍ରୀଡ଼ାକୁ କ୍ୟାରିୟର ଭାବେ ଚୟନ କରିଛନ୍ତି। ତେଣୁ ସେ ସଫଳତାର ସହିତ ପାତିଆଲା ସ୍ଥିତ ଜାତୀୟ ଅନୁଷ୍ଠାନରେ ଆଥେଲେଟିକ ବର୍ଗରେ ପ୍ରଶିକ୍ଷଣ ସମାପ୍ତ କରିଛନ୍ତି । ଆଗକୁ ବାଳିକା ଓ ବାଳକା, ମହିଳା ଏବଂ ପୁରୁଷମାନଙ୍କୁ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି । କ୍ରୀଡାବିତମାନଙ୍କ ସଫଳତାରେ ପ୍ରଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଆମ ରାଜ୍ୟର କ୍ରୀଡାବିତମାନେ କିପରି ଭାବେ ଅଧିକରୁ ଅଧିକ ସଫଳତା ହାସଲ କରିବେ, ସେନେଇ ପ୍ରତି ମୁହୂର୍ତ୍ତରେ ଯତ୍ନଶୀଳ ରହିବେ ବୋଲି ଝିଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ଝିଲି ବିଦ୍ୟାଳୟରୁ ଆରମ୍ଭ କରି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ସଫଳତା ହାସଲ କରିଥିଲେ ।



ଆଥଲେଟିକ କୋଚ ଝିଲି ବାରିକଙ୍କୁ ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ସମ୍ବର୍ଦ୍ଧିତ କରାଯାଇଛି।

# ହତ୍ୟାକାଣ୍ଡର କାରଣ ଜମି ବିବାଦ

**ଗୋଟିଏ ଦିନରେ ଦୁଇ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ**

**ଉଭୟ ହତ୍ୟାକାଣ୍ଡର ଅଭିଯୁକ୍ତ ଗିରଫ**

**ସମ୍ବଲପୁର,୩୧।୩(ପ୍ରମୋଦ ବହିଦାର)**

ସମ୍ବଲପୁର ମହାନଗର ଅଞ୍ଚଳରେ ଗୋଟିଏ ଦିନରେ ସଂଘଟିତ ଦୁଇଟି ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ମଧ ଗିରଫ କରିବାରେ ସକ୍ଷମ ହୋଇଛି ଜିଲା ପୋଲିସ। ରବିବାର ଅପରାହ୍ନରେ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ସୂଚନା ଦେଇ କହିଛନ୍ତି ଯେ, ଶନିବାର ଅଇଁଠାପାଲି ଥାନା ଅନ୍ତର୍ଗତ ବୈଦାରନୂଆଁପାଲି ବାସିନ୍ଦା ସବ୍ୟସାଚି ସାହୁ ଓରଫ ଦାରାସିଂ(୪୭)ଙ୍କୁ ଏକ ମାଂସକଟା ଚାପଡ଼ରେ ହତ୍ୟା କରାଯାଇଥିବା ବେଳେ ବୁର୍ଲାଥାନା ଅନ୍ତର୍ଗତ ସାହାଜବାହାଲ ତିହିକିପାଲିର ବିପ୍ର ବିଶ୍ୱାଳଙ୍କ ଏକ ତାୱାରେ ତାଙ୍କ ସାନଭାଇ ହତ୍ୟା କରିଛନ୍ତି। ଉଭୟ ହତ୍ୟାକାଣ୍ଡର କାରଣ ଜମିବାଡ଼ି ବିବାଦ ବୋଲି ଏସ୍‌ପି ଭାମୁ କହିଛନ୍ତି। ତେବେ ପୋଲିସର ସମୟୋପଯୋଗୀ ପଦକ୍ଷେପ ଫଳରେ ଉଭୟ ହତ୍ୟାକାଣ୍ଡର ଅଭିଯୁକ୍ତ ଦ୍ୱୟଙ୍କୁ ତୁରନ୍ତ ଗିରଫ କରାଯାଇ ପାରିଛି। ପ୍ରଥମ ଘଟଣା ଶନିବାର ପୂର୍ବାହ୍ନରେ ସଦରଥାନା ଅନ୍ତର୍ଗତ କୁଳତାନୂଆପାଲି ଖଦିଆପାଲିରେ ସଂଘଟିତ ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇ ଶନିବାର ସଦରଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇ ପଠାଇଥିଲା। ସଦର ଏସ୍‌ଡିପିଓ ତୋଫାନ ବାଗଙ୍କ ନେତୃତ୍ୱରେ ଗଠିତ ତିନୋଟି ସ୍ୱତନ୍ତ୍ର ଦଳ ଗଠନ କରି ପୋଲିସ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତ ହେଉଛନ୍ତି ସବ୍ୟସାଚିଙ୍କ ପୂର୍ବ ଗାଡ଼ି ଚାଳକ କୁଲତାନୂଆଁପାଲିର ସୁମନ୍ତ ପ୍ରଧାନ(୪୧)। ପଚରାଉଚରା ବେଳେ ସବ୍ୟସାଚିଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୁକ୍ତ ସୁମନ୍ତ ସ୍ୱୀକାର ମଧ କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତ ସୁମନ୍ତଙ୍କ ସ୍ୱୀକାରୋକ୍ତି ଅନୁସାରେ ଗତ ୨୦୨୦/୨୧ ମସିହାରେ ତାଙ୍କର ଏକ ଜମିକୁ ସବ୍ୟସାଚି ୧୨ ଲକ୍ଷ ଟଙ୍କାରେ କ୍ରୟ କରିବାକୁ ସ୍ଥିର ହୋଇଥିଲା। ମାତ୍ର ଜମି କ୍ରୟ ବାବଦକୁ ପ୍ରଥମେ ୮ ଲକ୍ଷ ଟଙ୍କା ଦେଇ କିଛିଦିନ ପରେ ଅବଶିଷ୍ଟ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇ ସବ୍ୟସାଚି ନିଜ ନାମରେ ଜମିର ରେଜିଷ୍ଟ୍ରି କରି ନେଇଥିଲେ। ମାତ୍ର ଅବଶିଷ୍ଟ ରାଶି ପ୍ରଦାନ କରିବାରେ ବିଳମ୍ବ କରିଥିଲେ। ହେଲେ ଆବଶ୍ୟକ ସ୍ଥଳେ ସେ ସବ୍ୟସାଚିଙ୍କ ଠାରୁ ନିୟମିତ ବ୍ୟବଧାନରେ ମଝିରେ ମଝିରେ ୩/୪ ହଜାର ଟଙ୍କା ଲେଖାଁଏ ନେଇଥିଲେ। ମାତ୍ର ଜମି କ୍ରୟ ବାବଦ ଅବଶିଷ୍ଟ ରାଶି ପ୍ରଦାନରେ ଟାଳଟୁଳ ନୀତି ଆପଣେଇ ଚାଲିଥିଲେ। ଅବଶିଷ୍ଟ ଟଙ୍କା ଦେବାରେ ଅହେତୁକ ବିଳମ୍ବ ହେବାରୁ ସେ ବାରମ୍ବାର ଉକ୍ତ ରାଶି ପାଇଁ ସବ୍ୟସାଚିଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଫଳରେ ସବ୍ୟସାଚି ବିଭିନ୍ନ ସମୟରେ ଦେଇଥିବା ୩/୪ ହଜାର ଟଙ୍କାକୁ ଆଳକରି ଓଲଟା ତାଙ୍କ ଉପରେ ଅଧିକ ୭ରୁ ୮ ଲକ୍ଷ ଟଙ୍କା ବାହାରିବ ବୋଲି କହି ଏଥିରୁ ଜମି ବାବଦକୁ ବକେୟା ଥିବା ୫ ଲକ୍ଷ ଟଙ୍କା କାଟି ଅବଶିଷ୍ଟ ଟଙ୍କା ଦେବାକୁ ଅଭିଯୁକ୍ତ ସୁମନ୍ତଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ଯାହକୁ ନେଇ ଅଭିଯୁକ୍ତ ପ୍ରତିଶୋଧ ପରାୟଣ ହୋଇ ଉଠି ହତ୍ୟା କରିଥିଲେ। ଦ୍ୱିତୀୟ ଘଟଣାରେ ସାନଭାଇର ତାୱାମାଡ଼ରେ ବଡ଼ଭାଇର ମୃତ୍ୟୁ ଘଟଣାରେ ବୁର୍ଲା ପୋଲିସ ସାନ ଭାଇ ସଞ୍ଜୟ ବିଶ୍ୱାଳଙ୍କୁ ଗିରଫ କରି ରବିବାର କୋର୍ଟ ଚାଲଣ କରିଛି। ଉକ୍ତ ଘଟଣା ସମ୍ପର୍କରେ ସୂଚନା ଦେଇ ଆରକ୍ଷୀ ଅଧିକ୍ଷକ ଭାମୁ କହିଛନ୍ତି ଯେ, ବୁର୍ଲାଥାନା ତିହିକିପାଲି ଗ୍ରାମର ସ୍ୱର୍ଗତ କୃଷ୍ଣ ବିଶ୍ୱାଳଙ୍କ ବିପ୍ର ବିଶ୍ୱାଳ(୪୮) ଓ ସଞ୍ଜୟ ବିଶ୍ୱାଳ(୩୬) ନାମକ ଦୁଇଜଣ ପୁତ୍ର ଅଛନ୍ତି। ତେବେ ପୈତୃକ ସମ୍ପତ୍ତିକୁ ଭାଗ ନକରି ବଡ଼ଭାଇ ବିପ୍ର ଏହାକୁ ଦଖଲ କରି ରଖିଥିଲେ। ଫଳରେ ସାନଭାଇ ସଞ୍ଜୟ ସମ୍ବଲପୁର ଧନୁପାଲି ଅଞ୍ଚଳରେ ରହି ଦିନ ମଜୁରିଆ ଭାବେ କାର୍ଯ୍ୟକରି ଜୀବିକା ନିର୍ବାହ କରୁଥିଲେ। ଘଟଣାଦିନ ଶନିବାର ସେ ତାଙ୍କ ଗ୍ରାମ ତିହିକିପାଲିକୁ ଯାଇଥିଲେ। ଏହି ସମୟରେ ଜମିବାଡ଼ି ଭଗବଣ୍ଟାକୁ କେନ୍ଦ୍ର କରି ଉଭୟ ଭାଇଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସାନଭାଇ ସଞ୍ଜୟ ନିକଟରେ ଥିବା ଏକ ଲୁହା ତାୱାରେ ବିପ୍ରଙ୍କୁ ଆକ୍ରକଣ କରିଥିଲେ।



ହତ୍ୟାକାଣ୍ଡରେ ଗିରଫ ଅଭିଯୁକ୍ତ ଦ୍ୱୟ ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ତରଭା,୩୧।୩(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ କମଶରା ଗ୍ରାମରେ ଜଣେ ଯୁବକ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ମୃତକ ହେଲେ କମଶରା ଗ୍ରାମର ରାଜକିଶୋର ବଗର୍ତ୍ତି ଓରଫ ନାଡୁ (୩୭)। ଫାଣ୍ଡି ଅଧିକାରୀ ଗଜାନନ ବେହେରାଙ୍କ ସୂଚନା ମତେ ରାଜକିଶୋର ଶନିବାର ଦିନବେଳା କୌଣସି କାମରେ ବଲାଙ୍ଗୀର ଯାଇଥିଲେ। ସେ ଫେରିବା ସମୟରେ ଦୁର୍ଘଟଣାର ଶିକାର ହୋଇ ସାମାନ୍ୟ ଆହତ ହୋଇଥିଲେ। ପରେ ସେ ଗାଁକୁ ଫେରି ଜଣେ ବ୍ୟକ୍ତିଙ୍କ ସିମେଣ୍ଟ ଇଟା କାରଖାନାକୁ ଯାଇଥିଲେ। ରାଜକିଶୋର ଉକ୍ତ କାରଖାନାର ରାତ୍ରୀ ଜଗୁଆଳି ଭାବେ କାମ କରୁଥିଲେ। ସେ ଏହି କାରଖାନାର ଏକ କୋଠରୀରେ ପଖାଂରେ ଝୁଲି ଆତ୍ମହତ୍ୟା କରିଥିଲେ। ଖବରପାଇ ସକାଳୁ ଫାଣ୍ଡି ଅଧିକାରୀ ବେହେରା ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲେ । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ଟିଟିଲାଗଡ଼ ଭାଜପାର ବୈଠକ

ଟିଟିଲାଗଡ଼, ୩୧।୩ (ଶରତ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଟିଟିଲାଗଡ଼ ଭାଜପା କାର୍ଯ୍ୟାଳୟରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଶେଖର ଦାଶ, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଆଇନଜୀବୀ ମନୋଜ ହାତୀଙ୍କ ପ୍ରତିନିଧି ଜଗନ୍ନାଥ ସାହୁ ସାଂସଦଙ୍କ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରେ ସମବେତ ହୋଇଥିଲେ । ଏମ୍‌ପି ସଙ୍ଗୀତା ସିଂଦେଓଙ୍କୁ ପୁଣି ଥରେ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଭାବରେ ଟିକଟ ପ୍ରଦାନ କରିଥିବାରୁ କେନ୍ଦ୍ରୀୟ ନେତୃତ୍ୱକୁ ସଭାରେ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟରେ ନିଜ ଯୋଗଦାନ କରିବାକୁ ସାଂସଦ ପ୍ରାର୍ଥୀଙ୍କୁ ଜିତାଇବା ସହ ପ୍ରଥମ ଥର ଟିଟିଲାଗଡ଼ ବିଧାୟକ ପଦ ଜିଣିବାକୁ ସଭିଏ ଏକଜୁଟ ହେବାକୁ ସଂକଳ୍ପ ନିଆଯାଇଥିଲା । ଦଳ ଯାହାକୁ ଟିକଟ ଦେବ ତାହାକୁ ସମସ୍ତ ନେତୃବୃନ୍ଦ ସ୍ୱୀକାର ସହ ସଂଘବଦ୍ଧ ହୋଇ ଲଢ଼ିବାକୁ ମତପ୍ରକାଶ ହୋଇଥିଲା। ଦଳର ନୀତି ଆଦର୍ଶକୁ ବେଖାତିର କଲେ ଏଥର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଭାରେ ସୂଚାଇ ଦିଆଯାଇଥିଲା। ଏହି ଅବସରରେ ନିର୍ବାଚନ ମଣ୍ଡଳୀର ୩୦୯ ବୁଥରେ ଦଳର ମୋ ବୁଥ ମଜଭୁତ କାର୍ଯ୍ୟକ୍ରମ ଦଳର ମଣ୍ଡଳ ସଭାପତିଙ୍କ ସହ ସମୀକ୍ଷା କରାଯାଇଥିଲା । ଦଳର ନଗର ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରତିନିଧି ଆଲୋକ ନାୟକ, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଦିଲୀପ ଖରସେଲ, ଜିଲା ଓବିସି ମୋର୍ଚ୍ଚା ସଭାପତି ଅକ୍ଷୟ ରଣା, ନିର୍ବାଚନ ମଣ୍ଡଳୀ ସଂଯୋଜକ ଆଶିଷ ସାହୁ, ପ୍ରଦୀପ ସାହୁ ଉପସ୍ଥିତ ଥିଲେ ।

# ମହିଷାସୁର ଦରବାର ମୁଖ୍ୟ ଆକର୍ଷଣ

### ଆଜିଠୁ ବଡବର୍ଡାକଟାରେ ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

■ ୫ ଦିନ ଧରି ହେବ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ

ଅମରପାଲି,୩୧।୩(ପୀତାମ୍ବର ସାହୁ)


ପ୍ରତିଷ୍ଠା ହେବାକୁ ଥିବା ବଡବର୍ଡକଟାର ନବନିର୍ମିତ ମା' ମାହେଶ୍ୱରୀ ମନ୍ଦିର।

ସୁବର୍ଣ୍ଣପୁର ଜିଲା ଖଣ୍ଡହତା ପଞ୍ଚାୟତର ବଡବର୍ଡାକଟା ଗ୍ରାମରେ ନବନିର୍ମିତ ମା' ମାହେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ସୋମବାର ଠାରୁ ଆରମ୍ଭ ହୋଇ ଶୁକ୍ରବାର ଦିନ ଉଦ୍‌ଯାପିତ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇ ସାରିଛି। ପୂର୍ବରୁ ଥିବା ମାହେଶ୍ୱରୀ ମନ୍ଦିର ବଦଳରେ ନୂତନ ଭାବେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ରତନ ନାଏକଙ୍କୁ ସଭାପତି , ଭାଗିରଥି ଗାଇଗରିଆଙ୍କୁ ଉପସଭାପତି,ବାସୁଦେବ ବେହେରାଙ୍କୁ ସମ୍ପାଦକ, ଜଗବନ୍ଧୁ ଦେହୁରୀ ଙ୍କୁ ସହ ସମ୍ପାଦକ ଓ ବିନୋଦ ଗାଇଗରିଆଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଏହାସହିତ ଅକ୍ଷୟ ମିଶ୍ର, ଦେବବ୍ରତ ପୁରୋହିତ,ସୋମନାଥ ପଧାନ, କିରଟୀ ବେଲଘରିଆ ଓ ସୁବ୍ରତ ପୁରୋହିତଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସୋମବାର ଦିନ ଅଙ୍କୁରାପଣ ଓ କଳସ ଯାତ୍ରା କରାଯିବ। ମହିଳା ଓ ଯୁବତୀମାନେ ନିକଟସ୍ଥ ଜଳାଶୟରୁ ଜଳପୂର୍ଣ୍ଣ କଳସ ଆଣି ମନ୍ଦିର, ଯଜ୍ଞମଣ୍ଡପ ଓ ନାମମଣ୍ଡପରେ ସ୍ଥାପନ କରିବେ। ପ୍ରତ୍ୟହ ସନ୍ଧ୍ୟାରେ ହେବାକୁ ଥିବା ମହିଷାସୁର ଦରବାରର ଶୁଭାରମ୍ଭ ସୋମବାର ହେବ। ମଙ୍ଗଳବାର ଦିନ ଯଜ୍ଞ ଆରମ୍ଭ ହେବ। ଏହି ଅବସରରେ ସେଦିନ ସକାଳ ୯ ଟାରୁ ଉତ୍ତରାକାଣ୍ଡ ପାରାୟଣ ହେବ। ଏଥିରେ ବିଶ୍ୱରଞ୍ଜନ ପୂଜାହାରୀ ବ୍ୟାସ ଭାବେ ଯୋଗଦେଇ ପାରାୟଣ ପଠନ କରିବେ। ବୁଧବାର ଦିନ ଧନ୍ୟାଧିବାସ ଓ ସୁନ୍ଦରାକାଣ୍ଡ ପାରାୟଣ ହେବ। ଏଥିରେ ସୁଶ୍ରୀ ଦେବଜାନୀ ସାହୁ ପାରାୟଣ ଗାନ କରିବେ। ଗୁରୁବାର ଦିନ ମନ୍ଦିର ସ୍ନାନ ଓ ଅଷ୍ଟ ପ୍ରହର ନାମଯଜ୍ଞ ହେବ। ଶୁକ୍ରବାର ଦିନ ମା ' ମାହେଶ୍ୱରୀଙ୍କ ନଗର ଭ୍ରମଣ କରାଯିବ। ପ୍ରତ୍ୟେକଙ୍କ ଘର ସମ୍ମୁଖରେ ମା' ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯିବ। ଏହାପରେ ମନ୍ଦିର ପ୍ରତିଷ୍ଠା ଓ ଦେବୀଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି। ଉକ୍ତ ଦିନ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ହେବ। ମୁକ୍ତାକାଶ ରଙ୍ଗମଞ୍ଚରେ ହେବାକୁ ଥିବା ମହିଷାସୁର ଦରବାରର ଲୀଳା ନାଟକରେ ମହିଷାସୁର ବଧ ସହିତ ଏହି ମହୋତ୍ସବ ଉଦ୍‌ଯାପନ ହେବ। ଏଥିରେ ଗୋପାଳ ଦାସ ମହିଷାସୁର ଭୂମିକାରେ ଅଭିନୟ କରିବେ। ମହିଷାସୁର ଦରବାର ଉକ୍ତ ମହୋତ୍ସବର ମୁଖ୍ୟ ଆକର୍ଷଣ ହେବାକୁ ଥିବା ବେଳେ ଦରବାରରେ ବିଭିନ୍ନ ଜନ ପ୍ରତିନିଧି, ରାଜନେତା ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାସହିତ ସମ୍ବଲପୁରୀ, ଆଧୁନିକ,ଲୋକନୃତ୍ୟ ଓ ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବ।

# ଯୋଗଦେଲେ ୧୩୬୦ଜଣ ସଙ୍କୀର୍ତ୍ତନ କଳାକାର



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

### ପଶ୍ଚିମ ଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ବାର୍ଷିକ ଉତ୍ସବ

ବଲାଙ୍ଗୀର,୩୧।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ସଦାଇପାଲି ପଲ୍ଲିଶ୍ରୀବିହାର ରାଧାକୃଷ୍ଣ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଛି। ଏଥିରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲା ୧୯ଟି ସଂକୀର୍ତ୍ତନ ଦଳ ସଦାଇପାଲି ଗ୍ରାମରେ ନଗର କୀର୍ତ୍ତନ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ପ୍ରତ୍ୟେକ ଘର ଆଗରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଥିଲା।

ପରିଷଦ ସଭାପତି ହେମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଏହି ଅବସରରେ ଉତ୍କଳ ସଙ୍କୀର୍ତ୍ତନ ମହାସଂଘ ସଦସ୍ୟ ବାବା ପଞ୍ଚୁଦେବ ଓ ଦ୍ୱାରିକାନାଥ ସେନାପତି, ପରିଷଦ ସମ୍ପାଦକ ଲୋକନାଥ ମିଶ୍ର ତଥା ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ତୁଷାର ରଞ୍ଜନ ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହାପରେ ସମ୍ବଲପୁର ଜିଲା ଅଏଁଲାପାଲି, ବରଗଡ ଜିଲାର ଘନାମାଲ, ସୁବର୍ଣ୍ଣପୁର ଜିଲାର ଝରାପଡା, ବୌଦ୍ଧର ଖୁଣ୍ଟବନ୍ଧ, କନ୍ଧମାଳ ଜିଲାର ମିଶିଆଁ, ନୂଆପଡା ଜିଲାର ପଗାରପାଣି, ବଲାଙ୍ଗୀରର ସଦାଇପାଲିର ଉଭୟ ପୁରୁଷ ଓ ମହିଳା ଦଳ, ଆଡେନଡୁଙ୍ଗୁରୀ, ଡୁଡୁକା, କଳାସର, ସରଗାଡ, ଝାରବଲାଙ୍ଗୀର, ମିର୍ଦ୍ଧାପାଲି, ବୁବେଲ ଓ ବ୍ରାହ୍ମଣୀଡୁଙ୍ଗୁରୀ ସଂକୀର୍ତ୍ତନ ପରିବେଷଣ କରିଥିଲେ ।

ଦ୍ୱିତୀୟ ଅଧିବେଶନରେ ୧୩୬୦ଜଣ ସଙ୍କୀର୍ତ୍ତନ କଳାକାର ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ ଯୋଗଦେଇ ସ୍ମରଣିକା ଉନ୍ମୋଚନ ତଥା କୃତୀ କଳାକାରମାନଙ୍କୁ ସମ୍ମାନୀତ କରିଥିଲେ। ଚୈତନ୍ୟ ସମ୍ମାନରେ ପଦ୍ମପୁରର ଗଙ୍ଗାଧର ଚିରଗୁନଙ୍କୁ ସମ୍ମାନୀତ କରାଯାଇଥିଲା। ବଲାଙ୍ଗୀର ସଦାଇପାଲିର ଶମ୍ଭୁ ପ୍ରସାଦ ନାଏକଙ୍କୁ ଗାୟକ ରତ୍ନ ଓ କଳାହାଣ୍ଡି ଜିଲା ଗୋଲାମୁଣ୍ଡାର ମନବେଶ ଭୋଇଙ୍କୁ ବାୟକରତ୍ନ ଉପାଧିରେ ସମ୍ମାନୀତ କରାଯାଇଥିଲା। ପରିଷଦ ଉପଦେଷ୍ଟା ସମାଜସେବୀ ଡ. ଶ୍ରୀକର ମିଶ୍ର, ସଂଯୋଜକ ଭରତ ସାହୁ, କୋଷାଧ୍ୟକ୍ଷ ରାଧାକାନ୍ତ ପାଣିଗ୍ରାହୀ, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ସହସମ୍ପାଦକ ମାନଭଞ୍ଜନ ନାଏକ, ଅନ୍ୟତମ ଉପଦେଷ୍ଟା ରାଜେନ୍ଦ୍ର ବେହେରା, ଆଗଲପୁର ବ୍ଲକ ସଭାପତି ଗୌରଚରଣ ପଟେଲ, ଲୋଇସିହା ବ୍ଲକ ସଭାପତି ଚୈତନ୍ୟ ପଧାନ, ପୁଇଁତଲା ବ୍ଲକ ସଭାପତି ଗୌରାଙ୍ଗ ମିଶ୍ର ଓ ବଲାଙ୍ଗୀର ବ୍ଲକ ସଭାପତି ରମେଶ ନାଏକ, ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ସମ୍ବଲପୁର ସଙ୍କୀର୍ତ୍ତନ ଜିଲା ସଭାପତି ସନ୍ତୋଷ ବାରିକ ଧନ୍ୟବାଦ ଦେଇଥିଲେ।

### ବାଳକକୁ ପିଟିଲେ ଯୁବତୀ: ଥାନାରେ ଅଭିଯୋଗ

ବାଉଁଶୁଣୀ,୩୧।୩(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଗଡଭିତର ସାହିରେ ୬ ବର୍ଷର ବାଳକକୁ ଜଣେ ଯୁବତୀ ବାଡିରେ ପିଟିଥିବା ନେଇ ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ବାଳକ ଜଣକ ଏକ ଟାୟାର ଗଡାଇ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଟାୟାରଟି ପଡୋଶୀ ଘରର ଯୁବତୀଙ୍କ ଗୋଡରେ ବାଜିଥିଲା। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଏକ ବାଡିରେ ତାର ପିଠିକୁ ମାଡ ମାରିଥିଲେ। ଶିଶୁର ମାଆ ଏକଥା ଜାଣିବା ପରେ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

### ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଅମରପାଲି,୩୧।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହରିଣାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗରୁଡଧ୍ୱଜ ପୂଜାହାରୀ ସଭାପତିତ୍ୱ କରିଥିଲେ। ପୂର୍ବତନ ୱାର୍ଡସଭ୍ୟ କୃଷ୍ଣଚନ୍ଦ୍ର ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଉପସ୍ଥିତ ଅତିଥି ଏବଂ ଶିକ୍ଷକମାନେ ବିଦାୟୀ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ମକୁନ୍ଦ ଧରୁଆ ମଞ୍ଚ ପରିଚାଳନା କରିଥିଲେ ।ବରିଷ୍ଠ ଶିକ୍ଷକ ଜନ୍ମେଜୟ ବିଶି ସ୍ୱାଗତ ଭାଷଣ ଦେଇଥିବା ବେଳେ ସତ୍ୟବ୍ରତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

### ମା' କରମସାନି ଆଞ୍ଚଳିକ କଳାକାର ସଂଘ ବୈଠକ


ବୈଠକରେ ଯୋଗ ଦେଇଥିବା କଳାକାର ବୃନ୍ଦ।

ଡୁଙ୍ଗୁରିପାଲି ୩୧।୩ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମା' କରମ ସାନି ଆଞ୍ଚଳିକ କଳାକାର ସଂଘର ବିଭିନ୍ନ ସମସ୍ୟା ନେଇ ଆରଏମସି ପରିସରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଭକ୍ତ ପଧାନ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକର ୨୬ ଗୋଟି ଗ୍ରାମ ପଞ୍ଚାୟତର କଳାକାରମାନେ ଯୋଗଦେଇ ନିଜ ନିଜ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ସରକାର ବିଭିନ୍ନ ସମୟରେ କଳାକାରମାନଙ୍କୁ ସରକାରୀ ସହାୟତା ପ୍ରଦାନ କରୁଥିବା ବେଳେ ବହୁ କଳାକାର ଏଥିରୁ ବାଦ ପଡ଼ିଛନ୍ତି। ଏଣୁ ଆଗାମୀ ଦିନରେ କଳାକାରମାନେ ଯେପରି ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ପାଇପାରିବେ ସେ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ସମସ୍ୟା ସହ ବ୍ଲକ ଆଞ୍ଚଳିକ କଳାକାର ସଂଘକୁ ମଜବୁତ କରିବାକୁ ବିଭିନ୍ନ ପ୍ରସ୍ତାବ ଆଗତ ନେଇ ନିଷ୍ପତ୍ତି ନିଆଯାଇଥିଲା। ପ୍ରସ୍ତାବ ମଧ୍ୟରେ ପ୍ରଥମେ ମା' କରମସାନି ଆଞ୍ଚଳିକ କଳା ପରିଷଦ କଳାକାର ସଂଘର ବୈଠକ ଗୃହ ନିର୍ମାଣ କରିବା ସକାଶେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ପ୍ରତିମାସର ଶେଷ ରବିବାର ଦିନ ମାସିକ ବୈଠକ କରିବା ନେଇ ଧାର୍ଯ୍ୟ କରାଯାଇଥିଲା। ପ୍ରତି ଗ୍ରାମ ପଞ୍ଚାୟତରେ ୨ ଜଣ ଲେଖାଏ କଳାକାର ପ୍ରତିନିଧି ରହିବେ ଓ ସ୍ଥାନୀୟ କଳାକାରମାନଙ୍କ ସୁବିଧା, ଅସୁବିଧା ବୁଝିବା ନେଇ ଆଲୋଚନା କରାଯାଇଥିଲା। ସମସ୍ତ କଳାକାରଙ୍କ ପାଇଁ ପରିଚୟ ପତ୍ର କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ମା' କରମସାନି ମନ୍ଦିର ନିର୍ମାଣ ପାଇଁ ସରକାର ଦେଇଥିବା ଅନୁଦାନରେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବା ନେଇ ଆଲୋଚନା କରାଯାଇଥିଲା। ବୈଠକରେ ମା' କରମସାନି ଆଞ୍ଚଳିକ କଳାକାର ସଂଘ ର ସମ୍ପାଦକ ରାମଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ କ୍ଷୀରୋଦ୍ର ସାହୁ, ରମେଶ ଦିଶ୍ରୀ, ସୁବଳ ପଧାନ, ମୀନକେତନ କୁମ୍ଭାର,ଫିରୋଜ ଆଡବାଙ୍କ, ଅଏଠୁ ସେଠ, ମାଗି ଭୁଏ, ମୋହନ ଗଡତିଆ, ବାହାଦୁର ସାହୁ, ସତ୍ୟାନନ୍ଦ ପୁଟେଲ, କୀର୍ତ୍ତନ ସାହୁ, ଭଜନୀକାନ୍ତ ସାହୁ, ଦୀନବନ୍ଧୁ ପୁଟେଲଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ ।

### ବିଜେଡିର ସଂକଳ୍ପ ଦିବସରେ କର୍ମୀ ସମାବେଶ



ବିଜେଡିର କର୍ମୀ ସମାବେଶ।

କୋକସରା,୩୧।୩(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ନିର୍ବାଚନ ପାଇଁ ବିଜେଡି ପକ୍ଷରୁ ଅଧିକାଂଶ ବିଧାନସଭାରେ ପ୍ରାର୍ଥୀ ଘୋଷଣା ସରିଥିବା ବେଳେ କଳାହାଣ୍ଡି ଜିଲାର ଧର୍ମଗଡ ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବରୁ ଧର୍ମଗଡ଼ ବିଧାୟକ ରହିଥିବା ତଥା ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ବିଜେଡି ଦଳୀୟ ଟିକେଟ ଦେଇଛି। ବିଧାୟକ ଟିକେଟ ମିଳିବା ପରେ ନିର୍ବାଚନ ରଣନୀତି ଆରମ୍ଭ ହୋଇଛି। ରବିବାର କୋକସରା ବ୍ଲକ ଲଡୁଗାଁ ଠାରେ ବିଜେଡି ସଂକଳ୍ପ ଦିବସ ପାଳନ ଅବସରରେ କର୍ମୀ ସମାବେଶରେ ବ୍ଲକର ୨୨ ପଞ୍ଚାୟତରୁ ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ହଜାର ସଂଖ୍ୟାରେ ବିଜେଡି କର୍ମୀ ସମାବେଶ ହୋଇଥିଲା। ଧର୍ମଗଡ ବିଧାନସଭା ପାଇଁ ବିଧାୟକ ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସଂକଳ୍ପ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପା କଂଗ୍ରେସର ଅନେକ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ଓମଫେଡ଼ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ନିର୍ବାଚନ ମଣ୍ଡଳୀ ସଭାପତି ମାନସରଞ୍ଜନ ବାଗ, ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, ତ୍ରିନାଥ ବାଗ, ବୈଜୟନ୍ତି ପୂଝାରି, ସରପଞ୍ଚ ସଂଘ ସଭାପତି ନକୁଳ ନାଏକ, ବିଜେଡି ଅନୁସୂଚିତ ଜାତି ସମ୍ପାଦକ ଧବଳେଶ୍ୱର ନାଗ, ବ୍ଲକ ଅନୁସୂଚିତ ଜନଜାତି ସେଲ ସଦସ୍ୟ ଭୁବନେଶ୍ୱର ମାଝୀ, ମହିଳା ନେତ୍ରୀ ଅଶୋକା ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ସଂଯୋଜନା ପଙ୍କଜ ମୁଖ ଚୌଧୁରୀ କରିଥିବା ବେଳେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ରିମ ଟଙ୍କା ଫେରାବାକୁ ଦାଦନ ଶ୍ରମିକଙ୍କୁ ଧମକ

■ ଭୟରେ ନିର୍ଯାତନା ସହି ନ ପାରି ଗାଁକୁ ଫେରିଥବା ଦାଦନ ଶ୍ରମିକ

■ ଲିଖିତ ଅଭିଯୋଗ କଲେ ତଦନ୍ତ ହେବ: ଥାନାଧିକାରୀ

ନୂଆପଡା, ୩୧।୩ (ମକାରୁ ବେମାଲ)


ତେଲଙ୍ଗାନାରୁ ଫେରିଥିବା ଦାଦନ ଶ୍ରମିକମାନେ।

ନୂଆପଡା ଜିଲା କୋମନା ବ୍ଲକ ନୂଆଗାଁ ପଞ୍ଚାୟତ ଠୁଟିବର ଓ ଗୋନିଆପଡା ଗାଁର ଶ୍ରମିକମାନେ ଦାଦନ ମଧ୍ୟସ୍ଥଙ୍କ ଭୟରେ ଘରୁ ବାହାରି ପାରୁ ନାହାନ୍ତି। ଏ ନେଇ କୋମନା ଥାନାରେ ଅଭିଯୋଗ କଲା ପରେ ମଧ୍ୟ ପୋଲିସ ଅଭିଯୋଗ ଗ୍ରହଣ କରୁନାହିଁ । ଦାଦନ ମଧ୍ୟସ୍ଥଙ୍କୁ ଡାକି ସମସ୍ୟା ସମାଧାନ କରିଦେବି ବୋଲି ଓଲଟି କହୁଥିବା ଶ୍ରମିକାମାନେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ନୂଆଗାଁ ପଞ୍ଚାୟତ ଠୁଟିବର ଓ ଗୋନିଆପଡାର ୧୭ ଜଣ ଶ୍ରମିକ ତେଲଙ୍ଗାନା ରାଜ୍ୟ କାରିମନଗର ନାଗରୋଲସ୍ଥିତ ଜିଏମ ସେଟ ଇଟାଭାଟିରେ ଫେବୃଆରୀ ୧୬ରୁ ନିୟୋଜିତ ଥିଲେ। ଇଟାଭାଟି ମାଲିକ ଦିନରାତ୍ରି କାମ କରାଉଥିଲେ। କୌଣସି ଶ୍ରମିକଙ୍କୁ ଜ୍ୱର ହେଲେ ଚିକିତ୍ସା ନ କରାଇ କାମ କରିବା ପାଇଁ ବାଧ୍ୟ କରୁଥିଲେ। ଜଣ ପିଛା ସପ୍ତାହକୁ ୨ରୁ ୪ଶହ ଟଙ୍କା ଖାଇବା ପାଇଁ ଦେଉଥିଲେ। ଏ ବିଷୟରେ ମଧ୍ୟସ୍ଥଙ୍କୁ ଜଣାଇଲେ ମଧ୍ୟ ସେ କର୍ଣ୍ଣପାତ କରୁ ନ ଥିଲେ। ଶ୍ରମିକମାନେ ଅତିଷ୍ଠ ହୋଇ ଗାଁ ଲୋକଙ୍କୁ ଫୋନ ଯୋଗେ ଜଣାଇଥିଲେ। ଗୋନିଆପଡା ଗାଁର ଜଣେ ମହିଳା ଇଟାଭାଟିରେ କାମ କରିବା ସମୟରେ ତେଲଙ୍ଗାନା ଶ୍ରମ ବିଭାଗ ଅଧିକାରୀଙ୍କ ଫୋନ ନମ୍ବର ରଖିଥିଲେ। ଶ୍ରମିକମାନଙ୍କ ନିର୍ଯାତନା ଖବର ପାଇ ସମ୍ପୃକ୍ତ ମହିଳା ସମସ୍ତ ଶ୍ରମିକଙ୍କ ତାଲିକା ପ୍ରସ୍ତୁତ କରି ତେଲଙ୍ଗାନା ଶ୍ରମ ବିଭାଗକୁ ପଠାଇ ସମସ୍ୟା ବିଷୟରେ ଜଣାଇ ଥିଲେ। ଏହାପରେ ଶ୍ରମିକମାନେ ଉଦ୍ଧାର ହୋଇ ଗାଁକୁ ଫେରିଛନ୍ତି । ସେମାନେ ଗାଁକୁ ଫେରିବା ପରେ କୋମନା ଥାନା ଠିକପାଲି ପଞ୍ଚାୟତ ସେମେସଲପାଲି ଗାଁର ୨ଜଣ ଦାଦନ ମଧ୍ୟସ୍ଥ ସେମାନଙ୍କୁ ଅଗ୍ରୀମ ନେଇଥିବା ଟଙ୍କା ଫେରାଇ ଦିଅ ନ ହେଲେ ପରିଣାମ ଭୋଗିବ ବୋଲି ଧମକ ଦେଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ଏଭଳି ଧମକ ପରେ ଶ୍ରମିକମାନେ ଭୟରେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଏ ସଂକ୍ରାନ୍ତରେ କୋମନା ଥାନା ଅଧିକାରୀ ସୁମନ୍ତ ନାଏକଙ୍କୁ ପଚାରିବାରୁ ଶ୍ରମିକମାନେ ଥାନା ଆସିଥିଲେ ହେଁ ଲିଖିତ ଭାବେ କୌଣସି ଅଭିଯୋଗ କରି ନାହାନ୍ତି। ଲିଖିତ ଅଭିଯୋଗ କଲେ ଘଟଣାର ତଦନ୍ତ କରାଯିବ ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ନଟରାଜ ଫାଇଟର ଓ କିଙ୍ଗସ ଏକାଦଶ ବିଜୟୀ

### ପ୍ରଥମ ବହଳପଦର ପ୍ରିମିଅର ଲିଗ କ୍ରିକେଟ

ଅମରପାଲି,୩୧।୩(ପୀତାମ୍ବର ସାହୁ)


ବିଜୟୀ କିଙ୍ଗସ ଏକାଦଶ ଦଳର ଖେଳାଳିମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦର ଖେଳପଡିଆରେ ହେଉଥିବା ପ୍ରଥମ ବହଳପଦର ପ୍ରିମିଅର ଲିଗ କ୍ରିକେଟର ରବିବାର ଥିଲା ତୃତୀୟ ଦିବସ। ତୃତୀୟ ଦିବସରେ ଦୁଇଟି ମ୍ୟାଚ ହୋଇଥିଲା। ପ୍ରଥମ ମ୍ୟାଚରେ ନଟରାଜ ଫାଇଟର ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ କିଙ୍ଗସ ଏକାଦଶ ବିଜୟୀ ହୋଇଛି। ସକାଳେ ଖେଳା ଯାଇଥିବା ପ୍ରଥମ ମ୍ୟାଚ ନଟରାଜ ଫାଇଟର ଓ ସୋଲାର ଷ୍ଟ୍ରାଇକର ମଧ୍ୟରେ ହୋଇଥିଲା। ସୋଲାର ଷ୍ଟ୍ରାଇକର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୧୪୬ ରନ କରିଥିଲା। ଦଳର ମିଲନ ବୁଡା ୩୦ ବଲରୁ ୬୮ ରନ ଓ ସତ୍ୟ ୧୭ ବଲରୁ ୩୫ ରନ କରିଥିଲେ। ବିପକ୍ଷ ଦେବାଶିଷ ୨ଟି ଓ ପୀତବାସ ଦେହୁରୀ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ନଟରାଜ ଫାଇଟର ଦଳ ଆବଶ୍ୟକ ୧୪୭ ରନକୁ ୮.୫ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ମୁକେଶ ସେଠ ୨୯ ବଲରୁ ଅପରାଜିତ ୭୦ ରନ ଓ ଦେବାଶିଷ ୧୦ ବଲରୁ ୨୩ ରନ କରିଥିଲେ। ବିପକ୍ଷ ମିଲନ ବୁଡ଼ା,ମୁନ୍ନା ଗୌନ୍ତିଆ ଓ ଏନ କେ ଖୁରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ନଟରାଜ ଫାଇଟର ଦଳର ମୁକେଶ ସେଠଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କିଙ୍ଗସ ଏକାଦଶ ଓ କିଙ୍ଗ କୋବ୍ରା ମଧ୍ୟରେ ଖେଳା ହୋଇଥିଲା। ଏଥିରେ କିଙ୍ଗ କୋବ୍ରା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୬୯ ରନ କରିଥିଲା। ଦଳର ମାଧବ ଚନ୍ଦ୍ର ମହାକୁର ୨୪ ଓ ପ୍ରଭାସ କୁମାର ଘଣ୍ଟା ୧୩ ରନ ଲେଖାଏ କରିଥିଲେ। ବିପକ୍ଷ କିଙ୍ଗସ ଏକାଦଶର ସୁମନ ସାହୁ ୩ଟି ଏବଂ ସନତ ପ୍ରଧାନ ଓ ଅନିଲ କୁମାର ଭୁକ୍ତା ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ କିଙ୍ଗସ ଏକାଦଶ ଆବଶ୍ୟକ ୭୦ ରନକୁ ୪.୫ ଓଭରରେ କୌଣସି ଉଇକେଟ ନ ହରାଇ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ନିରୋଦ ପଧାନ ୧୮ ବଲରୁ ୫୭ ରନ କରିଥିଲେ। ନିରୋଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚଗୁଡିକରେ ଟୁଟୁ ମହାକୁର ଓ ସମ୍ପିତ ମାଝୀ ଅମ୍ପାୟାର , ଶୁଭମ ଜଗଦଲା ଓ ସୁଶିଲ ବେହେରା ସ୍କୋରିଂ ଏବଂ ମାନସ ନନ୍ଦ ଅନ୍‌ଲାଇନ ସ୍କୋରିଂ କାର୍ଯ୍ୟ ତୁଲାଇଥିଲେ।

## ସଂକ୍ଷେପରେ

### କେଜେଡିର ପ୍ରାର୍ଥୀ ଚୟନ ବୈଠକ

**ରାଉରକେଲା, ୩୧।୩ (ସଙ୍ଗୀତା ଜେନା)**

ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ କୋସଲ ଜନତା ଦଳର ପ୍ରାର୍ଥୀ ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ରବିବାର ଛେଣ୍ଡ ସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ କେନ୍ଦୁଝର ସମେତ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କୁ ନେଇ ଆଲୋଚନା କରାଯାଇଥିଲା ଏବଂ ଖୁବ୍‌ଶୀଘ୍ର ପ୍ରାର୍ଥୀ ତାଲିକା ଘୋଷଣା କରାଯିବ ବୋଲି ସ୍ଥିର କରାଯାଇଛି। ଦଳର ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି ସନତ କୁମାର ପ୍ରଧାନ, ଉପସଭାପତି ରାକେଶ କୁମାର ସିଂହ ଏବଂ କୋଷାଧ୍ୟକ୍ଷ ଲଲାଟେନ୍ଦୁ ଚୌଧୁରୀ ପ୍ରମୁଖଙ୍କୁ ନେଇ ଗଠିତ କମିଟି ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

### ଜଳଛତ୍ର ଅଛି କିନ୍ତୁ ଲୋକ ନାହାନ୍ତି

**ଝାରସୁଗୁଡ଼ା, ୩୧।୩ (ସଞ୍ଜୟ ମାଲି)**

ସହରରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୌର ପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିଥିବା ବେଳେ ସହରର ସରାହାଲ ରେଳ ଫାଟକ ନିକଟ ମୁଖ୍ୟ ରାସ୍ତା କଡ଼ରେ ଥିବା ପୌର ପରିଷଦର ଜଳଛତ୍ରରେ ଲୋକ ନ ଥିବାରୁ ପଥଚାରୀ, ଗାଡ଼ି ଚାଳକ, ଶିକ୍ଷାନୁଷ୍ଠାନ କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସମେତ ବାଟୋଇ ଯିବା ଆସିବା ସମୟରେ ପାଣି ନିଜେ ଆଣି ପିଉଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ପୌର ପରିଷଦ ପକ୍ଷରୁ ବିଭିନ୍ନ ଜଳଛତ୍ରରେ ପୁରୁଷ ଓ ମହିଳା ନିୟୋଜିତ ହୋଇଥିବା ବେଳେ ସହରର ସରାହାଲ ରେଳ ଫାଟକ ନିକଟ ଜଳଛତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପୌର ପରିଷଦ ପକ୍ଷରୁ ପ୍ରାୟ ତିନି ମାସ ପର୍ଯ୍ୟନ୍ତ ପାଣି ଦେବା ପାଇଁ ନିଯୁକ୍ତି କରିଥାନ୍ତି। ଏହି ପରିପ୍ରେକ୍ଷୀରେ ସରାହାଲ ରେଳ ଫାଟକ ନିକଟ ଜଳଛତ୍ରରେ ଲୋକ ନ ଥିବାର ଦେଖିବାକୁ ମିଳୁଛି। ଏଥିପ୍ରତି ପୌର ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦାବି ହେଉଛି।

### ଯୁବକଙ୍କ ଆତ୍ମହତ୍ୟା

**ତରଭା,୩୧।୩(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ କମଶରା ଗ୍ରାମରେ ଜଣେ ଯୁବକ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ମୃତକ ହେଲେ କମଶରା ଗ୍ରାମର ରାଜକିଶୋର ବଗର୍ତ୍ତି ଓରଫ ନାଡୁ (୩୭) । ଫାଣ୍ଡି ଅଧିକାରୀ ଗଜାନନ ବେହେରାଙ୍କ ସୂଚନା ମତେ ରାଜକିଶୋର ଶନିବାର ଦିନବେଳା କୌଣସି କାମରେ ବଲାଙ୍ଗୀର ଯାଇଥିଲେ। ସେ ଫେରିବା ସମୟରେ ଦୁର୍ଘଟଣାର ଶିକାର ହୋଇ ସାମାନ୍ୟ ଆହତ ହୋଇଥିଲେ। ପରେ ସେ ଗାଁକୁ ଫେରି ଜଣେ ବ୍ୟକ୍ତିଙ୍କ ସିମେଣ୍ଟ ଇଟା କାରଖାନାକୁ ଯାଇଥିଲେ। ରାଜକିଶୋର ଉକ୍ତ କାରଖାନାର ରାତ୍ରୀ ଜଗୁଆଳି ଭାବେ କାମ କରୁଥିଲେ। ସେ ଏହି କାରଖାନାର ଏକ କୋଠରୀରେ ପଖାଂରେ ଝୁଲି ଆତ୍ମହତ୍ୟା କରିଥିଲେ। ଖବରପାଇ ସକାଳୁ ଫାଣ୍ଡି ଅଧିକାରୀ ବେହେରା ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିଥିଲେ । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

# ମହିଷାସୁର ଦରବାର ମୁଖ୍ୟ ଆକର୍ଷଣ

**ଅମରପାଲି,୩୧।୩(ପୀତାମ୍ବର ସାହୁ)**

## ଆଜିଠୁ ବଡବର୍ଡାକଟାରେ ମାହେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

■ ୫ ଦିନ ଧରି ହେବ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ


ପ୍ରତିଷ୍ଠା ହେବାକୁ ଥିବା ବଡବର୍ଡକଟାର ନବନିର୍ମିତ ମା' ମାହେଶ୍ୱରୀ ମନ୍ଦିର।

ସୁବର୍ଣ୍ଣପୁର ଜିଲା ଖଣ୍ଡହତା ପଞ୍ଚାୟତର ବଡବର୍ଡାକଟା ଗ୍ରାମରେ ନବନିର୍ମିତ ମା' ମାହେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ସୋମବାର ଠାରୁ ଆରମ୍ଭ ହୋଇ ଶୁକ୍ରବାର ଦିନ ଉଦ୍‌ଯାପିତ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଛି। ପୂର୍ବରୁ ଥିବା ମାହେଶ୍ୱରୀ ମନ୍ଦିର ବଦଳରେ ନୂତନ ଭାବେ ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯାଇଛି। ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ରତନ ନାଏକଙ୍କୁ ସଭାପତି , ଭାଗିରଥି ଗାଇଗରିଆଙ୍କୁ ଉପସଭାପତି,ବାସୁଦେବ ବେହେରାଙ୍କୁ ସମ୍ପାଦକ, ଜଗବନ୍ଧୁ ଦେହୁରୀ ଙ୍କୁ ସହ ସମ୍ପାଦକ ଓ ବିନୋଦ ଗାଇଗରିଆଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଏହାସହିତ ଅକ୍ଷୟ ମିଶ୍ର, ଦେବବ୍ରତ ପୁରୋହିତ,ସୋମନାଥ ପଧାନ, କିରଟୀ ବେଲଘରିଆ ଓ ସୁବ୍ରତ ପୁରୋହିତଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସୋମବାର ଦିନ ଅଙ୍କୁରାପଣ ଓ କଳସ ଯାତ୍ରା କରାଯିବ। ମହିଳା ଓ ଯୁବତୀମାନେ ନିକଟସ୍ଥ ଜଳାଶୟରୁ ଜଳପୂର୍ଣ୍ଣ କଳସ ଆଣି ମନ୍ଦିର, ଯଜ୍ଞମଣ୍ଡପ ଓ ନାମମଣ୍ଡପରେ ସ୍ଥାପନ କରିବେ। ପ୍ରତ୍ୟହ ସନ୍ଧ୍ୟାରେ ହେବାକୁ ଥିବା ମହିଷାସୁର ଦରବାରର ଶୁଭାରମ୍ଭ ସୋମବାର ହେବ। ମଙ୍ଗଳବାର ଦିନ ଯଜ୍ଞ ଆରମ୍ଭ ହେବ। ଏହି ଅବସରରେ ସେଦିନ ସକାଳ ୯ ଟାରୁ ଉତ୍ତରାକାଣ୍ଡ ପାରାୟଣ ହେବ। ଏଥିରେ ବିଶ୍ୱରଞ୍ଜନ ପୂଜାହାରୀ ବ୍ୟାସ ଭାବେ ଯୋଗଦେଇ ପାରାୟଣ ପଠନ କରିବେ। ବୁଧବାର ଦିନ ଧାନ୍ୟାଧିବାସ ଓ ସୁନ୍ଦରାକାଣ୍ଡ ପାରାୟଣ ହେବ। ଏଥିରେ ସୁଶ୍ରୀ ଦେବଜାନୀ ସାହୁ ପାରାୟଣ ଗାନ କରିବେ। ଗୁରୁବାର ଦିନ ମନ୍ଦିର ସ୍ନାନ ଓ ଅଷ୍ଟ ପ୍ରହର ନାମଯଜ୍ଞ ହେବ। ଶୁକ୍ରବାର ଦିନ ମା ' ମାହେଶ୍ୱରୀଙ୍କ ନଗର ଭ୍ରମଣ କରାଯିବ। ପ୍ରତ୍ୟେକଙ୍କ ଘର ସମ୍ମୁଖରେ ମା' ମାହେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯିବ। ଏହାପରେ ମନ୍ଦିର ପ୍ରତିଷ୍ଠା ଓ ଦେବୀଙ୍କ ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି। ଉକ୍ତ ଦିନ ଅଷ୍ଟପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ହେବ। ମୁକ୍ତାକାଶ ରଙ୍ଗମଞ୍ଚରେ ହେବାକୁ ଥିବା ମହିଷାସୁର ଦରବାରର ଲୀଳା ନାଟକରେ ମହିଷାସୁର ବଧ ସହିତ ଏହି ମହୋତ୍ସବ ଉଦ୍‌ଯାପନ ହେବ। ଏଥିରେ ଗୋପାଳ ଦାସ ମହିଷାସୁର ଭୂମିକାରେ ଅଭିନୟ କରିବେ। ମହିଷାସୁର ଦରବାର ଉକ୍ତ ମହୋତ୍ସବର ମୁଖ୍ୟ ଆକର୍ଷଣ ହେବାକୁ ଥିବା ବେଳେ ଦରବାରରେ ବିଭିନ୍ନ ଜନ ପ୍ରତିନିଧି, ରାଜନେତା ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହାସହିତ ସମ୍ବଲପୁରୀ, ଆଧୁନିକ,ଲୋକନୃତ୍ୟ ଓ ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବ।

# ଯୋଗଦେଲେ ୧୩୬୦ଜଣ ସଙ୍କୀର୍ତ୍ତନ କଳାକାର



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

**ବଲାଙ୍ଗୀର,୩୧।୩(ବୀରେନ୍ଦ୍ର କୁମାର ଝାଙ୍କର)**

## ପଶ୍ଚିମ ଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ବାର୍ଷିକ ଉତ୍ସବ

ବଲାଙ୍ଗୀର ସହର ସଦାଇପାଲି ପଲ୍ଲିଶ୍ରୀବିହାର ରାଧାକୃଷ୍ଣ ମନ୍ଦିର ପରିସରରେ ପଶ୍ଚିମ ଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଛି। ଏଥିରେ ପଶ୍ଚିମ ଓଡ଼ିଶାର ୧୧ଟି ଜିଲା ୧୯ଟି ସଂକୀର୍ତ୍ତନ ଦଳ ସଦାଇପାଲି ଗ୍ରାମରେ ନଗର କୀର୍ତ୍ତନ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ପ୍ରତ୍ୟେକ ଘର ଆଗରେ ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଥିଲା।

ପରିଷଦ ସଭାପତି ହେମନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଏହି ଅବସରରେ ଉତ୍କଳ ସଙ୍କୀର୍ତ୍ତନ ମହାସଂଘ ସଦସ୍ୟ ବାବା ପଞ୍ଚୁଦେବ ଓ ଦ୍ୱାରିକାନାଥ ସେନାପତି, ପରିଷଦ ସମ୍ପାଦକ ଲୋକନାଥ ମିଶ୍ର ତଥା ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, ତୁଷାର ରଞ୍ଜନ ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହାପରେ ସମ୍ବଲପୁର ଜିଲା ଅଏଁଲାପାଲି, ବରଗଡ ଜିଲାର ଘନାମାଲ, ସୁବର୍ଣ୍ଣପୁର ଜିଲାର ଝରାପଡା, ବୌଦ୍ଧର ଖୁଣ୍ଟବନ୍ଧ, କନ୍ଧମାଳ ଜିଲାର ମିଶିଆଁ, ନୂଆପଡା ଜିଲାର ପଗାରପାଣି, ବଲାଙ୍ଗୀରର ସଦାଇପାଲିର ଉଭୟ ପୁରୁଷ ଓ ମହିଳା ଦଳ, ଆଡେନଡୁଙ୍ଗୁରୀ, ଡୁଡୁକା, କଳାସର, ସରଗାଡ, ଖାରବଲାଙ୍ଗୀର, ମିର୍ଦ୍ଧାପାଲି, ବୁବେଲ ଓ ବ୍ରାହ୍ମଣୀଡୁଙ୍ଗୁରୀ ସଂକୀର୍ତ୍ତନ ପରିବେଷଣ କରିଥିଲେ ।

ଦ୍ୱିତୀୟ ଅଧିବେଶନରେ ୧୩୬୦ଜଣ ସଙ୍କୀର୍ତ୍ତନ କଳାକାର ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ସଦର ବ୍ଲକ ଅଧ୍ୟକ୍ଷା ସରିତା ବାଗ, ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ ଯୋଗଦେଇ ସ୍ମରଣିକା ଉନ୍ମୋଚନ ତଥା କୃତୀ କଳାକାରମାନଙ୍କୁ ସମ୍ମାନୀତ କରିଥିଲେ। ଚୈତନ୍ୟ ସମ୍ମାନରେ ପଦ୍ମପୁରର ଗଙ୍ଗାଧର ଚିରଗୁନଙ୍କୁ ସମ୍ମାନୀତ କରାଯାଇଥିଲା। ବଲାଙ୍ଗୀର ସଦାଇପାଲିର ଶମ୍ଭୁ ପ୍ରସାଦ ନାଏକଙ୍କୁ ଗାୟକ ରତ୍ନ ଓ କଳାହାଣ୍ଡି ଜିଲା ଗୋଲାମୁଣ୍ଡାର ମନବେଶ ଭୋଇଙ୍କୁ ବାୟକରତ୍ନ ଉପାଧିରେ ସମ୍ମାନୀତ କରାଯାଇଥିଲା। ପରିଷଦ ଉପଦେଷ୍ଟା ସମାଜସେବୀ ଡ. ଶ୍ରୀକର ମିଶ୍ର, ସଂଯୋଜକ ଭରତ ସାହୁ, କୋଷାଧ୍ୟକ୍ଷ ରାଧାକାନ୍ତ ପାଣିଗ୍ରାହୀ, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ସହସମ୍ପାଦକ ମାନଭଞ୍ଜନ ନାଏକ, ଅନ୍ୟତମ ଉପଦେଷ୍ଟା ରାଜେନ୍ଦ୍ର ବେହେରା, ଆଗଲପୁର ବ୍ଲକ ସଭାପତି ଗୌରଚରଣ ପଟେଲ, ଲୋଇସିହା ବ୍ଲକ ସଭାପତି ଚୈତନ୍ୟ ପଧାନ, ପୁଇଁତଲା ବ୍ଲକ ସଭାପତି ଗୌରାଙ୍ଗ ମିଶ୍ର ଓ ବଲାଙ୍ଗୀର ବ୍ଲକ ସଭାପତି ରମେଶ ନାଏକ, ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଶେଷରେ ସମ୍ବଲପୁର ସଙ୍କୀର୍ତ୍ତନ ଜିଲା ସଭାପତି ସନ୍ତୋଷ ବାରିକ ଧନ୍ୟବାଦ ଦେଇଥିଲେ।

## ବାଳକକୁ ପିଟିଲେ ଯୁବତୀ: ଥାନାରେ ଅଭିଯୋଗ

**ବାଉଁଶୁଣୀ,୩୧।୩(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ଗଡଭିତର ସାହିରେ ୬ ବର୍ଷର ବାଳକକୁ ଜଣେ ଯୁବତୀ ବାଡିରେ ପିଟିଥିବା ନେଇ ବାଉଁଶୁଣୀ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଶନିବାର ବାଳକ ଜଣକ ଏକ ଟାୟାର ଗଡାଇ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ଟାୟାରଟି ପଡୋଶୀ ଘରର ଯୁବତୀଙ୍କ ଗୋଡରେ ବାଜିଥିଲା। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଏକ ବାଡିରେ ତାର ପିଠିକୁ ମାଡ ମାରିଥିଲେ। ଶିଶୁର ମାଆ ଏକଥା ଜାଣିବା ପରେ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

## ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଅମରପାଲି,୩୧।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ହରିଣାପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗରୁଡ଼ଧ୍ୱଜ ପୂଜାହାରୀ ସଭାପତିତ୍ୱ କରିଥିଲେ। ପୂର୍ବତନ ୱାର୍ଡସଭ୍ୟ କୃଷ୍ଣଚନ୍ଦ୍ର ପଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଉପସ୍ଥିତ ଅତିଥି ଏବଂ ଶିକ୍ଷକମାନେ ବିଦାୟୀ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ମକୁନ୍ଦ ଧରୁଆ ମଞ୍ଚ ପରିଚାଳନା କରିଥିଲେ ।ବରିଷ୍ଠ ଶିକ୍ଷକ ଜନ୍ମେଜୟ ବିଶି ସ୍ୱାଗତ ଭାଷଣ ଦେଇଥିବା ବେଳେ ସତ୍ୟବ୍ରତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ସୁବିଧା କମିଶନିଂ, ଉତ୍ପାଦକତାରେ ଉନ୍ନତି


ଆର୍‌ଏସ୍‌ପିରେ ନୂତନ ସୁବିଧା ଉଦ୍‌ଘାଟିତ ହେଉଛି।

**ରାଉରକେଲା,୩୧।୩(ବିପ୍ଳବ ରଞ୍ଜନ ଦାଶ)**

## ଆରଏସପିର ଷ୍ଟିଲ ମେଲ୍ଟିଂ ଶପ୍-୧

ଆରଏସ୍‌ପିର ଷ୍ଟିଲ ମେଲ୍ଟିଂ ଶପ୍-୧ର ବିଭାଗୀୟ ଦଳ କ୍ରମାଗତ କାଷ୍ଟିଂ ମେଶିନ-୧ ମାଧ୍ୟମରେ ଦୁଇଟି ଆଧୁନିକ ସୁବିଧା ସଫଳତାର ସହିତ କମିଶନିଂ କରିଛନ୍ତି। ଏହା ବିଭାଗର ଉତ୍ପାଦକତାରେ ବୃଦ୍ଧି ଆଣିବା ସହ ଗୁଣବତ୍ତାରେ ଉନ୍ନତି ଆଣିଛି। ବିଭାଗୀୟ ସାମୂହିକ ପାଖରେ ଏକ ନୂତନ ମୋଲ୍ଡ ଅସିଲେସନ୍ ଟେବୁଲ ଉକ୍ତ ଏମ୍‌ଓଟି ପାଇଁ ନିଜସ୍ୱ ସମ୍ବଳରେ ବିକଶିତ ଡ୍ରାଇଭ ସିମୁଲେଶନ ଟେଷ୍ଟ ବେଞ୍ଚ୍ ସଂସ୍ଥାପିତ ଓ କମିଶନ ହୋଇଛି। ଯାହା ସେମାନଙ୍କ ବୈଷୟିକ ଦକ୍ଷତା, ପାରଦର୍ଶିତା ଏବଂ ଉତ୍କର୍ଷତା ଅନ୍ୱେଷଣ ପ୍ରତିଭାକୁ ଦର୍ଶାଉଛି। ମେସର୍ସ ଏସ୍‌ଏମ୍‌ଏସ୍ ଇଣ୍ଡିଆ ଲିମିଟେଡ ଦ୍ୱାରା ଯୋଗାଇ ଦିଆଯାଉଥିବା ନୂତନ ସ୍ଥାପିତ ଏମ୍‌ଓଟି ଏକୀକରଣ ସିସିଏମ୍-୧ ପାଇଁ ଉନ୍ନତ ସଠିକତା, ନିୟନ୍ତ୍ରଣ ଓ ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ସୁନିଶ୍ଚିତ କରୁଛି। ଏହା ଡାଉନଟାଇମ କମ୍ କରିବା ସହ କାଷ୍ଟ ଉତ୍ପାଦଗୁଡିକର ସର୍ବଶ୍ରେଷ୍ଠ ଗୁଣବତ୍ତା ମଧ୍ୟ ସୁନିଶ୍ଚିତ କରିବ। ବିଭାଗୀୟ ଦଳ ଆଭ୍ୟନ୍ତରୀଣ ଉତ୍ସ ବ୍ୟବହାର କରି ଏମ୍‌ଓଟି ପାଇଁ ଏକ ଡ୍ରାଇଭ୍ ସିମୁଲେଶନ ଟେଷ୍ଟ ବେଞ୍ଚ ସଂସ୍ଥାପିତ କରିବା ସହ କମିଶନ କରିଛନ୍ତି। ଷ୍ଟ୍ରକଚରାଲ ଏବଂ ଫ୍ୟାବ୍ରିକେଶନ ଶପ୍ ଏବଂ ସିଭିଲ ଇଞ୍ଜିନିୟରିଂ ସେବା ବିଭାଗ ସିସିଏମ୍-୧ ଦ୍ୱାରା ବିକଶିତ ଚିତ୍ରାଙ୍କନ, ଡିଜାଇନ ଆଧାରିତ ସୁବିଧା ଆଧାର ପ୍ରସ୍ତୁତି ଏବଂ ସ୍ଥାପନ କରିବାରେ ଅତ୍ୟାବଶ୍ୟକ ସହାୟତା ପ୍ରଦାନ କରିଥିଲେ। ଏହି ସୁବିଧା ଗୁଡିକର ଡିଜାଇନ-ଟୁ-କମିଶନ ପ୍ରକ୍ରିୟା ସିସିଏମ ଇଲେକ୍ଟ୍ରିକାଲ ଏବଂ ମେକାନିକାଲ ବିଭାଗର ନେତୃତ୍ୱରେ ଜିଏମ ମେକାନିକାଲ ଏ. ଭି. ପ୍ରଦୀପ,ଏଜିଏମ ମେକାନିକାଲ ଏସ୍. ଏନ. ରାଉତ, ଏଜିଏମ ଇଲେକ୍ଟ୍ରିକାଲ ଟି. ପି ଗ୍ରେବାଲ, ସିନିୟର ମ୍ୟାନେଜର ଜେ. କେ ମହାପାତ୍ର, ମ୍ୟାନେଜର ଇଲେକ୍ଟ୍ରିକାଲ ସନ୍ଦୀପ କୁମାର ଲାକ୍ରା ଓ ଡେପୁଟି ମ୍ୟାନେଜର ବୀରବର ବେହେରାଙ୍କ ମାର୍ଗଦର୍ଶନ କ୍ରମେ ହୋଇଥିଲା। ନିକଟରେ ଅନୁଷ୍ଠିତ ଏକ ସମାରୋହରେ ସିଜିଏମ ଇନ୍‌ଚାର୍ଜ ପି. କେ. ପାତ୍ର ଏହି ନୂତନ ସୁବିଧା ଗୁଡିକର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଜିଏମ ପିନାକୀ ଚୌଧୁରୀ, ବିଇ ବିଭାଗର ସିଜିଏମ୍ ପି. କେ. ସାହୁ, ଡିଜାଇନ ଏବଂ ଶପ୍ସ ବିଭାଗର ସିଜିଏମ ରବି ରଞ୍ଜନ, ବିଭିନ୍ନ ସେକ୍ସନ ମୁଖ୍ୟ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖବରଦାତା ସମ୍ମିଳନୀରେ ବର୍ଷିଲା କଂଗ୍ରେସ


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବର୍ଗ।

**ଝାରସୁଗୁଡା, ୩୧।୩ (ସଞ୍ଜୟ ମାଲି)**

ଇଲେକ୍ଟୋରାଲ ବଣ୍ଡ ମାଧ୍ୟମରେ ଉଭୟ ଭାଜପା ଓ ବିଜେଡି ଅନୈତିକ ଭାବେ ଚାନ୍ଦା ଆଦାୟ କରି ପୁଞ୍ଜିପତି, ଖଣି ମାଲିକ ଓ ମଦ ବ୍ୟବସାୟୀଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଛନ୍ତି। ଫଳରେ ଦେଶବାସୀଙ୍କ ସ୍ୱାର୍ଥ ବାଜିରେ ଲାଗିଛି। ଝାରସୁଗୁଡା ଜିଲା କଂଗ୍ରେସ ପକ୍ଷରୁ ରବିବାର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ କରାଯାଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ଦ୍ୱାରା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଗିରଫଦାରୀକୁ ଏହି ଅବସରରେ ସମାଲୋଚନା କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ସୁବ୍ରତ ପ୍ରଧାନ ଅଭିଯୋଗ କରିଥିଲେ ଯେ, ଯେଉଁ ମଦ କାରବାରକୁ ନେଇ କେଜ୍‌ରିଆଲ ଇଡି ଦ୍ୱାରା ଗିରଫ ହୋଇଛନ୍ତି ଭାଜପା ସେହି ମଦ ବେପାରୀଙ୍କଠାରୁ କୋଟି କୋଟି ଟଙ୍କା ଚାନ୍ଦା ଆଦାୟ କରିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭରତ ଅବସ୍ଥି, ତରୁଣ ପାଣ୍ଡେ, ସାରୁଖ ଖାଁ, ମହିଳା ସଭାନେତ୍ରୀ ଡଲି କଣ୍ଟୁଲୁନା, ଜୀବନ ସାର୍ଥକ, ରାହୁଲ ଠାକୁର, ମନିଶ ବାଜପାୟୀ, ଅଜୁ ବାରିକ, ଅଲେଖ ବଡଭାୟା, ଅରବିନ୍ଦ ଯାଦବ, ମହେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସରାହାଲ ଗୌଡପଡା, କିଷାନପଡାବାସୀ ମୌଳିକ ସୁବିଧାରୁ ବଞ୍ଚିତ

**ଝାରସୁଗୁଡ଼ା, ୩୧।୩ (ସଞ୍ଜୟ ମାଲି)**

ସହରର ସରାହାଲ ଗୌଡପଡା ଓ କିଷାନପଡାବାସୀ ମୌଳିକ ସୁବିଧାରୁ ଦୀର୍ଘ ଦିନରୁ ବଞ୍ଚିତ ହେଉଥିବାର ଅଭିଯୋଗ ହେଉଛି। ମୁଖ୍ୟତଃ ରାସ୍ତା ପାଣି ବିଦ୍ୟୁତ, ଖେଳ ପଡିଆ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ବିଭିନ୍ନ ସମସ୍ୟାରେ ଗୌପଡା ଓ କିସାନପଡାବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଗୌଡ଼ପଡ଼ା ଓ କିଷାନପଡା ମୁଖ୍ୟ ରାସ୍ତା ଦୀର୍ଘ ଦିନରୁ ଶୋଚନୀୟ ହୋଇ ପଡିଥିବାବେଳେ ରାସ୍ତା ମଝିରେ ମଝିରେ ଛୋଟ ବଡ଼ ଗାତ ହେବା ଫଳରେ ଗାଡ଼ି ଚାଳକ, ଶିକ୍ଷାନୁଷ୍ଠାନ କର୍ମଚାରୀ, ଛାତ୍ର ଛାତ୍ରୀ ସମେତ ବାଟୋଇ ଯିବା ଆସିବା ସମୟରେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକ ସେହିପରି ଗୌଡପଡା ମୁଖ୍ୟ ରାସ୍ତା କଡ଼ରେ ଥିବା ନାଳ ଉପରେ ଢାଙ୍କୁଣି ନ ଥିବାରୁ ଗୋରୁ ସମେତ ବିଭିନ୍ନ ଗାଡ଼ି ଚାଳକ ପଡୁ ଥିବାର ପରିଲକ୍ଷିତ ହେଉଛି। ଅନ୍ୟପଟେ ମୁଖ୍ୟ ରାସ୍ତା ଉପରେ ପିଏଚଡ଼ି ପାଇପ ଯାଇଥିବା ବେଳେ କେତେକ ସ୍ଥାନରେ ପିଏଚଡ଼ି ପାଇପ ଫାଟି ପାଣି ରାସ୍ତା ଉପରେ ଯାଉଛି। ବେଳେବେଳେ ପିଏଚଡ଼ି ପାଇପ ଦ୍ୱାରା ପାଣି ଆସୁନଥିବାରୁ ଲୋକେ ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। କିଷାନ ପଡାରେ ଏକ ଘରୋଇ ଖେଳ ପଡିଆ ଦୀର୍ଘ ଦିନରୁ ଥିବାବେଳେ ସ୍ଥାନୀୟ ଖେଳାଳି ଖେଳ ପଡିଆ ରେ ଫୁଟବଲ ଅଭ୍ୟାସ କରୁଥିଲେ। ସୂଚନାଯୋଗ୍ୟ ଯେ ଗତ କିଛି ମାସ ତଳେ କିଛି ଘରୋଇ ଖେଳ ପଡିଆ ଜାଗା ବିକ୍ରି ହୋଇଥିବା ବେଳେ ଖେଳାଳି ଖେଳକୁଦରୁ ବଞ୍ଚିତ ହେଉଛନ୍ତି। ଠିକ ସେହିପରି ଗୌଡ଼ପଡା ଓ କିଷାନପଡାବାସୀ ସରାହାଲ ବାଇପାସ ସରକାରୀ ପୋଖରୀକୁ ଗାଧୋଇବା ପାଇଁ ଆସୁଥିବା ବେଳେ ସେହି ସ୍ଥାନରେ ଏକ ପୋଖରୀ ନିର୍ମାଣ ପାଇଁ ଦାବି ହେଉଛି। ଗୌଡ଼ପଡା ଓ କିଷାନପଡା ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାସ୍ତା କଡ଼ରୁ ଦୀର୍ଘ ଦିନରୁ ଅଇଳା ଆବର୍ଜନା ଉଠୁନାହିଁ। ଅଇଳା ଆବର୍ଜନା ଉଠୁ ନ ଥିବାରୁ ପରିବେଶ ପ୍ରଦୂଷଣ ହେବା ସହିତ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ସ୍ଥାନୀୟ କାଉନସିଲର ଓ ପୌର ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ନେବାକୁ ଜନସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।


ଗୌଡପଡା ଓ କିଷାନପଡାରେ ପରିମଳ ଅବସ୍ଥା ଶୋଚନୀୟ।

# 'ଆଦିବାସୀମାନେ ଲଢ଼େଇ ପାଇଁ ଏକଜୁଟ ହୁଅ'

**ଝାରସୁଗୁଡା, ୩୧।୩ (ସଞ୍ଜୟ ମାଲି)**

ସମ୍ମିଳିତ ଆଦିବାସୀ ସମାଜର ସାଧାରଣ ସଭା ଗୋଁଣ୍ଡ ଭବନ ଝାରସୁଗୁଡାଠାରେ ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ନେତୃତ୍ୱକୁ ସମ୍ମିଳିତ ଆଦିବାସୀ ସମାଜ ମନସ୍ଥ କରିଛି । କୌଣସି ରାଜନୈତିକ ଦଳରୁ ବାହାରିଆ ପ୍ରାର୍ଥୀକୁ ସହ୍ୟ କରାଯିବ ନାହିଁ। ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ଥିବା ଏକ ଲକ୍ଷରୁ ଅଧିକ ଆଦିବାସୀ ମତଦାତା ଚାହୁଁଛନ୍ତି ଯେ ଜଣେ ଆଦିବାସୀ ନେତା ଝାରସୁଗୁଡା ବିଧାୟକ ହୁଅନ୍ତୁ। ଏହା ସଙ୍ଗଠନର ସର୍ବସମ୍ମତି କ୍ରମେ ବିଭିନ୍ନ ରାଜନୈତିକ ଦଳକୁ ଅନୁରୋଧ କରାଯାଇଛି। ବର୍ତ୍ତମାନ ପରିସ୍ଥିତିରେ ସମ୍ମିଳିତ ଆଦିବାସୀ ସମାଜ ବ୍ୟତୀତ କୌଣସି ଦଳର ରାଜନୈତିକ ନେତୃମଣ୍ଡଳୀ ଆଦିବାସୀ ମାନଙ୍କର ଭୋଟ ନେବା ବ୍ୟତୀତ ତାଙ୍କର ଆଗାମୀ ପିଢ଼ିକୁ ବଞ୍ଚିବା ପାଇଁ କୌଣସି ଠୋସ ପଦକ୍ଷେପ ନେଇନାହାନ୍ତି। ସମ୍ମିଳିତ ଆଦିବାସୀ ସମାଜ ୨୦୧୬ ମସିହାରୁ ଝାରସୁଗୁଡା ଜିଲାରେ ଯେଉଁ ଭଳି ଭାବରେ କାର୍ଯ୍ୟ କରି ଆସୁଛି, ସରକାରଙ୍କ ବିରୋଧରେ ଗଣତାନ୍ତ୍ରିକ ଭାବେ ଲଢ଼େଇ କରି ବିଳମ୍ବରେ ହେଲେ ମଧ ଲଇକେରା ଓ କିରମିରାକୁ ଆଦିବାସୀ ମାନଙ୍କ ସାମ୍ବିଧାନିକ ହକ ଆଇଟିଡିଏରେ ଅନ୍ତର୍ଭୁକ୍ତ କରି ତାଙ୍କର ଜୀବନ ଶୈଳୀକୁ ଦେଶର ବିକାଶ ସ୍ରୋତରେ ସାମିଲ କରିବା ପାଇଁ ବାଟ ଖୋଲି ଦେଇଛି। କୋଲାବିରା ବ୍ଲକକୁ ଆଇଟିଡିଏରେ ସାମିଲ କରିବା ପାଇଁ ଲଢ଼େଇ ଜାରି ରଖିଛି। ସେହିପରି କୋଲାବିରା ଜମିଦାର କରୁଣାକର ସିଂହ ନାଏକ ଭାଇ ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କୁ ସହୀଦ ମାନ୍ୟତା ଦେବା ପାଇଁ ଦାବି ପତ୍ର ଦିଆଯାଇଛି । ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ଆଦିବାସୀ ମାନଙ୍କର ଲକ୍ଷାଧିକ ମତଦାତାଙ୍କୁ ସମ୍ମାନ ଦେଇ ବିଭିନ୍ନ ରାଜନୈତିକ ଦଳ ମାନେ ଆଗାମୀ ସାଧାରଣ ନିର୍ବାଚନରେ ଆଦିବାସୀ ପ୍ରାର୍ଥୀ ଠିଆ କରାନ୍ତୁ। ନହେଲେ ସମ୍ମିଳିତ ଆଦିବାସୀ ସମାଜ ତାର ନିଜସ୍ୱ ପ୍ରାର୍ଥୀ ଦେବା ପାଇଁ ବାଧ ହେବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ଏପ୍ରିଲ ୧୪ ଭାରତ ରତ୍ନ ଡ ବି ଆର ଆମ୍ବେଦକରଙ୍କର ୧୩୪ ତମ ଜୟନ୍ତୀ ଅବସରରେ ଏକ ସାଧାରଣ ସଭା ହେବା ସହିତ ସ୍ୱାଭିମାନ ରେଲି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି।ଏହି ସଭାରେ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ମହେନ୍ଦ୍ର ନାଏକ, ପ୍ରମୁଖ ସଚିବ ଅଶୋକ ମାଝୀ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, କାର୍ଯ୍ୟାଳୟ ସଚିବ ବିନୋଦ ବାଗ,ଉପସଭାପତି କଷ୍ଟୁ ପିଙ୍ଗ, ଡମ୍ବରୁଧର ନାଏକ, ଶ୍ୟାମଲାଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ମିଳିତ ଆଦିବାସୀ ସମାଜର ସାଧାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତା।



ନୂଆଦିଲ୍ଲୀର ରାମଲୀଳା ମଇଦାନରେ ବିରୋଧୀ 'ଇଣ୍ଡିଆ' ବ୍ଲକ୍ ପକ୍ଷରୁ ରବିବାର ଆୟୋଜିତ 'ଲୋକତନ୍ତ୍ର ବଚାଓ' ରାଲିରେ ରାହୁଲ-ପ୍ରିୟଙ୍କା ବ୍ରିଗେଡ୍ ସଦସ୍ୟମାନେ ପ୍ଲାକାର୍ଡ ଧରି କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ କରୁଛନ୍ତି।

# କେଜ୍‌ରିୱାଲଙ୍କ ୬ ଗ୍ୟାରେଣ୍ଟି

ଇଡି ହାଜତରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର ତାଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲଙ୍କ ନିକଟକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପଠାଇଥିଲେ। ସୁନୀତା ଏହାକୁ ଜନତା ମଇଦାନରେ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଆୟୋଜିତ ରାଲିରେ ପଢ଼ି ଶୁଣାଇଛନ୍ତି। ଇଣ୍ଡିଆ କ୍ଷମତାସୀନ ହେଲେ ସର୍ବ ପ୍ରଥମେ ପୂରଣ କରିବାକୁ ଥିବା ୬ଟି ଗ୍ୟାରେଣ୍ଟି ବିଷୟରେ ଉଲ୍ଲେଖ ଏଥିରେ କରାଯାଇଛି। ସେଗୁଡ଼ିକ ହେଲା:

୧. ସାରା ଦେଶରେ ବିଦ୍ୟୁତ୍ କାଟ୍ ହେବ ନାହିଁ।

୨. ଦେଶର ସମସ୍ତ ଗରିବଙ୍କୁ ମାଗଣାରେ


ସୁନୀତା କେଜ୍‌ରିୱାଲ

ବିଦ୍ୟୁତ ଯୋଗାଣ କରାଯିବ।

୩. ପ୍ରତ୍ୟେକ ଗାଁରେ ଗୋଟିଏ ଲେଖାଏ ଭଲ ସ୍କୁଲ ଖୋଲାଯିବ। ସବୁ ବର୍ଗର ପିଲାମାନେ ସେଠାରେ ଗୁଣାତ୍ମକ ଶିକ୍ଷା ପାଇବେ।

୪. ସବୁ ଗାଁରେ ମୋହଲ୍ଲା କ୍ଲିନିକ୍ ଖୋଲାଯିବ। ପ୍ରତି ଜିଲାରେ ସରକାର ମଲ୍ଟି-ସ୍ପେଶାଲିଟି ହସ୍ପିଟାଲ ଖୋଲିବେ।

୫. ସ୍ୱାମୀନାଥନ୍ କମିଟିର ସୁପାରିସ ମୁତାବକ ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପାଇବେ।

୬. ଦିଲ୍ଲୀବାସୀଙ୍କ ପ୍ରତି ହେଉଥିବା ଭେଦଭାବ ଦୂର ହେବ। ଦିଲ୍ଲୀକୁ ରାଜ୍ୟ ମାନ୍ୟତା ପ୍ରଦାନ କରାଯିବ।

ଆଗାମୀ ୫ ବର୍ଷରେ ଏହି ସମସ୍ତ ପ୍ରତିଶ୍ରୁତି ପୂରଣ କରାଯିବ ବୋଲି କେଜ୍‌ରିୱାଲ ନିଜ ପତ୍ରରେ ଉଲ୍ଲେଖ କରିଥିବା ସୁନୀତା ରାଲିକୁ ସମ୍ବୋଧନ ବେଳେ କହିଛନ୍ତି।

# ଇସିଙ୍କ ଆଗରେ ୫ ଦାବି

କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଇଣ୍ଡିଆ ବ୍ଲକ୍‌ର ରାଲିରେ ନିର୍ବାଚନ କମିଶନ (ଇସି)ଙ୍କ ଆଗରେ ୫ ଦାବି ଉପସ୍ଥାପନ କରିଛନ୍ତି। ସେଗୁଡ଼ିକ ହେଲା:

୧. ବିରୋଧୀ ଦଳଗୁଡ଼ିକର ପାଣ୍ଠି ଉପରେ କଟକଣାକୁ ତୁରନ୍ତ ହଟାଯାଉ।

୨. ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଆୟକର (ଆଇଟି) ବିଭାଗ ପକ୍ଷରୁ ନିର୍ବାଚନ ପୂର୍ବରୁ ନିଆଯାଉଥିବା କାର୍ଯ୍ୟାନୁଷ୍ଠାନ ବନ୍ଦ କରାଯାଉ।

୩. ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଭାଜପା ପାଇଥିବା ନିର୍ବାଚନୀ ଚାନ୍ଦାର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରାଯାଉ।

୪. ଗିରଫ ବିରୋଧୀ ନେତାମାନଙ୍କୁ ମୁକ୍ତ କରାଯାଉ।

୫. ନିର୍ବାଚନ ପାଇଁ ଇସି ଉପଯୁକ୍ତ ବାତାବରଣ ସୃଷ୍ଟି କରନ୍ତୁ।

# ୧୪୭ ଆସନରେ ଲଢ଼ିବାକୁ ପ୍ରାର୍ଥୀ ପାଉନି ଭାଜପା: ବିଜେଡି

ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)

- କାହା ସାର୍ଟିଫିକେଟ ଆମକୁ ଦରକାର ନାହିଁ: ଭାଜପା
- ଏପର୍ଯ୍ୟନ୍ତ ବିଧାନସଭା ପ୍ରାର୍ଥୀ ତାଲିକା ପ୍ରକାଶ କରିପାରିଲେନି ଭାଜପା, କଂଗ୍ରେସ
- ଆଜି ପ୍ରକାଶ ପାଇପାରେ ଉଭୟ ଦଳର ୧ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା
- ନବୀନ ନିବାସରେ ଆଶାୟୀଙ୍କ ଶକ୍ତି ପ୍ରଦର୍ଶନ

୨୦୨୪ ନିର୍ବାଚନ ପାଇଁ ଏବେଠାରୁ ବିଜେଡି, ଭାଜପା ଏବଂ କଂଗ୍ରେସ ନିଜ ନିଜର ପ୍ରାର୍ଥୀପତ୍ର ଘୋଷଣା କରିବାରେ ଲାଗି ପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ବିଜେଡି ୧୫ଟି ଲୋକ ସଭା ଆସନରେ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଛି। ସେହିପରି ଭାଜପା ଦୁଇଟି ପର୍ଯ୍ୟାୟରେ ସମସ୍ତ ୨୧ ଲୋକ ସଭା ଆସନ ଲାଗି ପ୍ରାର୍ଥୀ ତାଲିକା ପ୍ରକାଶ କରିସାରିଛି। ହେଲେ ଗୋଟିଏ ବି ଆସନ ପାଇଁ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଦେଇପାରି ନାହିଁ। ଅନ୍ୟପଟେ ବିଜେଡି ରାଜ୍ୟର ୭୨ଟି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ଭାଜପା ଓ କଂଗ୍ରେସ ଏପର୍ଯ୍ୟନ୍ତ ଏଥିରେ ପଛରେ ପଡ଼ିଯାଇଛନ୍ତି। ଭାଜପା ୧୦୦ଟି ଆସନ ପାଇଁ ପ୍ରାର୍ଥୀପତ୍ର ଏକ ପ୍ରକାର ଚୂଡ଼ାନ୍ତ କରିସାରିଥିବା ବେଳେ ଖୁବ୍‌ଶୀଘ୍ର ଘୋଷଣା ହେବ ବୋଲି କହୁଛି। ହେଲେ ଭାଜପାକୁ କିନ୍ତୁ ବିଜେଡି ପାଲଟା ଟାର୍ଗେଟ କରିଛି। ଅନ୍ୟପଟେ ରାଜ୍ୟର ବହୁ ନିର୍ବାଚନମଣ୍ଡଳୀର ଆଶାୟୀମାନେ ନିଜ ନିଜର ସମର୍ଥକମାନଙ୍କ ସହିତ ଆସି ନବୀନ ନିବାସରେ ଶକ୍ତି ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଅନ୍ୟପଟେ ସୋମବାର ସୁଦ୍ଧା ଭାଜପା ଏବଂ କଂଗ୍ରେସର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ସେହିପରି ବିଜେଡି ମଧ୍ୟ କିଛି ବିଧାନସଭା ଏବଂ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ସୋମବାର ପ୍ରକାଶ କରିପାରେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ବିଜେଡି ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି ଯେ, ୧୪୭ ବିଧାନସଭା ଆସନରେ ଲଢ଼ିବାକୁ ଭାଜପା ପ୍ରାର୍ଥୀ ପାଉନି। ସେଥିପାଇଁ ଏପର୍ଯ୍ୟନ୍ତ ଜଣେ ପ୍ରାର୍ଥୀଙ୍କ ନାଁ ମଧ୍ୟ ଭାଜପା ଘୋଷଣା କରିପାରିନି। ଓଡ଼ିଶା ଭାଜପା କହୁଛି ୧୪୭ ନିର୍ବାଚନମଣ୍ଡଳୀରେ ଲଢ଼ିବ। ହେଲେ ସେମାନେ ସେହି ୧୪୭ ଆସନ ପାଇଁ ପ୍ରାର୍ଥୀ ପାଇପାରୁ ନାହାନ୍ତି। ଏହା ହେଉଛି ବାସ୍ତବିକ ସତ୍ୟ। ଭାଜପା ୨୧ ଲୋକ ସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଘୋଷଣା କଲା, ହେଲେ ଏବେ ପର୍ଯ୍ୟନ୍ତ ଗୋଟିଏ ବି ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରି ନାହିଁ। ପ୍ରାର୍ଥୀ ପାଉ ନ ଥିବାରୁ ଭାଜପା ଜନବିରୋଧୀ କାର୍ଯ୍ୟରେ ଲିପ୍ତଥିବା ନେତାଙ୍କୁ ନିଜ ଦଳକୁ ନେଉଛି। ପ୍ରାର୍ଥୀ ନ ପାଇ ରାଜ୍ୟ ଭାଜପା ଅସହାୟ ହୋଇପଡ଼ିଛି ବୋଲି ସସ୍ମିତ କହିଛନ୍ତି। ଅନ୍ୟପଟେ ବିଜେଡିର ଏଭଳି ମନ୍ତବ୍ୟକୁ ଟାର୍ଗେଟ କରି ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଭାଜପାର ପ୍ରାର୍ଥିତ୍ୱ କେଉଁ ସମୟରେ କରିବୁ ସେଇଟା ଆମ ନିଜସ୍ୱ ବ୍ୟାପାର। ଏଥିଲାଗି କାହା ସାର୍ଟିଫିକେଟ ଆମକୁ ଦରକାର ନାହିଁ। ଶାସକ ଦଳର ଭ୍ରଷ୍ଟାଚାର, ଦୁର୍ନୀତି ବିରୋଧରେ ଭାଜପା ବଛା ବଛା ପ୍ରାର୍ଥୀ ଏଥର ମଇଦାନକୁ ପଠାଉଛି ବୋଲି ସମୀର କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ମାର୍ଚ୍ଚ ପ୍ରଥମ ସପ୍ତାହରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିବ ବୋଲି କହିଥିଲା। ଦଳ ପ୍ରଥମ ପର୍ଯ୍ୟାୟରେ ୬୦ ଜଣ ପ୍ରାର୍ଥୀଙ୍କ ନାଁ ପ୍ରକାଶ କରିବ ବୋଲି କହିଥିଲା। ହେଲେ ଏପର୍ଯ୍ୟନ୍ତ ଦଳ ଉଭୟ ଲୋକ ସଭା ଏବଂ ବିଧାନସଭା ପାଇଁ ଗୋଟିଏ ହେଲେ ପ୍ରାର୍ଥୀଙ୍କ ନାଁ ପ୍ରକାଶ କରିପାରିନାହିଁ। ଦଳର ୩ ଥର ସ୍କ୍ରିନିଂ କମିଟି ବୈଠକ ବସିସାରିଥିବା ବେଳେ କେନ୍ଦ୍ରୀୟ ନିର୍ବାଚନ କମିଟି ବୈଠକରେ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ହେବ ବୋଲି ଏବେ ନେତାମାନେ ମତ ରଖୁଛନ୍ତି। ହେଲେ କଂଗ୍ରେସର ସ୍ଥିତି ରାଜ୍ୟରେ ଅତ୍ୟନ୍ତ ଖରାପ ଅବସ୍ଥାରେ ଥିବାବେଳେ ବର୍ତ୍ତମାନ ମଧ୍ୟ ଦଳର ବହୁ ଟାଣୁଆ ନେତା ବିଜେଡି ଏବଂ ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ, ଦଳର ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହୋଇ ଦିଲ୍ଲୀ ପଠାଇ ଦିଆଯାଇଛି। ସିଇସି ମୋହର ମାରିବା ପରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

# ବିଜେଡି ଟିକେଟ ଆଶାୟୀ ମହୁରୀ ରାଜା

ବ୍ରହ୍ମପୁର,୩୧।୩(ନରସିଂହ ସାହୁ)

**ବ୍ରହ୍ମପୁର ବିଧାନସଭା କ୍ଷେତ୍ର**

ମହୁରୀ ରାଜା ଅଶୋକ କୁମାର ନରେନ୍ଦ୍ର ଦେବ ବିଜେଡି ଟିକେଟ ଆଶାୟୀ ଅଛନ୍ତି। ବିଜେଡିରୁ ସୁଯୋଗ ମିଳିଲେ ୨୦୨୪ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରରୁ ନିର୍ବାଚନ ଲଢ଼ିବେ ବୋଲି ସେ କହିଛନ୍ତି। ଟିକେଟ ନିମନ୍ତେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆବେଦନପତ୍ର ପଠାଇଥିବା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବ୍ରହ୍ମପୁର ମହୁରୀ ରାଜ ପରିବାରର ରାଜନୀତିରେ ପ୍ରଭାବ ଥିଲା। ଅଶୋକଙ୍କ ପିତା ସ୍ୱର୍ଗତ ଶିଶିର କୁମାର ନରେନ୍ଦ୍ର ଦେବ ୧୯୬୧ ନିର୍ବାଚନରେ ବ୍ରହ୍ମପୁର ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ବିଧାୟକ ହୋଇଥିଲେ। ସେହିପରି ୧୯୭୭ ନିର୍ବାଚନରେ ଅଶୋକଙ୍କ ମା' ତଥା ତତ୍କାଳୀନ ମହୁରୀ ରାଣୀ ରତ୍ନମଞ୍ଜରୀ ଦେବୀ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବ୍ରହ୍ମପୁରରୁ ପ୍ରଥମ ମହିଳା ବିଧାୟକ ହୋଇଥିଲେ। ମୁଖ୍ୟମନ୍ତ୍ରୀ ପଦରେ ଥାଇ କଂଗ୍ରେସ ପ୍ରାର୍ଥୀ ଭାବେ ଲଢ଼ିଥିବା ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କୁ ପରାସ୍ତ କରିଥିବା ତଥ୍ୟ ରହିଛି। ମହୁରୀ ରାଜ ପରିବାରର ଆଉ ଜଣେ ପ୍ରଭାତ କିରଣ ଦେବ ଅତୀତରେ ବ୍ରହ୍ମପୁର ପୌର ସଂସ୍ଥାର ନଗରପାଳ ହୋଇଥିଲେ। ବର୍ତ୍ତମାନର ମହୁରୀ ରାଜା ଅଶୋକ କୁମାର ଦୀର୍ଘ ବର୍ଷ ପରେ ଏବେ ରାଜନୀତି ପାଇଁ ମନ ବଳାଇଛନ୍ତି। ବିଭିନ୍ନ ଦଳ ତାଙ୍କ ସହ ଯୋଗାଯୋଗରେ ଥିଲେ ମଧ୍ୟ ସେ ବିଜୁ ଲିଗାସୀ ଥିଲେ ଏବଂ ମଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜନୈତିକ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ସ୍ୱାଧୀନତା ସଂଗ୍ରାମ ବେଳେ ବ୍ରିଟିଶ ବିରୋଧରେ ବିଭିନ୍ନ ଭାବରେ ତତ୍କାଳୀନ ମହୁରୀ ରାଜା ହରିହର ନରେନ୍ଦ୍ର ଦେବ ଓ କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ଇତିହାସ ଅଛି। ସେହି ପରିବାରର ଦାୟାଦ ଏବେ ବିଜେଡି ରାଜନୀତିରେ ପ୍ରବେଶ ପାଇଁ ମନ ବଳାଇଛନ୍ତି।

# ନେତାଙ୍କ ମନ୍ତବ୍ୟରେ କ୍ରିକେଟ ଉଦାହରଣ

କଟକ,୩୧।୩(ଶିଳ୍ପା ପ୍ରିୟଦର୍ଶିନୀ)

- ପୁରୁଣା ବୋଲର ହେଲେ ବି ନୂଆ ବ୍ୟାଟ୍ସମ୍ୟାନ ଛକା, ଚୌକା ମାରିବାକୁ ପଛାଇବ ନାହିଁ: ସଂତୃପ୍ତ
- ବୋଲିଂ, ବ୍ୟାଟିଂ ପିଚ୍ ଉପରେ ନିର୍ଭର କରେ: ଭର୍ତ୍ତୃହରି

ନିର୍ବାଚନ ପାଖେଇ ଆସୁଥିବାବେଳେ କଟକରେ ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି। କଟକ ଲୋକ ସଭା ଆସନରୁ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ସନ୍ତୃପ୍ତ ମିଶ୍ର ଭାଜପା ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। କ୍ରିକେଟ୍ ଖେଳରେ ଯେପରି ଜଣେ ଅଭିଜ୍ଞ ବୋଲରଙ୍କୁ ନୂଆ ବ୍ୟାଟ୍ସମ୍ୟାନ ଛକା, ଚୌକା ମାରିବାରେ ସଂକୋଚ ପ୍ରକାଶ କରେନି, ଠିକ୍ ସେହିପରି କଟକରେ ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିବ ବୋଲି ରବିବାର ଏକ ବୈଠକରେ ଯୋଗଦେବା ପରେ ସଂତୃପ୍ତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏହା କହିଛନ୍ତି। ସେ କହିଛନ୍ତି, ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଭିନ୍ନ ଦଳର ପ୍ରାର୍ଥୀ ରହିବେ, ନ ହେଲେ ଗଣତନ୍ତ୍ର ଚାଲିବ ନାହିଁ। ଜୀବନରେ ଯାହାର ଯେଉଁ ଅଭିଜ୍ଞତା ରହିଛି, ତାହାକୁ ସମ୍ମାନ କରେ। ଖରାଦିନରେ ଲୋକଙ୍କ ପାଖରେ କିପରି ଅଳ୍ପ ସମୟରେ ପହଞ୍ଚି ପାରିବି ତାହା ମୋ ପାଇଁ ଏକ ଟାସ୍କ ରହିଛି।

ତେବେ ନିର୍ବାଚନ ପାଇଁ ବହୁ କମ୍ ସମୟ ରହିଛି। ଲୋକ ସଭା ଆସନ ପାଇଁ ବିଜେଡି ଓ ଭାଜପା ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପରେ ସଂତୃପ୍ତ ପ୍ରଥମ ବୈଠକ କଟକରେ ଆରମ୍ଭ କରିଛନ୍ତି। ସେହିପରି ଭର୍ତ୍ତୃହରି ମଧ୍ୟ ଭାଜପା କର୍ମୀଙ୍କୁ ନେଇ ବୈଠକ କରିଛନ୍ତି। ୬ ଥର ଏମ୍‌ପି ହୋଇଥିବା ଭର୍ତ୍ତୃହରିଙ୍କୁ ଲୋକେ ପୂର୍ବପରି ଭୋଟ ଦେଇ ଜିତାଇବା ନେଇ ଚର୍ଚ୍ଚା ଜୋର୍ ହେଉଛି। ଅପରପକ୍ଷରେ ସନ୍ତୃପ୍ତ କଟକରେ ନୂଆ ଚେହେରା। ହେଲେ ସେ କଟକିଆଙ୍କ କେତେ ନିକଟତର ହୋଇପାରିବେ ଏବଂ ନିଜ ଟାସ୍କ ଠିକ୍ ଭାବେ କରିପାରିବେ କି ନାହିଁ ତାହାକୁ ଲୋକେ ତର୍ଜମା କରୁଛନ୍ତି। ସଂତୃପ୍ତଙ୍କ ଏଭଳି ଟାର୍ଗେଟ୍‌କୁ ନେଇ ଭର୍ତ୍ତୃହରି କହିଛନ୍ତି, ଭାଜପା ତାଙ୍କ ପାଇଁ ନୂଆ ନୁହେଁ। ଭାଜପାରେ ଯୋଗଦେଇଛନ୍ତି ଏବଂ ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଟିକେଟ ଦେଇଛି। କାମ ଯେପରି ଚାଲୁଥିଲା ଠିକ୍ ସେହିପରି ଜାରି ରହିବ ବୋଲି ଭର୍ତ୍ତୃହରି କହିଛନ୍ତି। ଯଦି ପୁରୁଣା ବୋଲର ଓ ନୂଆ ବ୍ୟାଟ୍ସମ୍ୟାନ କଥା ଉଠିଛି ତାହା ସମ୍ପୂର୍ଣ୍ଣ ଭାବେ ପିଚ୍ ଉପରେ ନିର୍ଭର କରେ। ପିଚ୍ ହେଉଛି କଟକ ମାଟି। ଏଥର ଅଫ୍‌ସ୍ପିନ୍, ଲେଗ ସ୍ପିନ୍ କେଉଁଠି ପକାଇଲେ ହେବ ତାକୁ ଯିଏ ଖେଳିଛି ତାହାର ମଜା ଜାଣିଛି ବୋଲି ଭର୍ତ୍ତୃହରି କହିଛନ୍ତି।


ଭାଜପାର ନିର୍ବାଚନୀ କାର୍ଯ୍ୟକ୍ରମରେ ରେଳ ବିଭାଗର ଅଧିକାରୀ ସାମିଲ୍ ହୋଇଥିବା ଅଭିଯୋଗ ଆଣି ସସ୍ମିତ ପାତ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ରବିବାର ଅତିରିକ୍ତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବାକୁ ଯାଉଛନ୍ତି।

# ବିଜେଡିରେ ସୁକାନ୍ତ, ଶକ୍ତି ପ୍ରଦର୍ଶନ କଲେ ସନ୍ତୋଷ

ବାଲେଶ୍ୱର(ମାନସ ବିଶ୍ୱାଳ)/ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ),୩୧।୩

ବାଲେଶ୍ୱର ଜିଲା ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀର ରାଜନୀତି ଦିନକୁ ଦିନ କିଟିମିଟିଆ ହେଉଛି। ବିଧାୟକ ଟିକଟ ପାଇଁ ପୁରୁଣା ଏବଂ ନବାଗତଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗି ରହିଛି।

କିଛିଦିନ ପୂର୍ବରୁ ନୀଳଗିରି ବିଧାୟକ ସୁକାନ୍ତ ନାୟକ ଭାଜପା ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ବେଳେ ରବିବାର ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି। ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ୍ କରିଛନ୍ତି। ଅନ୍ୟପକ୍ଷରେ ୨୦୧୯ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ତଥା ଚଳିତ ନିର୍ବାଚନ ପାଇଁ ମୁଖ୍ୟ ଦାବିଦାର ଥିବା ସନ୍ତୋଷ ଖଟୁଆ ଦଳରେ ସୁକାନ୍ତ ମିଶିବାକୁ ନେଇ ବିବ୍ରତ ହୋଇପଡ଼ିଛନ୍ତି। ୨୦୨୪ ନିର୍ବାଚନରେ ସେ ପ୍ରାର୍ଥୀ ହେବା ନେଇ ବିଜେଡି ନେତାଙ୍କଠାରୁ ପ୍ରତିଶ୍ରୁତି ପାଇ ସାଙ୍ଗଠନିକ କାର୍ଯ୍ୟ ଜାରି ରଖିଛନ୍ତି। ରବିବାର ନୀଳଗିରି ସଜନାଗଡ଼ସ୍ଥିତ ନିଜ ଫାର୍ମ ହାଉସ୍‌ରେ ସେ ଏକ କର୍ମୀ ସମ୍ମିଳନୀ କରି ଶକ୍ତି ପ୍ରଦର୍ଶନ କରିଥିଲେ। ଏଥିରେ ବିଜେଡିର ସମସ୍ତ ମୁଖ୍ୟ କର୍ମୀ, ନେତା ଓ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ। ୨୦୧୪ ନିର୍ବାଚନରେ ସୁକାନ୍ତ ବିଜେଡିରୁ ଟିକେଟ ପାଇ ବିଧାୟକ ଭାବେ ବିଜୟୀ ହୋଇଥିଲେ। ୨୦୧୯ ନିର୍ବାଚନ ପୂର୍ବରୁ ହଠାତ୍ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇ ଥିବାରୁ ବିଜେଡି ହରଡ଼ଘଣାରେ ପଡ଼ିଥିଲା। ପରେ ଉକ୍ତ ନିର୍ବାଚନମଣ୍ଡଳୀ ବିଜେଡିର ହାତଛଡ଼ା ହେବା ସହ ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ମଧ୍ୟ ବିଜେଡି ପ୍ରାର୍ଥୀ ପରାଜୟ ବରଣ କରିଥିଲେ। ଏସବୁକୁ ବିଚାର କଲେ ବିଜେଡି ସୁକାନ୍ତଙ୍କୁ କେତେ ଗୁରୁତ୍ୱ ଦେବ ତାହା ଉପରେ ସାରା ନୀଳଗିରିବାସୀଙ୍କ ନଜର ରହିଛି।

ଅନ୍ୟପକ୍ଷରେ ନୀଳଗିରିସ୍ଥିତ ନିଜ ଫାର୍ମ ହାଉସରେ କର୍ମୀ ସମ୍ମିଳନୀ ପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡିର ଆଶାୟୀ ପ୍ରାର୍ଥୀ ସନ୍ତୋଷ କହିଛନ୍ତି ଯେ, କିଏ ଦଳରେ ମିଶିଲେ ସେଥିପାଇଁ ସେ ଭୟଭୀତ କିମ୍ବା ଦୁଃଖିତ ନୁହନ୍ତି। ସେ ଦଳର ଜଣେ ଶୃଙ୍ଖଳିତ କର୍ମୀ। ଦଳ ଯାହାକୁ ଯୋଗ୍ୟ ଭାବିବ ତାକୁ ଟିକେଟ୍ ଦେବ। ସେ ଦଳ ପାଇଁ ପୋଷ୍ଟର ମାରିବେ। ଉପରୁ ନିର୍ଦ୍ଦେଶ ମିଳିଛି ତାଙ୍କ ଟିକେଟ ଫାଇନାଲ। ନୀଳଗିରିରେ ବିଜେଡି ସୁନିଶ୍ଚିତ ଜିତିବ। ସୁକାନ୍ତ ଦଳରେ ମିଶିଲେ କିଛି ଫରକ ପଡ଼ିବନି ବୋଲି ସନ୍ତୋଷ କହିଥିଲେ।

# ପ୍ରାର୍ଥୀ ଘୋଷଣାରେ ବିଳମ୍ବ, ଚିନ୍ତାରେ କର୍ମୀ

କେନ୍ଦୁଝର,୩୧।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ୬ ବିଧାନସଭା ଓ ଗୋଟିଏ ଲୋକସଭା ନିର୍ବାଚନ ପାଇଁ ସବୁ ଦଳ ପ୍ରସ୍ତୁତ ହୋଇଥିଲେ ହେଁ ଦଳରେ ନେତା ଓ କର୍ମୀମାନଙ୍କ ମଧ୍ୟରେ ସେଭଳି ଉତ୍ସାହ ପରିଲକ୍ଷିତ ହେଉନାହିଁ। ମେଣ୍ଟ ହେବ ନାହିଁ ବୋଲି ଘୋଷଣା ପରେ ବିଜେଡି, ଭାଜପା ଦଳ ପୁଣି ତତ୍ପର ହୋଇ ଉଠିଛନ୍ତି। ଉଭୟ ଯୋଗ୍ୟ ପ୍ରାର୍ଥୀ ଦେବା ପାଇଁ ଉଦ୍ୟମ ଚଳାଇଛନ୍ତି। କେନ୍ଦୁଝର ଲୋକସଭା ଆସନ ପାଇଁ ଭାଜପା ଅନନ୍ତ ନାୟକଙ୍କ ନାମ ଘୋଷଣା କରିସାରିଥିବା ବେଳେ ବିଜେଡି ଘୋଷଣା କରିନାହିଁ। ସେହିପରି ବିଜେଡି ଘଷିପୁରା ନିର୍ବାଚନ ମଣ୍ଡଳୀ ପାଇଁ ବଦ୍ରୀ ନାରାୟଣ ପାତ୍ର ଓ ପାଟଣା ପାଇଁ ଜଗନ୍ନାଥ ନାୟକଙ୍କ ନାମ ଘୋଷଣା କରିସାରିଥିବା ବେଳେ ଭାଜପା ଗୋଟିଏ ହେଲେ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ପ୍ରାର୍ଥୀଙ୍କ ନାମ ଘୋଷଣା ଯେତେ ବିଳମ୍ବ ହେଉଛି କର୍ମୀଙ୍କ ଚିନ୍ତା ବଢ଼ି ଚାଲିଛି।

ଭାଜପା ଦଳରେ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବର୍ତ୍ତମାନର ବିଧାୟକ ମୋହନ ମାଝୀ ଆଶାୟୀଙ୍କ ତାଲିକାରେ ଆଗରେ ରହିଥିଲେ ହେଁ ନାମ ଘୋଷଣା ବିଳମ୍ବକୁ ନେଇ ତାଙ୍କୁ ଓ ତାଙ୍କ ସମର୍ଥକଙ୍କୁ ଚିନ୍ତାରେ ପକାଇଦେଇଛି। ଭାଜପା ରାଜ୍ୟ ଅପେକ୍ଷା କେନ୍ଦ୍ରରେ ସରକାର ଗଠନକୁ ଅଧିକ ଗୁରୁତ୍ୱ ଦେଉଛି। ଏଣୁ ୬ ନିର୍ବାଚନ ମଣ୍ଡଳୀରୁ ୩ ସିଟ୍‌ରେ ଜିତିବା ସହ ଅନ୍ୟ ୩ରେ ଭଲ ଭୋଟ ପାଇବା ଜରୁରୀ ବୋଲି ରାଜନୈତିକ ସମୀକ୍ଷକ ମତବ୍ୟକ୍ତ କରୁଛନ୍ତି। ଏଥିପାଇଁ ଦଳ ମାପିଚୁପି ପ୍ରାର୍ଥୀ ଚୟନ କରୁଥିବା ବିଶେଷଜ୍ଞ କହିଛନ୍ତି। ଭାଜପାର ସ୍ଥିତି ସଦର ନିର୍ବାଚନ ମଣ୍ଡଳୀରେ ଭଲ ଥିବା ବେଳେ ମୋହନଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳରେ ବିବାଦ ଲାଗି ରହିଛି। ଏଣୁ ସିଟକୁ ହାତ ଛଡ଼ା ନ କରିବା ପାଇଁ ଦଳର କେତେକ ନେତା ଓ କର୍ମୀ ପ୍ରାର୍ଥୀ ପରିବର୍ତ୍ତନ ନେଇ ଆଲୋଚନା କରୁଛନ୍ତି। ସେହିପରି ବିଳମ୍ବର ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ପୂର୍ବତନ ବିଧାୟକ ସନାତନ ମହାକୁଡଙ୍କୁ ଦଳରେ ସାମିଲ ସମ୍ଭାବନା। ସନାତନ ଯୋଗଦେଲେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବ ଏବଂ ପ୍ରାର୍ଥୀ ତାଲିକାରେ ପରିବର୍ତ୍ତନ ଦେଖାଦେବ। ସନାତନ ନିଜର ଅନୁଗତଙ୍କୁ ପ୍ରାର୍ଥୀ କରିବା ସମ୍ଭାବନା ରହିଛି। ଏଣୁ ଘୋଷଣାରେ ବିଳମ୍ବ ଘଟୁଛି ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଏହି ସିଟ୍‌କୁ ଫେରିବାଇବାକୁ ବିଜେଡି ମଧ୍ୟ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି। ଏଣୁ ନୂଆ ମୁହଁ ଦେବ କି ପୁରୁଣା ନେତାଙ୍କୁ ପ୍ରାର୍ଥୀ କରିବ ତାହା ଘୋଷଣାକୁ ସମସ୍ତେ ଅପେକ୍ଷା କରିଛନ୍ତି। ସେହିପରି ଲୋକସଭା ପାଇଁ ପୁଣିଥରେ ଚନ୍ଦ୍ରାଣୀ ମୁର୍ମୁ ଆଶାୟୀ ଥିବା ବେଳେ ତାଙ୍କ ବିରୋଧରେ କର୍ମୀ, ନେତା ତଥା ଭୋଟରଙ୍କ ଅସନ୍ତୋଷ ଯୋଗୁ ଦଳ ବିଚାର କରି ସିଟ ହାତେଇବାକୁ କାହାକୁ ପ୍ରାର୍ଥୀ କରିବ ସମୀକ୍ଷା କରୁଛି।

ବିଜେଡିରେ ୨ ବିଧାୟକଙ୍କୁ ପୁଣିଥରେ ନିର୍ବାଚନ ଲଢ଼ିବା ନେଇ ଘୋଷଣା ସରିଥିବା ବେଳେ ଅନ୍ୟ ଆସନ ଗୁଡ଼ିକରେ ଘୋଷଣାରେ ବିଳମ୍ବକୁ ନେଇ ନା ନା ଚର୍ଚ୍ଚା ଆରମ୍ଭ ହେଉଛି। ତେଲକୋଇରୁ ପ୍ରେମାନନ୍ଦଙ୍କ ଦଳରୁ ଇସ୍ତଫା ପରେ ବିକଳ୍ପ ପ୍ରାର୍ଥୀ ଖୋଜୁଛି। ସେଠାରେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ଆଶାୟୀ ତାଲିକାରେ ଆଗରେ ରହିଛନ୍ତି। ଆନନ୍ଦପୁର, ଚମ୍ପୁଆରେ ବର୍ତ୍ତମାନର ବିଧାୟକ ପୁଣିଥରେ ଆଶାୟୀ ଥିବା ବେଳେ ସେଠାରେ ପ୍ରାର୍ଥୀ ପରିବର୍ତ୍ତନ ସମ୍ଭାବନା ରହିଥିବା ଆଲୋଚନା ହେଉଛି। ବିକଳ୍ପ ଆଶାୟୀଙ୍କ ସଂଖ୍ୟା ଅଧିକ ଥିଲେ ହେଁ କିଏ ହେବ ଠିକ ଭାବେ ଜଣାପଡ଼ିନାହିଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ରାଜୀଭ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



**50th Birth Anniversary Wishes**




**Rajeev Duggal**

We pray God to bless you infinitely four virtues of noble royal life that sage VASISTHA, the guse, enlightened Sri RAM-SHANTI (peace of mind), SANTOSH (contentment), SATSANG (association with wise) and VICHAR(intelligence to search within). Bou, Papa, In-laws and Nephews & Nieces.

ଧ-୨୯୦୮



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500 | 2,000 | 6,000 | 12,000 | 12,000 | 25,000 | 20,000 | 40,000 |



**IZUMI JAPANESE LANGUAGE TRAINING BHUBANESWAR**
**ADMISSION OPEN**
For the Japanese Language Course, JLPT (Japanese Language Proficiency Test)
**Levels: N5, N4, N3 and N2**
For details please visit: **izumiclasses.com**
**Ph.: 9741039285, 9945599298**



**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିଠାରୁ ଲାଗୁହେବ ନୂଆ ଦର

## ପହିଲାରୁ ବଢ଼ିବ ଗାଡ଼ି, ବୀମା, ବ୍ୟାଙ୍କ ଋଣ

ନୂଆଦିଲ୍ଲୀ,୩୧।୩ (ଅଭୟ ଦାଶ)

ନୂତନ ଆର୍ଥିକ ବର୍ଷ (୨୦୨୪-୨୫)ର ଆରମ୍ଭରୁ ନୂଆ ଦର ଲାଗୁ ହେବ ବୋଲି ବହୁ ପୂର୍ବରୁ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରଗୁଡିକ ପକ୍ଷରୁ ଘୋଷଣା କରାଯାଇଛି। ବିଶେଷକରି ଚଳିତ ଲୋକ ସଭା ଓ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ସହିତ କଞ୍ଚାମାଲର ଅଭାବ, ଦରଦାମ ବୃଦ୍ଧି ସହ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଏବଂ ୟୁଏସ ଫେଡେରାଲ ବ୍ୟାଙ୍କର ସୁଧ ହାର ବୃଦ୍ଧି କାରଣରୁ ଘରୋଇ ବଜାରରେ ଦରଦାମ ବୃଦ୍ଧି ହେବାର ଯଥେଷ୍ଟ ସମ୍ଭାବନା ରହିଛି।



ସେହିଭଳି ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀଗୁଡ଼ିକ ମଧ୍ୟ ୨୦୨୪-୨୫ ଆର୍ଥିକ ବର୍ଷ ଆରମ୍ଭରୁ ନୂଆ ଦର ଲାଗୁ କରିବେ ବୋଲି ଟାଟା, ଟୟୋଟା, ହୋଣ୍ଡା, ଏମ୍ ଆଣ୍ଡ ଏମ୍, ମାରୁତି ସୁଜୁକି, କିଆ ଓ ହ୍ୟୁଣ୍ଡାଇ ମୋଟର୍ସ ଭଳି କମ୍ପାନୀଗୁଡିକ ପକ୍ଷରୁ ବହୁ ପୂର୍ବରୁ ଘୋଷଣା କରାଯାଇଛି।

ସେହିପରି ଉଭୟ ସରକାରୀ ଓ ଘରୋଇ ବ୍ୟାଙ୍କର ସୁଧହାର (ବ୍ୟାଙ୍କ ଋଣ) ସମେତ ଅନ୍ୟାନ୍ୟ ଋଣଗୁଡିକରେ ମଧ୍ୟ ସୁଧ ହାର ବଢ଼ାଇବାକୁ ବ୍ୟାଙ୍କଗୁଡିକ ପକ୍ଷରୁ ଯୋଜନା କରାଯାଇଛି।

ଅପରପକ୍ଷରେ ଉଭୟ ସରକାରୀ ଓ ଘରୋଇ ବୀମା କମ୍ପାନୀଗୁଡିକ ମଧ୍ୟ ଇକ୍ୟୁଏଟେଡ ମନଥ୍ଲି ଇନ୍‌ଷ୍ଟଲମେଣ୍ଟ (ଇଏମ୍ଆଇ) ହାରରେ ବୃଦ୍ଧି କରିବେ ବୋଲି ବହୁ ପୂର୍ବରୁ ଘୋଷଣା କରିଛନ୍ତି।

ଏ ନେଇ ବଜାର ବିଶେଷଜ୍ଞମାନେ କହିଛନ୍ତି, ଘରୋଇ ବଜାରରେ ଦରଦାମ ବୃଦ୍ଧି ଏକ ପ୍ରମୁଖ କାରଣ ହୋଇଥିଲାବେଳେ ଉତ୍ପାଦକ ଓ ନିର୍ମାତାମାନେ ମଧ୍ୟ କଞ୍ଚାମାଲର ଅଭାବ ଓ ସରକାରୀ ନୀତିକୁ ଦୋଷ ଦେବା ସହିତ ବଜାରର ଆବଶ୍ୟକତା ପୂରଣ ପାଇଁ ଦରବୃଦ୍ଧିକୁ ପ୍ରମୁଖ ଅସ୍ତ୍ର କରିଥିଲାବେଳେ ଖାଉଟି ଓ ଗ୍ରାହକ ଅତିରିକ୍ତ ଖର୍ଚ୍ଚରେ ହନ୍ତସନ୍ତ ହେଉଛନ୍ତି। ଅପରପକ୍ଷରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସରକାର ମଧ୍ୟ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ କମ୍ପାନୀଗୁଡିକଠାରୁ ସହଯୋଗ ପାଇଥିବାରୁ ବର୍ତ୍ତମାନ ସମୟରେ କୌଣସି ନିଷ୍ପତ୍ତି ବା ପଦକ୍ଷେପ ଗ୍ରହଣ କରିବେ ନାହିଁ, ଫଳରେ ଖାଉଟି ନୂଆ ଓ ଉଚ୍ଚ ଦରରେ ସେମାନଙ୍କ ଆବଶ୍ୟକତା ଓ ଚାହିଦା ମେଣ୍ଟାଇବାକୁ ବାଧ ହେବେ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

## ଅପଷ୍ଟକ୍ସର ନୂତନ ଅଭିଯାନ

ଭୁବନେଶ୍ୱର,୩୧।୩

ଅପ୍‌ଷ୍ଟକ୍ସର ନୂତନ ଅଭିଯାନ 'କଟ୍ ଦି କିଟ୍ କିଟ୍, ଗେଟ୍ ଦି ମାର୍କେଟ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଏହି ଅଭିଯାନ ଜରିଆରେ ବ୍ରାଣ୍ଡ ବଜାରର କୋଳାହଳ ଓ ଅତ୍ୟଧିକ ସୂଚନାରୁ ଆଗକୁ ବଢ଼ି ଠିକ୍ ନିବେଶ ଲାଗି ଖୁଚୁରା ନିବେଶକମାନଙ୍କୁ ସାହାଯ୍ୟ କରିବା ଲାଗି ଅପଷ୍ଟକ୍ସ ଲକ୍ଷ୍ୟ ରଖିଛି। ଏପରିକି ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ ମିସ୍ ସେଲିଂ, ବିଭ୍ରାନ୍ତିକର ପରାମର୍ଶ, ଅତ୍ୟଧିକ ସୂଚନା ଏବଂ ଜଟିଳ ଶବ୍ଦ ନିବେଶ ସଫଳତା ପଥରେ ଏକ କଣ୍ଟା ଭଳି ଛିଡାହୋଇଛି, ସେଥିପାଇଁ ଅନେକ ସମୟରେ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଥାଏ, ଯାହା ଲୋକଙ୍କ ଆର୍ଥିକ ଲକ୍ଷ୍ୟ ସହ ସମନ୍ୱିତ ହୋଇପାରିନଥାଏ। ସେହିଭଳି ଆଶାୟୀ ଗ୍ରାହକମାନେ ପ୍ରାୟତଃ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ସମୟରେ ଅତ୍ୟାବଶ୍ୟକ ବିପଦ ଏବଂ ଖର୍ଚ୍ଚ ଅପେକ୍ଷା ରିଟର୍ନକୁ ପ୍ରାଥମିକତା ଦିଅନ୍ତି, ଉପଯୁକ୍ତ ମୂଲ୍ୟାୟନ ନକରି ସେମାନେ ୧କୋଟି ଟଙ୍କାର ଟର୍ମ ଇନସ୍ୟୁରାନ୍ସ ପ୍ଲାନ୍ ବାଛନ୍ତି। ଏଭଳି ଅଭ୍ୟାସ ଯୋଗୁ ନିବେଶକମାନଙ୍କ ମଧ୍ୟରେ ଅସନ୍ତୁଷ୍ଟତା ଦେଖାଦେଇଥାଏ। ଏହି ଆହ୍ୱାନଗୁଡ଼ିକୁ ସ୍ୱୀକାର କରି ଅପ୍‌ଷ୍ଟକ୍ସ ଏହାର ଗ୍ରାହକମାନଙ୍କ ପାଇଁ ପଦକ୍ଷେପ ନେଇଛି। କମ୍ପାନୀ ବଜାରର କିଟ୍-କିଟ୍ (ଶବ୍ଦ) ହ୍ରାସ କରିବାକୁ ଚାହୁଁଛି ଏବଂ ଗ୍ରାହକଙ୍କ ପାଇଁ ଉପଯୁକ୍ତ ଉପକରଣରେ ନିବେଶ କରି ସମ୍ପତ୍ତି ସୃଷ୍ଟି ପାଇଁ ଉତ୍ସାହିତ କରିବାକୁ ଚାହୁଁଛି। ନିବେଶକମାନଙ୍କ ପାଖରେ ଏହି ବାର୍ତ୍ତା ପହଞ୍ଚାଇବା ପାଇଁ ଅପ୍‌ଷ୍ଟକ୍ସ ପକ୍ଷରୁ 'କଟ୍ ଦ କିଟ୍ କିଟ୍, ଗେଟ୍ ଇନ୍ ଦି ମାର୍କେଟ'କୁ ନେଇ ଏକ ଭିଡିଓ ଶୁଭାରମ୍ଭ କରାଯାଇଛି।

# ପ୍ରାକୃତିକ ଗ୍ୟାସ ମୂଲ୍ୟ କମିଲା

ଭୁବନେଶ୍ୱର,୩୧।୩(ଅନୁରାଧା ମହାରଣା)

ଲଗାତର ତୃତୀୟଥର ପାଇଁ ପ୍ରାକୃତିକ ଗ୍ୟାସ୍‌ର ମୂଲ୍ୟ ହ୍ରାସ ହୋଇଛି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ରବିବାର ସୂଚନା ପ୍ରଦାନ କରାଯାଇଛି। ଏହି ନିଷ୍ପତ୍ତି ହେତୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର କେଜି ଡି ବ୍ଲକରୁ ବାହାରୁଥିବା ଗ୍ୟାସର ମୂଲ୍ୟ ବର୍ତ୍ତମାନ ମିଲିୟନ ବ୍ରିଟିଶ ଥର୍ମାଲ ୟୁନିଟ(ଏମ୍‌ବିଟିୟୁ) ପ୍ରତି ୯.୮୭ ଡଲାରରେ ପରିଣତ ହେବ। ଘରୋଇ ପ୍ରାକୃତିକ ଗ୍ୟାସ ମୂଲ୍ୟ ପ୍ରତିବର୍ଷ ଏପ୍ରିଲ ୧ ଏବଂ ଅକ୍ଟୋବର ୧ରେ ସ୍ଥିର କରାଯାଉଥିବାବେଳେ ଅନ୍ତର୍ଜାତୀୟ ଗ୍ୟାସ ମୂଲ୍ୟ ହ୍ରାସ ହେତୁ ମୂଲ୍ୟ ହ୍ରାସ କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ମୂଲ୍ୟ ହ୍ରାସ ସିଏନ୍‌ଜି ଏବଂ ପିଏନ୍‌ଜି ମୂଲ୍ୟ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ରବିବାର ଏକ ବିଜ୍ଞପ୍ତି ମାଧ୍ୟମରେ କେନ୍ଦ୍ର ସରକାର ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି। ପେଟ୍ରୋଲିୟମ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ବର୍ତ୍ତମାନ ପର୍ଯ୍ୟନ୍ତ ଘରୋଇ ପ୍ରାକୃତିକ ଗ୍ୟାସର ହାର ଏମବିଟିୟୁ ପ୍ରତି ୯.୯୬ ଡଲାର ଥିଲା। ଏପ୍ରିଲ ୧ରୁ ଏଥିରେ ସାମାନ୍ୟ ହ୍ରାସ ହେବା ପରେ ଏବଂ ଆସନ୍ତା ୬ ମାସ ପାଇଁ ନୂତନ ହାର ୯.୮୭ ଡଲାର ରହିବ। କ୍ରମାଗତ ତୃତୀୟ ଥର ପାଇଁ ଏହି ମୂଲ୍ୟ ହ୍ରାସ ପାଇଥିବାବେଳେ ୨୦୨୩ ଅକ୍ଟୋବର ୧ରେ ସରକାର ଗ୍ୟାସ ଦରରେ ୧୮ ପ୍ରତିଶତ ହ୍ରାସ କରିଥିଲେ। ସରକାର ଗ୍ୟାସର ମୂଲ୍ୟ ୧୨.୧୨ ଡଲାରରୁ ୯.୯୬ ଡଲାରକୁ ହ୍ରାସ କରିଥିଲେ। ଏହାର ପୂର୍ବଥର ୧୨.୪୬ ଡଲାରରୁ ୧୨.୧୨ ଡଲାରକୁ ହ୍ରାସ କରାଯାଇଥିଲା। ଗୋଟିଏ ଆର୍ଥିକ ବର୍ଷରେ ଘରୋଇ ପ୍ରାକୃତିକ ଗ୍ୟାସ ମୂଲ୍ୟ ଦୁଇଥର ସ୍ଥିର କରାଯାଉଥିବାବେଳେ ଏହି ଗ୍ୟାସ ପରେ ଯାନରେ ବ୍ୟବହାର ପାଇଁ ସିଏନଜି ଏବଂ ରୋଷେଇ ଘରେ ବ୍ୟବହାର ପାଇଁ ପିଏନ୍‌ଜିରେ ରୂପାନ୍ତରିତ ହୁଏ। ବିଦ୍ୟୁତ୍ ଉତ୍ପାଦନ ଏବଂ ସାର ଉତ୍ପାଦନରେ ମଧ୍ୟ ପିଏନଜି ବ୍ୟବହୃତ ହୁଏ।୨୦୨୩ ମସିହାରେ ଅନ୍ତର୍ଜାତୀୟ ହାର ହ୍ରାସ ହୋଇଥିବାରୁ ଭାରତରେ ଗ୍ୟାସର ମୂଲ୍ୟ ମଧ୍ୟ କ୍ରମାଗତ ଭାବେ ହ୍ରାସ ପାଉଛି। ଦେଶର ୬.୩ ପ୍ରତିଶତ ଶକ୍ତି ଆବଶ୍ୟକତା ପ୍ରାକୃତିକ ଗ୍ୟାସ ଦ୍ୱାରା ପୂରଣ ହେଉଛି। ଏହିକ୍ରମରେ ୨୦୩୦ ସୁଦ୍ଧା ସରକାର ଏହି ସଂଖ୍ୟାକୁ ୧୫ ପ୍ରତିଶତ କରିବାକୁ ଚେଷ୍ଟା କରୁଛନ୍ତି।



# ରାଜିନ୍ଦର ବନ୍ଧନ ବ୍ୟାଙ୍କର ନୂତନ ଇଡି

ଭୁବନେଶ୍ୱର,୩୧।୩

ବନ୍ଧନ ବ୍ୟାଙ୍କର ନୂତନ ବା ନୂଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ତଥା ଚିଫ୍ ବିଜନେସ୍ ଅଫିସର ଭାବେ ରାଜିନ୍ଦର କୁମାର ବବରଙ୍କୁ ନିକଟରେ ନିଯୁକ୍ତ କରାଯାଇଛି।ଏପରିକି ସେ ବ୍ୟାଙ୍କର ଡିଜିଟାଲ୍ ବ୍ୟାଙ୍କିଙ୍ଗ ଓ ଟ୍ରେଜେରି ପୋର୍ଟଫୋଲିଓ ସହ ସମସ୍ତ ବ୍ୟବସାୟର ଦେଖାଶୁଣା କରିବେ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷ କରି ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ଦୀର୍ଘ ୩୫ ବର୍ଷର ଅଭିଜ୍ଞତା ରହିଥିଲାବେଳେ ସେ ଏଚଡିଏଫସି ବ୍ୟାଙ୍କ, ସେଞ୍ଚୁରିଅନ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ବିଭିନ୍ନ ବିଭାଗରେ କାମ କରିଛନ୍ତି। ଏପରିକି ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଟ୍ରାକ୍ଟର ଫାଇନାନ୍ସ ବିଭାଗରେ ସେ ମୁଖ୍ୟ ଥିଲେ।

ସେହିଭଳି ଗତ ମାସରେ ରାଜୀବ ମନ୍ତ୍ରୀଙ୍କୁ ମୁଖ୍ୟ ବିତ ଅଧିକାରୀ (ସିଏଫ୍‌ଓ) ଭାବେ ବ୍ୟାଙ୍କ ପକ୍ଷରୁ ନିଯୁକ୍ତ କରାଯାଇଥିଲା। ଭାରତ, ସିଙ୍ଗାପୁର ଓ ୟୁଏଇର ବ୍ୟାଙ୍କ ଓ ଫାଇନାନ୍ସ କ୍ଷେତ୍ରର କାମ କରିବାର ରାଜୀବଙ୍କ ଦୀର୍ଘ ୨୫ବର୍ଷର ଅଭିଜ୍ଞତା ରହିଛି। ସେ ଷ୍ଟାଣ୍ଡାର୍ଡ ଚାର୍ଟର୍ଡ ଓ ସିଟି ବ୍ୟାଙ୍କ ପାଇଁ କାମ କରିଥିଲେ। ଅପରପକ୍ଷରେ ବରିଷ୍ଠ ବ୍ୟାଙ୍କର ସନ୍ତୋଷ ନାୟାର ବ୍ୟାଙ୍କର କଞ୍ଜ୍ୟୁମର ଲେଣ୍ଡିଂ ଆଣ୍ଡ ମଡଗେଜସର ମୁଖ୍ୟ ଭାବେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ ଏଚଡିଏଫସି ଲିମିଟେଡ୍, ଆମେରିକାନ ଏକ୍ସପ୍ରେସ୍ ଓ କୋଟାକ୍ ମହିନ୍ଦ୍ରା ପ୍ରାଇମସ୍ ସହ କାର୍ଯ୍ୟ କରିଥିଲେ। ଏ ନେଇ ବନ୍ଧନ ବ୍ୟାଙ୍କର ଏମଡି ତଥା ସିଇଓ ଚନ୍ଦ୍ର ଶେଖର ଘୋଷ କହିଛନ୍ତି, ରାଜିନ୍ଦର, ରାଜୀବ ଏବଂ ସନ୍ତୋଷଙ୍କୁ ବନ୍ଧନ ବ୍ୟାଙ୍କ ଟିମରେ ସ୍ୱାଗତ କରି ଆମେ ବେଶ ଉତ୍ସାହିତ ଅଛୁ। ସେମାନଙ୍କର ପ୍ରଭାବଶାଳୀ ପୃଷ୍ଠଭୂମି ଏବଂ ନେତୃତ୍ୱ ଦକ୍ଷତା ଆମ ପାଇଁ ଅମୂଲ୍ୟ ସମ୍ପତ୍ତି ହେବ।


## ମହିଳାଙ୍କ ଡକ୍ଟରେଟ୍ ଲାଭ



କଟକ ନିବାସୀ ଡଃ ଚିନ୍ମୟୀ ପ୍ରିୟଦର୍ଶିନୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ଅଧିନ ଶିକ୍ଷାଶାସ୍ତ୍ର ବିଭାଗରେ ଗବେଷଣାରତ ଥିଲେ। ତାଙ୍କର ଗବେଷିତ ବିଷୟ " A Study of Human Rights among the Teacher of Kendriya Vidyalaya in Odisha State." କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀ ସଦାଶିବ ପରିସରରେ ଶିକ୍ଷାଶାସ୍ତ୍ର ବିଭାଗର ବରିଷ୍ଠ ଆଚାର୍ଯ୍ୟ ପ୍ର. ଡଃ ରମାକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମ୍ପାଦନ କରିଥିଲେ। ତାଙ୍କର ଗବେଷଣା ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ପ୍ରଶଂସିତ ହୋଇଛି ଏବଂ ତାଙ୍କୁ ଡକ୍ଟରେଟ୍ ଉପାଧିରେ ବିଭୂଷିତ କରାଯାଇଛି। ଡଃ ଚିନ୍ମୟୀ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରୁ ଅବସରପ୍ରାପ୍ତ Sinior Laboratory Technician ଶ୍ରୀଯୁକ୍ତ ଶିବ ଚରଣ ସାହୁ ଓ ଶ୍ରୀମତୀ ବାସନ୍ତୀ ସାହୁଙ୍କ ସୁପୁତ୍ରୀ ତଥା କଟକ ତେଲେଙ୍ଗା ବଜାର ସ୍ଥିତ ଅବସରପ୍ରାପ୍ତ ବରିଷ୍ଠ ଭୂତତ୍ତ୍ୱ ଶ୍ରୀଯୁକ୍ତ ଶିବ ଚରଣ ସାହୁ ଓ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ପୁତ୍ରବଧୂ ତଥା ଶ୍ରୀଯୁକ୍ତ ସନ୍ତୋଷ କୁମାର ସାହୁଙ୍କ ଧର୍ମପତ୍ନୀ ଅଟନ୍ତି। ସେ ତାଙ୍କ ସଫଳତାର ସମସ୍ତ ଶ୍ରେୟ ଈଶ୍ୱରଙ୍କୁ, ଗୁରୁଙ୍କୁ, ପରିବାରର ସମସ୍ତ ସଦସ୍ୟ ଓ ତାଙ୍କର ଶୁଭେଚ୍ଛୁମାନଙ୍କୁ ପ୍ରଦାନ କରିଛନ୍ତି।

ଧ-୨୯୧୦


# ସାଇବର ଠକେଇ ରୋକିବ 'ଡିଜିଟା'

ଭୁବନେଶ୍ୱର,୩୧।୩(ଅନୁରାଧା ମହାରଣା)

ଆର୍ଥିକ କାରବାରରେ ସାଇବର ଠକେଇକୁ ରୋକିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଡିଜିଟାଲ ଇଣ୍ଡିଆ ଟ୍ରଷ୍ଟ ଏଜେନ୍ସି (ଡିଜିଟା) ପ୍ରତିଷ୍ଠା କରିବାକୁ ଚିନ୍ତା କରୁଛି। 'ଡିଜିଟା' ଦେଶରେ ବୃଦ୍ଧି ପାଉଥିବା ବେଆଇନ ଋଣ ପ୍ରଦାନରେ ରୋକ ଲଗାଇବାରେ ସହାୟକ ହେବ। ଏହା ନକଲି ଆପ୍‌ଗୁଡ଼ିକୁ ଚିହ୍ନଟ କରି ଡିଜିଟାଲ ଠକେଇରୁ ସୁରକ୍ଷା ଦେବ। ସୂଚନା ଅନୁଯାୟୀ, 'ଡିଜିଟା' ଡିଜିଟାଲ ଦୁନିଆରେ ବେଆଇନ ଆପ୍‌ଗୁଡ଼ିକୁ ଯାଞ୍ଚ କରିବ। ଯଦି କମ୍ପାନୀଗୁଡିକ ଆର୍ଥିକ କ୍ଷେତ୍ରରେ କାମ କରିବାକୁ ଚାହାନ୍ତି ତେବେ ସେମାନଙ୍କୁ 'ଡିଜିଟା' ଦ୍ୱାରା ସେମାନଙ୍କର ଆପ ଯାଞ୍ଚ କରିବାକୁ ପଡିବ। ଏହି ଏଜେନ୍ସି ଆପ ପରୀକ୍ଷା କରିବା ପରେ ଆରବିଆଇକୁ ଏକ ରିପୋର୍ଟ ଦେବ। 'ଡିଜିଟା' ଗ୍ରାହକମାନଙ୍କୁ ଠିକ୍ ଆପ ଚିହ୍ନଟ କରିବାରେ ସାହାଯ୍ୟ କରିବ। 'ଡିଜିଟା' ଯାଞ୍ଚ ମାଧ୍ୟମରେ ଡିଜିଟାଲ ପ୍ଲାଟଫର୍ମରେ ଠିକ୍ ଏବଂ ନକଲି ଆପଗୁଡ଼ିକୁ ଚିହ୍ନିବା ଅତି ସହଜ ହେବ। ଗତ କିଛି ବର୍ଷ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ଡିଜିଟାଲ ଋଣ ଦେଣନେଣ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ମାତ୍ର ଏହି କାରଣରୁ, ଡିଜିଟାଲ ଠକେଇ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏହିପରି ନକଲି ଋଣ ଆପରେ ଲୋକମାନେ ଫସିଯାଉଛନ୍ତି। 'ଡିଜିଟା' ଦ୍ୱାରା ଅନୁମୋଦିତ ହୋଇନଥିବା ଆପ୍‌ଗୁଡ଼ିକ ଗୁଗୁଲ୍ ପ୍ଲେ ଷ୍ଟୋରରେ ମଧ୍ୟ ଉପଲବ୍ଧ ହେବ ନାହିଁ। ଆଇଟି ମନ୍ତ୍ରଣାଳୟକୁ ଆରବିଆଇ ୪୪୨ ଡିଜିଟାଲ ଲ୍ୟାଣ୍ଡିଂ ଆପ ତାଲିକା ଦେଇଛି। ସେପ୍ଟେମ୍ବର ୨୦୨୨ରୁ ଅଗଷ୍ଟ ୨୦୨୩ ପର୍ଯ୍ୟନ୍ତ, ଗୁଗୁଲ ଏହାର ପ୍ଲେଷ୍ଟୋରରୁ ପ୍ରାୟ ୨୨୦୦ ଡିଜିଟାଲ ଲ୍ୟାଣ୍ଡିଂ ଆପ୍ ଅପସାରଣ କରିଛି। ଆରବିଆଇ ଦ୍ୱାରା ଅନୁମୋଦିତ ଆପଗୁଡ଼ିକୁ ହିଁ ଗୁଗୁଲ ଅନୁମୋଦନ କରିବାକୁ ନିଷ୍ପତ୍ତି ନେଇଛି।







ଟାଟା ମୋଟର୍ସକୁ ଆପୋଲୋ ସିଭି ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ମୋଟର୍ସର କର୍ତ୍ତୃପକ୍ଷ ଆୟୋଜକଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରୁଛନ୍ତି।


**Classified Everyday 0674-2580101, 2549949**




REAL ESTATE

**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ Sum-2 Hospitalଠାରୁ ଅଳ୍ପ ଦୂରତାରେ SC/General ଘରବାରି ପ୍ଲଟ୍ କିଣନ୍ତୁ। 9658562429. D-75935

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

Duplex sale at Bhubaneswar @ 57 lakhs only. Contact- 9777433701. D-75934




**Relax, Refresh your body, Mind at Saikrupa Spa with best therapies. 8984068077.** D-2774

Newly open SPA health benefits relax refresh good therapist. 8260719139. D-76109

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75722

Relax, refresh your body, mind by expert therapist. Contact: 9938843929. D-76110

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ସୁଭାଷ ଚନ୍ଦ୍ର ପରିଡ଼ା**
ମନାପଡ଼ା, ଗୋପ, ପୁରୀ
ଆବିର୍ଭାବ: ୨୨।୦୮।୧୯୪୭
ତିରୋଧାନ: ୨୨।୦୩।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ବନ୍ଧୁ ଓ ପରିବାରବର୍ଗ।

ଧ-୨୯୦୯


# ଘରୋଇ ବଜାରରେ ଫୁଡ୍ ଷ୍ଟାର୍ଟଅପର ଚାହିଦା ବୃଦ୍ଧି

ଭୁବନେଶ୍ୱର,୩୧।୩

ଗତ କିଛି ବର୍ଷ ମଧ୍ୟରେ ଘରୋଇ ବଜାରରେ ଫୁଡ୍ ଷ୍ଟାର୍ଟଅପର ଚାହିଦା ବୃଦ୍ଧି ପାଇଛି। ଏପରିକି କେନ୍ଦ୍ର ସରକାରଙ୍କ ଷ୍ଟାର୍ଟଅପ୍ ପଲିସି ଓ ଅନ୍ୟାନ୍ୟ ଯୋଜନା ସହିତ ବ୍ୟାଙ୍କଗୁଡ଼ିକ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଆର୍ଥିକ ସହାୟତା ଆଦି ବଳରେ ଆଶାୟୀ ଯୁବ ଉଦ୍ୟୋଗୀମାନେ ଷ୍ଟାର୍ଟଅପ ପ୍ରତି ଆଗ୍ରହ ପ୍ରକାଶ କରୁଥିବାରୁ ଘରୋଇ ବଜାରରେ ଫୁଡ୍ ଷ୍ଟାର୍ଟଅପ ଶିଳ୍ପରେ ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ବିଶେଷକରି ସାରା ଦେଶରେ ବେକାରି ଏକ ବଡ଼ ସମସ୍ୟା ହୋଇଥିଲାବେଳେ ବୃତ୍ତିଗତ ନିଯୁକ୍ତିରେ ମଧ୍ୟ ଅନେକ ପ୍ରକାର ସମସ୍ୟା ରହିଛି। ଫଳରେ ଯୁବବର୍ଗ ନିଯୁକ୍ତି ପଛରେ ନ ଗୋଡ଼ାଇ ଛୋଟଠାରୁ ମଧ୍ୟମ ବର୍ଗର ଫୁଡ୍ ଷ୍ଟାର୍ଟଅପ ବସାଇବାକୁ ପସନ୍ଦ କରୁଛନ୍ତି। ସେହିଭଳି ଦେଶର ପ୍ରମୁଖ ଫୁଡ୍ ଷ୍ଟାର୍ଟଅପ ଯଥା ଜମାଟୋ, ସ୍ୱିଗୀ, ବିରିଆୟନି ବାଇ କିଲୋ, ଇନର ସେଫ, ହଙ୍ଗର ବକ୍ସ ଓ ଜାଏ ପଏଣ୍ଟ ଭଳି ୧୦୦ରୁ ଅଧିକ ପ୍ରମୁଖ ଫୁଡ୍ ଷ୍ଟାର୍ଟଅପ ବର୍ତ୍ତମାନ ସମୟରେ ମାର୍କେଟ ଲିଡର ସହ ଫୁଡ୍‌ଚେନର ମାନ୍ୟତା ହାସଲ କରିଛନ୍ତି। ଅପରପକ୍ଷରେ ସ୍ୱଳ୍ପ ପୁଞ୍ଜିରୁ ଆରମ୍ଭ କରାଯାଇପାରୁଥିବାରୁ ଫୁଡ ଷ୍ଟାର୍ଟଅପ ପ୍ରତି ଉଭୟ ଆଶାୟୀ ଓ ଉତ୍ସାହୀ ଯୁବବର୍ଗ ଏ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ଓ ଷ୍ଟାର୍ଟଅପ ପ୍ରତିଷ୍ଠା ସହ ଭଲ ବ୍ୟବସାୟ ମଧ୍ୟ କରୁଛନ୍ତି। ଏପରିକି ଫୁଡ୍ ଷ୍ଟାର୍ଟଅପଗୁଡିକ ଦୈନିକ ୧୦,୦୦୦ରୁ ୧୦,୦୦,୦୦୦ ଟଙ୍କାର କାରବାର ସହିତ ବାର୍ଷିକ ୫ କୋଟିରୁ ୨୦୦କୋଟି ଟଙ୍କାର କାରବାର କରୁଛନ୍ତି। ସେହିପରି ଫୁଡ ଷ୍ଟାର୍ଟଅପ ଜରିଆରେ ମଧ୍ୟ ଯୁବୋଦ୍ୟୋଗୀମାନେ ବେକାରି ସମସ୍ୟାରୁ ମୁକୁଳିବା ସହିତ ୫ରୁ ୫୦ ଜଣଙ୍କୁ ପ୍ରତି ଷ୍ଟାର୍ଟଅପରେ ନିଯୁକ୍ତି ଯୋଗାଇ ପାରୁଛନ୍ତି।




## ଗୁଣାତ୍ମକ ଖାଦ୍ୟକୁ ଅପମ୍ ସେଣ୍ଟ୍ରାଲର ଗୁରୁତ୍ୱ

ବର୍ତ୍ତମାନ ସମୟରେ ସ୍ୱାଭିମାନୀ ଯୁବବର୍ଗ ପର ପାଖରେ କାମ ନ କରି ନିଜେ କିଛି କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଏପରିକି ଆଶାୟୀ ଓ ଉତ୍ସାହୀ ଉଚ୍ଚଶିକ୍ଷିତ ଯୁବବର୍ଗମାନେ ସରକାରୀ ଯୋଜନା ଓ ବ୍ୟାଙ୍କ ସହାୟତାରେ ଷ୍ଟାର୍ଟଅପ କରିବାକୁ ଆଗ୍ରହ ଦେଖାଉଛନ୍ତି। ଏ ପରି ଜଣେ ଉତ୍ସାହୀ ଓ ଉଚ୍ଚଶିକ୍ଷିତ ଯୁବତୀ ରାଜଶ୍ରୀ ପ୍ରିୟଦର୍ଶନୀ ଭୁବନେଶ୍ୱରର ରଥ ରୋଡଠାରେ ଅପମ ସେଣ୍ଟ୍ରାଲ ନାମରେ ଏକ ଫୁଡ୍ ଷ୍ଟାର୍ଟଅପ କରିଛନ୍ତି। ପ୍ରତିଦିନ ଶହ ଶହ ଲୋକ ସନ୍ଧ୍ୟା ସମୟରେ ସୁସ୍ୱାଦୁ ଓ ଗୁଣାତ୍ମକ ଖାଦ୍ୟର ମଜା ନେଉଛନ୍ତି।




ବିଶେଷ କରି ସ୍ମାର୍ଟସିଟି ଭୁବନେଶ୍ୱରବାସୀଙ୍କୁ କେରଳୀ ଖାଦ୍ୟର ମଜା ଓ ସ୍ୱାଦ ଚଖାଇବା ପାଇଁ ଏଭଳି ଏକ ଅଭିନବ ଫୁଡ ଷ୍ଟାର୍ଟଅପ 'ଅପମ ସେଣ୍ଟ୍ରାଲ' ଜରିଆରେ ସ୍ୱଳ୍ପ ମୂଲ୍ୟ ଓ ଗୁଣାତ୍ମକ ଖାଦ୍ୟ ଯୋଗାଉଛନ୍ତି। ବିଶେଷ କରି ଯୁବବର୍ଗମାନେ ଅପମଠାରେ ଭିଡ ଜମାଉଛନ୍ତି। ଏ ନେଇ ଅପମ ସେଣ୍ଟ୍ରାଲର ସହପ୍ରତିଷ୍ଠାତା ତଥା ମହିଳା ଯୁବୋଦ୍ୟୋଗୀ ରାଜଶ୍ରୀ ପ୍ରିୟଦର୍ଶନୀ କହିଛନ୍ତି, ଯୁବବର୍ଗଙ୍କୁ ସୁସ୍ୱାଦୁ ଓ ଗୁଣାତ୍ମକମାନର ଖାଦ୍ୟ ଯୋଗାଇବା ସହିତ ଏକ ଭିନ୍ନ ପ୍ରକାରର ଖାଦ୍ୟ (ଡିସ)ର ସ୍ୱାଦ ସହରର ଯୁବବର୍ଗଙ୍କୁ ଚଖାଇବା ପାଇଁ କେରଳୀ ଖାଦ୍ୟ ବ୍ରାଣ୍ଡ 'ଅପମ' ଶୁଭାରମ୍ଭ କରିଛି। ସେହିଭଳି ଅପମ ସେଣ୍ଟ୍ରାଲର ସହପ୍ରତିଷ୍ଠାତା ରାକେଶ ମିଶ୍ର କହିଥିଲେ, ଆମେ ଯୁବ ବର୍ଗଙ୍କୁ ସୁଷମ ଓ ସୁସ୍ୱାଦୁ ଖାଦ୍ୟ ଭିନ୍ନ ପ୍ରକାରର ପ୍ରସ୍ତୁତି ସହ ଗୁଣାତ୍ମକ ଏବଂ ସୁସ୍ଥ ପରିବେଶ ମଧ୍ୟରେ ଯୋଗାଇବାକୁ ଲକ୍ଷ୍ୟ ରଖିଛୁ। ଏପରିକି ସବୁ ବର୍ଗର ଗ୍ରାହକଙ୍କୁ ଅପମର ଖାଦ୍ୟ ଓ ସ୍ୱାଦ ଚଖାଇବା ଆମର ମୂଳ ଲକ୍ଷ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି।

# ପଦ୍ମ ଧରିଲେ ଆକାଶ

- ବିମାନବନ୍ଦରଠାରେ ଭର୍ତ୍ତୃହରିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା
- ଶେଷ, ଆଶୁତୋଷ, ପ୍ରମୋଦ ବି ଦଳରେ ମିଶିଲେ
- ଓଡ଼ିଶାର ଅସ୍ମିତାର ଲଢ଼େଇ ପାଇଁ ଭାଜପାରେ ମିଶିଛି: ଆକାଶ

ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)



ରାଜ୍ୟ କାର୍ଯ୍ୟାଳୟରେ ଭାଜପା ନେତୃବୃନ୍ଦଙ୍କ ସହ ଦଳରେ ଯୋଗଦେବା ଅବସରରେ ଆକାଶ ଦାସ ନାୟକ।

କୋରେଇର ପୂର୍ବତନ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ ଶନିବାର ବିଜେଡିରୁ ଇସ୍ତଫା ଦେଇଥିବା ବେଳେ ରବିବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ତାଙ୍କୁ ସ୍ୱାଗତ କରାଯାଇଛି। ତାଙ୍କ ସହ ବହୁ କର୍ମୀ ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ମିଶ୍ରଣପର୍ବରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଅରିନ୍ଦମ୍ ରୟ, ସିଦ୍ଧାନ୍ତ ମହାପାତ୍ର, ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ ନେତା ଉପସ୍ଥିତ ଥିଲେ। ସେହିପରି ନିକଟରେ ଦିଲ୍ଲୀ ସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟଠାରେ ଦଳରେ ସାମିଲ ହୋଇଥିବା କଟକ ଏମ୍‌ପି ଭର୍ତ୍ତୃହରି ମହତାବ ରବିବାର ଦିଲ୍ଲୀରୁ ଫେରିଛନ୍ତି। ତାଙ୍କୁ ଭୁବନେଶ୍ୱର ବିମାନବନ୍ଦରଠାରେ ସ୍ୱାଗତ କରିବାକୁ ଶତାଧିକ କର୍ମୀ ଅପେକ୍ଷା କରି ରହିଥିଲେ। ଭର୍ତ୍ତୃହରି ପହଞ୍ଚିବା ପରେ ତାଙ୍କୁ ବଡ଼ ଧରଣର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ରାଲିକରି ଭାଜପା ରାଜ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନେଇଥିଲେ। ଏହି ଅବସରରେ ଭର୍ତ୍ତୃହରି କହିଛନ୍ତି, ଭାଜପା କର୍ମକର୍ତ୍ତାଙ୍କୁ ପାଥେୟକରି ରାଷ୍ଟ୍ରବାଦର ପ୍ରଚାର, ଏକାତ୍ମତାର ସ୍ଥାପନ ଏବଂ ପୂର୍ବୋଦୟର ସଂକଳ୍ପ ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନେଇଛନ୍ତି ଓଡ଼ିଶାର ଉନ୍ନତି ଏବଂ ବିକାଶ ପାଇଁ ସେ କାର୍ଯ୍ୟକ୍ରମକୁ ଆହୁରି ଆଗକୁ ଆଗକୁ ନେବି। ବିଜେଡିର ଏବେ ପତନର ସମୟ। ସେମାନେ ଜାଣିସାରିଲେଣି ତାଙ୍କର ଆଉ ସ୍ଥିତି ଓଡ଼ିଶାରେ ନାହିଁ। ପରିବର୍ତ୍ତନ ୨୦୨୪ର ଲକ୍ଷ୍ୟ ଲୋକଙ୍କ ଦ୍ୱାରା ଆସନ୍ତା ଜୁନ୍ ୪ ତାରିଖରେ ପ୍ରମାଣିତ ହେବ ବୋଲି ସେ କହିଛନ୍ତି।

ଅନ୍ୟପଟେ ଭାଜପାରେ ଯୋଗଦେବା ପରେ ଆକାଶ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଆହ୍ୱାନରେ ଅନୁପ୍ରାଣିତ ହୋଇ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଭାଜପାରେ ସାମିଲ ହୋଇଛି। କୋରେଇ ପାଇଁ ବହୁତ କାମ କରିଛନ୍ତି। ଅନେକ କାମ ବାକି ରହିଛି। ମାଆ, ମାଟି ଓ ସ୍ୱାଭିମାନ ପାଇଁ ଗୋଟିଏ ବୃହତ୍ତର ସଂଗ୍ରାମ ପାଇଁ ଆମେ ସମସ୍ତେ ଆଜି ଆସିଛେ। ଆମେ ସମସ୍ତେ ଜଣେ ଜଣେ ସୈନିକ ଭାବେ ଏ ସଂଗ୍ରାମ ଜାରି ରଖିବା। ଆତ୍ମସମ୍ମାନକୁ ଦଳିଦେବା ଅପେକ୍ଷା ଓଡ଼ିଶାର ଅସ୍ମିତାର ଲଢ଼େଇ ପାଇଁ ଭାଜପାରେ ସାମିଲ ହୋଇଛି ବୋଲି ଆକାଶ କହିଛନ୍ତି। ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ଆକାଶ ଯାଜପୁର ଜିଲା କୋରେଇ ବିଧାୟକ ହୋଇଥିଲେ। କିନ୍ତୁ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କୁ ଟିକେଟ ଦେଇ ନ ଥିଲା। ତାଙ୍କ ସ୍ଥାନରେ ଦଳ ଅଶୋକ କୁମାର ବଳଙ୍କୁ ପ୍ରାର୍ଥୀ କରିଥିବା ବେଳେ ସେ ମଧ୍ୟ ବିଜୟୀ ହୋଇଥିଲେ। ଏହି ଅବସରରେ ସିଦ୍ଧାନ୍ତ ମହାପାତ୍ର ମଧ୍ୟ ବିଜେଡିକୁ ଟାର୍ଗେଟ କରିଛନ୍ତି। ତେବେ ଆକାଶ କୋରେଇ, ସିଦ୍ଧାନ୍ତ ବ୍ରହ୍ମପୁର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ଜୋର୍ ଧରିଛି।

୨୦୧୯ ସାଧାରଣ ନିର୍ବାଚନରେ ବୌଦ୍ଧ ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଛିଡ଼ା ହୋଇଥିବା ଶେଷ କୁମାର ମେହେର ମଧ୍ୟ ରବିବାର ନିଜ ସମର୍ଥକମାନଙ୍କ ସହ ଆସି ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ବରଗଡ଼ ଜିଲା ପଦ୍ମପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଇକମାଲ ଅଞ୍ଚଳର ଯୁବନେତା ଇଞ୍ଜିନିୟର ଆଶୁତୋଷ ସାହୁ ନିଜ ସମର୍ଥକଙ୍କ ସହିତ ଦଳରେ ସାମିଲ ହୋଇଛନ୍ତି। ଆଶୁତୋଷଙ୍କ ସମେତ ସମେତ ସ୍ଥାନୀୟ ବିଜେଡିର କେତେଜଣ ଯୁବନେତା ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ନିଆଳିର ପୂର୍ବତନ ବିଧାୟକ କସ୍ତୁରୀ ମଲିକଙ୍କ ପୁଅ ପ୍ରମୋଦ କୁମାର ମଲିକ ନିଜର ଶତାଧିକ ସମର୍ଥକଙ୍କ ଗହଣରେ ଭାଜପାରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ସଦସ୍ୟଙ୍କୁ ଉତ୍ତରୀୟ ଏବଂ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି।



ଭର୍ତ୍ତୃହରି ମହତାବଙ୍କୁ ଏକ ଶୋଭାଯାତ୍ରାରେ ଏୟାର ପୋର୍ଟରୁ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ନିଆଯାଉଛି।

# ବିଜେଡିରେ ଚିରଞ୍ଜୀବ ବିଶ୍ୱାଳ

- ଜଗତ୍‌ସିଂହପୁରରୁ ଚିରଞ୍ଜୀବ, ବାଲିକୁଦାରୁ ପ୍ରାର୍ଥୀ ହୋଇପାରନ୍ତି ପ୍ରଶାନ୍ତ
- ଅମରେନ୍ଦ୍ରଙ୍କ ପରବର୍ତ୍ତୀ କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା ବଢୁଛି

ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)



ଶଙ୍ଖ ଭବନରେ ଚିରଞ୍ଜୀବ ବିଶ୍ୱାଳଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରାଯାଉଛି।

ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ରବିବାର ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ତାଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ମଧ୍ୟ ଶଙ୍ଖଭବନ ଠାରେ ରାଜ୍ୟ ସଭା ଏମ୍‌ପି ମାନସ ରଞ୍ଜନ ମଙ୍ଗରାଜ ଓ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଚିରଞ୍ଜୀବ ଶନିବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ବିଜେଡିରେ ମିଶିବା ପରେ ଚିରଞ୍ଜୀବ ବିଶ୍ୱାଳ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ୨୫ ବର୍ଷର ଜନାଭିମୁଖୀ କାର୍ଯ୍ୟକ୍ରମରେ ଆକୃଷ୍ଟ ହୋଇ ଶାସକ ଦଳକୁ ଆସିଛି। ଏଥର ୧୨୦ରୁ ଅଧିକ ବିଧାୟକ ଓ ୧୫ରୁ ଅଧିକ ଏମ୍‌ପିଙ୍କୁ ଜିତେଇବାରେ ସହଯୋଗ କରିବେ। ସୂଚନାଯୋଗ୍ୟ ଯେ, ଚିରଞ୍ଜୀବ ୨ ଥର କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୦୪ରେ ସେ ତର୍ତ୍ତୋଲ ବିଧାନସଭା ଆସନରୁ ବିଜୟୀ ହୋଇଥିଲେ। ୨୦୦୯ରେ ସେ ଜଗତ୍‌ସିଂହପୁର ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୧୪ରେ ଜଗତ୍‌ସିଂହପୁରରୁ ଚିରଞ୍ଜୀବ ବିଧାନସଭାକୁ ନିର୍ବାଚିତ ହୋଇଥିଲେ।

ଦଳରେ ସାମିଲ ହୋଇଥିବା ଚିରଞ୍ଜୀବ ବିଶ୍ୱାଳ ଏବଂ ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରାଯାଇଛି। ବର୍ତ୍ତମାନ କଂଗ୍ରେସ କର୍ମୀଙ୍କ ଯୋଗଦାନ ବିଶେଷକରି ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀର ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ମାନସ ମଙ୍ଗରାଜ କହିଛନ୍ତି। ଏହି ଅବସରରେ ଚିରଞ୍ଜୀବ ଆହୁରି କହିଛନ୍ତି ଯେ, କୌଣସି ସ୍ୱାର୍ଥ ନେଇ ବିଜେଡିରେ ସାମିଲ ହୋଇନାହାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି। ମହିଳା, ଯୁବପିଢ଼ି, ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବହୁ କାମ କରିଛନ୍ତି। ଏହାପରେ ସେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ସାକ୍ଷାତ କରିଛନ୍ତି। ଚିରଞ୍ଜୀବଙ୍କୁ ଦଳ ଜଗତ୍‌ସିଂହପୁର ବିଧାନସଭା ଆସନରୁ ପ୍ରାର୍ଥୀ କରିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଶାସକ ଦଳ ମୁଖ୍ୟ ସଚେତକ ତଥା ବର୍ତ୍ତମାନ ଜଗତସିଂହପୁର ବିଧାୟକ ଥିବା ପ୍ରଶାନ୍ତ ମୁଦୁଲିଙ୍କୁ ଦଳ ତାଙ୍କ ପୁରୁଣା ସ୍ଥାନ ଏରସମା-ବାଲିକୁଦାକୁ ଫେରାଇ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଜଗତ୍‌ସିଂହପୁର ଆସନରୁ ବିଜେଡି ଟିକେଟ ପାଇଁ ଅନ୍ୟ ଜଣେ ଦାବିଦାର ଭାବେ ଯୁବ ନେତା ଅମରେନ୍ଦ୍ର ଦାସ ରହିଛନ୍ତି। ପ୍ରଶାନ୍ତ ବିଧାୟକ ଥିବା ଭିତରେ ଅମରେନ୍ଦ୍ର ମଧ୍ୟ ସମାନ୍ତରାଳ ସାଙ୍ଗଠନିକ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ହେଲେ ବର୍ତ୍ତମାନ ଚିରଞ୍ଜୀବଙ୍କୁ ଦଳରେ ସାମିଲ କରିବା ପରେ ଅମରେନ୍ଦ୍ରଙ୍କ ଆଭିମୁଖ୍ୟ କ'ଣ ରହୁଛି ତା' ଉପରେ ସମସ୍ତଙ୍କ ନଜର ରହିଛି।

## ପୁରୁଣା ସାକ୍ଷାତ୍କାର ଭାଇରାଲ

୧୧।୧୨।୨୧ରେ ଧରିତ୍ରୀ 'ନୀତି ରାଜନୀତି' ପୃଷ୍ଠାର ଧରିତ୍ରୀ ଆଳାପରେ ପ୍ରକାଶିତ ଏକ ଖବରକୁ ନେଇ କେବଳ ଜଗତ୍‌ସିଂହପୁର ଜିଲା ନୁହେଁ, ସାରା ରାଜ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସେତେବେଳେ ଚିରଞ୍ଜୀବ ବିଶ୍ୱାଳ ଧରିତ୍ରୀ ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକଙ୍କୁ ଦେଇଥିବା ସ୍ୱତନ୍ତ୍ର ସାକ୍ଷାତ୍କାର ସ୍ଥାନିତ ହୋଇଛି। ସେତେବେଳେ ଚିରଞ୍ଜୀବ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଥିଲେ।

୩୦ ମାର୍ଚ୍ଚ ୨୦୨୪ରେ ସେ କଂଗ୍ରେସ ଛାଡ଼ିଲେ ଓ ୩୧ ମାର୍ଚ୍ଚରେ ବିଜେଡିରେ ଯୋଗ ଦେବା ପରେ ପୁରୁଣା ଦିନର ସାକ୍ଷାତ୍କାର ଏବେ ଭାଇରାଲ ହୋଇଛି। ସେତେବେଳେ ବିଜେଡିରେ ମିଶିବା ନେଇ ହେଉଥିବା ଆଲୋଚନା ଉପରେ ସେ ଯାହା କହିଥିଲେ, ତାହା ଏବେ ବି ଚର୍ଚ୍ଚାକୁ ଖୋରାକ ଯୋଗାଉଛି। ସେ କହିଥିଲେ, ତାଙ୍କୁ ବିଜେଡିରେ ମିଶିବା ନେଇ କେହି ଆପ୍ରୋଚ କରିନାହାନ୍ତି। ତେଣୁ ଦଳ କାହିଁକି ଛାଡ଼ିବେ। ଆଉ ବିଜେଡି କାର୍ଯ୍ୟାଳୟରେ କ'ଣ ଝାଡୁମାରିବେ ବୋଲି ଚିରଞ୍ଜୀବ ପାଲଟା ପ୍ରଶ୍ନ କରିଥିଲେ।

### ବିଜେଡି କାର୍ଯ୍ୟାଳୟରେ କ'ଣ ଝାଡୁ ମାରିବି

**ଜଗତ୍‌ସିଂହପୁରର ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ କଂଗ୍ରେସ ଛାଡ଼ି ବିଜେଡିରେ ମିଶିବା ନେଇ ଚର୍ଚ୍ଚା ଲାଗି ରହିଛି। ଗତ ସାଧାରଣ ନିର୍ବାଚନରେ ସେ ଏହି ବିଧାନସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବାରୁ ତାଙ୍କୁ ପୁଣି ଜଗତ୍‌ସିଂହପୁରରେ ଦେଖିବାକୁ ମିଳୁଛି। କଂଗ୍ରେସ ଛାଡ଼ିବା ଓ ଅନ୍ୟ କେତେକ ପ୍ରସଙ୍ଗରେ ତାଙ୍କ ସହ ଧରିତ୍ରୀର ପ୍ରମୋଦ କୁମାର ନାୟକଙ୍କ ଆଳାପ।**

ଧରିତ୍ରୀ ଆଳାପ



ଚିରଞ୍ଜୀବ ବିଶ୍ୱାଳ

***ପ୍ରଶ୍ନ: କଂଗ୍ରେସର କେତେଜଣ ଆଗଧାଡ଼ିର ନେତା ଓ କର୍ମୀ ବିଜେଡିରେ ମିଶିଥିବା ସମ୍ପର୍କରେ ଆପଣଙ୍କ ପ୍ରତିକ୍ରିୟା କ'ଣ ?***

ଉତ୍ତର: କିଏ କୁଆଡ଼େ ଯିବ କହିହେବ ନାହିଁ। ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକଙ୍କର ସ୍ୱାଧୀନ ବିଚାର ଓ ନିଷ୍ପତ୍ତି ଅଛି।

***ପ୍ରଶ୍ନ: ଆପଣଙ୍କ କେତେଜଣ ପାଖଲୋକ ଦଳ ଛାଡୁଥିବାର କାରଣ?***

ଉତ୍ତର: କିଏ କାହାର ପାଖ ଲୋକ ହୋଇ ରହିବା ବାଧ୍ୟତାମୂଳକ ନୁହେଁ। ଦୁନିଆରେ କେତେକ କ୍ଷେତ୍ରରେ ସ୍ତ୍ରୀ ବି ପାଖରେ ରହୁନି। ରାହୁଲ ଗାନ୍ଧୀଙ୍କର ଅନେକ ପାଖଲୋକ ଏବେ ତୃଣମୂଳ କଂଗ୍ରେସରେ ଅଛନ୍ତି। ତେଣୁ କିଛି କହିହେବ ନାହିଁ।

***ପ୍ରଶ୍ନ: ଆପଣ ବିଜେଡିରେ ମିଶିବା ନେଇ ହେଉଥିବା ଆଲୋଚନା ଉପରେ କ'ଣ କହିବେ?***

ଉତ୍ତର: ମତେ କେହି ତ ଆପ୍ରୋଚ୍ କରି ନାହାନ୍ତି, ଦଳ କାହିଁକି ଛାଡ଼ିବି। ବିଜେଡି କାର୍ଯ୍ୟାଳୟରେ କ'ଣ ଝାଡୁ ମାରିବି। ସୀତାଙ୍କୁ ବି ଖରାପ କହିବାକୁ ଅନେକ ପଛାଇ ନ ଥିଲେ। ତେଣୁ ଲୋକେ ଅନେକ କଥା କହିବେ। ମୁଁ ୧୦ ବର୍ଷ କାଳ ସବୁଦିନ ନିର୍ବାଚନ ମଣ୍ଡଳୀ ଯାଇ ଖର୍ଚ୍ଚ କରି ଲାଭ ପାଇଲି ନାହିଁ। ୧୦ ଦିନରେ ଜଣେ ଆସି ବିଧାୟକ ହୋଇଗଲେ। ମୁଁ ମହାତ୍ମା ଗାନ୍ଧୀ ନୁହେଁ ଯେ ସ୍ୱାଧୀନତା ଆଣିବି, ଆଉ ନେହେରୁ ପ୍ରଧାନମନ୍ତ୍ରୀ ହୋଇଯିବେ।

***ପ୍ରଶ୍ନ: ଆଗକୁ ପଞ୍ଚାୟତ ନିର୍ବାଚନ ଅଛି, କଂଗ୍ରେସର ସାଂଗଠନିକ କାର୍ଯ୍ୟ କିପରି ଚାଲିଛି ?***

ଉତ୍ତର: ମୁଁ ମୋର ନିର୍ବାଚନ ମଣ୍ଡଳୀ ଯାଉଛି, ଯାହା କରିବା କଥା କରୁଛି।

***ପ୍ରଶ୍ନ: ଆପଣ ନିର୍ବାଚନମଣ୍ଡଳୀ ସହ ସମ୍ପର୍କ କମାଇ ଦେଇଥିବାରୁ ସଂଗଠନ ଦୁର୍ବଳ ହେଉଛି ବୋଲି ଦଳୀୟ କର୍ମୀ ମହଲରେ ହେଉଥିବା ଆଲୋଚନା ସମ୍ପର୍କରେ କ'ଣ କହିବେ ?***

ଉତ୍ତର: ମୁଁ କ'ଣ ଠିକା ନେଇଛି ସଂଗଠନ କରୁଥିବି, ଆଉ ହାରୁଥିବି। ଅନ୍ୟମାନଙ୍କ ପଇସାର ମୂଲ୍ୟ ଅଛି, ମୋର ନାହିଁ। ପଞ୍ଚାୟତ ନିର୍ବାଚନ ତା' ବାଟରେ ହେବ। ମୁଁ ହନୁମାନ ହେବାର ନାହିଁ, କି ଲଙ୍କାରେ ନିଆଁ ଲଗାଇ କ'ଣ ପାଇଁ ଲଗାଇଲି ବୋଲି ଜାଣିବାର ନାହିଁ।

***ପ୍ରଶ୍ନ: ଆଗଧାଡ଼ିର କଂଗ୍ରେସ ନେତା ଆପଣଙ୍କ ଷ୍ଟାଣ୍ଡକୁ ନେଇ ସନ୍ଦେହରେ ରହୁଥିବା ସମ୍ପର୍କରେ କ'ଣ କହିବେ ?***

ଉତ୍ତର: ୧୦ବର୍ଷ କାଳ ସବୁ ଖୋଲିଦେଇ ନାମ ନେଇଗଲି। ଏଥର ସେଇଟି ହେବନି, ସନ୍ଦେହରେ ରୁହନ୍ତୁ।

# ଶଙ୍ଖ ଧରିଲେ ଉପେନ୍ଦ୍ର, ଅବକାଶ, ବୃନ୍ଦାବନ

ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)





ଶଙ୍ଖ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଉପେନ୍ଦ୍ର, ଅବକାଶ, ବୃନ୍ଦାବନ।

ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନଙ୍କ ସମେତ ଶତାଧିକ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ରବିବାର ଶଙ୍ଖଭବନଠାରେ ମନ୍ତ୍ରୀ ସାରଦା ନାୟକ, ପୂର୍ବତନ ବିଧାୟକ ମଙ୍ଗଳା କିଶାନ ଓ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଉପେନ୍ଦ୍ରଙ୍କ ସମେତ ତାଙ୍କ ସହିତ ଥିବା ଅନ୍ୟ ସମସ୍ତଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି। ବର୍ତ୍ତମାନ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସାରଦା କହିଛନ୍ତି। ଏହି ଅବସରରେ ଉପେନ୍ଦ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଯାହା ଦାୟିତ୍ୱ ଦେବେ ତାହା ସେ ସୁଚାରୁ ରୂପେ ତୁଲାଇବେ। ସେହିପରି ବୌଦ୍ଧ ନିର୍ବାଚନମଣ୍ଡଳୀର ୨୦୧୪ ସାଧାରଣ ନିର୍ବାଚନର କଂଗ୍ରେସ ସମର୍ଥନରେ ଲଢ଼ିଥିବା ସିପିଆଇ ବିଧାୟକ ପ୍ରାର୍ଥୀ ଅବକାଶ ସାହୁ ମଧ୍ୟ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ସହ ଶତାଧିକ କଂଗ୍ରେସ ଓ ସିପିଆଇ କର୍ମୀ ଶଙ୍ଖଭବନଠାରେ ମନ୍ତ୍ରୀ ପ୍ରଦୀପ ଅମାତ ଓ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ଅବକାଶ ସାହୁ କହିଛନ୍ତି, ଦଳରେ ତାଙ୍କୁ ଏବଂ ତାଙ୍କ ସହ ଯୋଗ ଦେଇଥିବା ସମସ୍ତଙ୍କୁ ଗ୍ରହଣ କରାଯାଇଥିବାରୁ ଧନ୍ୟବାଦ। ସେହିପରି ସମ୍ବଲପୁର ଜିଲା ଅନ୍ତର୍ଗତ କୁଚିଣ୍ଡା ନିର୍ବାଚନମଣ୍ଡଳୀର ପୂର୍ବତନ ଭାଜପା ବିଧାୟକ ବୃନ୍ଦାବନ ମାଝୀଙ୍କ ସମେତ ତାଙ୍କ ଶତାଧିକ ସମର୍ଥକ ଶଙ୍ଖ ଭବନଠାରେ ବିଜେଡିରେ ଯୋଗ ଦେଇଛନ୍ତି।

# କଂଗ୍ରେସରୁ ଆପଲସ୍ୱାମୀ, ସ୍ୱାଧୀନ ଭାବେ ଲଢ଼ିପାରନ୍ତି ମକରନ୍ଦ

ରାୟଗଡ଼ା,୩୧।୩(ଆଶିଷ ରଞ୍ଜନ ପଣ୍ଡା)

**ରାୟଗଡ଼ା ନିର୍ବାଚନମଣ୍ଡଳୀ**

**ଭାଜପାରୁ ଶିବ, ବସନ୍ତ ଓ ପ୍ରତାପଙ୍କ ମଧ୍ୟରୁ କିଏ**

ରାୟଗଡ଼ା ନିର୍ବାଚନମଣ୍ଡଳୀରେ ରାଜ୍ୟର ଏକମାତ୍ର ସ୍ୱାଧୀନ ବିଧାୟକ ଭାବେ ୨୦୧୯ରେ ବିଜୟୀ ହୋଇଥିଲେ ମକରନ୍ଦ ମୁଦୁଲି। ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, କଂଗ୍ରେସର ବରିଷ୍ଠ ନେତା ଆପଲସ୍ୱାମୀ କାଡ୍ରାକା ଓ ଭାଜପାର ବସନ୍ତ ଉଲାକାଙ୍କୁ ପଛରେ ପକାଇ ସମସ୍ତଙ୍କୁ ଚକିତ କରିଥିଲେ ମକରନ୍ଦ। ବିଧାୟକ ହେବା ପରେ ଅନ୍ୟ କୌଣସି ଦଳରେ ସାମିଲ ହୋଇ ନ ଥିଲେ ମଧ୍ୟ ବିଜେଡି ଶିବିରରେ ତାଙ୍କୁ ଅନେକ ସମୟରେ ଦେଖିବାକୁ ମିଳିଥିଲା। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ମଧ୍ୟ ଉଠିଥିଲା। ଆଗାମୀ ସାଧାରଣ ନିର୍ବାଚନ ପାଇଁ ମକରନ୍ଦଙ୍କୁ ପଛରେ ପକାଇ ବିଜେଡିରୁ ପ୍ରାର୍ଥୀ ହୋଇଛନ୍ତି ଅନସୂୟା ମାଝି। ବର୍ତ୍ତମାନ ମକରନ୍ଦଙ୍କୁ ନେଇ ତାଙ୍କ ସମର୍ଥକ ଓ ଜନସାଧାରଣଙ୍କ ମଧ୍ୟରେ ଉଠିଛି ପ୍ରଶ୍ନ। ଚା' ଖଟିଠାରୁ ଆରମ୍ଭ କରି ସମସ୍ତ ସ୍ଥାନରେ ନିର୍ବାଚନ ଆଲୋଚନାରେ ଗୋଟିଏ କଥା ଆଲୋଚନା ଧରିଛି ଯେ, ଏଥର କଣ କରିବେ ମକରନ୍ଦ। ବିଜେଡି ପ୍ରାର୍ଥୀଙ୍କୁ ସମର୍ଥନ କରିବେ ନା ସ୍ୱାଧୀନ ଭାବେ ଲଢ଼ିବେ। ଅନ୍ୟପଟେ ଅନସୂୟାଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ବିଜେଡିରେ ତୀବ୍ର ବିରୋଧ ଓ ଅସନ୍ତୋଷ ସୃଷ୍ଟି ହୋଇଛି। ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି ନିର୍ବାଚନମଣ୍ଡଳୀର କର୍ମୀ, ଦଳୀୟ ନେତା ଓ ନିର୍ବାଚିତ ପ୍ରତିନିଧି। ବର୍ତ୍ତମାନ ଅନସୂୟାଙ୍କ ପ୍ରାର୍ଥୀତ୍ୱକୁ ନେଇ ଦଳରେ ବିଦ୍ରୋହ ସୃଷ୍ଟି ହୋଇଥିବାରୁ ମକରନ୍ଦ ଏହାର ଲାଭ ଉଠାଇବାକୁ ପୁଣି ଥରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଏ ନେଇ ମକରନ୍ଦଙ୍କୁ ପଚାରିବାରୁ ଜନସାଧାରଣ ଓ ସମର୍ଥକ ଚାହିଁଲେ ସେ ପୁଣି ଥରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ପକ୍ଷରୁ ଆପଲସ୍ୱାମୀ କାଡ୍ରାକା ପୁଣି ପ୍ରାର୍ଥୀ ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଗତ ନିର୍ବାଚନରେ ଆପଲସ୍ୱାମୀ ହାରିଥିଲେ। ଏମିତିକି ୨୦୨୨ ପୌର ନିର୍ବାଚନରେ ରାୟଗଡ଼ା ପୌରାଧ୍ୟକ୍ଷ ପଦରେ ଲଢ଼ି ବି ପରାସ୍ତ ହୋଇଥିଲେ। ନିର୍ବାଚନ ହାରିଥିଲେ ମଧ୍ୟ ଦଳର ସମସ୍ତ କାର୍ଯ୍ୟକ୍ରମରେ ସେ ସକ୍ରିୟ ରହିଛନ୍ତି। ସେହିପରି ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝି କଂଗ୍ରେସରୁ ଆଉ ଏକ ଦାବିଦାର ରହିଛନ୍ତି। ସେ ମଧ୍ୟ ରାୟଗଡ଼ାରୁ ନିର୍ବାଚନ ଲଢ଼ିବା ପାଇଁ ଲବି ଚଳାଇଛନ୍ତି। ୨୦୧୯ ନିର୍ବାଚନରେ ପୂର୍ଣ୍ଣ ମାଝି କଂଗ୍ରେସ ଟିକେଟ ପାଇଁ ଦାବି କରିଥିଲେ।

ଭାଜପାରୁ ଏଥର ପ୍ରାର୍ଥୀ କିଏ ହେବେ ତାହା ସ୍ପଷ୍ଟ ହୋଇନି। ୨୦୧୯ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ ବସନ୍ତ ଉଲାକା। ବର୍ତ୍ତମାନ ପୁଣି ଥରେ ସେ ଆଶାୟୀ ଅଛନ୍ତି। ଅନ୍ୟପଟେ ବିଷମକଟକରୁ ଗତ ଥର ପ୍ରାର୍ଥୀ ହୋଇ ପରାସ୍ତ ହୋଇଥିବା ଶିବଶଙ୍କର ଉଲାକା ଓ ଯୁବନେତା ପ୍ରତାପ ପୁଆଲା ମଧ୍ୟ ଆଶାୟୀ ରହିଛନ୍ତି। ୨୦୧୯ରେ ରାୟଗଡ଼ା ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହେବା ଏବଂ ବିଜେଡିରେ ବିଦ୍ରୋହ ଆରମ୍ଭ ପରେ ଏବେ ରାୟଗଡ଼ା ଓ କାଶୀପୁର ବ୍ଲକରୁ ବହୁ ଆଶାୟୀ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବା ନେଇ ମଧ୍ୟ ଶୁଣିବାକୁ ମିଳୁଛି।

# ବିଜେଡିରେ ଯୋଗଦେଲେ ସୁକାନ୍ତ ନାୟକ

ଭୁବନେଶ୍ୱର, ୩୧।୩(ସୁନିତ୍ ମିଶ୍ର)



ଶଙ୍ଖ ଭବନରେ ଦଳୀୟ ନେତୃବୃନ୍ଦ ସୁକାନ୍ତ ନାୟକଙ୍କୁ ସ୍ୱାଗତ କରୁଛନ୍ତି।

ଭାଜପାରୁ ଇସ୍ତଫା ଦେଇଥିବା ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖ ଭବନରେ ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର ଓ ମନ୍ତ୍ରୀ ପ୍ରତାପ ଦେବଙ୍କ ଉପସ୍ଥିତିରେ ସୁକାନ୍ତ ତାଙ୍କ ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ମିଶିଛନ୍ତି। ସେ ବିଜେଡିରୁ ତାଙ୍କ ରାଜନୀତି କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୪ରେ ସେ ବିଜେଡି ଟିକେଟରେ ନୀଳଗିରିରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କିନ୍ତୁ ୨୦୧୯ ନିର୍ବାଚନ ବେଳକୁ ସେ ବିଜେଡିରୁ ଇସ୍ତଫା ଦେଇଥିଲେ ଓ ଭାଜପାରେ ମିଶି ପୁଣି ନୀଳଗିରିରୁ ଲଢ଼ିଥିଲେ। ୨୦୧୯ରେ ସେ ଭାଜପା ଟିକେଟରେ ବିଧାନସଭାକୁ ଦ୍ୱିତୀୟ ଥର ଲାଗି ନିର୍ବାଚିତ ହୋଇଥିଲେ। ଏଥର ନିର୍ବାଚନ ବେଳକୁ ସେ ପୁଣି ବିଜେଡିକୁ ଫେରି ଆସିଛନ୍ତି। ବିଜେଡିରେ ମିଶିବା ପରେ ସୁକାନ୍ତ କୁମାର ନାୟକ କହିଛନ୍ତି ଯେ, ତାଙ୍କର ଘରବାହୁଡ଼ା ହେଲା। ବିଜୁବାବୁଙ୍କ ଆଦର୍ଶରେ ସେ ପ୍ରଥମରୁ ଅନୁପ୍ରାଣିତ। କୌଣସି କାରଣରୁ ଅଭିମାନ କରି ୨୦୧୯ରେ ବିଜେଡି ଛାଡ଼ିଥିଲେ। ଏବେ ପୁଣି ବିଜେଡିକୁ ଫେରିଛନ୍ତି। ତେଣୁ ଘରବାହୁଡ଼ା ହେଲା। ସୁକାନ୍ତଙ୍କ ସମେତ ନୀଳଗିରି ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶଙ୍ଖଭବନଠାରେ ପ୍ରତାପ ଦେବ ଓ ସସ୍ମିତ ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

# ବାବର ଆଜାମ ପୁଣି ଅଧିନାୟକ

**ଲାହୋର, ୩୧।୩ (ପି.ଟି.):** ଟି୨୦ ବିଶ୍ୱକପ୍ ହେବାକୁ ଆଉ ଦୁଇ ମାସ ବାକି ରହିଥିବା ବେଳେ ଷ୍ଟାର ବ୍ୟାଟର ବାବର ଆଜାମଙ୍କୁ ରବିବାର ପାକିସ୍ତାନର ହ୍ୱାଇଟବଲ୍ ଅଧିନାୟକ ଭାବେ ନିଯୁକ୍ତି ଦିଆଯାଇଛି। ବାବରଙ୍କୁ ଫାଷ୍ଟ ବୋଲର ଶାହିନ ଶାହା ଆଫ୍ରିଦୀଙ୍କ ସ୍ଥାନରେ ଟି୨୦ ଅଧିନାୟକ କରାଯାଇଛି। ଜାନୁଆରୀରେ ନ୍ୟୁଜିଲାଣ୍ଡଠାରୁ ପାକିସ୍ତାନ ୧-୪ରେ ପରାସ୍ତ ହେବା ପରେ ଏହି ପେସ୍ ବୋଲରଙ୍କୁ ଅଧିନାୟକ ପଦବୀରୁ ବହିଷ୍କାର କରାଯାଇଥିଲା। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସିଲେକ୍ସନ କମିଟିର ସର୍ବସମ୍ମତି ସୁପାରିସ



କ୍ରମେ ବାବରଙ୍କୁ ପୁନଃ ଅବସ୍ଥାପିତ କରାଯାଇଛି। ସୂଚନାଯୋଗ୍ୟ, ନିକଟରେ ଲାହୋରଠାରେ ପିସିବି ମୁଖ୍ୟ ମହସିନ ନକ୍‌ଭିଙ୍କ ସହିତ ଏକ ଭେଟ ବେଳେ ବାବର ତାଙ୍କ କାର୍ଯ୍ୟକାଳ ଏବଂ ଏଥିସହିତ ଟେଷ୍ଟ ଦଳର ଅଧିନାୟକ ପଦବୀ ପାଇଁ ନିର୍ଭର ପ୍ରତିଶ୍ରୁତି ଚାହିଁଥିଲେ। ନକ୍‌ଭି ବୋର୍ଡର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ହ୍ୱାଇଟ୍ ବଲ୍ ଅଧିନାୟକ ଦାୟିତ୍ୱ ସୁଚାରୁ ରୂପେ ପରିଚାଳନା କରିବା ପରେ ଟେଷ୍ଟ ଅଧିନାୟକ କରିବା ନେଇ ବିଚାର କରାଯିବ ବୋଲି ସେ କହିଛନ୍ତି।

# ନମ୍ବର ୱାନ୍‌କୁ ଫେରିଲେ ବୋପାନ୍ନା

**ମାୟାମି (ୟୁଏସ୍ଏ), ୩୧।୩ (ପି.ଟି.):** ଭାରତର ଅଗ୍ରଣୀ ଟେନିସ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ପାର୍ଟନର ମ୍ୟାଟ୍ ଇବ୍‌ଡେନ ଏଠାରେ ମାୟାମି ଓପନ ପୁରୁଷ ଡବଲ୍ସ ଟାଇଟଲ ଜିତିବା ପରେ ର୍‍ୟାଙ୍କିଙ୍ଗ ତାଲିକାର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି। ଚଳିତ ବର୍ଷ ଚମତ୍କାର ଫର୍ମରେ ରହିଥିବା ୪୪ ବର୍ଷୀୟ ବୋପାନ୍ନା ଓ ଇବ୍‌ଡେନ ସ୍ଥାନୀୟ ହାର୍ଡ ରକ୍ ଷ୍ଟାଡିୟମରେ ଶନିବାର ରାତିରେ ଅନୁଷ୍ଠିତ ଫାଇନାଲରେ କ୍ରୋଏସିଆର ଇଭାନ ଡୋଗିଗ୍ ଓ ଆମେରିକାନ୍ ଅଷ୍ଟିନ୍ କ୍ରାଇସେକ ଯୋଡ଼ିଙ୍କ ବିପକ୍ଷରେ ୬-୭ (୩), ୬-୩, ୧୦-୬ରେ ବିଜୟ ହାସଲ କରିଛନ୍ତି। ଏହି ବିଜୟ ଦ୍ୱାରା ବୋପାନ୍ନା ନିଜେ ପ୍ରତିଷ୍ଠା କରିଥିବା ରେକର୍ଡକୁ ଅତିକ୍ରମ କରିଯାଇଛନ୍ତି। ଗତବର୍ଷ ସେ ୪୩ ବର୍ଷ ବୟସରେ ଇଣ୍ଡିଆନ ୱେଲ୍ସ ଟାଇଟଲ ଜିତି ଏକ ରେକର୍ଡ କରିଥିଲେ।



ନୂଆଦିଲ୍ଲୀଠାରେ ରବିବାର ଅନୁଷ୍ଠିତ ହକି ଇଣ୍ଡିଆ ପୁରସ୍କାରରେ ସମ୍ମାନିତ କ୍ରୀଡ଼ାବିତ୍‌ମାନେ।

# ହାର୍ଦ୍ଦିକ, ସଲିମା ଶ୍ରେଷ୍ଠ, ଅଶୋକ କୁମାରଙ୍କୁ ଲାଇଫ୍ ଟାଇମ୍

**ହକି ଇଣ୍ଡିଆର ବାର୍ଷିକ ପୁରସ୍କାର**

**ନୂଆଦିଲ୍ଲୀ,୩୧।୩ (ପି.ଟି.)**

ହକି ଇଣ୍ଡିଆ ପକ୍ଷରୁ ଏହାର ଷଷ୍ଠବାର୍ଷିକୀ ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତାରକା ମିଡ୍‌ଫିଲ୍ଡର ହାର୍ଦ୍ଦିକ୍ ସିଂ ଓ ସଲିମା ଟେଟେଙ୍କୁ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ସେହିପରି ଅଲିମ୍ପିଆନ ଅଶୋକ କୁମାରଙ୍କୁ ଜୀବନବ୍ୟାପୀ ପୁରସ୍କାରରେ ସମ୍ମାନିତ କରାଯାଇଛି। କିମ୍ବଦନ୍ତୀ ବଲବୀର ସିଂ ସିନିୟରଙ୍କ ନାମରେ ହାର୍ଦ୍ଦିକ୍ ଓ ସଲିମାଙ୍କୁ ୨୫ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଭାରତୀୟ ଦଳର ଉପଅଧିନାୟକ ରହିଥିବା ହାର୍ଦ୍ଦିକଙ୍କୁ ଶ୍ରେଷ୍ଠ ମିଡ୍‌ଫିଲ୍ଡର ଭାବେ ଅଜିତ୍ ପାଲ୍ ସିଂ ପୁରସ୍କାର ସହ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଅଧିନାୟକ ହରମନ୍‌ପ୍ରୀତ୍ ସିଂଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଭାବେ ପର୍ଗତ ସିଂ ଆୱାର୍ଡ ମିଳିଥିବା ବେଳେ ତାଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଗୋଲ୍‌କିପର ଭାବରେ ବଲଜିତ ସିଂ ଆୱାର୍ଡରେ ପି.ଆର୍. ଶ୍ରୀଜେଶ ଓ ଶ୍ରେଷ୍ଠ ଫରୱାର୍ଡ ଭାବେ ଅଭିଷେକଙ୍କୁ ଧନରାଜ ପିଲ୍ଲେ ଆୱାର୍ଡ ମିଳିଛି।

୨୧ ବର୍ଷରୁ କମ୍ ମହିଳା ବର୍ଗରେ ଶ୍ରେଷ୍ଠ ଖେଳାଳି ଦୀପିକା ସୋରେଙ୍ଗଙ୍କୁ ଅସୁନ୍ତା ଲାକ୍ରା ଆୱାର୍ଡ ମିଳିଛି। ସେହିପରି ପୁରୁଷ ବର୍ଗରେ ଯୁଗରାଜ ସିଂ ଆୱାର୍ଡରେ ଅରାଇଜିତ୍ ସିଂ ହୁଣ୍ଡାଲଙ୍କୁ ସମ୍ମାନିତ କରାଯାଇଛି। ଦୀପିକା ଓ ଅରାଇଜିତ୍‌ଙ୍କୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ମିଳିଥିଲା। ଜୀବନବ୍ୟାପୀ ସାଧନା ପାଇଁ ମେଜର ଧ୍ୟାନଚାନ୍ଦ ଆୱାର୍ଡ ଅଶୋକ କୁମାରଙ୍କୁ ପ୍ରଦାନ କରାଯାଇଛି। ଧ୍ୟାନଚାନ୍ଦଙ୍କ ପୁଅ ଅଶୋକ କୁମାରଙ୍କୁ ଟ୍ରଫି ସହ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଚଳିତବର୍ଷ ସମୁଦାୟ ୭.୫୬ କୋଟି ଟଙ୍କା ପୁରସ୍କାର ବାବଦରେ ଦିଆଯାଇଛି। ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ହାର୍ଦ୍ଦିକ୍ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ସାଥୀ ଖେଳାଳିଙ୍କୁ ଏହାର ଶ୍ରେୟ ଦେଇଛନ୍ତି। ହକି ପଡ଼ିଆରେ ଆମେ ବର୍ଷକର ୩୦୦ ଦିନ ବିତାଇଥାଉ। ଏପରି ସ୍ଥିତିରେ ଏଭଳି ସଫଳତାର ଶ୍ରେୟ ସମାନ ଭାବେ ସାଥୀ ଖେଳାଳିଙ୍କୁ ମଧ୍ୟ ଯାଇଥାଏ। ବ୍ୟକ୍ତିଗତ ଭାବେ ମୁଁ ଖୁସି। ତେବେ ଆମର ସମସ୍ତ ଧ୍ୟାନ ଦଳ ଉପରେ ରହିବ ବୋଲି କହିଛନ୍ତି ହାର୍ଦ୍ଦିକ୍। ଏଭଳି ପୁରସ୍କାର ଆଗକୁ ଆହୁରି ସଫଳତା ପାଇଁ ପ୍ରେରଣା ଯୋଗାଇଥାଏ ବୋଲି କହିଛନ୍ତି ସଲିମା। ଭାରତୀୟ ଜର୍ସି ପିନ୍ଧିବା ମୋ ପାଇଁ ଗର୍ବର ବିଷୟ। ଦେଶ ଲାଗି ପ୍ରତିନିଧିତ୍ୱ କରିବାର ଖୁସି ଅବର୍ଣ୍ଣନୀୟ ବୋଲି ସେ କହିଛନ୍ତି।

ଚଳିତବର୍ଷ ଅନ୍ତର୍ଜାତୀୟ ହକିରେ ୧୦୦ତମ ମ୍ୟାଚ୍ ପୂରଣ କରିଥିବା ବିବେକ ସାଗର ପ୍ରସାଦ, ହାର୍ଦ୍ଦିକ, ନୀଲକାନ୍ତ ଶର୍ମା, ସୁମିତ, କ୍ରିଷନ ବାହାଦୁର ପାଠକ, ଉଦିତା, ସଲିମା ଓ ଗୁରଜନ୍ତ ସିଂଙ୍କୁ ୧ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ମିଳିଥିଲା। ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ନିକ୍କି ପ୍ରଧାନ, ଅମିତ ରୋହିଦାସ, ଲଳିତ କୁମାର ଉପାଧ୍ୟାୟ ଓ ନେହାଙ୍କୁ ୧.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୨୦୦ ମ୍ୟାଚ୍ ପୂରଣ କରିଥିବା ହରମନପ୍ରୀତଙ୍କୁ ୨ ଲକ୍ଷ, ୨୫୦ ମ୍ୟାଚ୍ ଖେଳିଥିବା ସବିତାଙ୍କୁ ୨.୫ ଲକ୍ଷ ଟଙ୍କା, ପି.ଆର. ଶ୍ରୀଜେଶ ଓ ବନ୍ଦନା କଟାରିୟା ୩୦୦ ମ୍ୟାଚ୍ ପୂରଣ କରିଥିବା ବେଳେ ଉଭୟଙ୍କୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୩୫୦ ମ୍ୟାଚ୍ ପୂରଣ କରିଥିବା ମନପ୍ରୀତ ସିଂଙ୍କୁ ୩.୫ ଲକ୍ଷ ଟଙ୍କା ମିଳିଥିଲା।

ଅନ୍ୟ ଏକ ବର୍ଗରେ ବିଭିନ୍ନ ଘରୋଇ ଟୁର୍ଣ୍ଣାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦୀପିକା, ମୋହିତ ଏଚ୍ ଏସ୍, ଅନ୍ନୁ, ଅଞ୍ଜଳି ବରୱା, ମନିନ୍ଦର ସିଂ, ଦୀପିକା ସୋରେଙ୍ଗ, ମନଦୀପ ସିଂ, ସଲିମା, ସଙ୍ଗୀତା କୁମାରୀ ଓ ହରମନପ୍ରୀତ ସିଂଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିଗତ ବର୍ଷରେ ଏଫ୍‌ଆଇଏଚ୍ ଗୋଲକିପର ଅଫ୍ ଦ ଇୟର ରହିଥିବା ସବିତାଙ୍କୁ ୫ ଲକ୍ଷ ଓ ପ୍ଲେୟର ଅଫ୍ ଦ ଇୟର ହାର୍ଦ୍ଦିକଙ୍କୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଜୁନିୟର ଏସିଆ କପ୍ ୨୦୨୩ ବିଜୟୀ ହୋଇଥିବା ପୁରୁଷ ଓ ମହିଳା ଦଳର ସମସ୍ତ ଖେଳାଳିଙ୍କୁ ୨ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର ମିଳିଥିଲା। ଚେନ୍ନାଇରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ବିଜୟୀ ପୁରୁଷ ଓ ମହିଳା ଦଳର ସମସ୍ତ ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କୁ ୧.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ହାଙ୍ଗଝୋ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ପୁରୁଷ ଦଳର ସମସ୍ତ ଖେଳାଳିଙ୍କୁ ୫ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କୁ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ବ୍ରୋଞ୍ଜ ବିଜୟୀ ମହିଳା ଦଳର ସମସ୍ତ ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କୁ ୧.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଫାଇଭ୍ ଏ ସାଇଡ୍ ବିଶ୍ୱକପରେ ରୌପ୍ୟ ପଦକ ବିଜୟୀ ମହିଳା ଦଳର ଖେଳାଳିଙ୍କୁ ୩ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କୁ ୧.୫ ଲକ୍ଷ ଟଙ୍କା ମିଳିଥିଲା। ୨୦୧୬ରେ ଜୁନିୟର ହକି ବିଶ୍ୱକପ ବିଜୟୀ ପୁରୁଷ ଦଳର ସମସ୍ତ ଖେଳାଳିଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।

# ପ୍ରତିଯୋଗିତାକୁ ଫେରିବେ ମୀରାବାଈ

**ଫୁକେଟ (ଥାଇଲାଣ୍ଡ), ୩୧।୩ (ପି.ଟି.):** ଛଅ ମାସ ହେଲା ଆଘାତଜନିତ ସମସ୍ୟାରେ ରହିବା ପରେ ପ୍ରତିଯୋଗିତାକୁ ଫେରିବେ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜୟିନୀ ଭାରୋତ୍ତୋଳିକା ମୀରାବାଈ ଚାନୁ। ସୋମବାର ଆଇଡବ୍ଲ୍ୟୁଏଫ୍ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବା ଦ୍ୱାରା ତାଙ୍କର ପ୍ୟାରିସ ଗେମ୍ସରେ ଅଂଶଗ୍ରହଣ ସ୍ପଷ୍ଟ ହୋଇଯିବ। ବିଶ୍ୱକପ୍ କେବଳ ଫାଇନାଲ ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟ ନୁହେଁ, ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏକ ବାଧ୍ୟତାମୂଳକ କ୍ୱାଲିଫାୟର। ଗତବର୍ଷ ସେପ୍ଟେମ୍ବରରେ ଏସିଆନ ଗେମ୍ସ ବେଳେ ଚାନୁଙ୍କ ପିଚାରେ ସମସ୍ୟା ଦେଖା ଦେଇଥିଲା। କିନ୍ତୁ ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସୋମବାର ବିଶ୍ୱକପ୍‌ରେ ଅଂଶଗ୍ରହଣ ଦ୍ୱାରା ପ୍ୟାରିସକୁ ତାଙ୍କ ପଥ ପରିଷ୍କାର ହୋଇଯିବ, କାରଣ ପୂର୍ବତନ ବିଶ୍ୱ ଚାମ୍ପିୟନ ବର୍ତ୍ତମାନ ମହିଳା ୪୯କେଜି ଅଲିମ୍ପିକ କ୍ୱାଲିଫିକେଶନ ର୍‍ୟାଙ୍କିଙ୍ଗରେ ଚାଇନାର ଜିଆନ ହୁଇହୁଆଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୨୦୨୪ ଅଲିମ୍ପିକ୍ସ କ୍ୱାଲିଫିକେଶନ ନିୟମାନୁସାରେ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ଏବଂ ୨୦୨୪ ବିଶ୍ୱକପ୍ ହେଉଛି ବାଧ୍ୟତାମୂଳକ ଇଭେଣ୍ଟ। ଏହି ଦୁଇ ଟୁର୍ଣ୍ଣାମେଣ୍ଟ ବ୍ୟତୀତ ଅତିକମ୍‌ରେ ନିମ୍ନଲିଖିତ ୩ଟି ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ପଡ଼ିବ। ୨୦୨୨ ବିଶ୍ୱ ଚାମ୍ପିୟନଶିପ୍, ୨୦୨୩ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍, ୨୦୨୩ ଗ୍ରାଁ ପ୍ରି-୧, ୨୦୨୩ ଗ୍ରାଁ ପ୍ରି-୨ ଏବଂ ୨୦୨୪ କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍। ଚାନୁ ଏହି ମାନଦଣ୍ଡ ପୂରଣ କରିଛନ୍ତି। ସେ ୨୦୨୨ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୨୩ ଏସିଆନ ଚାମ୍ପିୟନଶିପ୍‌ରେ ଯଥାକ୍ରମେ ଦ୍ୱିତୀୟ ଓ ୬ଷ୍ଠ ହୋଇଥିଲେ।

# ଶେଖର ସ୍ପୋର୍ଟିଂ ବିଜୟୀ


ଈଶାନ ମହାପାତ୍ର ଅତିଥିଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

**୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍**

**ଭୁବନେଶ୍ୱର, ୩୧।୩ (ତପନ ସ୍ୱାଇଁ)**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ନହରକଣ୍ଟା ଖେଳ ପଡ଼ିଆରେ ଚାଲିଥିବା ଦିଲ୍ଲୀପ ପଣ୍ଡା ମେମୋରିଆଲ ୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ଶେଖର ସ୍ପୋର୍ଟିଂ ୯ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୨୭.୨ ଓଭରରେ ୧୩୮ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଅର୍ଣ୍ଣବ ପଟ୍ଟନାୟକ ସର୍ବାଧିକ ୩୩ ଓ ଈଶାନ ମହାପାତ୍ର ୨୩ରନ କରିଥିଲେ। ବିପକ୍ଷ ଦଳର ଈଶାନ ମହାପାତ୍ର ଓ ଅମ୍ଲାନ ଅଭିଷେକ ୩ଟି ଲେଖାଏ ଏବଂ ପ୍ରତୀକ ରଥ ଓ ଏସ୍. ତ୍ରିପାଠୀ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୩୯ ରନର ବିଜୟ ଲକ୍ଷ୍ୟକୁ ଶେଖର ସ୍ପୋର୍ଟିଂ ୨୩.୫ ଓଭରରେ ମାତ୍ର ୧ ଉଇକେଟ ହରାଇ ହାସଲ କରି ନେଇଥିଲା। ଆୟାନ ନାୟକ ୬୨ ଓ ଈଶାନ ମହାପାତ୍ର ୪୨ ରନକରି ଅପରାଜିତ ରହିଥିଲେ। ଟାଉନ୍ କ୍ଲବର ଆୟୁଷ କୁମାର ସାହୁ ଏକମାତ୍ର ଉଇକେଟଟି ନେଇଥିଲେ। ବିଜୟୀ ଦଳର ଈଶାନ ମହାପାତ୍ର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦେବରାୟ କଲେଜର କ୍ରୀଡ଼ା ଅଧିକାରୀ ଚତୁର୍ଭୁଜ ଜେନା, ପୂର୍ବତନ ଖେଳାଳି ଦିଲୀପ ମଙ୍ଗରାଜ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁଶୀଲ କୁମାର ପରିଡ଼ା ଏବଂ ଶାଶ୍ୱତୀ ଶତପଥୀ ଖେଳ ପରିଚାଳନା କରିଥିଲେ।

# ନୀତା ଏକାଡେମୀ ଚାମ୍ପିୟନ

**ଭୁବନେଶ୍ୱର, ୩୧।୩ (ତପନ ସ୍ୱାଇଁ):** କଟକରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ର ୧୭ ବର୍ଷରୁ କମ୍ ବର୍ଗରେ ନୀତା ଫୁଟବଲ ଏକାଡେମୀ ଚାମ୍ପିୟନ ଓ କିଟ୍-କିସ୍ ରନରଅପ୍ ହୋଇଛି। ଏହି ବର୍ଗରେ ରବିବାର ୨ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଟାଟା ଷ୍ଟିଲ୍ ଫାଉଣ୍ଡେଶନ (ଟିଏସ୍ଏଫ୍) ଓ କିଶୋର କ୍ଲବ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚଟି ୧-୧ ଗୋଲ୍‌ରେ ଡ୍ର ରହିଥିଲା। ଜୋଡାର ଟିଏସଏଫ୍ ପକ୍ଷରୁ ପାର୍ବତୀ ମୁଣ୍ଡା ଓ କିଶୋର କ୍ଲବ ପକ୍ଷରୁ ତୁଳସୀ ମୁଣ୍ଡାରୀ ଗୋଲ ଦେଇଥିଲେ। ନିତା ଏକାଡେମୀ ଓ କିଟ୍-କିସ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚଟି ମଧ୍ୟ ୨-୨ ଗୋଲରେ ଡ୍ର ରହିଥିଲା। ନୀତା ଫୁଟବଲ ଏକାଡେମୀ ପକ୍ଷରୁ ଇପ୍ସିତା ରାଉତ ଓ କିରଣ ଦୀପ୍ ଏବଂ କିଟ୍-କିସ୍ ପକ୍ଷରୁ ସୂର୍ଯ୍ୟା ପୂର୍ତ୍ତୀ ଓ ପ୍ରିୟଙ୍କା ଓରାମ ଗୋଲ ସ୍କୋର କରିଥିଲେ। ୧୫ ବର୍ଷରୁ କମ୍ ବର୍ଗରେ ମୋଟ ୫ଟି ମ୍ୟାଚ ଖେଳା ଯାଇଥିଲା। ଏଥିରେ ଓଡ଼ିଶା ଏକାଦଶ, କାଜିବଜାର ସରକାରୀ ବାଳକା ଉଚ୍ଚବିଦ୍ୟାଳୟ ଓ ସ୍ପୋର୍ଟ୍ସ ଓଡ଼ିଶା ବିଜୟୀ ହୋଇଥିଲା।

# ରାଜ୍ୟ ଓପନ ଚେସ୍: ହର୍ଷିତ ଚାମ୍ପିୟନ


ଅତିଥିଙ୍କ ଗହଣରେ ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ।

**ଭୁବନେଶ୍ୱର, ୩୧।୩ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଧନଞ୍ଜୟ ମହାନ୍ତି ସ୍ମାରକୀ ରାଜ୍ୟ ଓପନ ଚେସ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କଟକର ହର୍ଷିତ ରଞ୍ଜନ ସାହୁ ଓ ଲଳିତ ରଞ୍ଜନ ସାହୁ ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ରବୀନ୍ଦ୍ର କୁମାର ଓଝା, ରୁଦ୍ର ପ୍ରତାପ ମିଶ୍ର, ଅଞ୍ଜଳି ମିଶ୍ର ଓ ଅଭିକ୍ ଆଦିତ୍ୟ ସ୍ୱାଇଁ ପ୍ରମୁଖ ୪ ପଏଣ୍ଟ ଲେଖାଏ ପାଇ ପଛକୁ ପଛ ରହିଛନ୍ତି। ୮, ୧୦, ୧୨ ଓ ୧୪ ବର୍ଷରୁ କମ୍ ବର୍ଗ ଏବଂ ବାଳିକା ବିଭାଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ୭ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଆଇଆଇଏଫ୍ଏଲ୍ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଧନଞ୍ଜୟ ମହାନ୍ତିଙ୍କ ଭଉଣୀ ସ୍ମୃତି ମହାନ୍ତି, ଝିଅ ଶିବାଙ୍ଗୀ ଶ୍ରେୟା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଜାତୀୟ ପାରା ସନ୍ତରଣରେ ଓଡ଼ିଶାକୁ ୧୮ ପଦକ


ଜାତୀୟ ପାରା ସନ୍ତରଣରେ ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀ।

**ଭୁବନେଶ୍ୱର, ୩୧।୩ (ତପନ ସ୍ୱାଇଁ)**

ଗ୍ୱାଲିଅରରେ ଅନୁଷ୍ଠିତ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶା ମୋଟ ୧୮ଟି ପଦକ ହାସଲ କରିଛି। କମଳାକାନ୍ତ ନାୟକ ଏକାକୀ ୩ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଆକାଶ ବଣ୍ଟ୍ରୋର୍ ୨ସ୍ୱର୍ଣ୍ଣ ସହିତ ୧ ରୌପ୍ୟ ପାଇଥିବାବେଳେ ମହିଳା ସୁଇମର କବିତା ଦଳାଇ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ନରହରି ବେହେରା ୧ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ, ଦିନେଶ ମୋହନ ମାଝୀ ୨ ବ୍ରୋଞ୍ଜ, ମୋନାଲି ସ୍ୱାଇଁ ୧ ବ୍ରୋଞ୍ଜ, ରଶ୍ମିତା ଜେନା ୧ ବୋଞ୍ଜ, ଦିଗନ୍ତ ଭାନୁ ମଲିକ୍ ଜୁନିୟର ୨ ରୌପ୍ୟ ଏବଂ ଲୋକନାଥ ସାହୁ ଜୁନିୟର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତା ପୂର୍ବରୁ ଓଡିଶା କ୍ରିଡ଼ା ବିଭାଗ ୧୮ ଦିନର ପ୍ରଶିକ୍ଷଣ ଶିବିର ଆୟୋଜନ କରିଥିଲା। ଫଳରେ ପୂର୍ବ ବର୍ଷ ଓଡ଼ିଶା ୩ ପଦକ ପାଇଥିବାସ୍ଥଳେ ଏଥର ୧୮ ପଦକ ପାଇବାକୁ ସକ୍ଷମ ହୋଇଛି।

# ଓଡ଼ିଶା ଏଚ୍‌ପିସିର ବୃହତ୍ ବିଜୟ

**ଭୁବନେଶ୍ୱର, ୩୧।୩ (ତପନ ସ୍ୱାଇଁ):** ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଚାଲିଥିବା ଖେଲୋ ଇଣ୍ଡିଆ ସବ୍‌ଜୁନିୟର ମହିଳା ହକି ଲିଗ୍-ଫାଇନାଲ୍ସରେ ରବିବାର ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି) ବୃହତ ବିଜୟ ହାସଲ କରିଛି। ସ୍ୱିଟି କୁଜୁରଙ୍କ ୫ ଗୋଲ ବଳରେ ଏହି ଦଳ ଭାଗତାର ଭାଇ ବେହଲୋ ହକି ଏକାଡେମୀକୁ ୧୪-୦ ଗୋଲରେ ପରାସ୍ତ କରିଛି। ସ୍ୱିଟି ମ୍ୟାଚର ୧୪, ୧୬, ୧୭, ୩୦ ଓ ୫୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପାୟଲ ସୋନକାର ୪୪, ୪୫, ୪୫, ୬୦ ମିନିଟରେ ୪ଟି, ଅନୁଷ୍କା ଭାୱରେ ୬ ଓ ୧୫ ମିନିଟରେ ୨ଟି ଏବଂ ଡୋଲି ଭୋଇ ୧୩, ନିହାରିକା ଟପ୍ପୋ ୪୮ ଓ ଜାହ୍ନବୀ ବଦା ୫୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ୩ଟି ମ୍ୟାଚରେ ସାଇ ଶକ୍ତି, ପ୍ରୀତମ୍ ସିୱାଚ୍ ହକି ଏକାଡେମୀ ଓ ସାଇ ବାଲ୍ ଟିମ୍ ବିଜୟ ହାସଲ କରିଛି।

# ଆଲ୍‌ଫା ସ୍ପୋର୍ଟିଂ ଚାମ୍ପିୟନ

**ରାମେଶ୍ୱର କପ୍ ୧୭ ବର୍ଷରୁ କମ୍ କ୍ରିକେଟ**

**ଭୁବନେଶ୍ୱର, ୩୧।୩ (ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲରେ ରବିବାର ଶେଷ ହୋଇଥିବା କମଳା ପରିଡ଼ା ସ୍ମାରକୀ ୧୭ ବର୍ଷରୁ କମ୍ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଲ୍‌ଫା ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂକୁ ୧୬ ରନରେ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଆଲ୍‌ଫା ସ୍ପୋର୍ଟିଂ ୩୩.୨ ଓଭରରେ ୯ ଉଇକେଟ ହରାଇ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଅମନ ଦାଶ ସର୍ବାଧିକ ୮୧ ରନ କରିଥିବାବେଳେ ବିପକ୍ଷ ଦଳର ଶୁଭ୍ରକାନ୍ତ ପରିଡ଼ା ୪ଟି ଓ ଶୁବାଶିଷ ମଲିକ ୨ଟି ଉଇକେଟ ନେଇଥିଲେ। ୧୪୭ ରନ ବିଜୟ ଲକ୍ଷ୍ୟରେ ରାମେଶ୍ୱର ୨୯ ଓଭରରେ ୧୩୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଶୁଭାଶିଷ ମଲିକ ସର୍ବାଧିକ ୩୭ ରନ କରିଥିଲେ। ଆଲ୍‌ଫାର ଅମନ ଦାଶ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆର୍. ସମର୍ଥ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମେଶ୍ୱରର ସ୍ୱୟମ ପଣ୍ଡା ଶ୍ରେଷ୍ଠ ବ୍ୟାଟର, ଶୁଭ୍ରକାନ୍ତ ପରିଡ଼ା ଶ୍ରେଷ୍ଠ ବୋଲର, ବାବୁସାନ ମାଝି ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଶିବ ବେହେରା, ବିଜେଡି ଯୁବନେତା ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଦିବ୍ୟ ରଞ୍ଜନ ବେହେରା, ହେମାନନ୍ଦ ବେହେରା ଓ ବିଜୟ ଭାସ୍କର ସିଂସାମନ୍ତ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଅମ୍ପାୟର ସତ୍ୟବ୍ରତ ମହାପାତ୍ର ଓ ବିଶ୍ୱଜିତ ମଲିକ ମ୍ୟାଚ ପରିଚାଳନା କରିଥିଲେ।



ଚାମ୍ପିୟନ ଆଲ୍‌ଫା ସ୍ପୋର୍ଟିଂ ଦଳର ଖେଳାଳିମାନେ ଅତିଥି ଓ ଆୟୋଜକଙ୍କ ଗହଣରେ।

# ଚନ୍ଦ୍ରରେ ଜଳ



ନିକୁଞ୍ଜ ବିହାରୀ ସାହୁ

“ଅତୀତରେ ପୃଥିବୀ ସହିତ ମଙ୍ଗଳ ଭଳି କୌଣସି ଗ୍ରହର ସଂଘର୍ଷ ଘଟିବାରୁ ପୃଥିବୀର କିଛି ଅଂଶ ଖଣ୍ଡ ବିଖଣ୍ଡିତ ହୋଇ ଛିଟିକି ପଡ଼ିଥିଲା। ପରବର୍ତ୍ତୀ ସମୟରେ ଏହି ଖଣ୍ଡସବୁ ପରସ୍ପର ସହ ସଂଯୋଜିତ ହୋଇ ଚନ୍ଦ୍ର ଭଳି ବିଶାଳକାୟ ପିଣ୍ଡମାନ ସୃଷ୍ଟି କଲେ। ଚନ୍ଦ୍ରରେ ଅତୀତରେ ଜଳ ଥିଲେ, ଉକ୍ତ ସଂଘର୍ଷରୁ ଉତ୍ପନ୍ନ ପ୍ରଚଣ୍ଡ ତାପମାତ୍ରାରେ ଚନ୍ଦ୍ରକୁ ଗଠନ କରିଥିବା ଖଣ୍ଡଗୁଡ଼ିକରେ ଥିବା ଜଳ ସମେତ ବିଭିନ୍ନ ଉଦ୍‌ବାୟୀ ପଦାର୍ଥ କେବେଠୁଁ ବାଷ୍ପୀଭୂତ ହୋଇଯିବଣି ବୋଲି ଆଶଙ୍କା କରାଯାଏ।”



ପ୍ରଖ୍ୟାତ ଇଟାଲୀୟ ଜ୍ୟୋତିର୍ବିଜ୍ଞାନୀ ଗାଲିଲିଓ ୧୬୦୯ ମସିହାରେ ପ୍ରଥମେ ଦୂରବୀକ୍ଷଣ ଯନ୍ତ୍ର ଜରିଆରେ ଚନ୍ଦ୍ରକୁ ନିରୀକ୍ଷଣପୂର୍ବକ ଏହା ପୃଷ୍ଠର ପର୍ଯ୍ୟବେକ୍ଷଣ କରିଥିଲେ। ସେ ଚନ୍ଦ୍ରପୃଷ୍ଠରେ ଅନେକ ବିସ୍ତୀର୍ଣ୍ଣ ଅନ୍ଧକାରାଚ୍ଛନ୍ନ ଅଞ୍ଚଳ ଲକ୍ଷ୍ୟ କରିଥିଲେ। ସେସବୁକୁ ସେ ଚନ୍ଦ୍ରର ସମୁଦ୍ର ବୋଲି ଧରି ନେଇଥିଲେ। ଏବେ ଜଣାପଡ଼ିଛି ଯେ, ଚନ୍ଦ୍ରରେ କୌଣସି ଜଳପୂର୍ଣ୍ଣ ସମୁଦ୍ର ନାହିଁ; ବରଂ ଏହା ଏକ ଶୁଖିଲା ବାଲୁକାମୟ ମରୁଭୂମି। ଚନ୍ଦ୍ରରେ ଜଳର ଉପସ୍ଥିତି ସମ୍ପର୍କରେ ବହୁ ପୂର୍ବରୁ ଅନେକ କଳ୍ପନା ଜଳ୍ପନା ରହି ଆସିଥିଲେ ସୁଦ୍ଧା ଜଳର ଉପସ୍ଥିତିକୁ ପ୍ରମାଣ କରିବା ପାଇଁ କୌଣସି ନିର୍ଭରଯୋଗ୍ୟ ତଥ୍ୟ ଏପର୍ଯ୍ୟନ୍ତ ମିଳିନାହିଁ। ସର୍ବପ୍ରଥମେ ୧୯୯୦ ମସିହାରେ ଚନ୍ଦ୍ରକୁ ପରିକ୍ରମା କରୁଥିବା ଯୁକ୍ତରାଷ୍ଟ୍ର ଆମେରିକାର ଏକ ସାମରିକ ଉପଗ୍ରହ ‘କ୍ଲିମେଣ୍ଟାଇନ’ ମହାକାଶଯାନ ଚନ୍ଦ୍ରପୃଷ୍ଠରେ ଜଳ ଅଣୁ ଉପସ୍ଥିତିର ସୂଚନା ପ୍ରଦାନ କରିଥିଲା। ପରବର୍ତ୍ତୀ ସମୟରେ, ଭାରତୀୟ ଅନ୍ତରୀକ୍ଷ ସଙ୍ଗଠନ (ଇସ୍ରୋ)ର ଏକ ଉପଗ୍ରହ ‘ଚନ୍ଦ୍ରଯାନ –୧’ ଚନ୍ଦ୍ରରେ ଜଳ ଅଣୁ ଉପସ୍ଥିତିର ପ୍ରମାଣ କରିଥିଲା।

ଇତିମଧ୍ୟରେ ମିଳିଥିବା କିଛି ଚାଞ୍ଚଲ୍ୟକର ତଥ୍ୟରୁ ଚନ୍ଦ୍ରପୃଷ୍ଠରେ ଜଳର ଉପସ୍ଥିତି ମତବାଦକୁ ସମର୍ଥନ ମିଳିଛି। ବିଗତ ୧୯୭୦ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ‘ଆପୋଲୋ’ ଚନ୍ଦ୍ର ଅଭିଯାନ ସମୟରେ ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠରୁ କାଚ ଭଳି ଦିଶୁଥିବା କିଛି ବିଚିତ୍ର ଗୋଡି ସଂଗ୍ରହ କରି ପୃଥିବୀକୁ ଆଣିଥିଲେ। ଏହି ଗୋଡିସବୁର ବ୍ୟାସ ୦.୧ ମି.ମି.ରୁ ୦.୪ ମି.ମି. ମଧ୍ୟରେ ସୀମିତ ଥିଲା। ଏଗୁଡ଼ିକ ପ୍ରାୟ ୩୦୦ କୋଟିରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବେ ଚନ୍ଦ୍ରର ଆଗ୍ନେୟଗିରିରୁ ନିର୍ଗତ ଉତ୍ତପ୍ତ ଲାଭାର ଶୀତଳୀକରଣ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହୋଇଥିବାର ଅନୁମାନ କରାଯାଏ। ୨୦୦୯ ମସିହାରେ, ଯୁକ୍ତରାଷ୍ଟ୍ର ଆମେରିକାର ଦଳେ ବୈଜ୍ଞାନିକ ‘ସେକେଣ୍ଡାରି ଆୟନ ମାସ ସ୍ପେକ୍ଟ୍ରୋଗ୍ରାଫି’ କୌଶଳ ଅବଲମ୍ବନ କରି ଏହି ଗୋଡିସବୁର ରାସାୟନିକ ଉପାଦାନ ଓ ଗଠନକୁ ଯାଞ୍ଚ କରିଛନ୍ତି। ପରୀକ୍ଷାରୁ ଏସବୁ ମଧ୍ୟରେ ଜଳୀୟ ଅଣୁ ସମେତ କିଛି ଉଦବାୟୀ ପଦାର୍ଥ (ଯାହା କମ୍ ତାପମାତ୍ରାରେ ବାଷ୍ପୀଭୂତ ହୁଏ) ଆବଦ୍ଧ ହୋଇ ରହିଥିବାର ସନ୍ଧାନ ମିଳିଛି। ବୈଜ୍ଞାନିକମାନେ ଏ ଦିଗରେ ଅଧିକ ଗବେଷଣା କରି ଏକ ନୂତନ ମତବାଦ ଉପସ୍ଥାପନ କରିଛନ୍ତି, ଯାହା ଦ୍ୱାରା ଚନ୍ଦ୍ର ଅତୀତରେ ଜଳୀୟ ଅବସ୍ଥାରୁ ସୃଷ୍ଟି ହୋଇଥିବାର ମତବାଦକୁ ସମର୍ଥନ ମିଳିଛି। ଏପରିକି, ଆମ ପୃଥିବୀର ଉପର ମ୍ୟାଣ୍ଟେଲରେ ଜଳର ମାତ୍ରା ୧୫୦ ପି.ପି.ଏମ୍. ହୋଇଥିଲାବେଳେ ଚନ୍ଦ୍ର ମ୍ୟାଣ୍ଟେଲରେ ଜଳର ମାତ୍ରା ଯଥେଷ୍ଟ ଅଧିକ ଏବଂ ଏପରିକି କେଇ ହଜାର ପି.ପି.ଏମ. ହୋଇ ଥାଇପାରେ ବୋଲି ଗବେଷକମାନେ ସୂଚନା ଦେଇଛନ୍ତି।

ପରବର୍ତ୍ତୀ ଡିସେମ୍ବର ୨୦୨୦ ମସିହାରେ ଚାଇନାର ଏକ ମହାକାଶଯାନ ଚେଞ୍ଜ –୫ ଚନ୍ଦ୍ରପୃଷ୍ଠରେ ଅବତରଣ କରି ସେଠାରୁ କାଚ ଭଳି ଦିଶୁଥିବା ଏହି ଗୋଡ଼ିର ଆଉ କିଛି ନମୁନା ସଂଗ୍ରହ କରି ପୃଥିବୀକୁ ଆଣିଥିଲା। ଏହି ଗୋଡ଼ିସବୁର ବୈଜ୍ଞାନିକ ବିଶ୍ଳେଷଣ ଦ୍ୱାରା ଚନ୍ଦ୍ରପୃଷ୍ଠରେ ୩୦୦ ମିଲିୟନରୁ ୨୭୦ ବିଲିୟନ ଟନ୍ ପରିମାଣ ଜଳର ବିଶାଳ ଭଣ୍ଡାର ଗଚ୍ଛିତ ଥାଇପାରେ ବୋଲି ବୈଜ୍ଞାନିକମାନେ ମତପ୍ରକାଶ କରିଛନ୍ତି। ମାତ୍ର ଏହା ଚନ୍ଦ୍ର ସୃଷ୍ଟି ସମ୍ପର୍କୀୟ ଅନ୍ୟ ଏକ ଜଣଶୁଣା ‘ସଂଘର୍ଷ ତତ୍ତ୍ୱ’ ମତବାଦକୁ ବିରୋଧ କରୁଛି। ସଂଘର୍ଷ ତତ୍ତ୍ୱ ମତବାଦ ଅନୁଯାୟୀ, ଅତୀତରେ ପୃଥିବୀ ସହିତ ମଙ୍ଗଳ ଭଳି କୌଣସି ଗ୍ରହର ସଂଘର୍ଷ ଘଟିବାରୁ ପୃଥିବୀର କିଛି ଅଂଶ ଖଣ୍ଡ ବିଖଣ୍ଡିତ ହୋଇ ଛିଟିକି ପଡ଼ିଥିଲା। ପରବର୍ତ୍ତୀ ସମୟରେ, ଏହି ଖଣ୍ଡସବୁ ପରସ୍ପର ସହ ସଂଯୋଜିତ ହୋଇ ଚନ୍ଦ୍ର ଭଳି ବିଶାଳକାୟ ପିଣ୍ଡମାନ ସୃଷ୍ଟି କଲେ। ଚନ୍ଦ୍ରରେ ଅତୀତରେ ଜଳ ଥିଲେ, ଉକ୍ତ ସଂଘର୍ଷରୁ ଉତ୍ପନ୍ନ ପ୍ରଚଣ୍ଡ ତାପମାତ୍ରାରେ ଚନ୍ଦ୍ରକୁ ଗଠନ କରିଥିବା ଖଣ୍ଡଗୁଡିକରେ ଥିବା ଜଳ ସମେତ ବିଭିନ୍ନ ଉଦବାୟୀ ପଦାର୍ଥ କେବେଠୁ ବାଷ୍ପୀଭୂତ ହୋଇଯିବଣି ବୋଲି ଆଶଙ୍କା କରାଯାଏ। ମାତ୍ର ଅନ୍ୟ କିଛି ବୈଜ୍ଞାନିକଙ୍କ ମତରେ, ଏହି ମତବାଦ କିଛି କାରଣରୁ ଚନ୍ଦ୍ର ସୃଷ୍ଟି ସମ୍ପର୍କୀୟ ‘ସଂଘର୍ଷ ତତ୍ତ୍ୱ’ ମତବାଦକୁ ବିରୋଧ କରୁନାହିଁ। ପ୍ରଥମତଃ, ଚନ୍ଦ୍ରକୁ ସୃଷ୍ଟି କରିଥିବା କୌଣସି ଖଣ୍ଡ ସଂଘର୍ଷର ପରବର୍ତ୍ତୀ କାଳରେ ଅତି ଶୀଘ୍ର ସୃଷ୍ଟି ହୋଇଥିଲେ ସେଥିରେ କିଛି ଜଳୀୟ ଅଣୁ ଆବଦ୍ଧ ହୋଇ ରହିଯିବା ସମ୍ଭବପର। ଦ୍ୱିତୀୟତଃ, ସଂଘର୍ଷକାରୀ ପିଣ୍ଡର କିଛି ଅଂଶ ପୃଥିବୀ ସହିତ ସିଧାସଳଖ ଧକ୍କା ହୋଇ ନ ଥିଲେ ସୁଦ୍ଧା ଅପେକ୍ଷାକୃତ ଶୀତଳ ତାପମାତ୍ରାରେ ରହିଥିବାରୁ ସେଥିରେ କିଛି ଜଳୀୟ ଅଣୁର ଉପସ୍ଥିତି ଆଶାତୀତ ନୁହେଁ। ତୃତୀୟରେ, ଚନ୍ଦ୍ର ସୃଷ୍ଟି ହେଲା ପରେ, ଜଳ ଥିବା ଅନ୍ୟ କୌଣସି ବାହ୍ୟଜାଗତିକ ବସ୍ତୁ (ଯଥା ଗ୍ରହାଣୁ କିମ୍ବା ଉଲ୍‌କା) ଚନ୍ଦ୍ରପୃଷ୍ଠରେ ପିଟି ହେବା ଦ୍ୱାରା ସେଥିରେ ଥିବା ଜଳ ଚନ୍ଦ୍ରକୁ ସ୍ଥାନାନ୍ତରିତ ହୋଇଥାଇପାରେ।

ତେବେ ଚନ୍ଦ୍ର ସୃଷ୍ଟି ସମ୍ପର୍କରେ ବିବାଦ ଏବେ ସୁଦ୍ଧା ଲାଗି ରହିଛି ଏବଂ ଏ ସମ୍ପର୍କରେ କୌଣସି ମତବାଦକୁ ସମର୍ଥନ କିମ୍ବା ପ୍ରତ୍ୟାଖ୍ୟାନ କରିବା ପାଇଁ ଆମ ନିକଟରେ କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ। ଏହି ଚିର–ରହସ୍ୟମୟ ପ୍ରସଙ୍ଗ ଉପରେ ଆଲୋକପାତ କରିବା ନିମନ୍ତେ ଆମେରିକୀୟ ଅନ୍ତରୀକ୍ଷ ସଂସ୍ଥା ନାସା ୨୦୦୯ ମସିହାରେ ଚନ୍ଦ୍ରକୁ ଏକ ଯାନ ‘ଲୁନାର କ୍ରେଟର୍ ଅବଜରଭେଶନ ଆଣ୍ଡ ସେନ୍ସିଙ୍ଗ ସାଟେଲାଇଟ (LCROSS)’ ପ୍ରେରଣ କରିଥିଲା ଯାହା ଚନ୍ଦ୍ରପୃଷ୍ଠରେ ଅବତରଣ କରି ସେଠାରେ ଜଳର ଉପସ୍ଥିତି ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୃଥିବୀକୁ ପ୍ରେରଣ କରିଛି। ଏହି ଉପଗ୍ରହର ସନ୍ଧାନ ଅନୁଯାୟୀ, ଚନ୍ଦ୍ର ପୂର୍ବରୁ ବିଶ୍ୱାସ କରାଯାଉଥିବା ଏକ ଶୁଷ୍କ, ଧୂଳିଆ ମରୁଭୂମି ନୁହେଁ; ବରଂ ଏହାର ସ୍ଥାୟୀ ରୂପେ ଅନ୍ଧକାରାଚ୍ଛନ୍ନ ଅଞ୍ଚଳର କିଛି ଗଭୀର ଗହ୍ୱର ତଳେ ପ୍ରଚୁର ଜଳ ବରଫ ଆକାରରେ ଜମାଟ ବାନ୍ଧି ରହିଛି। ଏହା ଆଗାମୀ ଦିନରେ ଚନ୍ଦ୍ର ଅଭିଯାନରେ ମହାକାଶଚାରୀମାନଙ୍କ ନିମନ୍ତେ ଏକ ମରୁ ଉଦ୍ୟାନ ସଦୃଶ ସାବିତ ହୋଇ ପାନୀୟ ଜଳର ଚାହିଦା ପୂରଣ କରିବା ସହିତ ରକେଟ ଇନ୍ଧନ ନିର୍ମାଣରେ ସହାୟକ ହେବ ବୋଲି ବୈଜ୍ଞାନିକମାନେ ଆଶା ବାନ୍ଧିଛନ୍ତି।

ତେବେ ପ୍ରଶ୍ନ ଉଠେ : ଚନ୍ଦ୍ରପୃଷ୍ଠରେ ଏବେ ତରଳ ଜଳରାଶି ଅଛି କି ? ଉତ୍ତର: ସମ୍ଭବତଃ ‘ନାହିଁ’। ତେବେ ଅତୀତରେ ପ୍ରାୟ ୩୫୦ ରୁ ୪୦୦ କୋଟି ବର୍ଷ ପୂର୍ବେ ଚନ୍ଦ୍ରର ଜଳୀୟବାଷ୍ପ ଭରା ଏକ ମୋଟା ବାୟୁମଣ୍ଡଳ ଥିଲା ଏବଂ ଏହି ଅବସ୍ଥାରେ ଚନ୍ଦ୍ରପୃଷ୍ଠରେ ପ୍ରଚୁର ପରିମାଣର ତରଳ ଜଳରାଶି ଉପସ୍ଥିତ ଥିବାର ଅନୁମାନ କରାଯାଏ। ଏବେ ହୁଏତ ଏହା ଚନ୍ଦ୍ରପୃଷ୍ଠର ପ୍ରଚଣ୍ଡ ତାପମାତ୍ରାରେ ସମ୍ପୂର୍ଣ୍ଣ ବାଷ୍ପ ହୋଇ ଗଲାଣି କିମ୍ବା ଏହାର ସ୍ଥାୟୀ ଅନ୍ଧକାରାଚ୍ଛନ୍ନ ଅଞ୍ଚଳର କିଛି ଗଭୀର ଗହ୍ୱର ତଳର ଉଷ୍ମ ଓ ଚାପଯୁକ୍ତ ଅବସ୍ଥାରେ ଜଳ ତରଳ ରୂପରେ ଗଚ୍ଛିତ ହୋଇ ରହିଥିବାର ଅନୁମାନ କରାଯାଏ।

–ଏଜୁକେଶନ ଅଫିସର୍, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮

# ହୃଦ୍‌ରୋଗ: କିଛି କଥା



ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ରୋଗଗୁଡ଼ିକ ମଧ୍ୟରେ ହୃଦ୍‌ରୋଗ ଅନ୍ୟତମ। ବିଶେଷଭାବରେ ଜୀବନଶୈଳୀରେ ଅନିୟମିତତା, ରକ୍ତଚାପ ଦୀର୍ଘ ଦିନ ଧରି ଅସନ୍ତୁଳିତ ରହିଲେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ। ଯଦି ଦୀର୍ଘ ସମୟ ଧରି ଛାତିରେ ଯନ୍ତ୍ରଣା ଅନୁଭବ କଲେ କିମ୍ବା ଶ୍ୱାସକ୍ରିୟାରେ କଷ୍ଟ ଲାଗିଲେ ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଏହା ହୁଏତ ହୃଦ୍‌ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କେତୋଟି ବିଷୟ ପ୍ରତି ଆମେ ଯଦି ଧ୍ୟାନ ଦେବା ତେବେ ଆମେ ଅନେକାଂଶରେ ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିପାରିବା। ପ୍ରଥମେ ନିଜର ଜୀବନଶୈଳୀକୁ ସନ୍ତୁଳିତ କରନ୍ତୁ। ପ୍ରତିଦିନ ସକାଳୁ କିଛି ସମୟ ବ୍ୟାୟାମ କରନ୍ତୁ। ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ନିଶାଦ୍ରବ୍ୟ ସେବନ ହୃଦ୍‌ରୋଗର ଅନ୍ୟତମ ପ୍ରମୁଖ କାରଣ। ତେଣୁ ଏହାଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ନିଜର ଓଜନକୁ ସବୁବେଳେ ସନ୍ତୁଳିତ ରଖନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆପଣଙ୍କ ରକ୍ତରେ କେତେ ପରିମାଣର କୋଲେଷ୍ଟରଲ ରହୁଛି ତାହା ନିୟମିତ ସମୟ ଅନ୍ତରାଳରେ ପରୀକ୍ଷା କରାଇ ନିଅନ୍ତୁ। ଆଉ ଏକ ପ୍ରମୁଖ କଥା ହେଉଛି ବ୍ଲଡପ୍ରେସର ବା ରକ୍ତଚାପ। ଏହା ଯେପରି ସନ୍ତୁଳିତ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଯଦି ଏଭଳି ସମସ୍ୟା ଅଛି ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ବ୍ଲଡପ୍ରେସର ମେଡିସିନ୍ ଖାଆନ୍ତୁ। ଯଦି ଆପଣଙ୍କର ଡାଇବେଟିସ୍ ସମସ୍ୟା ରହିଛି ତେବେ ଏ ନେଇ ଅଧିକ ସର୍ତକ ରୁହନ୍ତୁ। କାରଣ ସୁଗାର ପରିମାଣ ଦୀର୍ଘ ଦିନ ଧରି ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ ଏବଂ ପରବର୍ତ୍ତୀ ସମୟରେ ହାର୍ଟ ଆଟାକ ହେବାର ଆଶଙ୍କା ରହିଛି।

# ସ୍ମରଣ ଶକ୍ତି ଓ ଅଣ୍ଡା



ନିୟମିତ ଅଣ୍ଡା ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଏହି ତାଲିକାରେ ଆଉ ଏକ କଥାକୁ ସାମିଲ କରାଯାଇଛି। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଣ୍ଡା ଖାଆନ୍ତି, ତେବେ ତାଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ। ଟୋକିଓ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏକ ସଦ୍ୟତମ ସର୍ଭେରୁ ଏକଥା ଜାଣିପାରିଛନ୍ତି। ‘ସ୍ମରଣ ଶକ୍ତି ଓ ଅଣ୍ଡା’ ବିଷୟ ଉପରେ ସେମାନେ ଏକ ସର୍ଭେ କରିଥିଲେ। ନିୟମିତ ଅଣ୍ଡା ଖାଉଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇ ଏହାଦ୍ୱାରା ସେମାନଙ୍କର ସ୍ମରଣ ଶକ୍ତିରେ କେଉଁ ପ୍ରକାର ଉନ୍ନତି ଘଟୁଛି ତାହାକୁ ଲକ୍ଷ୍ୟ କରାଯାଇଥିଲା। ଖାସ୍ କଥା ହେଲା, ଏହାଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହେଉଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଜାଣି ରଖନ୍ତୁ



ରାତ୍ରଭୋଜନ ଶେଷ କରିବା ସଙ୍ଗେ ସଙ୍ଗେ ଶୋଇବା ଠିକ୍ ନୁହେଁ। ଏହାପରେ କିଛି ସମୟ ଚାଲବୁଲ କରନ୍ତୁ, ଯାହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତିରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ। ସବୁବେଳେ ସୁପାଚ୍ୟ ଖାଦ୍ୟ ହିଁ ଖାଆନ୍ତୁ। କାହା ପ୍ରରୋଚନାରେ ପଡ଼ି ନିଜ ସାମର୍ଥ୍ୟଠାରୁ ଅଧିକ ବ୍ୟାୟାମ କରନ୍ତୁ ନାହିଁ। କାରଣ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ। ବ୍ୟାୟାମ ନେଇ ଯଦି ମନରେ କିଛି ଶଙ୍କା–ଆଶଙ୍କା ରହିଛି ତେବେ ଅଭିଜ୍ଞ ବ୍ୟାୟାମ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ଯଦି ଦୀର୍ଘ ସମୟ ଧରି କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଛନ୍ତି ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମୁହଁ ଧୁଅନ୍ତୁ। ଏହାଦ୍ୱାରା ଆଖିକୁ ଆରାମ ଲାଗିଥାଏ। ଯଦି ଆପଣ କୌଣସି ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିୟମିତ ସମୟ ଅନ୍ତରାଳରେ ସଂପୃକ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ। କୌଣସି ରୋଗ ବିଷୟରେ ଆପଣ ସବିଶେଷ ଭାବରେ ଜାଣି ନ ଥିଲେ ଅନ୍ୟମାନଙ୍କୁ ଉପଦେଶ ଦିଅନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ କୁହନ୍ତୁ। ଖାଇବା ଭିତରେ କେତେକ ବ୍ୟକ୍ତି ପାଣି ପିଇବାକୁ ପସନ୍ଦ କରନ୍ତି। ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ଖାଇ ସାରିବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ।

# ସ୍ୱାସ୍ଥ୍ୟ ସୂଚନା

➤ଯଦି ଜିମ୍ ଯିବାକୁ ସ୍ଥିର କରିଛନ୍ତି ତେବେ ପ୍ରଥମେ ଏକ ଭଲ ଜିମ୍ ଚୟନ କରନ୍ତୁ। ସେଠାରେ ଥିବା ଜିମ୍ ଏକ୍ସପର୍ଟଙ୍କ ସହ ଭଲ ଭାବରେ କଥା ହୁଅନ୍ତୁ।

➤ସାଲଡ୍‌ରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରନ୍ତୁ।

➤ଯଦି ଆପଣଙ୍କର ବୟସ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି, ତେବେ ନିଜର ଖାଦ୍ୟପେୟ, ଜୀବନଶୈଳୀ ପ୍ରତି ଅଧିକ ସତର୍କ ରହନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➤ବେଡ୍‌ରୁମ୍ ପରିବେଶ କିପରି ସବୁବେଳେ ଶାନ୍ତ ରହିବ ସେ ନେଇ ଧ୍ୟାନ ଦିଅନ୍ତୁ। କାରଣ ସୁନିଦ୍ରାରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ।

➤ପ୍ରତିଦିନ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। କାରଣ ଏଗୁଡ଼ିକରେ ଅନେକ ପ୍ରକାର ଭିଟାମିନ୍ ଭରି ରହିଥାଏ।

➤ଆବଶ୍ୟକତାଠାରୁ ଅଧିକ ଖାଦ୍ୟ କଦାପି ଖାଆନ୍ତୁ ନାହିଁ। କାରଣ ଏହାଦ୍ୱାରା ହଜମ ଶକ୍ତି ପ୍ରଭାବିତ ହୋଇଥାଏ।

➤ଅନ୍ୟମାନଙ୍କ କଥାରେ ପଡ଼ି ନିୟମିତ ଖାଇବାକୁଥିବା ମେଡିସିନ୍ ବନ୍ଦ କରନ୍ତୁ ନାହିଁ। ଏ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ସବୁଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। ଏହାଦ୍ୱାରା ଶରୀରକୁ ଅନେକ ପରିମାଣରେ ଭିଟାମିନ୍ ‘ଡି’ ମିଳିଥାଏ।



# ଆବେଲ ପୁରସ୍କାର–୨୦୨୪



ଇଂ. ମାୟାଧର ସ୍ୱାଇଁ

“ଚଳିତ ବର୍ଷ ପାଇଁ ଫ୍ରାନ୍‌ସର ପ୍ୟାରିସ୍‌ସ୍ଥିତ ଫରାସୀ ଜାତୀୟ ବିଜ୍ଞାନ ଗବେଷଣା କେନ୍ଦ୍ରର ପ୍ରଫେସର ମାଇକେଲ ତାଲାଗ୍ରାଣ୍ଡଙ୍କୁ ଏହି ପୁରସ୍କାର ପ୍ରଦାନ କରିବା ପାଇଁ ଘୋଷଣା କରାଯାଇଛି। ସମ୍ଭାବନା ତତ୍ତ୍ୱ ଏବଂ ଫଳନାତ୍ମକ ବିଶ୍ଳେଷଣରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି । ତାଙ୍କର କାର୍ଯ୍ୟ ଗାଣିତିକ ପଦାର୍ଥ ବିଜ୍ଞାନ ଓ ପରିସଂଖ୍ୟାନରେ ବିଶେଷ ପ୍ରୟୋଗ ହେଉଛି।”

ଗଣିତ ପାଇଁ ଏକ ଶ୍ରେଷ୍ଠ ଅନ୍ତର୍ଜାତୀୟ ପୁରସ୍କାର ହେଉଛି ଆବେଲ ପୁରସ୍କାର। ନରୱେର ବିଖ୍ୟାତ ଗଣିତଜ୍ଞ ନିଲ୍‌ସ ହେରେନିକ୍ ଆବେଲଙ୍କ ନାମାନୁସାରେ ଏହା ନାମିତ ହୋଇଛି। ଆବେଲଙ୍କ ଦ୍ୱିଶତ ଜନ୍ମବାର୍ଷିକୀ ଉପଲକ୍ଷେ ନରୱେ ସରକାର ଏହାକୁ ୨୦୦୨ ମସିହାରେ ସ୍ଥାପିତ କରିଛନ୍ତି ଏବଂ ୨୦୦୩ ମସିହାରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଉଛି। ଏହାକୁ ନୋବେଲ ପୁରସ୍କାର ସହ ସମତୁଲ୍ୟ କରାଯାଏ। ପୁରସ୍କାର ରାଶିର ପରିମାଣ ହେଉଛି ଏକ ନିୟୁତ ଆମେରିକୀୟ ଡଲାର। ନରୱେ ବିଜ୍ଞାନ ଓ ସାହିତ୍ୟ ଏକାଡେମୀ ପୁରସ୍କୃତ ବ୍ୟକ୍ତିଙ୍କୁ ବାଛି ଥାଆନ୍ତି। ୨୦୨୪ ମସିହା ପର୍ଯ୍ୟନ୍ତ ପୃଥିବୀର ୨୭ ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଚଳିତ ବର୍ଷ ପାଇଁ ଫ୍ରାନ୍‌ସର ପ୍ୟାରିସ୍‌ସ୍ଥିତ ଫରାସୀ ଜାତୀୟ ବିଜ୍ଞାନ ଗବେଷଣା କେନ୍ଦ୍ରର ପ୍ରଫେସର ମାଇକେ ତାଲାଗ୍ରାଣ୍ଡଙ୍କୁ ଏହି ପୁରସ୍କାର ପ୍ରଦାନ କରିବା ପାଇଁ ଘୋଷଣା କରାଯାଇଛି। ସମ୍ଭାବନା ତତ୍ତ୍ୱ ଏବଂ ଫଳନାତ୍ମକ ବିଶ୍ଳେଷଣରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ତାଙ୍କର କାର୍ଯ୍ୟ ଗାଣିତିକ ପଦାର୍ଥ ବିଜ୍ଞାନ ଓ ପରିସଂଖ୍ୟାନରେ ବିଶେଷ ପ୍ରୟୋଗ ହେଉଛି।



ମାଇକେଲ ତାଲାଗ୍ରାଣ୍ଡ

ସୂଚନାଯୋଗ୍ୟ ଯେ ସପ୍ତଦଶ ଶତାବ୍ଦୀରେ ଜୁଆ ଖେଳରୁ ସମ୍ଭାବନା ତତ୍ତ୍ୱର ଉଦ୍ଭବ ହୋଇଛି ଏବଂ ଏଥିପାଇଁ ପ୍ରାରମ୍ଭିକ କାର୍ଯ୍ୟ କରୁଥିବା ଦୁଇ ଜଣ ଗଣିତଜ୍ଞ ଥିଲେ ଫ୍ରାନ୍ସର ପିଏରି ଫର୍ମା ଏବଂ ବ୍ଲେସ୍ ପାସ୍କେଲ। ମାଇକେଲ ତାଲାଗ୍ରାଣ୍ଡ ଗଣିତର ଏହି ଶାଖାରେ ଯାଦୃଚ୍ଛିକ ପ୍ରକ୍ରିୟାକୁ ବୁଝିବା ଓ ଏହା ଉପରେ କାମ କରିବା ପାଇଁ ସୂତ୍ର ଆବିଷ୍କାର କରିଛନ୍ତି। ସରଳ ଭାଷାରେ କହିଲେ, ଯାଦୃଚ୍ଛିକତା ହେଉଛି ଏକ ପ୍ରକାର ଅନିଶ୍ଚିତତା। ଆମ ଚାରିପଟେ ଆମେ ଏହାକୁ ଦେଖିଥାଉ ଏବଂ ଆମ ଜୀବନରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ଏଣୁ ଏହାକୁ ବୁଝି ତଦନୁଯାୟୀ କାର୍ଯ୍ୟ କରିବାର ଆବଶ୍ୟକତା ଅଛି। ଉଦାହରଣ ସ୍ୱରୂପ ପାଣିପାଗର ପୂର୍ବାନୁମାନ ଏବଂ ବଡ଼ ବଡ଼ ଭାଷା ମଡେଲରେ ଯାଦୃଚ୍ଛିକ ଗଣନା ବ୍ୟବହୃତ ହେଉଛି।

ଆଧୁନିକ ପୃଥିବୀରେ ଅନେକ ଯାଦୃଚ୍ଛିକ ଘଟଣା ପ୍ରବାହ ଦେଖାଯାଉଛି ଏବଂ ଏହାକୁ ଭଲ ଭାବରେ ବୁଝିବା ଦ୍ୱାରା ତାହା ବ୍ୟବସାୟଠାରୁ ଆରମ୍ଭକରି ଘନୀଭୂତ ବସ୍ତୁ ପଦାର୍ଥ ବିଜ୍ଞାନ ଉପରେ ସୁଫଳ ଦେଇଥାଏ। ତାଲାଗ୍ରାଣ୍ଡଙ୍କ କାର୍ଯ୍ୟ ପରିସଂଖ୍ୟାନର ଗାଉସୀୟ ବଣ୍ଟନ ବା ନର୍ମାଲ ବଣ୍ଟନ ଉପରେ ସଂଶ୍ଳିଷ୍ଟ। ଏହାର ଆକାର ଘଣ୍ଟି ଆକୃତିର ହୋଇଥିବାରୁ ଏହାକୁ ‘ବେଲ୍ କର୍ଭ’ କୁହାଯାଏ। ଜନ୍ମ ସମୟରେ ଶିଶୁମାନଙ୍କର ଓଜନ, ଛାତ୍ରୀଛାତ୍ରମାନେ ପରୀକ୍ଷାରେ ପାଉଥିବା ନମ୍ବର ଏବଂ ଖେଳାଳିମାନଙ୍କର ଅବସର ବୟସ ଆଦି ଗାଉସୀୟ ବଣ୍ଟନରେ ପ୍ରକାଶ କରାଯାଇଥାଏ।

ଆବେଲ ପୁରସ୍କାର କମିଟିର ଅଧ୍ୟକ୍ଷ ପ୍ରଫେସର ହେଲ୍‌ଗେ ହୋଲ୍‌ଡନ ନିଜର ପ୍ରତିକ୍ରିୟାରେ କହିଛନ୍ତି, ‘ତାଲାଗ୍ରାଣ୍ଡ ହେଉଛନ୍ତି ଜଣେ ଅସାଧାରଣ ଗଣିତଜ୍ଞ ଏବଂ ଜଣେ ବିଶିଷ୍ଟ ଅଙ୍କ ସମାଧାନକାରୀ ବ୍ୟକ୍ତି। ଯାଦୃଚ୍ଛିକ ଏବଂ ବିଶେଷଭାବେ ଗାଉସୀୟ ପ୍ରକ୍ରିୟାକୁ ବୁଝିବା ଉପରେ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ତାଙ୍କର କାର୍ଯ୍ୟ ସମ୍ଭାବନା ତତ୍ତ୍ୱର ଅନେକ କ୍ଷେତ୍ରରେ ପରିବର୍ତ୍ତନ ଆଣିଛି। ପୁନଶ୍ଚ ସ୍ପିନ୍ ଗ୍ଲାସର ମୁକ୍ତି ଶକ୍ତି ପାଇଁ ବିଖ୍ୟାତ ପ୍ୟାରିସ ସୂତ୍ରର ପ୍ରମାଣ ଦେଇ ସେ ନିଜର ଖ୍ୟାତି ବଢ଼ାଇଛନ୍ତି।’ ସୂଚନାଯୋଗ୍ୟ ଯେ ଇଟାଲୀର ତାତ୍ତ୍ୱିକ ପଦାର୍ଥ ବିଜ୍ଞାନୀ ଜର୍ଜିଓ ପାରିସି ୧୯୭୯ ମସିହାରେ ସ୍ପିନ୍ ଗ୍ଲାସର ସୂତ୍ର ଆବିଷ୍କାର କରିଥିଲେ ଏବଂ ସେଥିପାଇଁ ତାଙ୍କୁ ୨୦୨୧ରେ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା।

ମାଇକେଲ ତାଲାଗ୍ରାଣ୍ଡ ଫ୍ରାନ୍‌ସରେ ୧୯୫୨ ମସିହା ଫେବୃଆରୀ ୧୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ୧୯୭୭ ମସିହାରେ ପ୍ୟାରିସ ବିଶ୍ୱବିଦ୍ୟାଳୟରୁ ଗଣିତରେ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ଯୁକ୍ତରାଷ୍ଟ୍ର ଆମେରିକାର ଓହିଓ ରାଜ୍ୟ ବିଶ୍ୱବିଦ୍ୟାଳୟରେ କିଛି ବର୍ଷ କାର୍ଯ୍ୟ କରିଥିଲେ। ସେ ବିବାହିତ ଏବଂ ତାଙ୍କର ଦୁଇ ପୁତ୍ର ଅଛନ୍ତି। ସେ ଫ୍ରାନସ ବିଜ୍ଞାନ ଏକାଡେମୀର ସଭ୍ୟ ମଧ୍ୟ ଅଛନ୍ତି। ସେ ନିଜର ୱେବସାଇଟ୍‌ରେ ଗଣିତ ପଜଲ ଦେଇ ଛାତ୍ରୀଛାତ୍ରମାନଙ୍କୁ ଏହାର ସମାଧାନ କରିବା ପାଇଁ ଆହ୍ୱାନ ଦେଇଥାଆନ୍ତି। ଆବେଲ ପୁରସ୍କାର ବ୍ୟତୀତ ସେ ଲୋଏଭେ ପୁରସ୍କାର (୧୯୯୫), ଫର୍ମା ପୁରସ୍କାର (୧୯୯୭), ସାଓ ପୁରସ୍କାର (୨୦୧୯) ଏବଂ ଆହୁରି ଅନେକ ପୁରସ୍କାର ପାଇଛନ୍ତି।

–୭୦, ଲକ୍ଷ୍ମୀବିହାର, ଫେଜ୍–୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୧/୨୦୨୪ Bhubaneswar, Monday, April 1/ 2024



ଉଇକେଟ ନେବାପରେ ମୋହିତ ଶର୍ମାଙ୍କ ନିଆରା ସେଲିବ୍ରେଶନ।

# ଗୁଜରାଟର ଦ୍ୱିତୀୟ ବିଜୟ

**ଅହମଦାବାଦ, ୩୧।୩**

ଆଇପିଏଲର ୧୭ତମ ସଂସ୍କରଣରେ ରବିବାର ଖେଳା ଯାଇଥିବା ଡବଲ୍ ହେଡରର ପ୍ରଥମ ମୁକାବିଲାରେ ବିଜୟୀ ହୋଇଛି ଗୁଜରାଟ ଟାଇଟନ୍ସ। ଅହମଦାବାଦରେ ଖେଳା ଯାଇଥିବା ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ୭ ଉଇକେଟରେ ପରାସ୍ତ କରିବା ସହ ଦ୍ୱିତୀୟ ବିଜୟ ହାସଲ କରିଛି ଟାଇଟନ୍ସ। ଏହା ସହ ଦଳ ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ସନରାଇଜର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୬୨ ରନ୍ କରିଥିଲା। ଜବାବରେ ଗୁଜରାଟ ୧୯.୧ ଓଭରରେ ୩ ଉଇକେଟ ହରାଇ ମ୍ୟାଚ୍ ଜିତି ନେଇଥିଲା।

ସନ୍‌ରାଇଜର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଟପ୍ ଅର୍ଡରର ସମସ୍ତ ଖେଳାଳି ଭଲ ଆରମ୍ଭ ପାଇଥିବା ବେଳେ ଦଳ ୮ ଉଇକେଟରେ ୧୬୨ ରନ୍ କରିଥିଲା। ମୟଙ୍କ ଅଗ୍ରୱାଲ(୧୬) ଓ ଟ୍ରାଭିସ୍ ହେଡ୍(୧୯) ପ୍ରଥମ ଉଇକେଟରେ ୩୪ ରନ୍ ଯୋଡିଥିଲେ। ପରବର୍ତ୍ତୀ ବ୍ୟାଟର ଅଭିଷେକ ଶର୍ମା ଭଲ ଆରମ୍ଭ ପାଇବା ସହ ୨୯ ରନ୍ କରିଥିଲେ। ୨୦ ବଲ୍‌ର ସେ ଦୁଇଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଏଡେନ୍ ମାରକ୍ରମ ଧୀମା ୧୭ ରନ୍ କରିଥିଲେ। ତେବେ ଶେଷ ଆଡକୁ ହେନରିଚ୍ କ୍ଲାସେନ ୨୪, ଶାହବାଜ ଅହମଦ ୨୨ ଓ ଅବଦୁଲ ସମଦ ୨୯ ରନ୍ କରିଥିଲେ। ସମଦ ୧୪ ବଲ୍ ଖେଳି ୩ ଚୌକା ଓ ୧ଛକା ମାରିଥିଲେ। ମୋହିତ ଶର୍ମା ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଅଜମତୁଲ୍ଲା ଓମାରଜାଇ, ଉମେଶ ଯାଦବ, ରଶିଦ ଖାନ ଓ ନୁର ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଡେଭିଡ ମିଲର।

୧୬୩ ରନ୍ ଲକ୍ଷ୍ୟରେ ରିଦ୍ଧିମାନ ସାହା ୨୫ ଓ ଶୁବମନ ଗିଲ୍ ୩୬ ପ୍ରଥମ ଉଇକେଟରେ ୩୬ ରନ ଯୋଡିଥିଲେ। ଶାହବାଜ ଅହମଦଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ସାହା ଆଉଟ ହୋଇଥିଲେ। ଗିଲ୍ ୨୮ ବଲ୍ ଖେଳି ୩୬ ରନ୍ କରି ଆଉଟ ହୋଇଥିଲେ। ତେବେ ସାଇ ସୁଦର୍ଶନ ୪୫ ଓ ଡେଭିଡ୍ ମିଲର ୪୪* ତୃତୀୟ ଉଇକେରେ ୭୪ ରନ୍ ଯୋଡିଥିଲେ। ୧୭ ନମ୍ବର ଓଭରରେ ଗିଲ୍ ଆଉଟ ହେବା ପରେ ବିଜୟ ଶଙ୍କର (୧୪*)ଙ୍କ ସହ ମିଶି ଗୁଜରାଟକୁ ଜିତାଇ ଥିଲେ। ହାଇଦ୍ରାବାଦ ପକ୍ଷରୁ ଶାହବାଜ ଅହମଦ. ମୟଙ୍କ ମାର୍କଣ୍ଡେ ଓ ପ୍ୟାଟ୍ କୁମିନ୍ସ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମୋହିତ ଶର୍ମାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**
**(ଆଜିର ମ୍ୟାଚ)**
**ମୁମ୍ବାଇ**
**ବନାମ ରାଜସ୍ଥାନ**
**ସ୍ଥାନ: ମୁମ୍ବାଇ**
**ସମୟ: ସନ୍ଧ୍ୟା ୭.୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୬୨/୮ (ଅଭିଷେକ ଶର୍ମା–୨୯, ଅବଦୁଲ ସମଦ–୨୯, ଶାହବାଜ ଅହମଦ–୨୨, ମୋହିତ ଶର୍ମା–୩/୨୫, ଅଜମତୁଲ୍ଲା ଓମାରଜାଇ–୧/୨୪, ଉମେଶ ଯାଦବ–୧/୨୮)। ଗୁଜରାଟ ଟାଇଟନ୍ସ ୧୯.୧ ଓଭରରେ ୧୬୮/୩ (ସାଇ ସୁଦର୍ଶନ–୪୫, ଡେଭିଡ୍ ମିଲ୍ଲର ୪୪*, ଶୁବମନ ଗିଲ୍–୩୬, ଶାହବାଜ ଅହମଦ–୧/୩୬, ପ୍ୟାଟ କୁମିନ୍ସ–୧/୨୮, ମୟଙ୍କ ମାର୍କଣ୍ଡେ–୧/୨୦)।

# ଦିଲ୍ଲୀର ପଏଣ୍ଟ ଖାତା ଖୋଲିଲା

**ବିଶାଖାପାଟଣା,୩୧।୩**

ଅଧିନାୟକ ରିଷଭ ପନ୍ତ ଓ ଓପନର ଡେଭିଡ୍ ୱାର୍ନରଙ୍କ ଅର୍ଦ୍ଧଶତକ ବଳରେ ଚେନ୍ନାଇ ସୁପର କିଙ୍ଗ୍ସକୁ ୨୦ ରନ୍‌ରେ ହରାଇ ପଏଣ୍ଟ ଖାତା ଖୋଲିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି କ୍ୟାପିଟାଲ୍ସ ୫ ଉଇକେଟରେ ୧୯୧ ରନ୍ କରିଥିଲା। ଜବାବରେ ଚେନ୍ନାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୭୧ ରନ୍ କରିଥିଲା।

କ୍ୟାପିଟାଲ୍ସ ପକ୍ଷରୁ ଡେଭିଡ୍ ୱାର୍ନର(୫୨) ଓ ପୃଥ୍ୱୀ ଶ'(୪୩) ଇନିଂସ ଓପନ କରି ପ୍ରଥମ ଉଇକେଟରେ ୯୩ ରନ୍ ଯୋଡିଥିଲେ। ୱାର୍ନର ୩୫ ବଲ୍ ଖେଳି ୫ ଚୌକା ଓ ୩ ଛକା ପୃଥ୍ୱୀ ଶ' ୨୭ ବଲ୍ ଖେଳି ୪ ଚୌକା ଓ ୨ ଛକା ମାରିଥିଲେ। ଅଧିନାୟକ ରିଷଭ ପନ୍ତ ୩ ନମ୍ବରରେ ବ୍ୟାଟିଂ କରିବାକୁ ଓହ୍ଲାଇବା ସହ ୩୨ ବଲ୍ ଖେଳି ସେ ୪ ଚୌକା ଓ ୩ ଛକା ସହ ୫୧ ରନ୍ କରିଥିଲେ। ଚେନ୍ନାଇ ପକ୍ଷରୁ ମଥିଶା ପଥିରାନା ୩, ରବୀନ୍ଦ୍ର ଜାଡେଜା ଓ ମୁସ୍ତାଫିଜୁର ରେହମାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୯୨ ରନ୍ ଲକ୍ଷ୍ୟର ପିଛା କରୁଥିବା ଚେନ୍ନାଇ ୭ ରନ୍‌ରେ ଦୁଇ ଓପନରଙ୍କୁ ହରାଇଥିଲା। ତେବେ ଅଜିଙ୍କ୍ୟ ରାହାନେ(୪୫) ଓ ଡାରିଲ ମିଚେଲ୍(୩୪) ତୃତୀୟ ଉଇକେଟରେ ୬୮ ରନ୍ ଯୋଡିଥିଲେ। ମଧ୍ୟକ୍ରମ ବିଫଳତା ପରେ ଶେଷ ଭାଗରେ ଧୋନୀ ୧୬ ବଲ ଖେଳି ୪ ଚୌକା ଓ ୩ ଛକା ସହ ୩୭ ରନ୍ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ୩, ଖଲିଲ ଅହମଦ ୨ ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୯୧/୫(ଡେଭିଡ୍ ୱାର୍ନର–୫୨, ରିଷଭ ପନ୍ତ–୫୧, ପୃଥ୍ୱୀ ଶ'–୪୩, ମଥିଷା ପଥିରାନା–୩/୩୧, ରବୀନ୍ଦ୍ର ଜାଡେଜା–୧/୪୩, ମୁସ୍ତାଫିଜୁର ରେହମାନ–୧/୪୭)। ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୧/୬(ଅଜିଙ୍କ୍ୟ ରାହାନେ–୪୫, ମହେନ୍ଦ୍ର ସିଂ ଧୋନୀ–୩୭*, ଡାରିଲ ମିଚେଲ୍–୩୪, ମୁକେଶ କୁମାର–୩/୨୧, ଖଲିଲ୍ ଅହମଦ–୨/୨୧,ଅକ୍ଷରପଟେଲ–୧/୨୦)।



ଏକ ବିଶେଷ ମୁହୂର୍ତ୍ତରେ ଋତୁରାଜ ଗାଏକ୍ୱାଡ୍ ଓ ରିଷଭ ପନ୍ତ।

# ପ୍ରଥମ ବିଜୟ ଲକ୍ଷ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ

**ମୁମ୍ବାଇ,୩୧।୩ (ପି.ଟି.)**

ଆଇପିଏଲ୍ ଟି୨୦ କ୍ରିକେଟରେ ସୋମବାର ପରସ୍ପରକୁ ଭେଟିବେ ରାଜସ୍ଥାନ ରୟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଖେଳୁଥିବା ମୁମ୍ବାଇ ଏହାର ଦୁଇଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇଥିବା ବେଳେ ପ୍ରଥମ ଥର ଏକ ଘରୋଇ ମ୍ୟାଚ୍ ଖେଳିବ। ଏହା ସହ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ପ୍ରଥମ ବିଜୟ ସହ ପଏଣ୍ଟ ଖାତା ଖୋଲିବାକୁ ଉଦ୍ୟମ କରିବ ମୁମ୍ବାଇ ଇଣ୍ଡିଆନ୍ସ। ୫ ଥର ଚାମ୍ପିୟନ ରହି ସାରିଥିବା ମୁମ୍ବାଇ ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ନିକଟରୁ ୬ ରନ୍‌ରେ ହାରିଥିବା ବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦଠାରୁ ପରାଜିତ ହୋଇଥିଲା। ଆଇପିଏଲ୍ ଇତିହାସରେ ମୁମ୍ବାଇର ଆରମ୍ଭ ସର୍ବଦା ଏହିଭଳି ରହିଥାଏ। ତେବେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଜୟୀ ହେବାକୁ ଚାହିଁବ ମୁମ୍ବାଇ ଇଣ୍ଡିଆନ୍ସ। ୧୦ ଦଳ ବିଶିଷ୍ଟ ଟୁର୍ନାମେଣ୍ଟର ପଏଣ୍ଟ ଟେବୁଲ ତାଲିକାର ଅନ୍ତିମ ସ୍ଥାନରେ ରହିଛି। ମୁମ୍ବାଇର ନେଟ୍ ରନରେଟ୍ ମଧ୍ୟ –୦.୯୨୫ ରହିଛି। ଦଳ ବିଜୟୀ ହେବା ସହିତ ଏହାର ରନ୍‌ରେଟ୍‌ରେ ସୁଧାର ଆଣିବାକୁ ଚାହିଁବ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ଉପରେ ମଧ୍ୟ ନଜର ରହିବ। ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସ ଏହାର ଉଭୟ ମ୍ୟାଚରେ ବିଜୟୀ ହୋଇ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି। ସଞ୍ଜୁ ସାମସନ୍‌ଙ୍କ ଦଳ ସମସ୍ତ ବିଭାଗରେ ଚମତ୍କାର ପ୍ରଦର୍ଶନ କରି ବିଜୟ ହାସଲ କରିଛି। ତେବେ ଦଳ ପ୍ରଥମ ଥର ବାହାରେ ଖେଳିବ।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୨ | ୨ | ୦ | ୪ | +୧.୦୪୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୨ | ୧ | ୪ | +୦.୯୭୬ |
| ରାଜସ୍ଥାନ ରୟାଲ୍ସ | ୨ | ୨ | ୦ | ୪ | +୦.୮୦୦ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | –୦.୭୩୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | +୦.୨୦୪ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୨ | ୧ | ୧ | ୨ | +୦.୦୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୧ | ୨ | ୨ | –୦.୦୧୬ |
| ପଞ୍ଜାବ କିଙ୍ଗ୍ସ | ୩ | ୧ | ୨ | ୨ | –୦.୩୩୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୧ | ୨ | ୨ | –୦.୭୧୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୦ | ୨ | ୦ | –୦.୯୨୫ |

# ଶ୍ରୀଲଙ୍କା ୪୭୬ ରନରେ ଅଗ୍ରଣୀ

**ଚଟ୍ଟୋଗ୍ରାମ, ୩୧।୩ (ଏପି)**

ସ୍ଥାନୀୟ ଜହୁର ଅହମଦ ଚୌଧୁରୀ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ଶ୍ରୀଲଙ୍କା ଏହାର ପ୍ରଥମ ଇନିଂସରେ ୫୩୧ ରନ ସଂଗ୍ରହ କରିଛି। ଜବାବରେ ରବିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ବାଂଲାଦେଶ ୧ଉଇକେଟ ବିନିମୟରେ ୫୫ ରନ କରିଛି। ଘରୋଇ ଦଳ ଶ୍ରୀଲଙ୍କାର ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୪୭୬ ରନ ପଛରେ ରହିଛି। କୌତୂହଳର ବିଷୟ ଶ୍ରୀଲଙ୍କାର ୬ଜଣ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ଜଣେ ହେଲେ ୩ ଅଙ୍କ ବିଶିଷ୍ଟ ସ୍କୋର କରିବାରେ ସମର୍ଥ ହୋଇପାରି ନାହାନ୍ତି।

# ନ୍ୟାଶନାଲ ମାଷ୍ଟର୍ସ ଟେବୁଲ ଟେନିସରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୩୧।୩**
**(ବିଜୟ ରଣା)**

ହାଇଦ୍ରାବାଦରେ ଏପ୍ରିଲ ୩ରୁ ୮ ପର୍ଯ୍ୟନ୍ତ ଜାତୀୟ ମାଷ୍ଟର୍ସ ଟେବୁଲ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ଭେଟେରାନ ଟେବୁଲ ଟେନିସ ଖେଳାଳି ତାଲିକା ପ୍ରକାଶ କରାଯାଇଛି। ଏଥିରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ବିଜନ କୁମାର ଦାସମହାପାତ୍ର, ଏନ୍. କେ. ପାଲ୍, କୁମାର ଅରୋଜ୍ୟୋତି, ଏସ୍. ଚଟ୍ଟୋପାଧ୍ୟାୟ, ମନୋଜ କୁମାର ସାହୁ, ଶଶାଙ୍କ ଏସ୍. ମହାପାତ୍ର, ଅମରନାଥ ସଭନ, ସିଦ୍ଧାର୍ଥ ସାହୁ, ସ୍ମୃତି ରଞ୍ଜନ ଦାସ, ଏଲ୍.ଆର୍. ଭଞ୍ଜ, ଆର.ଏନ୍. ନାୟକ, ବିଶ୍ୱେନ୍ଦ୍ର ସିଂ, ସଞ୍ଜୀୟ କୁମାର ମାଝି, ଏସ୍.ଆର୍. ପାଣି, ଏସ୍.କେ. ଜେନା, କେ. ସି. ପ୍ରଧାନ, ତ୍ରିଲୋକ୍ୟ ରାଉତ, ତପନ ଖା, ଆର.କେ. ସାହୁ, ପି.କେ. ସାମନ୍ତରାୟ, ବିମଳ ପ୍ରସାଦ ମହାନ୍ତି, ସନ୍ଦୀପ ଚକ୍ରବର୍ତ୍ତୀ। **ମହିଳା:** ରଞ୍ଜିତା ଭଟ୍ଟାଚାର୍ଯ୍ୟ ଓ ଉତ୍କଳିକା ପତି।

# ନିଃସନ୍ଦେହ ନାକାଜିମା

**ଶିବ କପୁର**

କିତା ନାକାଜିମା ହିରୋ ଇଣ୍ଡିଆନ ଓପନ ଗଲ୍ଫ ଜିତିବେ ସେନେଇ କୌଣସି ସନ୍ଦେହ ନ ଥିଲା। ଭାରତରେ ଭିନ୍ନ ପରିବେଶରେ ପ୍ରଥମ ଥର ଟାଇଟଲ ଜିତିବା ପରେ ଭବିଷ୍ୟତରେ ତାଙ୍କଠାରୁ ଅନେକ କିଛି ଆଶା କରାଯାଉଛି। ପ୍ରଥମ ସିକ୍ସ ହୋଲ୍‌ରେ ଥ୍ରି ବର୍ଡି ସହ ତାଙ୍କର ଆରମ୍ଭ ବେଶ୍ ଉତ୍ସାହଜନକ ଥିଲା। ତାଙ୍କର ୯ଟି ଶଟ୍ କ୍ଲିଅର ଥିଲା। ସେ ଖୁବ୍ ଶାନ୍ତ ଓ ସଂଯମତା ଅବଲମ୍ବନ କରିଥିଲେ। । ସେ ୬୫–୬୫ରେ ଆରମ୍ଭ କରିବା ସହ ୫୪ ହୋଲ୍ ପରେ ୪ ଶଟ୍ ଅଗ୍ରଣୀ ଲାଭ କରି ଏକ ଭିନ୍ନ ପ୍ରକାର ଚାପ ସୃଷ୍ଟି କରିଥିଲେ। ସେ ଜିତିବେ ବୋଲି ଆଶା କରାଯାଉଥିଲା। ମାତ୍ର ବ୍ୟବଧାନ କେତେ ରହିବ ତାହା ଉପରେ ନଜର ରହିଥିଲା। ଡିପି ୱାର୍ଲ୍ଡ ଟୁର୍‌ରେ ଏହା ହେଉଛି ତାଙ୍କର ପ୍ରଥମ ବିଜୟ। ଏହା ପୂର୍ବରୁ ସେ ଜାପାନରେ ୪ଟି ଟୁର୍ନାମେଣ୍ଟ ଜିତିସାରିଛନ୍ତି। ତନ୍ମଧ୍ୟରୁ ସେ ଗୋଟିଏ ଆମେଚର ଭାବେ ବିଜୟ ଲାଭ କରିଛନ୍ତି। ମାତ୍ର ୨୩ ବର୍ଷ ବୟସରେ ସେ ଏତେଟା ସଫଳତା ହାସଲ କରିଛନ୍ତି। ଆଗକୁ ସେ କେତେ ବାଟ ଯିବେ ତାହା ଏଥିରୁ ଅନୁମେୟ। ଜାପାନର ଯଦିଓ ଅନେକ ଯୁବ ଷ୍ଟାର ଖେଳାଳି ରହିଛନ୍ତି, ହିଦେକି ମାତସୁୟାମାଙ୍କ ଉତ୍ତାଧିକାରୀ ଭାବେ ଉଭା ହୋଇ ପାରନ୍ତି ନାକାଜିମା। ଦୁଇଟି ବଡ଼ ଟୁର୍ (ଜାପାନ ଓ ଡିପିଡବ୍ଲ୍ୟୁଟି) ଜିତିବା ଅଭିଜ୍ଞତା ତାଙ୍କ ନିଟକରେ ରହିଛି। କିଛି ବର୍ଷ ପୂର୍ବେ ସେ ଏକ ପ୍ରମୁଖ ଟୁର୍ନାମେଣ୍ଟ ଏସିଆ ପ୍ୟାସିଫିକ୍ ଆମଚର୍ସ ଜିତିଛନ୍ତି। ବର୍ତ୍ତମାନ ସେ ଟପ୍–୧୦୦ରେ ପ୍ରବେଶ କରିବେ। ଏହା ତାଙ୍କ ପାଇଁ ନୂଆ ରାସ୍ତା ଖୋଲିବ। ଜାପାନର ଏହି ଉଦୀୟମାନ ଗଲ୍ଫ ଖେଳାଳି ତାଙ୍କ ଲକ୍ଷ୍ୟ ସ୍ପଷ୍ଟ କରିଛନ୍ତି। ସେ ଅଲିମ୍ପିକ୍ସରେ ଖେଳିବା ଲାଗ ଚାହୁଁଛନ୍ତି। ରେସ୍ ଟୁ ଦୁବାଇରେ ଟପ୍ ଟେନ୍‌ରେ ରହି ସେ ପିଜିଏ ଟୁର୍‌ରେ ସାମିଲ ହୋଇ ବଡ଼ ଟୁର୍ନାମେଣ୍ଟରେ ଖେଳିବାକୁ ଚାହୁଁଛନ୍ତି। ନାକାଜିମାଙ୍କ ଖେଳ ଦେଖିଲେ ମନେ ହୁଏ ସେ ଏସବୁ ସଫଳତା ବ୍ୟତୀତ ଅନ୍ୟ ବହୁ କିଛି ହାସଲ କରିବେ। ସ୍ଥାନୀୟ ବାଳକ ବୀର ଆହ୍ଲାଓ୍ୱତ ମନୁ ଗଣ୍ଡାସଙ୍କ ପାଇଁ ଏହା ଏଚ ଚମତ୍କାର ସପ୍ତାହ ଥିଲା। ବୀର୍ ରନର–ଅପ୍ ମନୁଙ୍କ ପାଇଁ ଟି–୧୧ ପ୍ରଶଂସାଯୋଗ୍ୟ। ସେମାନେ ଘରୋଇ ପରିବେଶରୁ ଫାଇଦା ଉଠାଇଛନ୍ତି ସତ ମାତ୍ର ସେମାନଙ୍କ କୋର୍ସ ମ୍ୟାନେଜମେଣ୍ଟ ଓ ବଲ୍ ଷ୍ଟ୍ରାକ୍ ଉନ୍ନତ ଧରଣର ଥିଲା। ବୀର ସୁଇଡେନର ସେବୋଷ୍ଟିଆନ ସୋଡରବର୍ଗ ଏବଂ ଆମେରିକାର ଜୋହାନେସ ବୀରମନଙ୍କ ସହ ମିଳିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ମୋର ବନ୍ଧୁ ମାଟେଓ ମାନାସେରୋଙ୍କୁ ଏଥିରେ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ପୂର୍ବରୁ ଏହି ଟୁର୍ନାମେଣ୍ଟ ଜିତିଥିଲେ ମଧ୍ୟ ଏଥର ୫ମ ହୋଇଛନ୍ତି। ପିଜିଏ ଟୁର୍‌ରେ ସାମିଲ ହେବା ଲାଗି ରେସ୍ ଟୁ ଦୁବାଇରେ ଟପ୍ ଟେନ୍‌ରେ ରହିବା ଲାଗି ତାଙ୍କର ଉଦ୍ୟମ ଜାରି ରଖିବେ। ଭାରତୀୟଙ୍କ ମଧ୍ୟରେ ମନୁ ଇତିମଧ୍ୟରେ ଡିପି ୱାର୍ଲ୍ଡ ଟୁର୍‌ର ସ୍ୱାଦ ଚାଖି ସାରିଛନ୍ତି। ସେ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଛନ୍ତି। ବୀର ବର୍ତ୍ତମାନ ହିରୋ ଇଣ୍ଡିଆନ ଓପନ ପୁରସ୍କାର ରାଶି ପାଇବା ଲାଗି ହକ୍‌ଦାର ହୋଇଛନ୍ତି। ପିଜିଟିଆଇ ଅର୍ଡର ଅଫ୍ ମେରିଟ୍ ତାଲିକାରେ ସ୍ଥାନ ପାଇବା ପାଇଁ ଦୌଡ଼ରେ ସେ ଆଗୁଆ ରହିଛନ୍ତି। ଓମ୍ ପ୍ରକାଶ ଚୌହାନ ଏବଂ ଶୁଭଙ୍କର ଶର୍ମା ମଧ୍ୟ ରହିଛନ୍ତି। ଖୁବ୍ ଶୀଘ୍ର ସଂଖ୍ୟାରେ ଭାରତୀୟଙ୍କ ଖେଳ ୟୁରୋପରେ ଦେଖିବାକୁ ମିଳିବ। ଭାରତୀୟ ଗଲ୍ଫ ପାଇଁ ଏହା ଶୁଭଙ୍କର।

**(ଟିଭାକ ସ୍ପୋର୍ଟ୍ସ)**



ନ୍ୟାଶନାଲ ମାଷ୍ଟର୍ସ ଟେବୁଲ ଟେନିସ ପାଇଁ ମନୋନୀତ ଓଡ଼ିଶା ଦଳ।

# କୋରାପୁଟ, ଭୁବନେଶ୍ୱର, କେନ୍ଦୁଝରର ବିଜୟୀ



ଅର୍ଶଦ କିଶୋର



ପଙ୍କଜ ସେନାପତି

## କଳାହାଣ୍ଡି କପ୍ କ୍ରିକେଟ୍

**ଭୁବନେଶ୍ୱର,୩୧।୩**
**(ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ କଳାହାଣ୍ଡି କପ୍ କ୍ରିକେଟରେ ରବିବାର ବିଜୟୀ ହୋଇଛନ୍ତି କୋରାପୁଟ, ଭୁବନେଶ୍ୱର ଓ କେନ୍ଦୁଝର। କୋରାପୁଟର ଅର୍ଶଦ କିଶୋର ଓ କେନ୍ଦୁଝରର ପଙ୍କଜ ସେନାପତି ଶତକ ହାସଲ କରିଛନ୍ତି। ଡ୍ରିମ୍ସ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚରେ କୋରାପୁଟ ୬୩ ରନ୍‌ରେ ମୟୁରଭଞ୍ଜକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କୋରାପୁଟ ଅର୍ଶଦ କିଶୋରଙ୍କ ୧୨୧ ରନ୍ ବଳରେ ସମସ୍ତ ଉଇକେଟ ହରାଇ ୨୬୩ ରନ୍ କରିଥିଲା। ଜବାବରେ ମୟୁରଭଞ୍ଜ ୪୪.୪ ଓଭରରେ ୨୦୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। କୋରାପୁଟ ପକ୍ଷରୁ ୱାଇ ଯୁବରାଜ ଓ ନିରଞ୍ଜନ ଗୌଡ ୩ଟି ଲେଖାଏ ଉଇକେଟ ନେଇଥିଲେ।

ରେଭେନ୍ସା ଗ୍ରାଉଣ୍ଡ–୧ରେ ଖେଳା ଯାଇଥିବା ମ୍ୟାଚ୍‌ରେ ପୁରୀକୁ ୮ ଉଇକେଟରେ ପରାସ୍ତ କରିଛି ଭୁବନେଶ୍ୱର–ବି। ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ବିନାୟକ ପାଇକରାୟଙ୍କ ୬୪ ରନ୍ ବଳରେ ୧୫୭ ରନ୍ କରିଥିଲା। ଭୁବନେଶ୍ୱର ପକ୍ଷରୁ ଆଶିଷ ପ୍ରଧାନ ଓ ପ୍ରିୟରଞ୍ଜନ ସ୍ୱାଇଁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଭୁବନେଶ୍ୱର–ବି ଶୁଭମ ଶତ୍ରୁଜିତଙ୍କ ୭୪ ରନ୍ ବଳରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

ବାରବାଟୀ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ କେନ୍ଦୁଝର ୯୭ ରନ୍‌ରେ ନୟାଗଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ପଙ୍କଜ ସେନାପତିଙ୍କ ୧୦୯ ରନ୍ ବଳରେ ୨୧୦ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଦୀଲିପ ପଣ୍ଡା ୩ ଓ ସିଲନ ନାୟକ ୨ ଉଇକେଟ ନେଇଥିଲେ। ଜବାବରେ ନୟାଗଡ ୯୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। କେନ୍ଦୁଝର ପକ୍ଷରୁ ଅସିତ କୁମାର ସାହୁ ୪ ଉଇକେଟ ନେଇଥିଲେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ